# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ବୁଧବାର, ସେପ୍ଟେମ୍ବର ୫/୨୦୧୮ (୨୦ ପୃଷ୍ଠା + ସାହିତ୍ୟାୟନ) Dhenkanal-Angul, Wednesday, September 5 /2018 ★★★★★

୧୪ଶ ଭାଗ ୧୯୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







KP GROUP
Quality Since 1965
कमला पसन्द
अनोखा स्वाद
पान मसाला
20% EXTRA
Hallmark of quality
 କମଲା ପସନ୍ଦ
ବୈଧାନିକ ସତର୍କତା: ପାନମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। (NOTFORMINORS) 0% TOBACCO * NICOTINE NOT ADDED * MAGNESIUM NOT ADDED
Watch at : f YouTube

# ଧରିତ୍ରୀ
DHARITRI

ଢେଙ୍କାନାଳ-ଅନୁଗୋଳ, ବୁଧବାର, ସେପ୍ଟେମ୍ବର ୫/୨୦୧୮ | Dhenkanal-Angul, Wednesday, September 5 /2018 | ( ପୃଷ୍ଠା -୧)

**ଓମ୍ ପ୍ରକାଶଙ୍କୁ ସ୍ୱର୍ଣ୍ଣ**

ଭାରତୀୟ ଶୁଟର ଓମ୍‌ପ୍ରକାଶ ମିଥରୱାଲ ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।


୧୭

୦୭

**ଅମିତାଭଙ୍କ ସହ କାର୍ଯ୍ୟ କରି ଖୁସି ହେବି**

ଉପଯୁକ୍ତ ରୋଲ୍ ମିଳିଲେ ମେଗାଷ୍ଟାର୍ ଅମିତାଭ ବଚ୍ଚନଙ୍କ ସହ କାର୍ଯ୍ୟ କରି ଖୁସି ହେବି ବୋଲି କହିଛନ୍ତି ପ୍ରଖ୍ୟାତ ଅଭିନେତ୍ରୀ ଜୟାପ୍ରଦା।





# କୋଲ୍‌କାତାରେ ବ୍ରିଜ୍ ଭୁଶୁଡ଼ିଲା


କୋଲ୍‌କାତା, ୪।୯


ପଶ୍ଚିମବଙ୍ଗରେ ଦୁଇବର୍ଷ ପୂର୍ବେ ଘଟିଥିବା ପୋସ୍ତା ଫ୍ଲାଏଓଭର ଭୁଶୁଡ଼ିବା ଘଟଣା ମନରୁ ଲିଭି ନ ଥିବାବେଳେ ଏବେ ଏହାର ପୁନରାବୃତ୍ତି ଘଟିଛି। ଦକ୍ଷିଣ କୋଲ୍‌କାତାର ଡାଇମଣ୍ଡ ହାର୍ବର ରୋଡରେ ଥିବା ମାଜେରହାଟ ଓଭରବ୍ରିଜ୍ ମଙ୍ଗଳବାର ଅପରାହ୍ନରେ ଭୁଶୁଡ଼ିପଡ଼ିଛି। ଏଥିରେ ଜଣେ ପ୍ରାଣ ହରାଇବା ସହ ୨୫ ଆହତ ହୋଇଛନ୍ତି। ଭଗ୍ନାବଶେଷ ତଳେ ମଧ୍ୟ ବହୁସଂଖ୍ୟକ ଲୋକ ଚାପିହୋଇରହିଥିବା ସୂଚନା ମିଳିଛି। ହଠାତ୍ ବ୍ରିଜ୍ ଭୁଶୁଡ଼ିପଡ଼ିବା ଯୋଗୁ ସେଠାରେ ଯାତାୟାତ କରୁଥିବା ଯାନବାହନଗୁଡ଼ିକ ଭାଙ୍ଗିଯାଇଛି। ଏଠାରେ ରେଳ ସେବା ମଧ୍ୟ ବାତିଲ ହୋଇଛି। ଦୁର୍ଘଟଣା ପରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି।

ଜନଗହଳିପୂର୍ଣ୍ଣ ଆଲିପୁର ଅଞ୍ଚଳରେ ରହିଛି ୫୦ ବର୍ଷ ପୁରୁଣା ଏହି ବ୍ରିଜ୍। ମାଜେରହାଟ୍ ରେଳ ଷ୍ଟେଶନରୁ ବେହାଲା ସିଟି ସେଣ୍ଟର ଏବଂ ଦକ୍ଷିଣାଞ୍ଚଳର ଅନ୍ୟ ସ୍ଥାନକୁ ଏହା ସଂଯୋଗ କରୁଛି। ଅପରାହ୍ନ ୪ଟା ୪୫ରେ ଭିଡ଼ ଲାଗିରହିଥିବାବେଳେ ବ୍ରିଜ୍‌ଟି ଭୁଶୁଡ଼ିପଡ଼ିଥିଲା। ତୁରନ୍ତ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚି କାର୍ଯ୍ୟରେ ଲାଗିପଡ଼ିଥିଲେ। ଶେଷ ଖବର ସୁଦ୍ଧା ଭଗ୍ନାବଶେଷରୁ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେହିପରି ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବ୍ରିଜ୍ ଭୁଶୁଡ଼ିବାବେଳେ ତା' ଉପର ଦେଇଯାଉଥିବା କେତେକ କାର ଏବଂ ଏକ ମିନିବସ୍‌ରେ ଅନେକ ଲୋକ ଫସିରହିଥିଲେ। ☞ପୃଷ୍ଠା–୧୪

**ଜଣେ ମୃତ**

- ୨୫ ଆହତ, ଫସିରହିଥିବା ଲୋକ ଉଦ୍ଧାର
- ଭାଙ୍ଗିଲା ଅନେକ ଯାନବାହନ
- ତଦନ୍ତ ନିର୍ଦ୍ଦେଶ ଦେଲେ ମମତା





## ପାକିସ୍ତାନର ନୂଆ ରାଷ୍ଟ୍ରପତି ଆରିଫ୍ ଅଲ୍‌ଭି




**ଇସ୍‌ଲାମାବାଦ, ୪।୯(ପି.ଟି.):** ପାକିସ୍ତାନର ନୂଆ ରାଷ୍ଟ୍ରପତି ଭାବେ ଡ. ଆରିଫ୍ ଅଲ୍‌ଭି ମଙ୍ଗଳବାର ନିର୍ବାଚିତ ହୋଇଛନ୍ତି। କ୍ରିକେଟରରୁ ପ୍ରଧାନମନ୍ତ୍ରୀ ହୋଇଥିବା ଇମ୍ରାନ୍ ଖାନ୍‌ଙ୍କ ସେ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ୬୯ ବର୍ଷୀୟ ଅଲ୍‌ଭି ହେଉଛନ୍ତି ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ)ର ପ୍ରତିଷ୍ଠାତା ସଦସ୍ୟ। ରାଷ୍ଟ୍ରପତି ପଦ ଲାଗି ତାଙ୍କ ବିପକ୍ଷରେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି)ର ଐତଜାଜ୍ ଅହସାନ ଏବଂ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ଏନ୍ (ପିଏମ୍‌ଏଲ-ଏନ୍)ର ମୌଲାନା ଫଜଲ୍ ଉର୍ ରହମନ୍ ପ୍ରାର୍ଥୀ ହୋଇଥିଲେ। ଏହି ତ୍ରିମୁଖୀ ଲଢ଼େଇରେ ବିଜୟୀ ହେବା ସହ ପାକିସ୍ତାନର ୧୩ଶ ରାଷ୍ଟ୍ରପତି ବନିଯାଇଛନ୍ତି ଅଲ୍‌ଭି। ନ୍ୟାଶନାଲ ଆସେମ୍ବ୍ଲିର ୪୩୦ ସଦସ୍ୟ ଗୁପ୍ତ ବାଲଟ ଜରିଆରେ ଭୋଟ ଦେଇଥିଲେ। ତନ୍ମଧ୍ୟରୁ ଅଲଭିଙ୍କୁ ୨୧୨ ଖଣ୍ଡ ଭୋଟ ମିଳିଥିବାବେଳେ ରହମନ୍‌ଙ୍କୁ ୧୩୧ ଏବଂ ଅହସାନ୍‌ଙ୍କୁ ୮୧ ଆଇନପ୍ରଣେତାଙ୍କ ସମର୍ଥନ ମିଳିଛି। ୬ ଖଣ୍ଡ ଭୋଟ ନାକଚ ହୋଇଯାଇଥିବା ଡନ୍ ରିପୋର୍ଟରୁ ଜଣାପଡ଼ିଛି। ବିଦାୟୀ ରାଷ୍ଟ୍ରପତି ମାମ୍‌ନୁନ୍ ହୁସେନ୍‌ଙ୍କ ପାଞ୍ଚବର୍ଷ କାର୍ଯ୍ୟକାଳ ସେପ୍ଟେମ୍ବର ୮ରେ ଶେଷ ହେଉଛି। ଏହା ପରଦିନ ଅର୍ଥାତ୍ ୯ ତାରିଖରେ ନୂଆ ରାଷ୍ଟ୍ରପତି ଭାବେ ଶପଥଗ୍ରହଣ କରିବେ ଅଲଭି । ତାଙ୍କୁ ଏତେବଡ଼ ଦାୟିତ୍ୱ ଗ୍ରହଣ ଲାଗି ଚୟନ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ଇମ୍ରାନ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**■ ପୁଣି ବଢ଼ିଲା ପେଟ୍ରୋଲ,ଡିଜେଲ ଦର**

## ଏକ୍ସାଇଜ ଡ୍ୟୁଟି ହ୍ରାସ କରିବନି କେନ୍ଦ୍ର

ନୂଆଦିଲ୍ଲୀ,୪।୯– ଟଙ୍କାର ମୂଲ୍ୟ ହ୍ରାସର ପ୍ରଭାବ ପେଟ୍ରୋଲ ଓ ଡିଜେଲ ଦର ଉପରେ ପଡୁଛି। ଏହି କାରଣରୁ ଦେଶରେ ତେଲ ଦର କ୍ରମାଗତ ବଢ଼ିଚାଲିଛି। ମଙ୍ଗଳବାର ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୭୯.୩୧ ଟଙ୍କା ଏବଂ ଡିଜେଲ ୭୧.୩୪ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ଅନ୍ୟପକ୍ଷରେ ପେଟ୍ରୋଲ ଓ ଡିଜେଲ ଉପରେ ସରକାର ଏକ୍ସାଇଜ ଡ୍ୟୁଟି ବା ଉତ୍ପାଦ ଶୁଳ୍କ ହ୍ରାସ କରିବେ ନାହିଁ ବୋଲି ମଙ୍ଗଳବାର ସ୍ପଷ୍ଟ କରିଛନ୍ତି।ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ମଙ୍ଗଳବାର ପେଟ୍ରୋଲ ୧୬ ପଇସା ଏବଂ ଡିଜେଲ ୧୯ପଇସା ବୃଦ୍ଧି କରାଯାଇଛି। ଟଙ୍କାର ମୂଲ୍ୟ ହ୍ରାସ ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ଯୋଗୁ ଅଗଷ୍ଟ ମଧ୍ୟଭାଗରୁ ପେଟ୍ରୋଲ ଓ ଡିଜେଲ ଦରରେ ନିଆଁ ଲାଗିଛି। ☞ପୃଷ୍ଠା–୧୪


**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**■ ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ ପ୍ରସଙ୍ଗ**

## ଛତିଶଗଡ଼ ପୋଲିସ ସହଯୋଗରେ ତଦନ୍ତ ଚାଲିଛି

ଭୁବନେଶ୍ୱର, ୪।୯(ବ୍ୟୁରୋ)

- ଅଭିଯୁକ୍ତ ବିଳାସପୁର ଜେଲରେ ଭୋଗୁଛନ୍ତି ଆଜୀବନ କାରାଦଣ୍ଡ
- ତାଙ୍କ ନାଁରେ ରହିଛି ୪୨ ଆପରାଧିକ ମାମଲା
- ଦାବିକରିଛନ୍ତି ୫୦ କୋଟି ଟଙ୍କା

ଛତିଶଗଡର ବିଳାସପୁର ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ପୁଷ୍ପେନ୍ଦ୍ର ନାଥ ଚୌହ୍ୱାନ ନାମକ ଜଣେ କଏଦୀ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ହତ୍ୟା ଧମକ ଦେଇଥିଲେ। ଛତିଶଗଡ଼ ପୋଲିସ ସହାୟତାରେ ଏହି ଘଟଣାର ତଦନ୍ତ ଚାଲିଛି ବୋଲି କ୍ରାଇମବ୍ରାଞ୍ଚ ଏଡିଜି ସନ୍ତୋଷ ଉପାଧ୍ୟାୟ ମଙ୍ଗଳବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ମାମଲାରେ ଓଡିଶା ପୋଲିସ ଛତିଶଗଡ ପୋଲିସ ସହ ନିରନ୍ତର ଯୋଗାଯୋଗରେ ରହିଛି। ଧମକପୂର୍ଣ୍ଣ ଚିଠି ପଠାଇଥିବା ପୁଷ୍ପେନ୍ଦ୍ରଙ୍କ ନାଁରେ ୪୨ଟି ଆପରାଧିକ ମାମଲା ରହିଛି। ଚିଠିରେ ସେ ନବୀନଙ୍କଠାରୁ ୫୦ କୋଟି ଟଙ୍କା ଦାବି କରିଛନ୍ତି। ସେ କେଉଁ ପରିସ୍ଥିତିରେ ଓ କାହିଁକି ଏପରି ଚିଠି ପଠାଇଛନ୍ତି, ତାହାକୁ ଅତି ଗମ୍ଭୀରତାର ସହ ନିଆଯାଇ ତଦନ୍ତ କରାଯାଉଛି। ଘଟଣାର ତଦନ୍ତ ସଂକ୍ରାନ୍ତରେ ଛତିଶଗଡ ସରକାରଙ୍କୁ ଜଣାଇ ଦିଆଯିବା ସହ ସେଠାକାର ପୋଲିସର ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ପୁଷ୍ପେନ୍ଦ୍ରଙ୍କ ମାନସିକ ବିକୃତି ରହିଛି ଏବଂ ସେ ପୂର୍ବରୁ କେତେଜଣ ବିଚାରପତି, ମନ୍ତ୍ରୀ ଏବଂ ଅଫିସରଙ୍କୁ ଧମକପୂର୍ଣ୍ଣ ଚିଠି ଲେଖିଛନ୍ତି ବୋଲି ବିଳାସପୁର ଏସ୍‌ପି ତଦନ୍ତରୁ ଜାଣିବାକୁ ପାଇଛନ୍ତି। ତେଣୁ ପୁଷ୍ପେନ୍ଦ୍ରଙ୍କ ମାନସିକ ସ୍ଥିତି ମଧ୍ୟ ଯାଞ୍ଚ କରାଯିବ ବୋଲି ଏଡିଜି କହିଛନ୍ତି।

ସୂଚନା ମୁତାବକ, ଗତ ଅଗଷ୍ଟ ୨୫ରେ ଏହି ଚିଠି ଓଡିଶା ପୋଲିସ ନିକଟରେ ଡାକ ଯୋଗେ ପହଞ୍ଚିଥିଲା। ଓଡିଶାର ଏଡିଜି(ଗୋଇନ୍ଦା) ରବିବାର ଛତିଶଗଡ ପୋଲିସକୁ ଏ ସମ୍ପର୍କରେ ଜଣାଇବା ☞ପୃଷ୍ଠା–୧୪

**ଆଜିର ସମ୍ପାଦକୀୟ**

**ବ୍ୟବସ୍ଥା ପାଇଁ ବୋଝ**

**ଆଜିର ମନ୍ତବ୍ୟ**

"ଜମ୍ମୁ-କଶ୍ମୀର ପାଇଁ ପୃଥକ୍ ସମ୍ବିଧାନ ପ୍ରଣୟନ ଅସମୀଚୀନ ।"
– ଅଜିତ୍ ଡୋଭାଲ, ଏନ୍‌ଏସ୍‌ଏ


NECC NATIONAL EGG CO-ORDINATION COMMITTEE | 04.09.2018 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 60 | 106 | 116 |
| CTC | 60 | 106 | 116 |
| DKL | 60 | 106 | 116 |
| BDK | 59 | 105 | 115 |
| BLS | 59 | 105 | 115 |
| ANG | 61 | 107 | 117 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ୪୮ ଘଣ୍ଟାରେ ଲଘୁଚାପ

ଭୁବନେଶ୍ୱର,୪।୯(ବ୍ୟୁରୋ)

- ଉପକୂଳ, ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା
- ସମୁଦ୍ରକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ସତର୍କ କଲା ପାଣିପାଗ ବିଭାଗ

ଉତ୍ତର ବଙ୍ଗୋପସାଗର, ବାଂଲାଦେଶ ଓ ପଶ୍ଚିମବଙ୍ଗ ଉପରେ ଏକ ଘୂର୍ଣ୍ଣବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏଥିଯୋଗୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆସନ୍ତା ୩ ଦିନ ଯାଏ ବର୍ଷା ଲାଗିରହିବ। କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାତିରୁ ଉତ୍ତର ଓଡିଶାରେ ଝିପିଝିପି ବର୍ଷା ଆରମ୍ଭ ହୋଇଯାଇଛି। ଏଥିଯୋଗୁ ଉପକୂଳ ଓ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ଢେଙ୍କାନାଳ ଜିଲାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି। ସମ୍ବଲପୁର, ଝାରସୁଗୁଡା, ଦେବଗଡ, ଢେଙ୍କାନାଳ, ଅନୁଗୋଳ, ପୁରୀ ଓ ଖୋର୍ଦ୍ଧା ଜିଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୬ ତାରିଖରେ ବୌଦ୍ଧ, ସୋନପୁର, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୭ ତାରିଖରେ ସୁନ୍ଦରଗଡ, ବରଗଡ, ଝାରସୁଗୁଡା, ଦେବଗଡ, ନୂଆପଡା, କଳାହାଣ୍ଡି, ନବରଙ୍ଗପୁର, ମୟୂରଭଞ୍ଜ, ବରଗଡ ଆଦି ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବ। ସମୁଦ୍ର ମଧ୍ୟକୁ ଯାଇଥିବା ମତ୍ସଜୀବୀମାନେ ୪ ତାରିଖ ରାତି ସୁଦ୍ଧା ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ୫ରୁ ୭ ତାରିଖ ଯାଏ ସମୁଦ୍ର ଭିତରକୁ ନ ଯିବା ଲାଗି ସତର୍କ କରାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ କାଁ ଭାଁ ବର୍ଷା ରେକର୍ଡ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ହୀରାକୁଦରେ ୧୬.୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ତାଳଚେର ୧୫, କୋରାପୁଟ ୧୦.୪, ମାଲକାନଗିରି ୧୪ ଏବଂ ସୋନପୁରରେ ୪୩.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

# ବାଜପେୟୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୪।୯(ବ୍ୟୁରୋ)

- ଗୃହ ଦିନକ ପାଇଁ ମୁଲତବୀ
- ଆଜି ଉପସ୍ଥାପନ ହେବ ଅତିରିକ୍ତ ବଜେଟ

ବିଧାନସଭାର ମୌସୁମୀ ଅଧିବେଶନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟାରେ ଅଧିବେଶନ ଆରମ୍ଭ ହେବା ମାତ୍ରେ ଜାତୀୟ ସଂଗୀତ ଗାନ କରାଯାଇଥିଲା। ବାଚସ୍ପତି ପ୍ରଦୀପ ଅମାତ ଦିବଂଗତଙ୍କ ଉଦ୍ଦେଶ୍ୟରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିବାକୁ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକଙ୍କୁ କହିଥିଲେ। ଏହାପରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ, ଲୋକ ସଭାର ପୂର୍ବତନ ବାଚସ୍ପତି ସୋମନାଥ ଚାଟାର୍ଜୀ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି, ପୂର୍ବତନ ମନ୍ତ୍ରୀ ଯଦୁନାଥ ଦାସମହାପାତ୍ର, ବିଧାନସଭାର ପୂର୍ବତନ ସଦସ୍ୟ ସୂର୍ଯ୍ୟମଣି ଜେନା, ବ୍ରଜକିଶୋର ମହାନ୍ତି, ମୁରଲୀଧର କୁଅଁର ଏବଂ ଓଡ଼ିଶା ପୋଲିସ କନଷ୍ଟେବଲ ସଞ୍ଜୟ ମାଝିଙ୍କ ବିୟୋଗରେ ☞ପୃଷ୍ଠା–୧୪



ବିଧାନସଭାରେ ଦିବଂଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଉଛି।

## କନକବର୍ଦ୍ଧନଙ୍କ ଭାଷଣକୁ ବିରୋଧ

ଭୁବନେଶ୍ୱର,୪।୯(ବ୍ୟୁରୋ)

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାବେଳେ ମଙ୍ଗଳବାର ବିଧାନସଭାରେ ଭାଜପା ଓ ବିଜେଡି ମୁହାଁମୁହିଁ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବ ଉପରେ ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ୧୦ ମିନିଟରୁ ଉର୍ଦ୍ଧ୍ୱ କାଳ ବାଜପେୟୀଙ୍କ ଦେଶ ତଥା ଓଡିଶା ପ୍ରତି ଥିବା ଅବଦାନକୁ ବଖାଣିଥିଲେ। ଏପରି କି ସେ କହିଥିଲେ ଯେ, ଅଟଳଜୀ ନବୀନଜୀଙ୍କୁ ରାଜନୀତି ଶିଖାଇଥିଲେ। ବାଜପେୟୀ ଥିଲେ ନବୀନଙ୍କ ଶାସନ ଦେଖି ମନଦୁଃଖ କରିଥାଆନ୍ତେ। ଏଭଳି ମନ୍ତବ୍ୟକୁ ନେଇ ବିବାଦ ଦେଖାଦେଇଥିଲା। କନକବର୍ଦ୍ଧନ ଶ୍ରଦ୍ଧାଞ୍ଜଳି ବଦଳରେ ରାଜନୈତିକ ଭାଷଣ ଦେଉଛନ୍ତି ବୋଲି ବିଜେଡି ବିଧାୟକ ଦେବାଶିଷ ସାମନ୍ତରାୟ କହିଥିଲେ। ବିଜେଡିର ଅନ୍ୟ ସଦସ୍ୟମାନେ ମଧ୍ୟ ହାଲକା ପ୍ରତିବାଦ କରିଥିଲେ। ଏହାକୁ ନେଇ ଗୃହରେ ସାମାନ୍ୟ ଉତ୍ତେଜନା ଦେଖାଦେଇଥିଲା। ଗୃହ ବାହାରେ କନକବର୍ଦ୍ଧନ କହିଲେ ଯେ, ମୁଁ ମୋ ମନର କଥା କହିଲି। ମୁଁ ଭାବୁନି ସେ ମୋ କଥାରେ ଏକମତ ହେବେ। ବିରୋଧୀ ଦଳ ନେତା ନରସିଂହ ମିଶ୍ର ଏଭଳି ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ, ଗୃହର ନେତା ଶୋକ ପ୍ରସ୍ତାବ ଆଗତ କଲେ। ଆମେ ସମସ୍ତେ ଶ୍ରଦ୍ଧାଞ୍ଜଳି ଦେବା କଥା। ଶ୍ରଦ୍ଧାଞ୍ଜଳି ବେଳେ ଯାହା ଘଟିଲା ତାହା ଉଚିତ ନ ଥିଲା। ଆମେ ଆଉ ଅଧିକ ବିବାଦ ଭିତରକୁ ପଶିବା ଉଚିତ ନୁହେଁ। ଏଭଳି କଲେ ବାଜପେୟୀଙ୍କୁ ଅସମ୍ମାନ ହେବ ବୋଲି ନରସିଂହ କହିଛନ୍ତି।

ଧରିତ୍ରୀ DHARITRI
ଢେଙ୍କାନାଳ-ଅନୁଗୋଳ, ବୁଧବାର, ୫ ସେପ୍ଟେମ୍ବର, ୨୦୧୮



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:.....................................
ଜନ୍ମ ତାରିଖ: ..............................


ପ୍ରଣବ
ପରିବାରବର୍ଗ


ସ୍ୱସ୍ତିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

Wanted a divorceed/ bride/ poor lady for marriage/ living together with a divorceed person age about 47yrs at Bhubaneswar. Contact: 8018178280. D-8136

Divorcee Bengali Kayasta boy 1985, CA, Establish business. Parents Doctor: 9437555525.D-63365

Need any caste bride for a sc handsome boy (29) working in L&T. 7381460017. D-60812

### GROOM WANTED

(Chemical laboratory) ସରକାରୀ ଚାକିରୀ କରୁଥିବ। 45 ବର୍ଷ ଝିଅ ପାଇଁ ଯେ କୌଣସି ଜାତିର ଘର ଜ୍ୱାଇଁ ବରପାତ୍ର ଆବଶ୍ୟକ। 8658204685. D-

Now Matrimonial ads. only on Wednesday & Sunday Book 1 Get 1 FREE

Khandayat bride Bank Manager 43, Lecturer 34 (caste-no-bar). Contact: 7873374269. D-63485

ଭୁବନେଶ୍ୱରର ବ୍ରାହ୍ମଣ ଝିଅ ୩୪ ପାଇଁ ଉପଯୁକ୍ତ ପାତ୍ର ଆବଶ୍ୟକ। 9861135199. D-8205

Searching only caste groom (32-45) for a beautiful Khandayat girl (30) working in private company. 9658674636.D-60811

# classified




### SALE

2013 model Ashok Leyland bus (AC sleeper, push back) tiptop runing condition for sale. Contact: 8895475842, 8270120771. D-64139




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 9439444251. D-63587

Book duplex (ready to move) Tankapani road, near BJEM-2 school, Ranga bazar. Cost-55 lakhs with bank finance. 8917360040, 7077074156. D-64125

Gharabari boundary plot infront of Krupajal Engineering College, Bhubaneswar: 9090899281, 8908805482. D-63484

Duplex starting from 60 lacs* at Jharapada. Limited offer work in full swing. Call: 9583066080, 7008104326. D-64130

Jatani gate ପାଖରେ NHକୁ ଲାଗି ପାଚେରି ହୋଇଥିବା plot ମିଳୁଅଛି। 9439864322.D-64303




About 2000 sst, ground floor family, Govt./ Public sector office near DAV School, Unit-8. Contct No: 9840375016, 9437136820. D-8208

Space for medicine store Clinic, Patholab Vibekananda marg, Bhubaneswar. 8018595307, 9861066949. D-60813




All type of massage and good therapy full body massage Sai herbal spa. 7609005923. D-64201

Sonali ayurvedic full body massage/ smart lady expert therapist. Best facility. 9973747265, 9572698260, 9934132232, 9631368840. D-8096

Opening newly ayurvedic full body massage ladies & gents. 7438851534, 7609923705. D-38527




Admission open medical registration BAMS, BHMS, BUMS, D. Pharma, Nursing. Contact: 9893869473. D-64135

### ୧୩ତମ ଜନ୍ମଦିନ ଶୁଭେଚ୍ଛା



(ଓମ୍)

**ବିଶାଳ ପ୍ରିୟଦର୍ଶନ**

ତୋର ଚଲାପଥ କୁସୁମିତ ହେଉ, ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ ଜନନୀ ମା'ଙ୍କ ନିକଟରେ ପବିତ୍ର ଜନ୍ମଦିବସ ଅବସରରେ ଏହାହିଁ ପ୍ରାର୍ଥନା। ଶୁଭେଚ୍ଛା ସହ: ଜେଜେମା, ମା, ବାପା, ବଡମା, ବଡବାପା, ଅଜା, ଆଈ, ମାମୁଁ, ମାଇଁ ଓ ମଉସାମାନଙ୍କର ଶତକୋଟି ଆଶୀର୍ବାଦ। ଧ-୫୬୧୪୬

### ଦ୍ୱାଦଶ ଜନ୍ମଦିନ ଶୁଭେଚ୍ଛା



(ନିଲ୍)

**ନବନୀତ ପାଢୀ**

ଜି.ଏମ୍. କଲେଜ ରୋଡ, ସମ୍ବଲପୁର

ଆଜି ତୋ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ଯେ ତୋର ଚଲାପଥ କୁସୁମିତ ହେବା ସହ ତୋତେ ଦୀର୍ଘାୟୁ କରିବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ। ଶୁଭେଚ୍ଛା ସହ: ମାମା, ନାନୀ ମାମା, ବାପା, ମାଆ, କାକା, କାକି, ପିଉସା, ପିଉସୀ, ମାମୁ, ମାଇଁ, ମଉସା ଓ ମାଉସୀମାନେ। ଧ-୬୨୪୩୭

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### କିଛି ତଥ୍ୟ

୨୦୧୮ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଭାରତ ବିଦେଶକୁ ୨,୬୨,୭୬୪ ଟନ କଫି ରପ୍ତାନି କରିଛି। ବର୍ଷ ୨୦୧୭ ସମାନ ସମୟ ତୁଳନାରେ ଏଥିରେ ୫୦୫ ଟନ୍ ହ୍ରାସ ପାଇଛି। ଉକ୍ତ ସମୟରେ ଭାରତରୁ ମୋଟ ୨,୬୩,୨୬୯ ଟନ୍ କଫି ରପ୍ତାନି ହୋଇଥିଲା। – **କଫି ବୋର୍ଡ**

## ମନେ ପଡ଼ନ୍ତି

### ଚତୁର୍ଥ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ
### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ଭଗବାନ ଖଟୁଆ


ଅବସର ପ୍ରାପ୍ତ ରାଜସ ପରିଦର୍ଶକ, ରାଜନଗର, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା

ଆବିର୍ଭାବ- ୧୪.୦୬.୧୯୫୨
ତିରୋଧାନ-୨୦.୦୮.୨୦୧୪

ବାପା। ଆଜକୁ ୪ବର୍ଷ ପୂର୍ବେ ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଦୀଉଙ୍କ ନିକଟରେ ପ୍ରାର୍ଥନା କରୁଅଛୁ

ପତ୍ନୀ ଓ ଶୋକ ସନ୍ତପ୍ତ ପରିବାର ବର୍ଗ
ଧ-୮୧୯୪

### IN LOVING MEMORY



**Late Dr. Rabi Narayan Mishra**

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣୀ, ନୈନଂ ଦହତି ପାବକଃ।
ନ୍ୟାପୋ କ୍ଲେଦୟନ୍ତ ନ ଶୋଷୟତି ମାରୁତଃ॥

With profound sadness, we would like to inform you of the sudden demise of Dr. Rabi Narayan Mishra on the morning of August 25th, 2018 at Hyderabad. May his soul rest in peace. IN GRIEF: Smt. Kanak Lata Mishra (Wife), Dr. Meenakshi & Dr. Bharatendu (Daughter & Son in Law)Minerva & Srinivas (Daughter & Son in Law) Anand, Kanishk & Kanchan (Grand Children). D-58692

### Business Administrationରେ ଡକ୍ଟରେଟ୍ ଲାଭ



**ଶ୍ରୀମତୀ ତୃପ୍ତିମୟୀ ମହାରଣା**

ଉତ୍କଳ ବିଶ୍ୱବିଦ୍ୟାଳୟ Business Managementର ପ୍ରଫେସର ଡ. ଜୟକୃଷ୍ଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ "Performance measurement & marketing of Life Insurance providers in India" ବିଷୟରେ ଗବେଷଣା କରି Ph.D. ଡିଗ୍ରୀ ହାସଲ କରିଛନ୍ତି। Dr. B.K. Jain ମଧ୍ୟପ୍ରଦେଶ ଓ Dr. J.L Gupta ଦିଲ୍ଲୀଙ୍କ ଦ୍ୱାରା ଉକ୍ତ ସନ୍ଦର୍ଭଟି ପରୀକ୍ଷିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ତୃପ୍ତିମୟୀ ମହାରଣା ଓଡ଼ିଶା ହାଇକୋର୍ଟର ଯୁବ ଆଇନଜୀବୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କର ସହଧର୍ମିଣୀ ଓ ନୟାଗଡ଼ ଜିଲ୍ଲାର ଖଳିସାହି ପଞ୍ଚାୟତସ୍ଥିତ ପୁଆଣିଆ ଗ୍ରାମର ଶ୍ରୀଗଦାଧର ମହାପାତ୍ରଙ୍କର ପୁତ୍ରବଧୂ ଅଟନ୍ତି ଓ ଅବସରପ୍ରାପ୍ତ ରେଭିନ୍ୟୁ ଇନ୍‌ସପେକ୍ଟର ଦାମୋଦର ମହାରଣା, ସା. କଳାପଥର, ଥାନା-ବୈଦେଶ୍ୱର, ଜି-କଟକଙ୍କର କନିଷ୍ଠା କନ୍ୟା ଅଟନ୍ତି। ଡ ତୃପ୍ତିମୟୀ ମହାରଣା ଏହି ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥ ଠାକୁରଙ୍କର ନିକଟରେ ଭକ୍ତିପୂତ କୃତଜ୍ଞତା ଜଣାଇବା ସହ ପରିବାରବର୍ଗ ବାପା, ମାଆ ତଥା ବନ୍ଧୁବାନ୍ଧବଙ୍କୁ ଶୁଭେଚ୍ଛା ସହ ଅଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି।
ଧ-୫୬୭୨୮

### ନିରୁଦ୍ଦିଷ୍ଟ



**ନାମ- ବୁଦ୍ଧିଆ ସ୍ୱାଇଁ** (୬୨)

ପିତା-ଜଗା ସ୍ୱାଇଁ, ଗ୍ରାମ-ଓଡ଼ନଇ ଗ୍ରାପ-ମର୍ଦ୍ଦକୋଟ, କୋଦଳା, ଗଞ୍ଜାମ ସେ ଗତ ୨୬ ତାରିଖରୁ ପୁରୀ ଯାଇ ଫେରିନାହାନ୍ତି। ପରିବାର ଲୋକେ ବହୁତ ଖୋଜି ବିଫଳ ହେବାପରେ ନିରାକାରପୁର ଓ ବେଗୁନିଆପଡ଼ା ଫାଣ୍ଡିରେ ଅଭିଯୋଗ କରିଛନ୍ତି। କେହି ସହୃଦୟବ୍ୟକ୍ତି ସନ୍ଧାନ ପାଆନ୍ତି ମୋବାଇଲ: 9337012055, 8658340359ରେ ଯୋଗାଯୋଗ କରିବାକୁ ଅନୁରୋଧ। ଧ-୮୧୯୨

'ପରିପୂରକ ଖାଦ୍ୟାଭ୍ୟାସ' ସଚେତନତା ଅଭିଯାନ ଶୁଭାରମ୍ଭ

# ଶିଶୁର ସମ୍ପୂର୍ଣ୍ଣ ବିକାଶ ପାଇଁ ପରିପୂରକ ଖାଦ୍ୟ ଜରୁରୀ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଶିଶୁର ସାମୂହିକ ବିକାଶ ପାଇଁ ଠିକ ବୟସରେ ଉପଯୁକ୍ତ ଖାଦ୍ୟ ଓ ପୋଷଣ ଅତ୍ୟନ୍ତ ଜରୁରୀ। ୬ ମାସ ପରେ ଶରୀରର ବୟସ ଅନୁପାତିକ ବୃଦ୍ଧି ପାଇଁ ସ୍ତନ୍ୟ ପାନ ସହିତ ପରିପୂରକ ଖାଦ୍ୟ ଦରକାର ହୋଇଥାଏ। ୨ ମାସ ହେବା ପରେ ଶିଶୁ ଶରୀରର ଶୀଘ୍ର ବିକାଶ ପାଇଁ ମା'ର କ୍ଷୀର ଯଥେଷ୍ଟ ହୋଇନଥାଏ। ଅର୍ଦ୍ଧ କଠିନ, କଠିନ ଓ ନରମ ଖାଦ୍ୟ ପରି ପରିପୂରକ ଖାଦ୍ୟ ଶିଶୁକୁ ୬ ମାସ ପୂରଣ ହେଲା ପରେ ଦିଆଗଲେ ଶିଶୁର ଉତ୍ତମ ବିକାଶ ଓ ବୃଦ୍ଧିରେ ସହାୟକ ହୋଇଥାଏ। ଗର୍ଭାବସ୍ଥାରୁ ଆରମ୍ଭ କରି ଶିଶୁର ପ୍ରଥମ ୨ ବର୍ଷ ଅଥବା ପ୍ରଥମ ୧୦୦୦ ଦିନ ପର୍ଯ୍ୟନ୍ତ ଶିଶୁର ଶାରୀରିକ ଓ ମାନସିକ ବିକାଶ ଉପରେ ପୁଷ୍ଟିକର ଖାଦ୍ୟ ବହୁଳ ପ୍ରଭାବ ପକାଇଥାଏ। ସ୍ତନ୍ୟ ପାନ ସହ ବିଭିନ୍ନ ପ୍ରକାରର ପରିପୂରକ ଖାଦ୍ୟ ଶିଶୁର ସମ୍ପୂର୍ଣ୍ଣ ବିକାଶ ପାଇଁ ଅତ୍ୟନ୍ତ ଆବଶ୍ୟକ। ପରିପୂରକ ଖାଦ୍ୟାଭ୍ୟାସର ଏହି ଆବଶ୍ୟକତାକୁ ଉପଲବ୍ଧି କରି ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ୟୁନିସେଫ୍‌ର ମିଳିତ ଉଦ୍ୟମରେ ମଙ୍ଗଳବାର ରାଜ୍ୟବ୍ୟାପୀ 'ପରିପୂରକ ଖାଦ୍ୟାଭ୍ୟାସ' ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଛି। ଏହି ଅଭିଯାନ ମାଧ୍ୟମରେ ୬ରୁ ୨୪ ମାସ ମଧ୍ୟରେ ଥିବା ଶିଶୁମାନଙ୍କ ସନ୍ତୁଳିତ ଅଭିବୃଦ୍ଧି ଅଣାଯାଇପାରିବ। ଏହି ଅଭିଯାନ ୨୦୧୯ ଶେଷ ଭାଗ ପର୍ଯ୍ୟନ୍ତ ଚାଲିବ।

ଉତ୍କଳ ଅଡିଟୋରିୟମ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଶୁଭାରମ୍ଭ କରି ଶିଶୁମାନଙ୍କୁ ଆବଶ୍ୟକ ପରିମାଣ କ୍ୟାଲୋରି ଓ ପୁଷ୍ଟିକର ଖାଦ୍ୟ ପ୍ରଦାନ ପାଇଁ ଆଇସିଡିଏସ୍ ମାଧ୍ୟମରେ ବ୍ୟବସ୍ଥା କରାଯାଇଥିବା କହିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଥିଲେ, ରାଜ୍ୟରେ ପ୍ରାୟ ୪୫ ଲକ୍ଷ ମା' ଓ ଶିଶୁଙ୍କୁ ଆଇସିଡିଏସ୍ ଜରିଆରେ ଅନୁପୂରକ ପୁଷ୍ଟି ଯୋଜନାରେ ସାମିଲ କରାଯାଇଛି। ଶିଶୁ ୬ ମାସର ହେଲା ପରେ ସ୍ତନ୍ୟ ପାନ ସହିତ ତାକୁ ପରିପୂରକ ଖାଦ୍ୟ ୨୪ ମାସ ପର୍ଯ୍ୟନ୍ତ ଦେବା ନିହାତି ଆବଶ୍ୟକ। ଯାହାଦ୍ୱାରା ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ତ୍ୱରାନ୍ୱିତ ହୋଇପାରିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ବିନାୟକ ପ୍ରସାଦ ପୃଷ୍ଟି ଉପଯୁକ୍ତ ପରିମାଣର ଆବଶ୍ୟକ ପୋଷକ ଥିବା ଖାଦ୍ୟ ଶିଶୁକୁ ଦେବା ସହିତ ପରିଷ୍କାର, ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ମା'ମାନଙ୍କୁ ଅନୁରୋଧ କରିଥିଲେ। ଆଇସିଡିଏସ୍ ଓ ସମାଜ କଲ୍ୟାଣ ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅଭିଯାନ ସମ୍ପର୍କିତ ସୂଚନା, ଶିକ୍ଷା ଓ ଯୋଗାଯୋଗ ସମ୍ବନ୍ଧୀୟ ଉପାଦାନଗୁଡ଼ିକ ସହ ନିଜ ଅଞ୍ଚଳରେ ଉପଲବ୍ଧ ପୁଷ୍ଟିକର ଖାଦ୍ୟର ସଂକ୍ଷିପ୍ତ ବିବରଣୀ ପୁସ୍ତିକା ଉନ୍ମୋଚନ ହୋଇଥିଲା।

# ଆଜି କଳାଦିବସ ପାଳିବେ ଶିକ୍ଷକ, ଅଧ୍ୟାପକ

## ■ ରାଜ୍ୟ ଶିକ୍ଷକ ପୁରସ୍କାର ଉତ୍ସବ ସ୍ଥଗିତ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ପୂର୍ଣ୍ଣ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ ଦାବିରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତମଞ୍ଚର ଆନ୍ଦୋଳନ ମଙ୍ଗଳବାର ୨୦ଦିନରେ ପହଞ୍ଚିଛି। ଯେହେତୁ ସରକାର ଦାବି ସମ୍ପର୍କରେ କୌଣସି ପଦକ୍ଷେପ ନେଲେ ନାହିଁ ତେଣୁ ମିଳିତମଞ୍ଚ ପକ୍ଷରୁ ବୁଧବାର ଗୁରୁଦିବସକୁ କଳାଦିବସ ଭାବେ ପାଳନ କରାଯିବ। ୬ ତାରିଖରୁ ରାଜ୍ୟର ସମସ୍ତ ନୂତନ ଅନୁଦାନପ୍ରାପ୍ତ(ବ୍ଲକଗ୍ରାଣ୍ଟ), ପ୍ରତ୍ୟାଶୀ ସ୍କୁଲ ଓ କଲେଜ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ମିଳିତମଞ୍ଚ ନିଷ୍ପତ୍ତି ନେଇଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁଦିବସ ଦିନ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ଶିକ୍ଷକ ପୁରସ୍କାର ଉତ୍ସବକୁ ସ୍ଥଗିତ କରାଯାଇଛି। ଏହି ଉତ୍ସବରେ ୨୦୧୭ ପାଇଁ ଶିକ୍ଷକଙ୍କୁ ରାଜ୍ୟ ପୁରସ୍କାର ଓ ଜିଲ୍ଲା ପୁରସ୍କାର ପ୍ରଦାନ କରିବାର ଥିଲା। ଏହି କାର୍ଯ୍ୟକ୍ରମ ଘୁଞ୍ଚାଯାଇଥିବା ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ନିର୍ଦ୍ଦେଶାଳୟକୁ ଚିଠି ଲେଖାଯାଇଛି। ମିଳିତମଞ୍ଚର ଆନ୍ଦୋଳନ ପାଇଁ ଏହି ଉତ୍ସବକୁ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି।




ଦଶଭୂଜା ଗୋଟିପୁଅ ଓଡ଼ିଶୀ ନୃତ୍ୟ ପରିଷଦ ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ସୂଚନା ଭବନ ପରିସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ୭ରେ ଅପୋସାର ମହାସମାବେଶ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଶିକ୍ଷା ଅଧିକାର ଆଇନ ସମସ୍ତଙ୍କ ପାଇଁ ସମାନ। କିନ୍ତୁ କେତେକ ସ୍କୁଲ୍‌କୁ ସରକାର ଅନେକ ସରକାରୀ ସୁବିଧା ପ୍ରଦାନ କରୁଥିବାବେଳେ ଅନ୍ୟ ଘରୋଇ ସ୍କୁଲ୍‌ଗୁଡ଼ିକ ପ୍ରତି ଆଖି ବୁଜି ଦେଇଛନ୍ତି। ଏ ନେଇ ଅଲ୍ ଓଡ଼ିଶା ପ୍ରାଇଭେଟ୍ ସ୍କୁଲ୍ ଆସୋସିଏଶନ(ଅପୋସା) ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଅପୋସା ପକ୍ଷରୁ ୭ଦଫା ଦାବି ନେଇ ଆସନ୍ତା ୭ତାରିଖ ଦିନ ଲୋୟର ପିଏମ୍‌ଜିଠାରେ ମହାସମାବେଶ ଆୟୋଜନ କରାଯିବ ବୋଲି ସଂଘ ସଭାପତି ସତ୍ୟନାରାୟଣ ମିଶ୍ର କହିଛନ୍ତି। ସମସ୍ତ ଘରୋଇ ବିଦ୍ୟାଳୟକୁ ସ୍ଥାୟୀ ସ୍ୱୀକୃତି, ମାଗଣା ସରକାରୀ ପାଠ୍ୟ ପୁସ୍ତକ, ଆବଶ୍ୟକ ଜାଗା ପ୍ରଦାନ ଦାବିରେ ପୂର୍ବରୁ ସରକାରଙ୍କୁ ଦାବିପତ୍ର ଦିଆଯାଇଛି। କିନ୍ତୁ ବିଭିନ୍ନ ଆଳ ଦେଖାଇ ସରକାର ହଜାର ହଜାର ଘରୋଇ ବିଦ୍ୟାଳୟର ସ୍ୱୀକୃତି ଉପରେ ଅଙ୍କୁଶ ଲଗାଉଛନ୍ତି ବୋଲି ସଂଗଠନର ସମ୍ପାଦକ ଅବନ୍ତି କୁମାର ସୂତାର କହିଛନ୍ତି। ମଙ୍ଗଳବାର ବୁଦ୍ଧ ମନ୍ଦିରଠାରେ ଅପୋସା ପକ୍ଷରୁ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଅଶ୍ୱିନୀ ନକ୍ଷତ୍ର ସକାଶେ ସମସ୍ୟାବହୁଳ ସାମାଜିକ ସ୍ଥିତି ଦେଖାଦେଇପାରେ। କିନ୍ତୁ ବନ୍ଧୁଙ୍କ ମନ ବୁଝିଲା ଭଳି କଥା କହି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରୁହନ୍ତୁ, ନଚେତ୍ କ୍ଷତିରେ ପଡିପାରନ୍ତି। ଆକସ୍ମିକ ଭାବରେ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡିପାରେ।

**ବୃଷ** ଦ୍ୱିଜା ନକ୍ଷତ୍ରର କାମଗୁଡିକ ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗରୁ ସହଜରେ ସମ୍ପନ୍ନ ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ନୂତନ କାର୍ଯ୍ୟାରମ୍ଭ କରିପାରନ୍ତି। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ।

**ମିଥୁନ** ଆରଦ୍ରାନକ୍ଷତ୍ର ବିଭିନ୍ନ କାମରେ ବ୍ୟସ୍ତ ରହିବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟି ହେବ। ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ବିଭିନ୍ନ ପ୍ରକାରର ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ପରିବାର ପାଇଁ ନିଜ ମନ ପସନ୍ଦର ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି।

**କର୍କଟ** ପୁନର୍ବସୁ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରୋକ୍ଷଭାବରେ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବା କାରଣରୁ ଚିନ୍ତିତ ରହିପାରନ୍ତି। ଶିକ୍ଷା, ପରୀକ୍ଷା, ଲେଖା ପଢାରେ, ଆଲୋଚନାରେ ସଫଳତା ହାସଲ କରିବେ। ଯାତ୍ରା ଓ ମାଙ୍ଗଳିକ କାମରେ ସହଯୋଗ କରି ଖୁସି ରହିବେ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢି ଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ପାରିବାରିକ ଜୀବନରେ ସ୍ନେହ, ଆଦରର ଅଭାବ ଅନୁଭବ କରିବେ। ଅବଶ୍ୟ ବନ୍ଧୁ ଓ ସହକର୍ମୀମାନଙ୍କ ସାହାଯ୍ୟ କର୍ମକ୍ଷେତ୍ରକୁ ବୁଦ୍ଧିମନ୍ତ କରିବ। ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟିହେବାର ସମ୍ଭାବନା ରହିଛି। ଘର ଲୋକଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନୁତାପ କରିବାକୁ ପଡିପାରେ।

**ତୁଳା** ସ୍ୱାତୀ ନକ୍ଷତ୍ର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବା ହେତୁ ମାନସିକ ସ୍ଥିତି ଭଲ ରହିବ। କର୍ମକ୍ଷେତ୍ରରେ ଉପର ଅଧିକାରୀଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଅନୁରାଧା ନକ୍ଷତ୍ରର ଭୁଲ୍ ବୁଝାମଣା ହେତୁ ପାରିବାରିକ କ୍ଷେତ୍ରରେ କିଛିନା କିଛି ବ୍ୟତିକ୍ରମ ପରିଲକ୍ଷିତ ହେବ। ସାମାଜିକ ସ୍ତରରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ** ଆଜି ଉତ୍ତରାଷାଢା ନକ୍ଷତ୍ର ଦୀର୍ଘଦିନରୁ ଆପେକ୍ଷିତ ଆଶା କରୁଥିବା ଜିନିଷ ପାଇ ଖୁସୀ ହେବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପରିବାରରେ ଭୁଲ୍ ବୁଝାମଣା ବଶତଃ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ଆପୋସ ସମାଧାନ ଘଟିବ।

**ମକର** ଅନ୍ୟମାନଙ୍କୁ ମନେଇ ନିଜ କାମ ହାସଲ କରିବା ପାଇଁ ପ୍ରକୃଷ୍ଟ ଦିନଟିଏ କହିଲେ ଅତ୍ୟୁକ୍ତି ହେବନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବ। ଆକସ୍ମିକ ଭାବେ କୌଣସି ସମସ୍ୟାର ସମ୍ମୁଖୀନ ହୋଇ ନିର୍ମାଣାଧୀନ କାମଟି ଆଜି ସମ୍ପୂର୍ଣ୍ଣ କରିପାରିବେ ନାହିଁ।

**କୁମ୍ଭ** ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘଦିନରୁ ପଡି ରହିଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବ ନାହିଁ।

**ମୀନ** ରେବତୀ ନକ୍ଷତ୍ର ଯେତେ ସୁବିଧାରେ ରହିବା ପାଇଁ ଚେଷ୍ଟା କଲେ ମଧ୍ୟ ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ, ଫଳରେ ମତାନୈକ୍ୟ ଘଟିପାରେ।

ଆଜି ପବିତ୍ର ଗୁରୁଦିବସ, ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ଜୟନ୍ତୀ, ଶ୍ରୀମନ୍ଦିରରେ ବଣଭୋଜି ବେଶ, କୋଳିକିକା ଓ ବକାସୁର ବଧ ପ୍ରସ୍ତାବ, ବୁଧିବାମନ ଓଷା ଦ୍ୱିତୀୟ ପାଳି, ଭାଦ୍ରବ କୃଷ୍ଣ ଦଶମୀ ବୁଧବାର, ସେପ୍ଟେମ୍ବର ୫ ତାରିଖ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଏକାଦଶୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୬।୫୩ମି. ଗତେ ଘ.୮।୩୧ମି. ମଧ୍ୟେ, ଘ.୩।୦୭ମି. ଗତେ ଘ.୪।୪୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୬।୫୨ମି. ମଧ୍ୟେ ଘ.୧୦।୧୦ମି. ଗତେ, ଘ.୧।୪୯ମି. ମଧ୍ୟେ ଘ.୪।୪୬ମି. ଗତେ ଘ.୬।୦୭ମି. ମଧ୍ୟେ ମାହେନ୍ଦ୍ରବେଳା।



ବିହାର ଆରାରିଆର ଜଣେ ୧୬ ବର୍ଷ ବୟସ୍କା ନାବାଳିକା ବାହାରେ ସତ୍ୟ ପ୍ରକାଶ କରିବାରୁ ତାଙ୍କୁ କେତେଜଣ ଲୋକ ଜବରଦସ୍ତ ଲଣ୍ଡା କରିଛନ୍ତି। ୨ ବର୍ଷ ତଳେ ପଡ଼ିଶା ଘରର ଜଣେ ଯୁବତୀ ବିଷ ଖାଇ ଆତ୍ମହତ୍ୟା କରିଥିଲେ। ନାବାଳିକା ଜଣକ ଏହା ବାହାରେ ପ୍ରକାଶ କରିବାରୁ ସମ୍ପୃକ୍ତ ଯୁବତୀଙ୍କ ପରିବାର ବର୍ଗ ଏନେଇ ଅସନ୍ତୁଷ୍ଟ ହୋଇଥିଲେ। ପରେ ୬ ଜଣ ଲୋକ ନାବାଳିକାଙ୍କୁ ଏକ ଘରକୁ ଟେକି ନେଇ ମାଡ଼ ମାରିବା ସହିତ ଲଣ୍ଡା କରିଥିବା ଏଡିଜି ଏସ୍.କେ. ସିଙ୍ଘଲ ସୂଚନା ଦେଇଛନ୍ତି।




## ପୋଲିସ-ଆଇନଜୀବୀ ବିବାଦ ମାମଲା

# କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଲେ ହାଇକୋର୍ଟ

କଟକ ଅଫିସ, ୪ ।୯– ପୋଲିସ ଆଇନଜୀବୀଙ୍କ ମଧ୍ୟରେ ଉପୁଜିଥିବା ବିବାଦର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀଙ୍କୁ ମାଡ଼ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଓ କ୍ଷତିପୂରଣ ନିବେଦନ କରି ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। କଟକ ବାର୍ ଆସୋସିଏଶନ ଓ ନ୍ୟାଶନାଲିଷ୍ଟ ଲୟର୍ସ ଫୋରମ୍ ପକ୍ଷରୁ ରୁଜୁ କରାଯାଇଥିବା ଏହି ଦୁଇ ମାମଲାର ଏକତ୍ର ଶୁଣାଣି ଆରମ୍ଭ ହୋଇଥିଲା। ଖଣ୍ଡପୀଠ ଏ ସମ୍ପର୍କରେ ଗୃହ ବିଭାଗ ସଚିବ, ପୋଲିସ କମିଶନରଙ୍କ ସହିତ କଟକ ଡିସିପି ଓ ଚାଉଳିଆଗଞ୍ଜ ଥାନା ଅଧିକାରୀ ପ୍ରମୁଖଙ୍କୁ ଜବାବ ଦାଖଲ ପାଇଁ ପୂର୍ବରୁ ନୋଟିସ ଜାରି କରିଥିଲେ। ମାତ୍ର ସୋମବାର ଏ ସମ୍ପର୍କରେ କୌଣସି ଜବାବ ନ ମିଳିବାରୁ ହାଇକୋର୍ଟ ଉକ୍ତ ମାମଲାରେ ତଦନ୍ତ କରୁଥିବା ପୋଲିସ ଅଧିକାରୀଙ୍କୁ କେସ୍ ଡାଏରୀ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ତଦନ୍ତ ଅଧିକାରୀ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ କେସ୍ ଡାଏରୀ ଦାଖଲ କରିବା ପରେ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସୋମବାର ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି।


ସୂଚନା ଥାଉକି, ଅଗଷ୍ଟ ୨୮ରେ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଭରବ୍ରିଜ ନିକଟ ହାଇକୋର୍ଟ ଆଇନଜୀବୀ ଦେବୀପ୍ରସାଦ ପଟ୍ଟନାୟକଙ୍କ ବାଇକ୍ ଓ ଅନ୍ୟ ଏକ ବାଇକ ସହିତ ଧକ୍କା ହୋଇଥିଲା। ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ତେବେ ଚାଉଳିଆଗଞ୍ଜ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ଆଇନଜୀବୀ ପଟ୍ଟନାୟକଙ୍କ ସହିତ ଉଚ୍ଚବାଚ ହୋଇଥିଲା। ଏହି ଘଟଣାରେ ଆଇନଜୀବୀ ପଟ୍ଟନାୟକଙ୍କୁ ପୋଲିସ କର୍ମଚାରୀମାନେ ମାଡ଼ ମାରିଥିବା ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅଗଷ୍ଟ ୨୯ରୁ ଆଇନଜୀବୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।




## ଶୁଭଙ୍କରଙ୍କୁ ଜାମିନ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ମହିଳାଙ୍କୁ ଅସଦାଚରଣ କରିବା ସହ ତାଙ୍କ ୧୨ବର୍ଷର ପୁଅକୁ ମାଡ ମାରିବା ଘଟଣାରେ ସୋମବାର ଗିରଫ ହୋଇଥିବା ଚିଟଫଣ୍ଡ ଅଭିଯୁକ୍ତ ଶୁଭଙ୍କର ନାୟକଙ୍କୁ କୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସୋମବାର ଅପରାହ୍ନରେ ତାଙ୍କୁ କୋର୍ଟରୁ ଜାମିନ ମିଳିଥିଲା। ଅଭିଯୋଗକାରିଣୀ ମହିଳା କୋର୍ଟରେ ବୟାନ ରେକର୍ଡ ବେଳେ କହିଥିଲେ ଯେ, ସେ ଅଭିଯୋଗ କରିବାକୁ ଚାହୁଁ ନ ଥିଲେ। ଗଣମାଧ୍ୟମ ଚାପରେ ପୋଲିସ ବାଧ୍ୟହୋଇ ତାଙ୍କୁ ଅଭିଯୋଗ କରିବାକୁ କହିଥିଲା। ସେ ବାଧ୍ୟହୋଇ ଅଭିଯୋଗ କରିଥିଲେ ବୋଲି କହିଥିଲେ। ଫଳରେ କୋର୍ଟ ଶୁଭଙ୍କରଙ୍କୁ ଜାମିନ ଦେଇଥିଲେ। ଖାରବେଳନଗର ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କହିଛନ୍ତି ପୋଲିସ ପକ୍ଷରୁ ଯାହା ଦଫା ଲଗାଯିବା କଥା ଲଗାଯାଇଥିଲା। କିନ୍ତୁ ମହିଳା ଜଣକ କୋର୍ଟରେ ବୟାନ ଦେଇଥିଲେ ଯେ ସେ ଅଭିଯୋଗ କରିବାକୁ ଚାହୁଁ ନ ଥିଲେ। ପୋଲିସ ଅଭିଯୋଗ କରିବା ପାଇଁ ବାଧ୍ୟ କରିଥିଲା। ତେଣୁ ସେ କୋର୍ଟରେ ଆପୋସ ସମାଧାନ କରିଛନ୍ତି। ଫଳରେ ଶୁଭଙ୍କରଙ୍କୁ ଜାମିନ ମିଳିଛି।




# ଅକ୍ଟୋବରରେ ସରକାର ବାଣ୍ଟିବେ ଏଲ୍ଇଡି ବଲ୍ବ

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଶକ୍ତି ସଂରକ୍ଷଣ ଦିଗରେ ରାଜ୍ୟ ସରକାର ଆମ ଘରେ ଏଲ୍ଇଡି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଛନ୍ତି। ଆସନ୍ତା ଅକ୍ଟୋବରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସେପ୍ଟେମ୍ବର ଶେଷ ସୁଦ୍ଧା ସବୁ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସବୁ ଜିଲାପାଳ, ଜିଲାସ୍ତରୀୟ ଶକ୍ତି ବିଭାଗ ଅଧିକାରୀ ଏବଂ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟରୁ ଭିଡିଓ କନଫରେନ୍ସିଂ ଜରିଆରେ ଜିଲାପାଳମାନଙ୍କ ସହ ଆଲୋଚନା ବେଳେ ପାଢୀ ଏହା କହିଛନ୍ତି।

ଏହି ଭିଡିଓ କନ୍ଫରେନ୍ସିଂ ଆଲୋଚନାରେ ଶକ୍ତି ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗ ଶାସନ ସଚିବ ହେମନ୍ତ କୁମାର ଶର୍ମା କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ପଦ୍ଧତି ବିଷୟରେ ସୂଚନା ଦେଇଛନ୍ତି। ଶର୍ମା କହିଛନ୍ତି,

**ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ମାଗଣାରେ ପାଇବେ**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁସାରେ ଓପିଟିସିଏଲ୍ ମାଧ୍ୟମରେ ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀ ପରିବାରଙ୍କୁ ମାଗଣାରେ ୪କୋଟି ବଲ୍ବ ଯୋଗାଇ ଦିଆଯିବ। ଏହି ବଲବ୍‌ଗୁଡ଼ିକର ୱାରେଣ୍ଟି ୩ବର୍ଷ ପର୍ଯ୍ୟନ୍ତ ରହିବ। ପିଡିଏସ୍ ରିଟେଲ୍ ଶପ୍‌ଗୁଡ଼ିକରେ ବଲବ୍‌ଗୁଡ଼ିକୁ ଯୋଗାଇ ଦିଆଯିବ। ଖାଦ୍ୟ ଯୋଗାଣ ଦିନ ଖାଉଟିମାନଙ୍କୁ ଖାଦ୍ୟ ଦ୍ରବ୍ୟ ସହ ଏହି ବଲ୍ବ ମିଳିବ। ପ୍ରତି ବଲ୍ବ ହିତାଧିକାରୀମାନଙ୍କୁ ଯୋଗାଇବା ବାବଦକୁ କଣ୍ଟ୍ରୋଲ ଡିଲରଙ୍କୁ ସେବା ଯୋଗାଣ ଦେୟ ସରକାରଙ୍କ ତରଫରୁ ମିଳିବ। ଗରିବ ଲୋକମାନଙ୍କ ଘରକୁ ବିଜୁଳି ଆଲୁଅ ଯୋଗାଇବା ପାଇଁ ଏହି କାର୍ଯ୍ୟକ୍ରମ ଶକ୍ତି ସଂରକ୍ଷଣର ଏକ ଅଭିନବ ପନ୍ଥା ବୋଲି ଉନ୍ନୟନ କମିଶନର ଆର୍.ବାଲକ୍ରିଷ୍ଣନ କହିଛନ୍ତି।

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

# ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଚୟନ ପ୍ରକ୍ରିୟା ତ୍ୱରାନ୍ୱିତ କର

ଭୁବନେଶ୍ୱର, ୪।୯(ବ୍ୟୁରୋ)

ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କ ଦରଖାସ୍ତ ଗ୍ରହଣ, କ୍ଷେତ୍ରସ୍ତରୀୟ ଯାଞ୍ଚ, ଡିଜିଟାଇଜେଶନ୍ ଆଦି ପ୍ରକ୍ରିୟାଗୁଡ଼ିକୁ ତ୍ୱରାନ୍ୱିତ କରାଯିବ। ଦୈନିକ ଭିତ୍ତିରେ ଅଗ୍ରଗତି ସମ୍ପର୍କିତ ତଥ୍ୟ ପୋର୍ଟାଲରେ ଅପ୍‌ଲୋଡ କରିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ଜିଲାପାଳ ଏବଂ ଜିଲା ଖାଦ୍ୟ ଯୋଗାଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ସଚିବାଳୟରୁ ଭିଡିଓକନଫରେନ୍ସିଂ ଦ୍ୱାରା ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କିତ ସମୀକ୍ଷା କରିଥିଲେ। ସେପ୍ଟେମ୍ବର ୨ ସୁଦ୍ଧା ମିଳିଥିବା ଦରଖାସ୍ତଗୁଡ଼ିକର ନିୟମ ଅନୁଯାୟୀ ଯାଞ୍ଚ ପ୍ରକ୍ରିୟା ଶେଷକରି ରାଶନ କାର୍ଡ ପ୍ରସ୍ତୁତ କରିବାକୁ ପାଢ଼ୀ କହିଛନ୍ତି। ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ଦରଖାସ୍ତ ଗ୍ରହଣର ପ୍ରକ୍ରିୟା ଜାରି ରଖିବା ପାଇଁ କୁହାଯାଇଥିଲା। ଆସନ୍ତା ଅକ୍ଟୋବର ୨ ସୁଦ୍ଧା ଯେପରି ହିତାଧିକାରୀମାନଙ୍କୁ କାର୍ଡ ଯୋଗାଇ ଦିଆଯାଇ ପାରିବ ତାହା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରୁ ବିଭିନ୍ନ କାରଣରୁ ବାଦ୍ ପଡିଥିବା ଏବଂ ଗରିବ ପରିବାରକୁ ରାଜ୍ୟ ସରକାର ଉକ୍ତ ଯୋଜନାରେ ସାମିଲ କରିବାକୁ ଏହି କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୨୫ଲକ୍ଷ ନୂତନ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଖାଦ୍ୟ ସୁରକ୍ଷା ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀମାନେ ଅଭିଯାନ ଭିତ୍ତିରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜର କାର୍ଯ୍ୟ ସମ୍ପାଦିତ କରିବାକୁ ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ ନିର୍ଦ୍ଦେଶ ଦେଇଛନ୍ତି।









ମଙ୍ଗଳବାର ବିଧାନସଭାକୁ ବାଚସ୍ପତି ପ୍ରଦୀପ ଅମାତ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିରୋଧୀଦଳ ନେତା ନରସିଂହ ମିଶ୍ର ଯାଉଛନ୍ତି।



ଈଶ୍ୱର ଯଦି ମୋ ପାଇଁ ନରକବାସର ବ୍ୟବସ୍ଥା କରନ୍ତି- ତେବେ ମୁଁ ଜାଣେ ନା- ମୁଁ ବା କାହିଁକି ସ୍ୱର୍ଗରେ ବାସ କରିବା ପାଇଁ ଅଭିଳାଷ କରିବି ? କାରଣ- ମୋ ଲାଗି କ'ଣ ଶୁଭ ବା ଭଲ ତାହା କେବଳ ତାଙ୍କୁ ଇ ଭଲ ଭାବେ ଜଣା। -ଶ୍ରୀଅରବିନ୍ଦ



# ବ୍ୟବସ୍ଥା ପାଇଁ ବୋଝ

ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରୋକ୍ଷ କର ଭାବେ ୨୦୧୭ ଜୁଲାଇ ୧ରେ ଭାରତରେ ଲାଗୁ ହୋଇଛି। ଏହି ନୂଆ ଟିକସ ବ୍ୟବସ୍ଥା ଜଟିଳ ଥିବାରୁ ବ୍ୟବସାୟୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ ତା'ର ବାଲାନ୍ସ ଶିଟ୍ ପରିଚାଳନା କରିବା ଲାଗି ବିଧିବଦ୍ଧ ଭାବେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ରଖୁ ନ ଥିଲା। ଏବେ ପରିସ୍ଥିତି ଏଭଳି ହୋଇଛି ଯେ, ଜିଏସ୍‌ଟି ପାଇଁ ବର୍ଷକୁ ଅନେକ ଥର ଟିକିନିଖି ହିସାବ ଦେବାକୁ ପଡୁଛି। ସେଥିପାଇଁ ବୃତ୍ତିଧାରୀ ଆକାଉଣ୍ଟାଣ୍ଟଙ୍କ ସାହାଯ୍ୟ ନେବା ଆବଶ୍ୟକ ପଡ଼ିଲାଣି। ଫଳରେ ଛୋଟିଆ ବ୍ୟବସାୟୀ କ୍ଷତିରେ ପଡୁଛନ୍ତି। ଅନେକ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ହେବାରୁ ତାହାର ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଛି। ହେଲେ ତାହାକୁ ବିରୋଧ କରାଯିବା ପରେ ସରକାର କେତେକ କ୍ଷେତ୍ରରେ କୋହଳ କରିଛନ୍ତି। ୨୦୧୮ ଜାନୁୟାରୀ ୧୮ରେ ୨୫ତମ ଜିଏସ୍‌ଟି କାଉନସିଲ୍ ବୈଠକରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଅଧୀନରେ ସୂଚନା ପ୍ରଦାନ ସେବାକୁ ଜିଏସ୍‌ଟିମୁକ୍ତ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହା ସତ୍ତ୍ୱେ ସରକାରୀ ନିୟମକୁ ଅଣଦେଖା କରି ମଧ୍ୟପ୍ରଦେଶ ଗୃହ ଓ ଭିତ୍ତିଭୂମି ବିକାଶ ବୋର୍ଡ ଜଣେ ଆର୍‌ଟିଆଇ ଆବେଦନକାରୀଙ୍କ ଉପରେ ଶୁଳ୍କ ବସାଇଥିବା ବିଷୟ ପଦାକୁ ଆସିଛି। ଏହା ବିରୋଧରେ ଆବେଦନକାରୀ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିବେ ବୋଲି କହିଛନ୍ତି।

ଗଣତନ୍ତ୍ରରେ ସୂଚନା ଜାଣିବାର ସ୍ୱାଧୀନତା ହେଉଛି ଜଣେ ନାଗରିକଙ୍କ ମୌଳିକ ଅଧିକାର। ସେଥିପାଇଁ ସୂଚନା ଅଧିକାର ଆଇନ, ୨୦୦୫ ପ୍ରଣୟନ କରାଯାଇଛି। ଏହା ସତ୍ତ୍ୱେ ଅନେକ କାର୍ଯ୍ୟାଳୟ ଲୋକଙ୍କୁ ଉପଯୁକ୍ତ ସୂଚନା ଦେବାରେ ଅନ୍ତରାୟ ସୃଷ୍ଟି କରୁଛନ୍ତି। ବିଶେଷକରି ଦୁର୍ନୀତି ସମ୍ପର୍କିତ ସୂଚନା ମଗାଯାଉଥିଲେ ଅଧିକାରୀମାନେ ତଥ୍ୟ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ମଧ୍ୟପ୍ରଦେଶ ଗୃହ ଓ ଭିତ୍ତିଭୂମି ବିକାଶ ବୋର୍ଡକୁ ଆର୍‌ଟିଆଇ ଅଧୀନରେ ରିୟଲ ଇଷ୍ଟେଟ୍ ନିୟାମକ କର୍ତ୍ତୃପକ୍ଷ (ରେରା) କାର୍ଯ୍ୟାଳୟର ମରାମତି ଖର୍ଚ୍ଚ ସମ୍ପର୍କିତ ତଥ୍ୟ ମଗାଯାଇଥିଲା। ଉକ୍ତ ସୂଚନା ପାଇଁ ୪୩ ଟଙ୍କା ପଇଠ କରିବା ଲାଗି ସମ୍ପୃକ୍ତ ଆବେଦନକାରୀଙ୍କୁ କୁହାଯାଇଥିଲା। ଆବେଦନକାରୀ ହିସାବ କରି ଦେଖିବା ପରେ ତାଙ୍କ ଉପରେ ୯ ପ୍ରତିଶତ ଜିଏସ୍‌ଟି ବସିଥିବା ଜାଣିବାକୁ ପାଇଥିଲେ। ସୂଚନାକୁ ପଣ୍ୟ ସାମଗ୍ରୀ ବିବେଚନା କରାଯାଇ ଏହା ଉପରେ ଜିଏସ୍‌ଟି ବସାଯାଇପାରିବ ନାହିଁ। କେବଳ ମଗାଯାଇଥିବା ସୂଚନା ଦେବା ଲାଗି ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ ସାମାନ୍ୟ ଅର୍ଥ ଦେବାକୁ ପଡ଼ିଥାଏ ବୋଲି ବ୍ୟବସ୍ଥା ରହିଛି। ହେଲେ ସମ୍ପୃକ୍ତ ଗୃହ ନିର୍ମାଣ ଓ ଭିତ୍ତିଭୂମି ବିକାଶ ବୋର୍ଡ ଆବେଦନକାରୀଙ୍କ ଉପରେ ୭ ଟଙ୍କାର ଶୁଳ୍କ ଲଗାଇ ଜିଏସ୍‌ଟି ନିୟମାବଳୀର ଉଲ୍ଲଂଘନ କରିଛନ୍ତି ବୋଲି କୁହାଯାଇପାରେ। କେବଳ ମଧ୍ୟପ୍ରଦେଶ ନୁହେଁ, ଏ ଦେଶରେ ଅଧିକାଂଶ ଅଧିକାରୀ ବା କର୍ମଚାରୀ ସରକାରୀ ଆଇନ ଓ ନିୟମକୁ ଭଲ ଭାବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି। ଅନେକେ ଚାକିରି ମନୋବୃତ୍ତି ନେଇ ଏକ ଗତାନୁଗତିକ ଧାରାରେ କାର୍ଯ୍ୟ କରୁଥିବାରୁ ସମୟ ବ୍ୟବଧାନରେ ହେଉଥିବା ପରିବର୍ତ୍ତନ ସହ ଖାପ ଖୁଆଇ ଆଗେଇପାରୁ ନାହାନ୍ତି। ଏଭଳି ଅଜଣା ରହୁଥିବା ସରକାରୀ ଅଧିକାରୀଙ୍କ ଯୋଗୁ ସାଧାରଣ ଲୋକେ ହଇରାଣରେ ପଡୁଛନ୍ତି। ସ୍ଥଳବିଶେଷରେ ଆଇନ ଉଲ୍ଲଂଘନ କରୁଥିବା କର୍ମଚାରୀଙ୍କ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରାଗଲେ ମଧ୍ୟ ସୁଫଳ ମିଳୁନାହିଁ। ବିମୁଦ୍ରୀକରଣ ପରେ ଜିଏସ୍‌ଟି ପ୍ରଚଳନ ଭାରତୀୟ ଅର୍ଥନୀତିରେ ଅସ୍ୱାଭାବିକତା ସୃଷ୍ଟି କରିଛି। ଦେଶର ଅଧିକାଂଶ ଲୋକ ଜିଏସ୍‌ଟି ବିଷୟରେ ଜାଣି ନ ଥିବା ବେଳେ ସରକାରୀ କର୍ମଚାରୀ ଏ ନେଇ ଅଜ୍ଞ ରହିବା ବ୍ୟବସ୍ଥାରେ ଥିବା ଦୁର୍ବଳତାକୁ ସୂଚାଉଛି। ଦାୟିତ୍ୱ ବୁଝୁ ନ ଥିବା ଏଭଳି ଅଧିକାରୀ ଦେଶ ପାଇଁ ବୋଝ ବୋଲି ଗଣାଯାଇ ସେମାନଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଗଲେ ବ୍ୟବସ୍ଥାରେ ଦେଖାଦେଉଥିବା ଭୁଲ୍‌ଭଟକା ରୋକାଯାଇପାରନ୍ତା।

# ଭାରତର ଅତୀତ ଶିକ୍ଷା

## ଡ. ତ୍ରିନାଥ ପଟ୍ଟନାୟକ

ଭାରତରେ ବହୁ ପ୍ରାଚୀନ କାଳରୁ ବିଭିନ୍ନ ବିଦ୍ୟା, ଶାସ୍ତ୍ର ଓ ଶିକ୍ଷାକୁ ସମ୍ମାନ ଦିଆଯାଇ ଆସିଛି। ପୁରାଣ ଯୁଗରେ ରାଜାମହାରାଜାଙ୍କ ପୃଷ୍ଠପୋଷକତାରେ ଦେଶର ବିଭିନ୍ନ ସ୍ଥାନରେ ଗୁରୁକୁଳ ସ୍ଥାପନ କରାଯାଇଥିଲା। ଅନେକ ଗୁରୁକୁଳରେ ଏତେସଂଖ୍ୟାରେ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲେ ଓ ଏତେ ବିଷୟରେ ଶିକ୍ଷା ପ୍ରଦାନ କରାଯାଉଥିଲା ଯେ ସେଗୁଡିକ ସ୍ୱତଃ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଯାଇଥିଲା। ସେହି ସମୟରେ ବିଶେଷ ପ୍ରତିଷ୍ଠା ଲାଭ କରିଥିବା ବିଶ୍ୱବିଦ୍ୟାଳୟ ହେଉଛି- ତକ୍ଷଶିଳା, ନାଳନ୍ଦା, ବିକ୍ରମଶିଳା, ବଲ୍ଲଭି, ପୁଷ୍ପଗିରି, ଉଦନ୍ତପୁରୀ, ସୋମପୁର, ରତ୍ନଗିରି ଓ ଜାଗଦଳ। ଏଗୁଡିକର ଏଭଳି ସୁନାମ ଥିଲା ଯେ ବିଦେଶରୁ ହଜାର ହଜାର ବିଦ୍ୟାର୍ଥୀ ଆକୃଷ୍ଟ ହୋଇ ଅଧ୍ୟୟନ କରିବା ନିମନ୍ତେ ଭାରତକୁ ଆସୁଥିଲେ।

ବାରମ୍ବାର ବିଦେଶୀମାନଙ୍କ ଆକ୍ରମଣ ଫଳରେ ଏହି ବିଶ୍ୱବିଦ୍ୟାଳୟଗୁଡିକ ଧ୍ୱଂସ ହୋଇଯାଇଥିଲା। ନାଳନ୍ଦା ଓ ବିକ୍ରମଶିଳା ବିଶ୍ୱବିଦ୍ୟାଳୟ ଦୁଇଟିକୁ ତୁର୍କୀ ସମ୍ରାଟ ବଖ୍‌ତିଆର ଖିଲିଜ (୧୧୯୩ ଖ୍ରୀ.ଅ.) ଧ୍ୱଂସ କରିଦେଇଥିଲେ। କୋଠାବାଡିଗୁଡିକୁ ନିଆଁ ଲଗାଇ ପୋଡି ଦେଇଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟର ପାଠାଗାର ପ୍ରାୟ ୩ ମାସ ଯାଏ ପ୍ରଜ୍ୱଳିତ ହୋଇଥିଲା। କେବଳ ସେତିକି ନୁହେଁ, ଅଧ୍ୟାପନା କରୁଥିବା ଶହ ଶହ ଶିକ୍ଷକଙ୍କର ମୁଣ୍ଡକାଟ କରାଯାଇଥିଲା। ଏଭଳି ଗୋଟି ଗୋଟି କରି ଭାରତୀୟ ଶିକ୍ଷାସଂସ୍କୃତିର ପ୍ରାଣକେନ୍ଦ୍ର ବିଶ୍ୱବିଦ୍ୟାଳୟଗୁଡିକୁ ଆକ୍ରମଣକାରୀ ବିଦେଶୀମାନେ ଧ୍ୱଂସ କରି ଭାରତୀୟ ଶିକ୍ଷା ବ୍ୟବସ୍ଥାକୁ ବିଲୋପ କରିଦେବା ପାଇଁ ଚେଷ୍ଟା କରିଥିଲେ।

ତା'ପରେ ଭାରତକୁ ଆସିଲେ ଚତୁର ଇଂରେଜ। ସେମାନେ ଶିକ୍ଷାସଂସ୍କୃତିକୁ ଭଲ ପାଉଥିଲେ ସୁଦ୍ଧା ଭାରତୀୟ ଶିକ୍ଷାସଂସ୍କୃତିକୁ ଭଲ ପାଉ ନ ଥିଲେ। ସେମାନେ ନିଜେ ଭାରତୀୟ ଶାସ୍ତ୍ରଗୁଡ଼ିକୁ ଅଧ୍ୟୟନ କରି ଜ୍ଞାନ ଅର୍ଜନ କରୁଥିଲେ କିନ୍ତୁ ଭରତୀୟମାନଙ୍କୁ ସେ ସୁଯୋଗ ଦେଉ ନ ଥିଲେ। କେବଳ ସେମାନଙ୍କର ଶିକ୍ଷାସଂସ୍କୃତିକୁ ଭାରତୀୟମାନଙ୍କ ଉପରେ ଥାପିଦେଇ ସେମାନଙ୍କୁ ଏକପ୍ରକାର କ୍ରୀତଦାସ କରି ରଖିବାକୁ ଚାହୁଁଥିଲେ। ଏବେ ଦେଶ ସ୍ୱାଧୀନ। ତଥାପି ଆମେ ଇଂରେଜମାନଙ୍କ ଦାସତ୍ୱ ଶିକୁଳିରୁ ମୁକ୍ତ ହୋଇ ପାରିନାହୁଁ। ଆମେ ଏବେ ବି ଭାବୁଛୁ, ସେମାନେ ଆମକୁ ଶିକ୍ଷାର ଆଲୋକ ପ୍ରଦାନକରି ଆଲୋକିତ କରିଛନ୍ତି, ଯାହା ସତ୍ୟ ନୁହେଁ। ବରଂ ସେମାନେ ଭାରତୀୟ ଶିକ୍ଷା ପ୍ରଣାଳୀକୁ ବିଗାଡି ଦେଇଯାଇଛନ୍ତି।

ଦେଶ ସ୍ୱାଧୀନ ହୋଇଗଲା। ୧୯୪୭ ମସିହା ଶେଷ ଆଡକୁ ଐତିହାସିକ ପ୍ରଫେସର ଧର୍ମପାଳ ଏକଦା ମହାତ୍ମା ଗାନ୍ଧୀଙ୍କୁ ସାକ୍ଷାତ୍ କରି କହିଲେ, ମୋର ଏବେ ଦେଶ ପାଇଁ କ'ଣ କର୍ତ୍ତବ୍ୟ ଅଛି କୁହନ୍ତୁ। ମହାତ୍ମା ଗାନ୍ଧୀ କହିଥିଲେ, ମୁଁ ୧୯୩୧ରେ ଗୋଲ ଟେବୁଲ ବୈଠକରେ ଯୋଗ ଦେବା ନିମନ୍ତେ ଲଣ୍ଡନ ଯାଇଥିଲି। ସେହି ସମୟରେ କେତେଜଣ ଇଂରେଜ ଅଧିକାରୀ ମୋତେ କହିଥିଲେ, ଯଦି ଇଂରେଜମାନେ ଭାରତ ଯାଇ ନ ଥାନ୍ତେ ତେବେ ଭାରତୀୟ ଶିକ୍ଷା ପ୍ରଣାଳୀରେ କଦାପି ସଂସ୍କାର ଆସି ନ ଥାନ୍ତା। ସେହିଭଳି ଆପଣମାନେ ଅଶିକ୍ଷାର ଅନ୍ଧକାର ମଧ୍ୟରେ ରହି ଯାଇଥାନ୍ତେ। ମୋତେ ଏକଥା ଉଚିତ ମନେ ହେଲାନାହିଁ। କିନ୍ତୁ ଏହାର ଜବାବ ଦେବା ପାଇଁ ମୋ ପାଖରେ ଜ୍ଞାନ, ତଥ୍ୟ କି ପ୍ରମାଣ ନ ଥିଲା। ମୋର ଆପଣଙ୍କ ଉପରେ ଭରସା ଅଛି, ଅନୁରୋଧ କରୁଛି- ଆପଣ ଭାରତୀୟ ଶିକ୍ଷା ବିଷୟରେ ଯେତେ ସମ୍ଭବ ତଥ୍ୟପ୍ରମାଣ ସଂଗ୍ରହ କରନ୍ତୁ। ସେହି ପ୍ରମାଣକୁ ଆଧାର କରି ଇଂରେଜମାନେ ଭାରତ ଆସିବା ପୂର୍ବରୁ ଭାରତୀୟ ଶିକ୍ଷା ପ୍ରଣାଳୀ କିପରି ଥିଲା ପ୍ରକାଶ କରନ୍ତୁ।

ଗାନ୍ଧିଜୀଙ୍କ ଅନୁରୋଧ ମତେ ପ୍ରଫେସର ଧର୍ମପାଳ ଲଣ୍ଡନ, ଫ୍ରାନ୍ସ ଏବଂ ଜର୍ମାନୀ ପ୍ରଭୃତି ଦେଶକୁ ଯାଇ ବର୍ଷ ବର୍ଷ ଧରି ଅଧ୍ୟୟନ ଓ ଅଧ୍ୟାପନ କଲେ। ଅନେକ ଦସ୍ତାବିଜ, ନଥିପତ୍ର ସଂଗ୍ରହ କଲେ। ସେ ସବୁର ବିଶ୍ଳେଷଣ ପରେ ଏହି ସିଦ୍ଧାନ୍ତରେ ପହଞ୍ଚିଲେ ଯେ, ଇଂରେଜମାନଙ୍କ ଆଗମନ ପୂର୍ବରୁ ଭାରତୀୟ ଶିକ୍ଷା ବ୍ୟବସ୍ଥା ବହୁତ ଭଲ ଥିଲା। ପ୍ରଫେସର ଧର୍ମପାଳ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ, ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ଉଚ୍ଚତର ଗବେଷଣା ନିମନ୍ତେ ମ୍ୟାକେଲଙ୍କୁ ଇଂଲଣ୍ଡରୁ ଭାରତ ପଠାଯାଇଥିଲା। ସେ ୧୭୮୦ ପୃଷ୍ଠାର ଏକ ରିପୋର୍ଟ ପ୍ରଦାନ କରିଥିଲେ। ୧୮୩୫ ଫେବୃୟାରୀ ୨ ତାରିଖରେ ମ୍ୟାକେଲ ବ୍ରିଟିଶ୍ ପାର୍ଲାମେଣ୍ଟରେ ଭାରତୀୟ ଶିକ୍ଷା ପ୍ରଣାଳୀ ଉପରେ ଭାଷଣ ଦେଲେ। ମ୍ୟାକେଲ କହିଲେ- ମୁଁ ସମଗ୍ର ଭାରତବର୍ଷ ବୁଲିଛି ଓ ଦେଖିଛି। ବଡ଼ ବିଚିତ୍ର କଥା କେଉଁଠି ହେଲେ ଭିକାରିଟିଏ ଦେଖିବାକୁ ପାଇଲି ନାହିଁ। ସୁରତ ସହରରେ ଯେତିକି ସମ୍ପତ୍ତି ଲୋକମାନଙ୍କ ପାଖରେ ଅଛି, ୟୁରୋପର ସବୁ ସହରର ସମ୍ପତ୍ତି ମିଶିଲେ ସମାନ ହେବ ନାହିଁ। ଭାରତରେ ଯେତେ ଧନ-ବୈଭବ ଓ ସମ୍ପତ୍ତି ଅଛି ସେସବୁ ଭାରତବର୍ଷର ଉନ୍ନତ ଶିକ୍ଷା ବ୍ୟବସ୍ଥାରୁ ହିଁ ସମ୍ଭବ ହୋଇପାରିଛି। ଭାରତରେ ପ୍ରାୟ ଶତ ପ୍ରତିଶତ ସାକ୍ଷର ଅଛନ୍ତି। ଦକ୍ଷିଣ ଭାରତରେ ସାକ୍ଷର ସଂଖ୍ୟା ଅଧିକ। ପଶ୍ଚିମର ସାକ୍ଷର ସଂଖ୍ୟା ୯୮%। ଉତ୍ତର ଭାରତରେ ପ୍ରାୟ ୮୬%, ମଧ୍ୟଭାରତରେ ସାକ୍ଷର ସଂଖ୍ୟା ୮୭%। ମୁଁ ଦୃଢ଼ତାର ସହ କହିପାରେ ଯେ ସମ୍ପୂର୍ଣ୍ଣ ଭାରତ ପ୍ରାୟତଃ ସାକ୍ଷର ଅଟନ୍ତି। ଭାରତରେ ୭ ଲକ୍ଷ ୩୨ ହଜାର ରାଜସ୍ୱ ଗ୍ରାମ ଅଛି। ଏମିତି କୌଣସି ଗ୍ରାମ ନାହିଁ ଯେଉଁଠାରେ ବିଦ୍ୟାଳୟ ନାହିଁ। ଏଠାରେ ସ୍କୁଲଗୁଡିକୁ ଗୁରୁକୁଳ ବୋଲି କୁହାଯାଏ। ସମସ୍ତ ବର୍ଗର ଲୋକଙ୍କୁ ଶିକ୍ଷା ପ୍ରଦାନ କରିବାର ବ୍ୟବସ୍ଥା ଅଛି।

ଗୁରୁକୁଳଗୁଡ଼ିକରେ ୧୮ ଗୋଟି ବିଦ୍ୟା ଶିକ୍ଷା ଦିଆଯାଏ। ଯାହାକୁ ଅଷ୍ଟାଦଶ ବିଦ୍ୟା କୁହାଯାଏ। ସେଗୁଡିକ ହେଲା- ଗଣିତ, ଖଗୋଳ ଶାସ୍ତ୍ର, ଚିକିତ୍ସା ଶାସ୍ତ୍ର, ଧାତୁ ବିଜ୍ଞାନ, କାରିଗରି (ଇଞ୍ଜିନିୟରିଂ), ରସାୟନ ଶାସ୍ତ୍ର, ସଙ୍ଗୀତ ନୃତ୍ୟ, ସାହିତ୍ୟ, ଭାଷା ବିଜ୍ଞାନ, ବିଜ୍ଞାନ ସମ୍ବନ୍ଧୀୟ ଶାସ୍ତ୍ର, ଜ୍ୟୋତିଷ, ମୂର୍ତ୍ତି ନିର୍ମାଣ ଓ ବାସ୍ତୁଶାସ୍ତ୍ର ଇତ୍ୟାଦି। ଗୋଟିଏ ବିଷୟରେ ବିଦ୍ୟାର୍ଥୀ ସ୍ୱୟଂ ସମ୍ପୂର୍ଣ୍ଣ ହେବା ପରେ ଅନ୍ୟ ବିଷୟରେ ଅଧ୍ୟୟନ କରିବାର ସୁବିଧା ଅଛି। ଗୋଟିଏ ଗୋଟିଏ ଗୁରୁକୁଳରେ ୨୦୦ରୁ ୨୦,୦୦୦ ପର୍ଯ୍ୟନ୍ତ ବିଦ୍ୟାର୍ଥୀ ପଢ଼ନ୍ତି। ଗୁରୁକୁଳଗୁଡ଼ିକରେ ବିଦ୍ୟା ଓ ଶିକ୍ଷା ଉଭୟେ ପ୍ରଦାନ କରାଯାଏ। ନୈତିକତା, ଆଧ୍ୟାତ୍ମିକତା ଓ ନ୍ୟାୟ ଆଦି ଶିକ୍ଷାଦାନକୁ ବିଦ୍ୟା କୁହାଯାଏ। ଗଣିତ, ରସାୟନ ବିଦ୍ୟା, ବିଜ୍ଞାନ ଆଦିକୁ ଶିକ୍ଷା କୁହାଯାଏ। ୧୮୩୫ ମସିହାରେ ଭାରତବର୍ଷରେ ଉଚ୍ଚ ଶିକ୍ଷା ନିମନ୍ତେ ୧୫,୮୦୦ ବିଦ୍ୟାଳୟ ଥିଲା। ସେଗୁଡିକ ମହାବିଦ୍ୟାଳୟ ସ୍ତରୀୟ।

ତତ୍କାଳୀନ ବ୍ରିଟେନର ଶିକ୍ଷାମନ୍ତ୍ରୀ କହିଥିଲେ, ଭାରତରେ ବର୍ତ୍ତମାନ ଶତ ପ୍ରତିଶତ ସାକ୍ଷର ଅଛନ୍ତି, ମାତ୍ର ବ୍ରିଟେନରେ ଶତକଡା ୧୭ରୁ କମ୍ ସାକ୍ଷର ଅଛନ୍ତି। ଭାରତରେ ଯେତେବେଳେ ୭ ଲକ୍ଷ ୩୨ ହଜାରରୁ ଅଧିକ ସ୍କୁଲ ଥିଲା ବ୍ରିଟେନରେ ଥିଲା ମାତ୍ର ୭୪୦ ସ୍କୁଲ।

ଚିକିତ୍ସା ପଦ୍ଧତି ବିଷୟରେ ମ୍ୟାକେଲ ଆଉ ମଧ୍ୟ କହିଥିଲେ, କାଙ୍ଗଡା ବିଶ୍ୱବିଦ୍ୟାଳୟ (ହିମାଚଳପ୍ରଦେଶ) ସର୍ଜରୀ (ଶଲ୍ୟ) ଚିକିତ୍ସା ନିମନ୍ତେ ପ୍ରସିଦ୍ଧ ଥିଲା। ଏଠାରେ ରାଇନୋପ୍ଲାଷ୍ଟ ଚିକିତ୍ସା ମଧ୍ୟ ହେଉଥିଲା। ମୁଁ ନିଜେ ଦେଖିଛି। ଜଙ୍ଘରୁ ଚମଡା ବାହାର କରାଯାଇ ନାକରେ ଲଗାଯାଇ ନାକ ସଜଡା ଯାଇଥିଲା। ଏହି ଅପରେଶନ ୨୧ ଦିନରେ ପୂରାପୂରି ଠିକ୍ ହୋଇଯାଉଥିଲା। ଏମିତିଭାବେ ଗ୍ରହଣଖଣ୍ଡିଆ ନାକଟି ମିଶିଯାଉଥିଲା। ଏହି ପ୍ଲାଷ୍ଟିକ ସର୍ଜରୀକୁ କାୟ-ଶୃଙ୍ଗାର କୁହାଯାଏ।

ଆଉ ଏଠାରେ (ଇଂଲଣ୍ଡରେ) ଯେତେବେଳେ ମୋତେ ଜ୍ୱର ହେଲା ଡାକ୍ତରଙ୍କ ପାଖକୁ ଗଲି। ସେ ହିପ୍ପୋକ୍ରେଟିସ ମେଡିସିନ ସିଷ୍ଟମ ଅନୁସାରେ ମୋ ହାତର ଶିର କାଟିଦେଲେ। ସେଥିରୁ ରକ୍ତ ଝରିବାକୁ ଲାଗିଲା। ଡାକ୍ତର କହିଲେ, ଯେ ପର୍ଯ୍ୟନ୍ତ ତୁମ ହାତରୁ ଦୂଷିତ ରକ୍ତ ବାହାରି ନ ଯାଇଛି, ତୁମେ ଠିକ୍ ହେବ ନାହିଁ। କିନ୍ତୁ ଭାରତରେ କିଛି ଚେରମୂଳିରୁ ପ୍ରସ୍ତୁତ ଚୂର୍ଣ୍ଣ ଖୁଆଇ ଦିଆଗଲେ ଜ୍ୱର ଠିକ୍ ହୋଇଯାଉଛି। ମେଟାଲର୍ଜି ଶିକ୍ଷା ଗୁରୁକୁଳଗୁଡ଼ିକରେ ଦିଆଯାଉଥିଲା। କଳଙ୍କବିହୀନ ଲୁହା ମଧ୍ୟ ଭାରତରେ ପ୍ରସ୍ତୁତ ହେଉଛି। କଳଙ୍କହୀନ ଲୌହସ୍ତମ୍ଭମାନ ଠିଆ ହୋଇଛି।

ଉଇଲିୟମ ଏଡ୍‌ମନଙ୍କ ଦସ୍ତାବିଜ ଅନୁସାରେ ଆନ୍ଧ୍ରପ୍ରଦେଶର କାବେରୀ ନଦୀ ପାଖରେ, ବିଶାଖାପାଟଣାଠାରୁ କିଛି ଦୂରରେ ଏକ ଗୁରୁକୁଳ ଥିଲା, ଯେଉଁଠାରେ ସିଭିଲ ଇଞ୍ଜିନିୟରିଂ ପାଠ ପଢ଼ାଯାଉଥିଲା। ସେହି ଗୁରୁକୁଳର ଆଚାର୍ଯ୍ୟ ଓ ବିଦ୍ୟାର୍ଥୀମାନେ ଏକତ୍ର ହୋଇ ୧୨୩୮ ମସିହାରେ ପୃଥିବୀର ପ୍ରଥମ ନଦୀବନ୍ଧ ବାନ୍ଧିଥିଲେ। ୧୮୩୫ ମସିହା ବେଳକୁ ଭାରତବର୍ଷର ବିଭିନ୍ନ ସ୍ଥାନରେ ଏକ ଏକର ଜମିରେ ୫୬ କୁଇଣ୍ଟାଲ ଧାନ ଅମଳ ହେଉଥିଲା। ଏବେ କୌଣସି ବିଶ୍ୱବିଦ୍ୟାଳୟ ଏକ ଏକର ଜମିରେ ୩୦ କୁଇଣ୍ଟାଲରୁ ଅଧିକ ଧାନ ଫଳାଇ ପାରୁନାହାନ୍ତି। ମ୍ୟାକେଲ କହିଥିଲେ, ଭାରତକୁ ଯଦି ଗୋଲାମ ବନାଇବାକୁ ଚାହୁଁ, ତେବେ ସେମାନଙ୍କର ବଳିଷ୍ଠ ଶିକ୍ଷା ପ୍ରଣାଳୀକୁ ଭାଙ୍ଗିବାକୁ ପଡ଼ିବ। ବ୍ରିଟିଶ ସରକାର ଅଧିନିୟମ ବଳରେ ଭାରତୀୟ ଶିକ୍ଷା ପ୍ରଣାଳୀକୁ ତଥା ସଂସ୍କୃତ ଶିକ୍ଷା, ସ୍ଥାନୀୟ ଭାଷା ଦ୍ୱାରା ଦିଆଯାଉଥିବା ଶିକ୍ଷା ବ୍ୟବସ୍ଥାକୁ ବେଆଇନ ଘୋଷଣା କଲେ। ବିଭିନ୍ନ ଆଳ ଦେଖାଇ ଗୁରୁକୁଳଗୁଡିକୁ ବନ୍ଦ କରାଇଦେଲେ। ଇଂଲିଶ ଶିକ୍ଷା ପ୍ରଣାଳୀ ପ୍ରଚଳନ କରାଗଲା। ଇଂରେଜମାନଙ୍କ ଶିକ୍ଷା ପ୍ରଣାଳୀ ଦ୍ୱାରା ପ୍ରଭାବିତ ହୋଇ ବିକଶିତ ଭାରତବର୍ଷ ବିକାଶଶୀଳ ଦେଶଗୁଡ଼ିକ ଶ୍ରେଣୀରେ ଆସି ଠିଆ ହେଲା। ଏବେ ସମୟ ଆସିଛି ଆମେ ପ୍ରାଚୀନ ଭାରତୀୟ ଶିକ୍ଷାକୁ ପୁନଃ ଅଗ୍ରାଧିକାର ଦେଇପାରିଲେ ଦେଶର ମଙ୍ଗଳ ହେବ।

ମୋ-୯୯୩୭୮୪୦୩୮୭,
Email: pattnaik,trinath14@gmail.com

# ନବଘନିଆର ଘର ଚିନ୍ତା



## ବିଜୟ ଦାସ

ନବଘନିଆର ଏଇ କେଇଦିନ ହେବ ଘର ଚିନ୍ତା ସାମାନ୍ୟ ବଢ଼ିଯାଇଛି। କାରଣ ଲଘୁଚାପଜନିତ ପ୍ରବଳ ବର୍ଷାରେ ତା'ର ଚାଳଘରେ ଆଣ୍ଠୁଏ ପାଣି ଦେଖି ସେ ଆଉ ସ୍ତ୍ରୀର କଟୁ ମନ୍ତବ୍ୟ ସହିପାରୁନାହିଁ। ଦୀର୍ଘ ସତର ଅଠର ବର୍ଷ ତଳେ ମହାବାତ୍ୟା ପରେ ନବଘନିଆ ତା' ବୁଢ଼ାବାପାଙ୍କ ନାଁରେ ଇନ୍ଦିରା ଆବାସ ବଖରାଏ ପାଇଥିଲା। ସେତେବେଳର ପଞ୍ଚାୟତ ସମ୍ପାଦକ ସିମେଣ୍ଟ, ରଡ ଓ ବାଲି ଗୋଡି ବେପାର କରୁଥିବା ନିଜ ପୁଅଠାରୁ ଏସବୁ କିଣିବା ପାଇଁ ଏକ ପ୍ରକାର ବାଧ୍ୟଥିଲେ। ସେ ଏମିତି ବିଲ୍ କଲେ ଯେ ଛାତ ଘରଟି ଛାତ ପତନ ପର୍ଯ୍ୟନ୍ତ ନିର୍ମିତ ହୋଇ ଅଧାରେ ରହିଗଲା। କିନ୍ତୁ ସରକାରୀ କାଗଜପତ୍ରରେ ନବଘନିଆ ଶୁଣିଥିଲା ତା' ବାପାଙ୍କ ନାଁରେ ମିଳିଥିବା ଘର ପୂର୍ଣ୍ଣାଙ୍ଗ ହୋଇସାରିଛି।

ଇତିମଧ୍ୟରେ ବାପାଙ୍କର ଦେହାନ୍ତ ହୋଇ ସାରିଛି। ନବଘନିଆ ସେଇ ଇଟାକାନ୍ଥ ଉପରେ ବାଉଁଶ ପକାଇ ନଡାଛପର କରି ଦୁଃଖରେ ଚଳୁଥିଲା। ହେଲେ ଏବେ ସରକାରଙ୍କ ଉପରେ ତା'ର ବିଶ୍ୱାସ ଓ ଭରସା ବଢ଼ିଯାଇଛି। ଇନ୍ଦିରା ଆବାସ ପ୍ରଧାନମନ୍ତ୍ରୀ ଆବାସ ତଥା ବିଜୁ ପକ୍କାଘର ଭାବରେ ସାଧାରଣ ଲୋକଙ୍କ ପାଇଁ ଆବଣ୍ଟନ ହେଉଛି। ସେଦିନର ବାଇଶ ହଜାର ଟଙ୍କାର ଇନ୍ଦିରା ଆବାସ ଆଜି ଏକ ଲକ୍ଷ ଟଙ୍କାର ପ୍ରଧାନମନ୍ତ୍ରୀ ଆବାସ ତଥା ବିଜୁ ପକ୍କା ଘରରେ ପରିଣତ ହେଲାଣି। ଏଥିସହିତ ସ୍ୱଚ୍ଛ ପରିମଳ ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପାଇଖାନା ବ୍ୟବସ୍ଥା ସାଙ୍ଗକୁ ଚାରିମାସ ଭିତରେ ବିଜୁ ପକ୍କାଘର ବା ପ୍ରଧାନମନ୍ତ୍ରୀ ଆବାସ ପୂର୍ଣ୍ଣାଙ୍ଗ କରିପାରୁଥିବା ବ୍ୟକ୍ତିଙ୍କୁ ଅଧିକ କୋଡିଏ ହଜାର ଟଙ୍କା ପୁରସ୍କାର ସ୍ୱରୂପ ପ୍ରଦାନ କରୁଛନ୍ତି। ତେଣୁ ନବଘନିଆ ଟିକେ ଅଧିକ ଉତ୍ସାହିତ ହୋଇପଡିବା ସ୍ୱାଭାବିକ। କାରଣ ସେ ନେତାଙ୍କ ପାଖ ଲୋକ ହୋଇଥିବାରୁ ଏଇ କେଇବର୍ଷ ହେଲା ତା'ର ଭାଉ ଟିକେ ବଢିଯାଇଛି। ନିର୍ବାଚନ ପାଖେଇ ଆସିଲେ ନବଘନିଆ ନେତାଙ୍କ ସହିତ ଅନ୍ତରଙ୍ଗ ହୋଇଯାଏ। ଏଥର ନବଘନିଆ ଓ ତା' ଦଳ ଲୋକଙ୍କର ନିରବଚ୍ଛିନ୍ନ ଚେଷ୍ଟା ଫଳରେ ବିଧାୟକ ପୁଣିଥରେ ଜିତିଲେ। ସେଥିପାଇଁ ସେ ତା' ଦଳର ନେତାଙ୍କଠାରୁ କିଛି ବି ନିର୍ବାଚନୀ ଖର୍ଚ୍ଚ ନେଇ ନ ଥିଲା। କାରଣ ବିଶ୍ୱାସ ଥିଲା ତା' ଦଳ ଏଥର ଜିତିଲେ ସାହିବସ୍ତିରେ ଥିବା ଅଧୁରା କାମସବୁ ପୂର୍ଣ୍ଣାଙ୍ଗ ହେବ। ତା' ପାଇଁ ଘର ଖଣ୍ଡେ ମିଳିବା ଗୋଟେ ସାମାନ୍ୟ କଥା। ସିଏ ବି କେତେ ଲୋକଙ୍କ ପାଇଁ ବିଧାୟକଙ୍କ ପାଖରେ ହାତ ବାଡେଇ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଡିମାଣ୍ଡ କରିବ। ହେଲେ ବାସ୍ତବରେ ସେମିତି କିଛି ହେଲା ନାହିଁ। ନବଘନିଆ କିଛି କହିଲେ ବିଧାୟକ ପିଠି ଥାପୁଡେଇ ମୁରୁକି ହସିଦେଇ ଦଳ ପାଇଁ କାମ କରିବାକୁ ଉପଦେଶ ଦିଅନ୍ତି। ଦିନେ ନବଘନିଆ ନିଷ୍ପତ୍ତି ନେଲା ଆଜି ବିଧାୟକଙ୍କ ସହିତ କିଛି ଗୋଟେ ଫାଇନାଲ କରିବାକୁ ପଡିବ। ଆମେ ଦଳ ପାଇଁ ରାତିଦିନ ଖଟିବୁ ଅଥଚ ଅନ୍ୟମାନେ ସୁବିଧା ନେବେ ? ଏଇକଥା ଭାବି ନବଘନିଆ ସେଦିନ ଘର ଖଣ୍ଡିଏ ପାଇବା ପାଇଁ ବିଧାୟକଙ୍କ ନିକଟରେ ଗୁହାରି କରିଥିଲା। ମାତ୍ର ବିଧାୟକ ପୂର୍ବପରି ମୁରୁକୁନ୍ଦିଆ ହସ ହସି ନବଘନିଆର ପିଠି ଥାପୁଡେଇ ପେଟକୁ ଚିମୁଟି ଦେଇଥିଲେ। ଦଳ ଭିତରେ ଥାଇ ନବଘନିଆ ଏଯାଏ ବହୁ ସୁବିଧା ସୁଯୋଗ ପାଉଥିବା ବିଧାୟକ ତାକୁ ସ୍ମରଣ କରାଇ ଦେଇଥିଲେ। ପାଞ୍ଚଟଙ୍କିଆ ଡାଲମାଭାତଠାରୁ ଆରମ୍ଭକରି ଖାଉଟି କାର୍ଡ ମାଧ୍ୟମରେ ସେ ଟଙ୍କିକିଆ ଚାଉଳ ବି ପାଉଛି। ଏସବୁ ତ ସରକାରୀ ଦଳ ହିଁ ତା' ପାଇଁ ବ୍ୟବସ୍ଥା କରିଛି ନା। ଏସବୁ କହିବା ସହିତ ଲିଷ୍ଟରେ ଥିବା ହିତାଧିକାରୀଙ୍କ କ୍ରମ ଅନୁସାରେ ସମୟ ଆସିଲେ ତାକୁ ଘର ପ୍ରଦାନ କରାଯିବ ବୋଲି ବିଧାୟକ ଆଶ୍ୱାସନା ଦେଇଥିଲେ। ଏହା ପରେ ବି ନବଘନିଆ ବୁଝିସାରିଥିଲା ଯେ, ବିଧାୟକ ଭଲଭାବରେ ଜାଣିଛନ୍ତି ସେ କେବେ ଦଳ ଛାଡିବ ନାହିଁ। ବରଂ ନବଘନିଆ ପାଇଁ ଉଦ୍ଦିଷ୍ଟ ଘର ଖଣ୍ଡିକ ବିରୋଧୀ ଦଳର କୌଣସି ବ୍ୟକ୍ତିଙ୍କୁ ପ୍ରଦାନ କରି ଦଳ ପାଇଁ କିଛି ଭୋଟ ହାତେଇବା ମତଲବରେ ସେ ଥିଲେ। ସେଦିନ ଭଗ୍ନମନରେ ନବଘନିଆ ଘରେ ପହଞ୍ଚିଥିଲା। ଲଘୁଚାପଜନିତ ବର୍ଷାରେ ଭାଙ୍ଗିଯାଇଥିବା ତା' ଚାଳଘର କାନ୍ଥକୁ ଲିପାପୋଛା କରୁଥିବା ସ୍ତ୍ରୀର ଶୁଖିଲା ମୁହଁକୁ ଦେଖି ନବଘନିଆ କଟକ, ଭୁବନେଶ୍ୱରର ବଡବଡିଆ ବାବୁମାନଙ୍କ ଘରେ ଲଘୁଚାପ ବର୍ଷା ଯୋଗୁ ପାଣି ପଶିଯାଉଥିବା କଥା କହି ଆଶ୍ୱାସନା ଦେଇଥିଲେ ବି ନିଜେ ସରକାରୀ ଘର ଖଣ୍ଡିଏ ନ ପାଇବାର ଦୁଃଖରୁ ନିଜକୁ ମୁକୁଳେଇ ପାରି ନ ଥିଲା।

ବରମୁଣ୍ଡଳି, ବାଲିକୁଦା, ମୋ-୯୧୭୮୦୫୯୫୮୦

## ଏଇ ଭାରତରେ

କେରଳ ବର୍ତ୍ତମାନ ଏକ ବନ୍ୟାବିପନ୍ନ ରାଜ୍ୟ ହୋଇଥିବା ବେଳେ ରାଜ୍ୟବାସୀଙ୍କୁ ସାନ୍ତ୍ୱନା ଦେବା ମୁଖ୍ୟ ପ୍ରସଙ୍ଗ ହୋଇଛି। ଏଥିପାଇଁ କିଏ କେତେ ସାହାଯ୍ୟ ସହଯୋଗ କରୁଛନ୍ତି। କିନ୍ତୁ ଜଣେ ନୃତ୍ୟଶିଳ୍ପୀ ତାଙ୍କର ନୃତ୍ୟ ମାଧ୍ୟମରେ କେରଳବାସୀଙ୍କୁ ପ୍ରବୋଧନା ଦେବାକୁ ଚାହାନ୍ତି। ସେମାନଙ୍କ ଭଙ୍ଗାମନକୁ ଯୋଡିବା ଲାଗି ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟର (ଆଇଆଇସି)ର ପଦ୍ମଶ୍ରୀ ଭାରତୀ ଶିବାଜୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯିବ। ମୋହିନୀଆଟମ୍ ପାଇଁ ଉଦ୍ଦିଷ୍ଟ ଡ୍ୟାନ୍ସ ଏକାଡେମୀ ସେଣ୍ଟର୍ ଦ୍ୱାରା 'କେରଳ ସ୍ମୃତି' ନାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ୭୦ବର୍ଷ ବୟସ୍କା ଭାରତୀଙ୍କ ଦ୍ୱାରା ମୋହିନୀଆଟମ୍ ପ୍ରତିଷ୍ଠା ହୋଇଥିଲା। ରାଜ୍ୟର ପାରମ୍ପରିକ ନୃତ୍ୟ ମୋହିନୀଆଟମ୍ କ୍ଷେତ୍ରରେ ଭାରତୀ ଜଣେ ନିପୁଣ ନୃତ୍ୟଶିଳ୍ପୀ ଭାବରେ ପରିଚିତ। ଭାରତୀ ତାଙ୍କର ଶିଷ୍ୟାମାନଙ୍କ ସହିତ ଏହି ନୃତ୍ୟ ପରିବେଷଣ କରିବେ। ଏମାନେ ସମସ୍ତେ ଜଣେ ଜଣେ ପ୍ରତିଷ୍ଠିତ ନୃତ୍ୟଶିଳ୍ପୀ। ଏହି ଶାସ୍ତ୍ରୀୟ ନୃତ୍ୟ ହତାଶ କେରଳବାସୀଙ୍କ ଉଦ୍ଦେଶ୍ୟରେ ସମର୍ପଣ କରାଯାଉଥିବାରୁ ସେମାନଙ୍କ ସୁଖସନ୍ତୋଷ ପାଇଁ ଏହା ଅଭିପ୍ରେତ। କେରଳବାସୀଙ୍କ ଦୁର୍ଦ୍ଦିନରେ ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ ସେମାନଙ୍କୁ ସାହସ ଓ ଧୈର୍ଯ୍ୟ ଧରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ଭାରତୀ ଏକ ବିବୃତିରେ ପ୍ରକାଶ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୫ ସେପ୍ଟେମ୍ବର ୧୯୯୩

- ରାଜୀବ ଗାନ୍ଧୀ ହତ୍ୟା ଷଡ଼ଯନ୍ତ୍ରର ତଦନ୍ତ କରୁଥିବା ଜୈନ କମିଶନଙ୍କ କାର୍ଯ୍ୟକାଳକୁ ଅଧିକ ୬ ମାସ ବଢ଼ାଇ ଦିଆଯାଇଛି।
- ଜାପାନର ଦକ୍ଷିଣାଞ୍ଚଳରେ ଭୟଙ୍କର ତୋଫାନ ହେବା ଫଳରେ ୪୫ ଜଣଙ୍କ ପ୍ରାଣହାନି ଘଟିଛି।

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି-ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ।
ଦେଖ ସାଗର ଦେଖ ଗୋ ନଦୀ
ପୂରୁବ ସ୍ନେହ ରହିଛି ଯଦି
ହତାଶ ଆଜି ତୃଷିତ କବି
ଭୁବନଗୋଟା ଶିରରେ ଲଦି।

(କବିର ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 3 | | | 5 | | 7 | | |
| | | | | 1 | 2 | | | C | | | | B | | |
| A | 4 | E | 7 | 5 | | | 9 | | 3 | | | | 0 | |
| 7 | 2 | | A | | | B | E | | | | | | 4 | 6 |
| | | | B | 3 | 4 | 7 | | | | 0 | | | | 9 |
| | | | | | 0 | | | | | | 2 | 5 | | 4 |
| | | | | | E | 4 | | 6 | | | | | 2 | 7 |
| | 8 | B | 2 | | | | | | | | | 1 | 6 | D |
| | 5 | A | 8 | | 9 | | | | | E | B | | | |
| | | 7 | 1 | | | | | | 4 | | 8 | 9 | | B |
| | A | | E | | 1 | | | | | C | 6 | 8 | 5 | |
| | | 2 | | | A | | 5 | | | | | | 3 | |
| 8 | | 5 | | | | | | E | | D | | 6 | | |
| B | | | 5 | | | | 4 | 8 | | | 9 | | | 1 |
| | E | | | 7 | C | 3 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | C | 9 | 2 | 1 | 0 | A | B | 3 | 7 | 5 | 8 | 6 | 4 | E |
| E | 1 | 8 | A | D | B | 4 | 5 | 2 | 0 | C | 6 | 9 | 3 | 7 |
| 3 | B | 0 | 6 | 9 | 7 | 8 | E | D | 2 | 1 | 4 | A | C | 5 |
| 2 | A | 5 | 3 | 4 | C | 6 | 9 | 7 | D | E | B | 8 | 1 | 0 |
| 6 | 4 | 7 | 8 | E | 5 | 1 | C | 0 | 9 | 3 | A | D | 2 | B |
| 7 | 5 | 4 | B | 6 | 8 | 0 | 1 | C | E | A | 2 | 3 | 9 | D |
| C | D | E | 4 | 2 | 1 | 3 | 8 | 9 | 6 | 7 | 5 | B | 0 | A |
| A | 2 | 3 | D | C | 9 | E | 4 | 6 | 1 | B | 0 | 7 | 5 | 8 |
| 8 | 6 | 1 | 0 | 3 | A | B | 7 | 5 | C | 9 | D | 4 | E | 2 |
| 0 | 9 | B | 7 | 5 | E | D | 2 | A | 4 | 8 | 3 | C | 6 | 1 |
| 4 | 7 | A | E | 8 | 6 | 5 | 0 | 1 | 3 | D | C | 2 | B | 9 |
| 1 | 8 | D | 5 | 0 | 2 | C | 3 | B | A | 4 | 9 | E | 7 | 6 |
| B | 3 | C | 9 | 7 | D | 2 | 6 | E | 8 | 0 | 1 | 5 | A | 4 |
| 5 | E | 2 | 1 | A | 3 | 9 | D | 4 | B | 6 | 7 | 0 | 8 | C |
| 9 | 0 | 6 | C | B | 4 | 7 | A | 8 | 5 | 2 | E | 1 | D | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁରୁଦିବସର ଅନୁଚିନ୍ତା

ମହାଶୟ,

ଚାଟଶାଳୀର ଅବଧାନେ ହୁଅନ୍ତୁ ବା ନିମ୍ନ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବହୁ କଠିନ ପରିଶ୍ରମ କରି ଅ, ଆ, କ, ଖରୁ ଶିକ୍ଷା ଆରମ୍ଭ କରି ଆମକୁ ମଣିଷ ଭାବେ ଗଢ଼ିତୋଳିବାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଆଜି ଆମ୍ଭମାନଙ୍କ ଭିତରେ ତାଙ୍କରି ହାତଗଢ଼ା ମଣିଷଙ୍କ ମଧ୍ୟରେ ଅଛନ୍ତି ବିଧାୟକ, ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, ଡାକ୍ତର, ଇଞ୍ଜିନିୟର, ବିଚାରକ, ଅଧ୍ୟାପକ ପ୍ରମୁଖ। କିନ୍ତୁ ଦୁଃଖର କଥା, ଆମେ ଆଜି ଆମର ପ୍ରଥମ ଗୁରୁଙ୍କୁ ପୂରାପୂରି ଭୁଲିଯାଇଛୁ। ଆମେ ଭୋଗବିଳାସରେ ବୁଡି ରହିଥିବା ବେଳେ ସେମାନେ ଦୁଃଖଦୈନ୍ୟ ମଧ୍ୟରେ କାଳାତିପାତ କରୁଛନ୍ତି। ଗୁରୁମାନେ ଦେବତାଙ୍କ ସହ ସମାନ। ଆମ ଉନ୍ନତିରେ ବେଶି ଗର୍ବିତ ହୁଅନ୍ତି ସେମାନେ। ଆଜି ଯଦି ଏହି ପବିତ୍ର ଗୁରୁଦିବସରେ ଆମେ ଆମ କାର୍ଯ୍ୟରୁ ସମୟ ବାହାର କରି ସେହି ମଣିଷଗଢ଼ା ଶିକ୍ଷକମାନଙ୍କ ପାଖରେ ଛିଡ଼ାହୁଅନ୍ତେ ଓ ତାଙ୍କ ଦୁଃଖ ଦୂର କରିବା ପାଇଁ ଚେଷ୍ଟା କରନ୍ତେ, ତାହାହେଲେ ତାଙ୍କ ଆଶୀର୍ବାଦର ହାତ ଆମର ମୁଣ୍ଡ ଉପରକୁ ଉଠିଆସନ୍ତା ଓ ଆମେ ଆମର କର୍ତ୍ତବ୍ୟ କରିଛେ ବୋଲି ନିଜକୁ ଧନ୍ୟ ମନେକରନ୍ତେ। ଏହି ପରିପ୍ରେକ୍ଷୀରେ ଧରିତ୍ରୀ (୨୫।୮)ରେ ପ୍ରକାଶିତ ଡ. ଛାୟାକାନ୍ତ ଷଡ଼ଙ୍ଗୀଙ୍କ 'ଗଧରୁ ମଣିଷ' ଆଲେଖ୍ୟଟି ପ୍ରଣିଧାନଯୋଗ୍ୟ।

ଭଗବାନ ଦାସ, ଅବସରପ୍ରାପ୍ତ ଶିକ୍ଷକ,
ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଶ୍ରୀମନ୍ଦିର ମଧ୍ୟକୁ ଅଣହିନ୍ଦୁଙ୍କ ପ୍ରବେଶ

ସୁପ୍ରିମକୋର୍ଟର ଏକ ପ୍ରସ୍ତାବ ଅନୁଯାୟୀ, ପୁରୀ ଶ୍ରୀମନ୍ଦିର ମଧ୍ୟକୁ ସବୁଧର୍ମର ଲୋକଙ୍କ ପ୍ରବେଶ ପ୍ରସଙ୍ଗକୁ ନେଇ ତର୍କବିତର୍କ ଚାଲିଛି। ଯଦି କୋର୍ଟଙ୍କ ଆଦେଶ ଅନୁଯାୟୀ ଏହା କାର୍ଯ୍ୟକାରୀ ହୁଏ, ତେବେ ରଥଯାତ୍ରା-ବାହୁଡାଯାତ୍ରା ପର୍ବର ଆଉ ଆବଶ୍ୟକତା ନାହିଁ। ସ୍ୱାଧୀନତା ପୂର୍ବରୁ ମୋଗଲମାନଙ୍କ ସମୟରେ ଯବନ ଶାସକ ସବୁ ମନ୍ଦିରକୁ ଧୂଳିସାତ୍ କରି ମୂଲ୍ୟବାନ୍ ମୂର୍ତ୍ତି ଓ ଧନରତ୍ନ, ଅଳଙ୍କାର ଲୁଟ୍ କରୁଥିଲେ। ଠାକୁରଙ୍କୁ ବିଧର୍ମୀଙ୍କ କବଳରୁ ରକ୍ଷା କରିବାକୁ ଯାଇ ବିଭିନ୍ନ ସ୍ଥାନରେ ଲୁଚାଇ ରଖୁଥିଲେ ଓ ମନ୍ଦିରର ସୁରକ୍ଷା ପାଇଁ ଜାଗା ଘର ଓ ମଠର ପ୍ରତିଷ୍ଠା ହୋଇଥିଲା। ଏବେ ମଧ୍ୟ ଆତଙ୍କବାଦୀଙ୍କ ଉତ୍ପାତ ଓ ଧମକ କମ୍ ନୁହେଁ। ତେଣୁ ସୁରକ୍ଷା ଓ ଶାସ୍ତ୍ରୀୟ ମତକୁ ଭିତ୍ତିକରି ଅଣହିନ୍ଦୁଙ୍କୁ ମନ୍ଦିର ମଧ୍ୟକୁ ପ୍ରବେଶ କରିବାକୁ ଅନୁମତି ଦିଆ ନ ଯାଉ। ପୁରୀ ଶଙ୍କରାଚାର୍ଯ୍ୟ, ଗଜପତି ଓ ଓଡ଼ିଶାର ବିଦ୍ୱାନ୍ ନାଗରିକଙ୍କ ମତଗୁଡ଼ିକର ସମୀକ୍ଷା କରାଯାଉ।

ଡା. ଦେବଦତ୍ତ ମିଶ୍ର, ରେଡ୍‌କ୍ରସ ରୋଡ୍, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମଣ୍ଟୁ ପାତ୍ର ହତ୍ୟା ମାମଲା

# ସ୍ତ୍ରୀଙ୍କୁ ମାରାଥନ ଜେରା

**ଢେଙ୍କାନାଳ ଅଫିସ, ୪।୯**

ସୁନା ବ୍ୟବସାୟୀ ମଣ୍ଟୁ ପାତ୍ର (୪୨) ହତ୍ୟାକାଣ୍ଡର ୨୪ ଘଣ୍ଟା ପରେ ବି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନାହିଁ। ହତ୍ୟାକାଣ୍ଡସ୍ଥଳରୁ ମିଳିଥିବା ପ୍ରମାଣ ଆଧାରରେ ପୋଲିସ ଖୋଳତାଡ଼ ଜାରିରଖିଛି। ଅନ୍ୟପଟେ ମୃତକଙ୍କ ପୈତୃକ ଗ୍ରାମ ପଶ୍ଚିମବଙ୍ଗ ପୂର୍ବମେଦିନୀପୁର ଘାଣ୍ଟାଲ ଥାନା ଖଡ଼ାଲ ଫାଣ୍ଡି ପରମାଣିକପାଟିରୁ ତାଙ୍କ ଭାଇମାନେ ପହଞ୍ଚିବା ପରେ ମଙ୍ଗଳବାର ମଧ୍ୟାହ୍ନରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ବଡ଼ଭାଇ ସନ୍ତ ପାତ୍ର ଏବଂ ଅନ୍ୟ ସମ୍ପର୍କୀୟମାନେ ମୃତଦେହ ଗ୍ରାମକୁ ନେଇଯାଇଛନ୍ତି। ମୁଖାଗ୍ନି ଦେବା ପାଇଁ ମଣ୍ଟୁଙ୍କ ବଡ଼ ପୁଅ ସୂର୍ଯ୍ୟ (୧୪) ସେମାନଙ୍କ ସହ ଯାଇଛନ୍ତି। ଅନ୍ୟପଟେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ ପାଇଁ ସ୍ତ୍ରୀ ଅରୁଣାଙ୍କୁ ମାରାଥନ ଜେରା ଚାଲିଛି। ଏପରି କି ସ୍ୱାମୀଙ୍କ ମୃତଦେହ ସହ ଯିବାକୁ ଚାହିଁବାରୁ ତାଙ୍କୁ ପୋଲିସ ବାରଣ କରିଛି।

ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଅଧିକାଂଶ ସମୟରେ ସେମାନେ ମାଡ଼ଗୋଳ ହେଉଥିଲେ। ଏ ସମ୍ପର୍କରେ ମଣ୍ଟୁ ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିବା ପୋଲିସ ଜାଣିବାକୁ ପାଇଛି। ହେଲେ ଦମ୍ପତିଙ୍କ ଗଣ୍ଡଗୋଳର କାରଣ କ'ଣ ହୋଇଥାଇପାରେ, ହତ୍ୟାକାଣ୍ଡ ପଛରେ ଏହାର ସମ୍ପୃକ୍ତି ଅଛି କି ଏସବୁ ରହସ୍ୟ ଉପରୁ ପରଦା ଉଠାଇବାକୁ ଉଦ୍ୟମ ଆରମ୍ଭ କରିଛି ପୋଲିସ।

ଏ ସମ୍ପର୍କରେ ଏସ୍‌ପି ସନ୍ତୋଷ କୁମାର ନାୟକ କୁହନ୍ତି, ମୃତ ମଣ୍ଟୁଙ୍କ ସହ କାହାରି ବ୍ୟବସାୟିକ ଶତ୍ରୁତା ନ ଥିବା ଜଣାପଡୁଛି। ଅପରାଧୀଙ୍କୁ ଧରିବାକୁ ଉଦ୍ୟମ ଚାଲିଛି। ଖୁବ୍‌ଶୀଘ୍ର ରହସ୍ୟ ଉନ୍ମୋଚିତ ହେବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ମଣ୍ଟୁ ଦୀର୍ଘ ୨୦ବର୍ଷ ହେଲା ଢେଙ୍କାନାଳରେ ସୁନା ମରାମତି ବ୍ୟବସାୟ କରୁଥିଲେ। ସ୍ଥାନୀୟ ଗାନ୍ଧୀ ମନ୍ଦିର ରୋଡରେ ଜଗନ୍ନାଥ ୱାର୍କସପ୍ ନାମରେ ତାଙ୍କର ଏକ ଦୋକାନ ଅଛି। ସୋମବାର ଅପରାହ୍ନ ପ୍ରାୟ ୨ଟା ୪୫ରେ ଘର ଭିତରେ ମଣ୍ଟୁଙ୍କୁ ନିର୍ମମ ଭାବେ ତଣ୍ଟିକାଟି ହତ୍ୟା କରାଯାଇଥିଲା। ଏ ସଂକ୍ରାନ୍ତରେ ଥାନାରେ ନଂ.୨୪୫/୧୮ରେ ମାମଲା ରୁଜୁ କରାଯାଇଛି।

## ବନ୍ଦ ହେଲା ପ୍ରସ୍ତାବିତ ଗୋଲାପ ବଗିଚା ପ୍ରକଳ୍ପ

# ଫେରିଯିବ ୬ କୋଟି ଅନୁଦାନ

**ଢେଙ୍କାନାଳ ଅଫିସ, ୪।୯**



ଆନ୍ତରିକତା ଅଭାବରୁ ଢେଙ୍କାନାଳ ସଦର ବ୍ଲକ ଗୋହିରାଖାଲରେ ଉଦ୍ୟାନ ବିଭାଗ ପକ୍ଷରୁ ପ୍ରସ୍ତାବିତ ଗୋଲାପ ବଗିଚା ପ୍ରକଳ୍ପ ବନ୍ଦ ହୋଇଯାଇଛି। ଏଥି ଲାଗି ମଞ୍ଜୁର ହୋଇଥିବା ୬ କୋଟି ଟଙ୍କା ଫେରିଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଜିଲାର ଫୁଲ ଚାଷୀଙ୍କୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାରଙ୍କ ଉଦ୍ୟାନ ମିଶନ ପକ୍ଷରୁ ୬ କୋଟି ଟଙ୍କା ଅନୁଦାନରେ ଗୋହିରାଖାଲରେ ଏକ ଗୋଲାପ ବଗିଚାର ପରିକଳ୍ପନା କରାଯାଇଥିଲା। ୪୦ ଏକର ଜମିରେ ହେବାକୁ ଥିବା ଏହି ବଗିଚା ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା। ଏଠାରୁ ଉତ୍ପାଦିତ ଗୋଲାପ ଦେଶର ବିଭିନ୍ନ ସ୍ଥାନ ସମେତ ବିଦେଶକୁ ରପ୍ତାନି କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା। ହେଲେ ଦୂରଦୃଷ୍ଟି ଅଭାବରୁ ଏହା ବନ୍ଦ ହୋଇଯାଇଥିବା ଜଣାପଡ଼ିଛି।

ଏ ସଂକ୍ରାନ୍ତରେ ଜିଲା ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦିଗାମ୍ବର ପଣ୍ଡା କୁହନ୍ତି, ଗୋଲାପ ବଗିଚା ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ୨୦୧୭–୧୮ ଆର୍ଥିକ ବର୍ଷରେ ୬ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହାର କାର୍ଯ୍ୟ ୨୦୧୭ରୁ ଆରମ୍ଭ ହୋଇ ୨୦୧୮ରେ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ପ୍ରକଳ୍ପ ଦାୟିତ୍ୱଧାରୀ ଚାଷୀଙ୍କ ସମସ୍ୟା ହେବାରୁ କାମ ଆରମ୍ଭ ହୋଇପାରିଲାନାହିଁ। ଏଣୁ ଅନୁଦାନ ଫେରିଯିବ। ଏ ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ରାଜ୍ୟ ସରକାରଙ୍କ ପକ୍ଷରୁ ଜିଲାକୁ ସ୍ୱତନ୍ତ୍ର ଧରଣର ପ୍ରକଳ୍ପ ପାଇଁ ଅନୁଦାନ ମିଳୁଛି। ହେଲେ ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ଏହା ପୂର୍ଣ୍ଣାଙ୍ଗ ରୂପ ନେଇପାରୁନାହିଁ। ଜିଲା ପ୍ରଶାସନିକ ଅଧିକାରୀଙ୍କ ଏପରି ଖାମଖିଆଲ ମନୋଭାବକୁ ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି।



ଧାରଣାରତ ଛାତ୍ରୀଛାତ୍ରମାନେ।

# କମ୍ପ୍ୟୁଟର ସାଇନ୍ସ ଛାତ୍ରୀଛାତ୍ରଙ୍କ ଧାରଣା

**ଢେଙ୍କାନାଳ ଅଫିସ, ୪।୯**

ବିଭିନ୍ନ ଦାବି ନେଇ ଢେଙ୍କାନାଳ ସ୍ୱୟଂଶାସିତ କଲେଜ କମ୍ପ୍ୟୁଟର ସାଇନ୍ସ ବିଭାଗ ଛାତ୍ରୀଛାତ୍ର ମଙ୍ଗଳବାର ପ୍ରିନ୍ସିପାଲଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣା ଦେଇଛନ୍ତି। କମ୍ପ୍ୟୁଟର ଓ ଅଧ୍ୟାପକ ଅଭାବ, ପାଠପଢ଼ା ବାବଦରେ ଅଧିକ ଫି ଆଦାୟ ପ୍ରତିବାଦରେ ସେମାନେ ପ୍ରବେଶପଥ ଗ୍ରୀଲରେ ତାଲା ପକାଇ ଧାରଣା ଦେଇଥିଲେ। ଅଧ୍ୟାପକମାନେ ଧାରଣାରତ ଛାତ୍ରୀଛାତ୍ରଙ୍କୁ ଏକ ପ୍ରକୋଷ୍ଠକୁ ନେଇ ବୁଝାଶୁଝା କରିବାପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ସଂକ୍ରାନ୍ତରେ କଲେଜ ଅଧ୍ୟକ୍ଷା ଡ. ରଶ୍ମି ମିଶ୍ର, ଅଧ୍ୟାପକ ଦେବାଶିଷ ମହାନ୍ତି କୁହନ୍ତି, ଏହା ଏକ ସେଲ୍‌ଫ ଫାଇନାନ୍ସ କୋର୍ସ। କଲେଜ କର୍ତ୍ତୃପକ୍ଷ ଚାହିଁଲେ ମଧ୍ୟ କିଛି କରିପାରିବେ ନାହିଁ। ସରକାରୀସ୍ତରରେ ନିର୍ଦ୍ଧାରିତ ପାଠ୍ୟକ୍ରମ ଅନୁଯାୟୀ କାର୍ଯ୍ୟକ୍ରମ ଚାଲିଥିବା ଉଭୟେ ସୂଚନା ଦେଇଛନ୍ତି।




**ଶ୍ରୀ ବଦ୍ରିନାରାୟଣ ପାତ୍ର**
ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ, ଓଡ଼ିଶା

**ବାର୍ତ୍ତା**

ପବିତ୍ର ଗୁରୁଦିବସ–୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଶିକ୍ଷକମାନେ ସମାଜର ମାର୍ଗଦର୍ଶକ। ଉତ୍ତମ ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ସମର୍ପିତ ନାଗରିକ ସୃଷ୍ଟି କରିଥାନ୍ତି। ସରକାରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀମାନେ ଶିକ୍ଷା ଅଧିକାର ଆଇନର ସଠିକ୍ ରୂପାୟନ ଓ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ଅଧିକ ସମୃଦ୍ଧ ହୋଇପାରିବ।

ଆସନ୍ତୁ ଗୁରୁ–ଶିଷ୍ୟ ପରମ୍ପରାର ଏହି ମହାନ୍ ଦିବସ ପାଳନ ଅବସରରେ ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ଶିକ୍ଷାୟତନଗୁଡ଼ିକୁ ଜ୍ଞାନକେନ୍ଦ୍ର ଭାବେ ଗଢ଼ି ତୋଳିବାର ସଂକଳ୍ପ ନେବା।

(ବଦ୍ରିନାରାୟଣ ପାତ୍ର)
୦୪.୯.୧୮



**ଗୁରୁଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଶୁଭେଚ୍ଛା ବାର୍ତ୍ତା**



ଗୁରୁଦିବସ–୨୦୧୮ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ। ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି।

( ନବୀନ ପଟ୍ଟନାୟକ )



**ପୂର୍ବ ତଟ ରେଳପଥ**

**ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଇ-କ୍ରୟ ପ୍ରଣାଳୀ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.PCEECoR1819TP06-08 ତା.31.08.2018ରିଖ

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମହାପ୍ରବନ୍ଧକ/ଇଂଜିନିୟରିଙ୍ଗ୍, ପୂର୍ବ ତଟ ରେଳପଥ, ଭୁବନେଶ୍ୱର ଦ୍ୱାରା ବିଭିନ୍ନ ପ୍ରକାରର ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ଟେଣ୍ଡର-ସାମଗ୍ରୀ ଏବଂ ସର୍ଭିସ୍ ପୋର୍ଟାଲ ଅଧୀନସ୍ଥ ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ମାଧ୍ୟମରେ ଇ-ବିଡ୍ ଆମନ୍ତ୍ରଣ କରାଯାଉଛି, ଯାହାର ବନ୍ଦ ହେବାର ନିର୍ଦ୍ଧାରିତ ତାରିଖ : ତା.26.09.2018 ରିଖ ଅଟେ। ଯୋଗାଣକାରୀମାନଙ୍କୁ ଅନୁରୋଧ କରାଯାଉଛି ଯେ, ସେମାନେ ଉପରୋକ୍ତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ, ଯେଉଁଥିରେ ଟେଣ୍ଡରଗୁଡ଼ିକ ପ୍ରକାଶ କରାଯାଇଛି ଏବଂ ସଂପୂର୍ଣ୍ଣ ଟେଣ୍ଡର ନଥିପତ୍ରଗୁଡ଼ିକ ଉପଲବ୍ଧ ଅଛି। ଏହି ସାଇଟ୍ ମାଧ୍ୟମରେ ଅନ୍‌ଲାଇନ୍ ପ୍ରସ୍ତାବ ମଧ୍ୟ ଜମା କରାଯାଇପାରିବ। ଇଚ୍ଛୁକ ଟେଣ୍ଡରଦାତାମାନେ ଏହି ସାଇଟ୍ ଅବଲୋକନ କରିବା ସହିତ ସେମାନଙ୍କ ପ୍ରସ୍ତାବ ଦାଖଲ କରିପାରିବେ।

PR-338/J/18-19 | ଉପ ମୁଖ୍ୟ ଯନ୍ତ୍ରୀ/TP, ଭୁବନେଶ୍ୱର



**UTKAL UNIVERSITY OF CULTURE**
Sanskruti Vihar, Madanpur
Bhubaneswar-752054
Phone: (0674) 2972312, Fax: 2972310
Email; mailboxuuc@gmail.com, Website: uuc.ac.in

CAD-792

No. 2050/UUC Dt.01.09.2018

**WALK-IN-INTERVIEW FOR ENGAGEMENT OF RESEARCH ASSISTANTS FOR BHANJA CHAIR OF THE UNIVERSITY**

A walk-in-interview for engagement of Research Assistants for Bhanja Chair of the University will be held on 18.09.2018 at 11.00AM on the Old Campus of the University located at Sardar Patel Hall Complex, Unit-II, Bhubaneswar-751009. For details, please visit University website uuc.ac.in (Recruitment).

*By Order of Vice-Chancellor*

Sd./-
REGISTRAR

03005/11/0016/1819















**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ସରଫେଶୀ ଆକ୍ଟ ୨୦୦୨ ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତିର ଦଖଲ ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨)ର ରୁଲ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଲିଖିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ସେହେତୁ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୯ ଅନୁସାରେ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି ।

ତେଣୁ ବିଶେଷତଃ ଋଣଗ୍ରହୀତା, ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

ଋଣଗ୍ରହୀତାମାନଙ୍କୁ ଅବଗତ କରାଇ ଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାର/ ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ସ୍ୱାଇଁ, ପିତା : ହରିହର ସ୍ୱାଇଁ, ବିଜୁ ପଟ୍ଟନାୟକ ଛକ, ଆର.ସି. ପଟ୍ଟନାୟକ ଲେନ୍, ତୁଳସୀପୁର, କଟକ - ୭୫୩୦୦୮ / ଆକାଉଣ୍ଟ ନଂ. ୩୦୦୧୭୨୯୯୩୩୮ | ଜାମିନ୍‌ଦାର : ଶ୍ରୀମତୀ ରୀତା ବିଶାଳ, ସ୍ୱାମୀ : ୮ ଗୌର କୃଷ୍ଣ ବିଶାଳ, ଶିବଶ୍ରୀ ହାଉସ୍, ମହାନ୍ତି ପଡା, କାଫଲା, ଚାନ୍ଦିନୀ ଚୌକ, କଟକ - ୭୫୩୦୦୨ / ସମ୍ପତ୍ତିର ମାଲିକ: ଶ୍ରୀ ଅରୁଣ କୁମାର ସ୍ୱାଇଁ | ସମ୍ପତ୍ତିର ସମସ୍ତ ଅଂଶ ବିଶେଷ ଯାହାର ମୌଜା: କଟକ ଟାଉନ୍, ଦକ୍ଷିଣ ତୁଳସୀପୁର, ୟୁନିଟ୍ ନଂ.-୮, ତହସିଲ୍ : କଟକ ସଦର, ଥାନା : ବିଡାନାସୀ, ଜିଲ୍ଲା : କଟକ, ଖାତା ନଂ.: ୧୫, ପରିବର୍ତ୍ତିତ ମିୟୁଟେଟେଡ୍ ଖାତା ନଂ.: ୧୭/୮୦, ପ୍ଲଟ ନଂ.: ୩୫୭(ଅଂଶ), ପରିବର୍ତ୍ତିତ ମିୟୁଟେଟେଡ୍ ପ୍ଲଟ ନଂ.: ୩୫୭/୧୪୪୯, କ୍ଷେତ୍ର : ଏକର୦.୦୮୦ଡିସିମିଲି ମଧ୍ୟରୁ ଏକର ୦.୦୫୬ଡିସିମିଲି, କିସମ : ଘରବାଡି, ଚୌହଦୀ : ପୂର୍ବ : ୧୬ଫୁଟ ସମସ୍ତଙ୍କ ରାସ୍ତା, ପଶ୍ଚିମ : ପ୍ଲଟ ନଂ.: ୩୫୬, ଉତ୍ତର : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀ ଲେଙ୍କାଙ୍କ ଜମିର କିଛି ଅଂଶ, ଦକ୍ଷିଣ : ଏହି ପ୍ଲଟରୁ ବିକ୍ରି ହୋଇଥିବା ଶ୍ରୀମତୀ ଦାସଙ୍କ ଜମିର କିଛି ଅଂଶ | ୧୫.୦୨.୨୦୧୮ | ୦୧.୦୯.୨୦୧୮ | ୧୪.୦୨.୨୦୧୮ ସୁଦ୍ଧା ଟ.୧,୧୨,୭୯,୬୭୦/- + ସୁଧ ଏବଂ ସେବାବଦ ଖର୍ଚ୍ଚ |

ସ୍ଥାନ : କଟକ
ତାରିଖ : ୦୪.୦୯.୨୦୧୮

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଭାଇ ହତ୍ୟାକାରୀ ଗିରଫ



ପାଟଣା, ୪।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା ଟାଙ୍ଗରାପଡ଼ା ପଞ୍ଚାୟତ ଗାଲଫୁଲା ଗ୍ରାମର ସାନ ଭାଇ ମାଡ଼ରେ ବଡ ଭାଇଙ୍କ ସୋମବାର ପୂର୍ବାହ୍ନରେ ମୃତ୍ୟୁ ଘଟିଥିଲା। ସାନଭାଇ ନରହରି କମାରଙ୍କ ମାଡ଼ରେ ବଡଭାଇ ନିଳାମ୍ବର କମାରଙ୍କ ଜୀବନ ଚାଲି ଯାଇଥିଲା। ମଙ୍ଗଳବାର ନରହରିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ୨ ଭାଇଙ୍କ ଗାଁରେ କମାର ଶାଳ ରହିଛି। ବଡଭାଇ ନିଳାମ୍ବରଙ୍କ କମାର ଶାଳରେ ଭଲ ଗ୍ରାହକ ହେଉଥିବାରୁ ସାନ ଭାଇ ଉତକ୍ଷିପ୍ତ ହୋଇ ପ୍ରଥମେ ନିଳାମ୍ବରଙ୍କ ମୁଣ୍ଡକୁ ମୁଥ ମାରିବା ପରେ ଷଣ୍ଢୁଆସିରେ ମୁଣ୍ଡକୁ ପ୍ରହାର କରିଥିଲେ। ନିଳାମ୍ବରଙ୍କୁ ଆମ୍ବୁଲାନ୍ସ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ପାଟଣା ପୋଲିସ ମୃତଦେହ ଜବତ କରି ଏକ ମାମଲା (ନଂ.୧୨୧/୧୮) ରୁଜୁ କରିଥିବା ଥାନାଧିକାରୀ ପ୍ରିମୋଦିନୀ ସାହୁ ସୂଚନା ଦେଇଛନ୍ତି।

### ବାଟ ଓଗାଳିଲେ ହାତୀପଲ

କେନ୍ଦୁଝର, ୪।୯(ସ୍ୱ.ପ୍ର.): ଚମ୍ପୁଆ ରେଞ୍ଜ ଅଞ୍ଚଳରେ କିଛି ଦିନ ହେଲା ହାତୀ ପଲ ଉପଦ୍ରପ ଚଳାଇଛନ୍ତି। ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ହାତୀପଲ ଉକ୍ତ ଅଞ୍ଚଳ ଛାଡି ଯାଉ ନ ଥିବାରୁ ଲୋକେ ଭୟରେ ରହୁଛନ୍ତି। ମଙ୍ଗଳବାର ହାତୀପଲ ରିମୁଳି- ଚମ୍ପୁଆ ରାସ୍ତାର ରଜିଆ ଗ୍ରାମ ନିକଟରେ ରାସ୍ତା ଉପରେ ଦୀର୍ଘ ୧ ଘଣ୍ଟାରୁ ଅଧିକ ସମୟ ଧରି ଠିଆ ହୋଇ ରହିଥିଲେ। ଫଳରେ ଯାତାୟାତ ବ୍ୟାହାତ ହୋଇଥିଲା। ଉକ୍ତ ସ୍ଥାନଟି ହାତୀ ଯାତାୟାତ ପଥ ବୋଲି ସୂଚନା ଫଳକ ଲାଗିଛି। ସମୁଦାୟ ମା' ଛୁଆ ମିଶାଇ ୧୪ ହାତୀ ଅଛନ୍ତି।

# ଖୋଲିଲା ଜେକେ କାଗଜକଳର ତାଲା

ଜେକେପୁର,୪।୯(ଡ଼ି.ଏନ.ଏ)–

ରାୟଗଡା ଜିଲା ଜେକେପୁରସ୍ଥିତ ଜେକେ କାଗଜ କଳରେ ଦୀର୍ଘ ୧୦ଦିନ ଧରି ଚାଲିଥିବା ଠିକା ଶ୍ରମିକଙ୍କ ଆନ୍ଦୋଳନରେ ମଙ୍ଗଳବାର ପଡିଛି ପୂର୍ଣ୍ଣଚ୍ଛେଦ। ପ୍ରଶାସନର ପ୍ରତିଶ୍ରୁତି ମିଳିବା ପରେ ଠିକା ଶ୍ରମିକ ସଂଘ ଆନ୍ଦୋଳନ ପ୍ରତ୍ୟାହୃତ କରି ନେଇଛି । କମ୍ପାନୀରୁ ତାଲା ମଧ୍ୟ ଖୋଲିଛନ୍ତି କର୍ତ୍ତୃପକ୍ଷ । ଆଗାମୀ ଦିନରେ ଶ୍ରମିକମାନଙ୍କ ୧୪ଦଫା ଦାବି ପର୍ଯ୍ୟାୟକ୍ରମେ ସହକାରୀ ଶ୍ରମ ଆୟୁକ୍ତଙ୍କ ଆଲୋଚନା ମାଧ୍ୟମରେ ପୂରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏହି ୧୦ ଦିନ ମଧ୍ୟରେ କମ୍ପାନୀ ଆନୁମାନିକ ୫୮ କୋଟି ଟଙ୍କା କ୍ଷତି ସହିଥିବା ବେଳେ ରାଜ୍ୟ ସରକାରଙ୍କୁ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରାଜସ୍ୱ ହରାଇବାକୁ ପଡିଛି। ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ କମ୍ପାନୀ ବହୁ ମାତ୍ରାରେ ପ୍ରଭାବିତ ହୋଇଛି। ଶ୍ରମିକଙ୍କ ସୁବିଧା ନେଇ କମ୍ପାନୀ ସବୁବେଳେ ଚିନ୍ତା ପ୍ରକଟ କରିଥାଏ । ଶ୍ରମିକଙ୍କ ଆନ୍ଦୋଳନ ପ୍ରତ୍ୟାହୃତ ଯୋଗୁ ବହୁ ପରିବାରଙ୍କ ଜୀବନଜୀବିକାରେ ନୂତନ ସୂର୍ଯ୍ୟୋଦୟ ହୋଇଛି ବୋଲି କାର୍ଯ୍ୟନିର୍ବାହୀ ଉପସଭାପତି ପବନ କୁମାର ସୂରୀ ପ୍ରକାଶ କରିଛନ୍ତି ।

ସୋମବାର ପୂର୍ବାହ୍ନ ୧୧ଟାରୁ ରାତି ସାଢେ ୯ଟା ପର୍ଯ୍ୟନ୍ତ ସହକାରୀ ଶ୍ରମ ଆୟୁକ୍ତଙ୍କ କୋର୍ଟରେ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଥିଲା । ହେଲେ ଏଥିରେ କୌଣସି ନିଷ୍କର୍ଷ ବାହାରି ପାରିଲାନାହିଁ । ପୁଣିଥରେ ରାତି ୧୦ଟାରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ବସିଲା । ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର ଅଧ୍ୟକ୍ଷତା କଲେ । ଦୀର୍ଘ ୨ ଘଣ୍ଟା ଧରି ଆଲୋଚନା ହେବା ପରେ ଉଭୟ ପକ୍ଷ ପ୍ରଶାସନର ସମସ୍ତ ପରାମର୍ଶକୁ ମାନି ନେଇଥିଲେ। ଏହାପରେ ଶ୍ରମିକ ସଂଗଠନ ଆନ୍ଦୋଳନରୁ ଓହରିବା ପାଇଁ ଓ କମ୍ପାନୀ କର୍ତ୍ତୃପକ୍ଷ ତାଲା ଖୋଲିବା ନେଇ ରାଜି ହୋଇଥିଲେ । ସୂଚନାଯୋଗ୍ୟ ଯେ, ଜେକେ କାଗଜ କଳରେ ଦୀର୍ଘ ଦିନ ହେଲା ଶ୍ରମିକ ଅଶାନ୍ତି ଦେଖାଦେଇଛି । ଗତ ୨୪ ତାରିଖରୁ କାର୍ଯ୍ୟରତ ଠିକା ଶ୍ରମିକ ୧୪ଦଫା ଦାବି ନେଇ ଆନ୍ଦୋଳନ ଚଳାଇଥିଲେ । ବାରମ୍ବାର ଶ୍ରମିକଙ୍କ ଦାବି ପୂରଣ ନେଇ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ବାଟ ଫିଟି ପାରୁ ନ ଥିଲା । ଗତ ୨୭ ତାରିଖରେ ରାଜ୍ୟ ଶ୍ରମ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ତ୍ରିପାକ୍ଷିକ ଆଲୋଚନା କରାଯାଇଥିଲା । ଏଠାରେ ଶ୍ରମିକଙ୍କ ତିନୋଟି ଦାବି ପୂରଣ କରିବେ ବୋଲି କମ୍ପାନୀ କର୍ତ୍ତୃପକ୍ଷ ମାନିଥିଲେ । ସେଗୁଡ଼ିକ ହେଲା ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ମଜୁରି ପ୍ରଦାନ, ଶ୍ରମ ବିଭାଗ ଦ୍ୱାରା ସ୍ୱୀକୃତ ବୈଧାନିକ ଲାଭଗୁଡିକ ଶ୍ରମିକ ମାନଙ୍କୁ ପ୍ରଦାନ, ଜିଲା ଶ୍ରମ ଆୟୁକ୍ତ ଓ ଅତିରିକ୍ତ ଶ୍ରମ ଆୟୁକ୍ତଙ୍କ ମଧ୍ୟସ୍ଥତାରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଶ୍ରମିକ ମାନଙ୍କ ମଜୁରି ନିର୍ଦ୍ଧାରିତ କରିବା । ତଥାପି ଶ୍ରମିକମାନେ ଆନ୍ଦୋଳନ ଜାରି ରଖିଥିଲେ । ପର୍ଯ୍ୟାୟକ୍ରମେ ଦାବି ପୂରଣ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିବା ପରେ ଶ୍ରମିକମାନେ ଆନ୍ଦୋଳନ ପ୍ରତ୍ୟାହୃତ କରି ନେଇଛନ୍ତି ।



ଜେକେ କାଗଜ କଳରୁ ତାଲା ଖୋଲାଯାଉଛି ।

- କାଗଜ କଳରେ ଶ୍ରମିକ ଅଶାନ୍ତି
- ପ୍ରତ୍ୟାହୃତ ହେଲା ଠିକା ଶ୍ରମିକଙ୍କ ଆନ୍ଦୋଳନ
- କମ୍ପାନୀକୁ ପାଖାପାଖି ୫୮କୋଟି କ୍ଷତି ହୋଇଛି
- ୪ କୋଟି ଟଙ୍କାର ରାଜସ୍ୱ ହରାଇଲେ ରାଜ୍ୟ ସରକାର

## ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ

ଚମ୍ପୁଆ, ୪।୯(ଡି.ଏନ.ଏ.)

ଚମ୍ପୁଆ ଅତିରିକ୍ତ ଜିଲା ଦୌରା ଜଜ୍ ଡା. ପବିତ୍ର ମୋହନ ସାମଲ ଏକ ହତ୍ୟାକାଣ୍ଡର ବିଚାର କରି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ମଙ୍ଗଳ ମୁଣ୍ଡା। ଗତ ୦୬।୦୨।୨୦୧୫ରେ ରୁଗୁଡି ଥାନା ଗନ୍ଧଲପଡ଼ା ଗ୍ରାମରେ ଟ୍ରାକ୍ଟର ମାଲିକ ରୟା ମୁଣ୍ଡାଙ୍କ ଘରକୁ କାମ କରୁଥିବା ମଙ୍ଗଳ ଓ ଗୁରା ମୁଣ୍ଡା ସେହିଦିନ ମଜୁରି ମାଗିବାକୁ ଆସିଥିଲେ। ରୟାଙ୍କ ସହ ତାଙ୍କ ଡ୍ରାଇଭର ମଙ୍ଗଳଙ୍କ ମଧ୍ୟରେ ମଜୁରି ନେଇ ପାଟିତୁଣ୍ଡ ହୋଇଥିଲା। ପାଖରେ ପଡିଥିବା କୁରାଢି ଦ୍ୱାରା ମଙ୍ଗଳ ରୟାଙ୍କୁ ପ୍ରହାର କରିଥିଲେ। ସେଠାରେ ରୟାଙ୍କ ମୃତ୍ୟୁ ଘଟିଥିଲା। ରୟାଙ୍କ ପୁଅ ନନ୍ଦ ମୁଣ୍ଡା ରୁଗୁଡି ଥାନାରେ ଅଭିଯୋଗ କରିଥିଲେ। ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅତିରିକ୍ତ ଜିଲା ଦୌରା ଜଜ୍ ଉକ୍ତ ରାୟ ଶୁଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘା ଯାଏ ଦାଗ ଥାଏ**
**ଲୋକ ଯାଏ କଥା ଥାଏ ।**

ଘା'ର କ୍ଷତ ସମୟକ୍ରମେ ଶୁଖିଗଲେ ମଧ ତା'ର ଦାଗ ଶରୀରରେ ରହିଯିବା ଭଳି ଲାଞ୍ଛନା ବା ଅପମାନର ସ୍ମୃତି ମନରୁ ସହଜରେ ଲିଭିପାରି ନ ଥାଏ । ସେହିପରି ମଣିଷ ମରି ହଜି ଗଲେ ମଧ ତା'ର ସୁଗୁଣ ତଥା ସୁକର୍ମ ସଂସାରରେ ତାକୁ ଚିରଜୀବିତ କରି ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘରେ ନାହିଁ ଖଡ଼ା, ବାହାରେ ଆଖଡ଼ା ।**

ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହେବାରେ କାଣିଚାଏ ହେଳା କରୁ ନ ଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିକି ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅଯଥା ବାହାଦୁରି ଦେଖେଇ ହେଉଥିବା ଜଣାଯାଇଥାଏ। ତେବେ ଦୀନହୀନ ଦରିଦ୍ର ବ୍ୟକ୍ତିଙ୍କ ପକ୍ଷେ ଏପରି ଆଡମ୍ବର ଶୋଭାପାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
ଫ୍ରେଣ୍ଡସ୍ ପବ୍ଲିଶର୍ସ

■ ୧୦ ଶିଶୁ ଶ୍ରମିକ ଫେରାର ଘଟଣା

# ୬ ଉଦ୍ଧାର, ୪ ନିଖୋଜ

କେନ୍ଦୁଝର/ବଡ଼ବିଲ, ୪।୯(ସ୍ୱ.ପ୍ର.)

ସ୍ଥାନୀୟ ଚାଇଲ୍ଡ କେୟାର ଇନଷ୍ଟିଚ୍ୟୁଟ ଆଶୀର୍ବାଦ ବଏଜ ହୋମରୁ ସୋମବାର ନିଖୋଜ ୧୦ ଶିଶୁଙ୍କ ମଧ୍ୟରୁ ୬ ଜଣଙ୍କୁ ପୋଲିସ ଉଦ୍ଧାର କରି ସେମାନଙ୍କ ପରିବାରକୁ ହସ୍ତାନ୍ତର କରିଛି। ଅପରେଶନ ପରୀ–୨ ଅଭିଯାନରେ ୪୪ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ସମ୍ପୃକ୍ତ ଶିଶୁଙ୍କ ପରିବାର ଲୋକେ ଚିନ୍ତାରେ ପଡିଯାଇଛନ୍ତି। ଫେରାର ଶିଶୁଙ୍କ ମଧ୍ୟରେ ବଡବିଲ ଅଞ୍ଚଳର ୬ ଜଣ ଥିଲେ। କାରାଖେଣ୍ଡରା ଗ୍ରାମର ୨ ଜଣଙ୍କ ଘରେ ପହଞ୍ଚି ଘଟଣା ବିଷୟରେ ଜାଣିବାକୁ ଧରିତ୍ରୀର ଏକ ଟିମ୍ ପହଞ୍ଚିଥିଲା। ସେଠାରେ ଜାଣିବାକୁ ମିଳିଥିଲା ଯେ, ପରିବାର ଲୋକେ ତାଙ୍କ ଶିଶୁଙ୍କୁ ଆଣିବାକୁ କେନ୍ଦୁଝରକୁ ଯାଇଥିଲେ। ରବିବାର ଶିଶୁଙ୍କୁ ପୋଲିସ ନେଇଯାଇଥିବା ଖବର ପାଇ ସେମାନେ ଭୟଭୀତ ହୋଇଯାଇଥିଲେ।

କେନ୍ଦୁଝର ଯିବାକୁ ଟଙ୍କା ଯୋଗାଡ଼ କରି ସକାଳେ ପରିବାର ଲୋକେ କେନ୍ଦୁଝର ଯାଇଥିଲେ। ସେଠାରୁ ଶିଶୁ ଫେରରା ହୋଇଯାଇଥିବା ସେମାନେ ଅବଗତ ନ ଥିବା କହିଛନ୍ତି। ପିଲାମାନେ ଏବେ କେଉଁଠି ଏବଂ କେଉଁ ଅବସ୍ଥାରେ ରହିଛନ୍ତି ତାହାକୁ ନେଇ ସେମାନଙ୍କ ଅଭିଭାବକ ଚିନ୍ତା ପ୍ରକଟ କରିଛନ୍ତି। କେତେକ ପାଠ ପଢିବା ପିଲାଙ୍କୁ ପୋଲିସ ଖେଳୁଥିବା ସ୍ଥାନରୁ ଉଠାଇଆଣିଥିବା ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଅଡୁଆରେ ପଡିଯାଇଥିବା ବେଳେ ଏବେ ଏଭଳି ଶିଶୁ ନିଖୋଜ ସେମାନଙ୍କୁ ଚିନ୍ତାରେ ପକାଇଦେଇଛି। ଅନ୍ୟପକ୍ଷରେ ଶିଶୁମାନଙ୍କୁ ଟାଉନ ଥାନା ପୋଲିସ ଯୋଡା ଓ ବଡବିଲ ଅଞ୍ଚଳରେ ଖୋଜାଖୋଜି ଜାରି ରହିଥିବା ଟାଉନ ଥାନା ଏସଆଇ ଉମାକାନ୍ତ ସାହୁ ସୂଚନା ଦେଇଛନ୍ତି।


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

B.Ed
M.Ed, B.P.Ed
Under Achrya Nagarjuna and Andhra Universities
SUCCESS POINT
114/7, Naveen Niwas Square, Bhubaneswar
BHUBANESWAR 7682826300 7682826301
BRAHAMPUR 7682826307 7377730723

ADMISSION OPEN 2018-20
B.Ed.
Acharya Nagarjuna University
Anuska B.Ed. Academy
Odisha's No-1 B.Ed. Academy
97% 1ST DIVISION
Rasulgarh, Bhubaneswar 8260277745/8260277746
Cuttack No-9937313739
Bhawanipatna: 7982328673
Jajpur/Kendrapara:9692222120
www.anuskagroup.com

SPOT ADMISSION
B.Ed
CT(D.EL.Ed) & M.Ed
Admission Closing Soon
Acharya Nagarjuna University
UGC & NCTE Approved
Equivalent to Utkal University
Weekend Class & Study Material
SINCE 2001 NIDT
B.J.B. Nagar, Lewis Road, Bhubaneswar
9338229373, 9438286091
9776587145

ରାଜ୍ୟର ସର୍ବପୁରାତନ ନର୍ସିଂ ଓ ପାଥୋଲୋଜି ଶିକ୍ଷାନୁଷ୍ଠାନରେ ଆଡମିଶନ୍ ସହିତ ନିଯୁକ୍ତି ସୁଯୋଗ ହାସଲ କରନ୍ତୁ ।
GNM ANM OT. Tech DMLT ICU X-RAY
ଯୋଗ୍ୟତା ୧୦ମ, +୨ ପାସ୍ ବା ତଦୁର୍ଦ୍ଧ
HOSTEL HOSPITAL PRATICAL PLACEMENT FACILITY AVAILABLE
KIMS, KHANDAGIRI, BBSR
7894487511

Get Instant Cash Against Gold
Gold Cash
Sell Your Gold at 100% Market Value
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବୁ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free- 1800-120-3430
Bhubaneswar, Cuttack, Rourkela, Bhadrak, Berhampur

GRAMIN FINANCE 1962 ଠାରୁ ଆପଣଙ୍କ ସେବାରେ
ସରକାରୀ ଯୋଜନା ଦ୍ୱାରା ପର୍ସନାଲ, ଏଜୁକେଶନ, ପ୍ରପର୍ଟି ଋଣ ନିଅନ୍ତୁ 48 ଘଣ୍ଟାରେ।
(ନୋ ଫାଇଲ୍ ଚାର୍ଜ ନୋ ଗ୍ୟାରେଣ୍ଟର Only Bank Fees ଋଣ ପାସ୍ ହେଲା ପରେ)
ମହିଳା ଓ Govt. Jobଧାରୀଙ୍କ ପାଇଁ ବିଶେଷ ସବ୍‌ସିଡି
AT: TARAN, PO: TAARAN, PUNJAB - 143401
Website: www.graminfinance.com
Miss Call Alerts: 18001007280

Shree Ganesh Finance Ltd.
ଋଣ ଧମାକା
ବେରୋଜଗାରଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। ମହିଳାଙ୍କ ପାଇଁ ବିଶେଷ ରିହାତି। ସବୁ ଋଣ (100000-9500000) ପର୍ଯ୍ୟନ୍ତ ପାଆନ୍ତୁ ଘରେ ବସି।
Durga Nagar, Ward 36, Ferozpur
09085463427

9911436726, 9540938429



କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୭, ହୋଟେଲ ବ୍ୟୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍–୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ଼। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ଼। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

BUSINESS
LIC Housing Finance HOME LOAN available at very low Investment rate.
ANYONE CAN APPLY FOR HOME LOAN
Call For More Information At
7606075949
8117848500

FINANCE
P.M.J.S.Y ସମସ୍ତ ଆଧାର କାର୍ଡ ଧାରକ ମାନଙ୍କୁ ଜନସମୃଦ୍ଧି ଯୋଜନା ଦ୍ୱାରା କମ୍ ସୁଦ୍ଧରେ ସମସ୍ତ ପ୍ରକାର ଲୋନ ଦିଆଯାଉଛି । ଲୋନର ପଇସା ୪୮ ଘଣ୍ଟାରେ ବ୍ୟାଙ୍କ ଖାତାରେ ଜମା ହେବ । ୩୦% ସବସିଡି ସହିତ ।
7787922501
7787907927
pmjansamridhi@gmail.com

BUSINESS
ବଂଶଲ ଗ୍ରୁପ୍ ଦ୍ୱାରା ନିଜର ଖାଲି ଜମି, ଛାତ, ପ୍ଲଟ୍ ଉପରେ ଡିଜିଟାଲ ଓ ମଲ୍ଟିମିଡିଆ ଉପକରଣ ଲଗାନ୍ତୁ। 60 ଲକ୍ଷ ଅଗ୍ରିମ, ଭଡ଼ା 40 ହଜାର।
ଦ୍ରଷ୍ଟବ୍ୟ: ଉପକରଣ ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି।
CONTACT 86979-80580 95578-79781

GET INSTANT CASH AGAINST GOLD
Sell your GOLD more than market value.
ମାର୍କେଟ ଠାରୁ ଅଧିକ ମୂଲ୍ୟରେ ସୁନା ବିକ୍ରି କରନ୍ତୁ । ଆମକୁ ଯୋଗାଯୋଗ କରନ୍ତୁ ଏବଂ ତୁରନ୍ତ ପଇସା ନେଇ ଯାଆନ୍ତୁ ।
ଯୋଗାଯୋଗ :
Bhubaneswar - 7978065794
Dhenkanal - 8895446310
Angul - 9437901750

Odisha Finance
ଭାରତ ସରକାରଙ୍କ ଦ୍ୱାରା ପଞ୍ଜୀକୃତ କମ୍ପାନୀ ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ, ରାଶନ କାର୍ଡ, ଆଧାର କାର୍ଡ ଋଣ କେବଳ 72 ଘଣ୍ଟାରେ ପାଆନ୍ତୁ। 2% ସୁଧ 40% ରିହାତି।
Helpline Number: 7302107165
odishafinance55@gmail.com

UNIVERSAL COMMUNICATION GROUP
ଦ୍ୱାରା ନିଜ ଖାଲି ପଡ଼ିଥିବା ଜମି, ଛାତ, ଚାଷଜମି, ପ୍ଲଟ୍‌ରେ ଯେକୌଣସି ସ୍ଥାନରେ ଉପକରଣ ଲଗାନ୍ତୁ ଓ ପାଆନ୍ତୁ 60 ଲକ୍ଷ ଅଗ୍ରିମ, ଭଡ଼ା 40,000 + ଅନ୍ୟାନ୍ୟ ସୁବିଧାସୁଯୋଗ ଏଗ୍ରିମେଣ୍ଟ ସହିତ ।
CALL NOW: 08570958738 08570958378

ଏବିଏସ୍ ଫାଇନାନ୍ସ
ଦ୍ୱାରା ସମସ୍ତ ଭାରତରେ ଲୋନ୍ ନେବା ପାଇଁ ଏବଂ ଜିଲ୍ଲାସ୍ତରରେ ଏଜେଣ୍ଟ ହେବାକୁ ସମ୍ପର୍କ କରନ୍ତୁ।
ଭୁବନେଶ୍ୱର: 7290027868
କଟକ: 7590022879
ପୁରୀ: 7290027864
ଅନୁଗୁଳ: 7290022884
ଯାଜପୁର: 9870548741
ବାଲେଶ୍ୱର: 9870548676
ଗଞ୍ଜାମ: 9870548744

MONEY WIZZ FINANCE
ବର୍ଷକୁ ୩% ସୁଧ ହାରରେ ଓଡିଶାର ସମସ୍ତ ଜିଲ୍ଲା ପାଇଁ ମାର୍କସିଟ, ପ୍ରପର୍ଟି, ଶିକ୍ଷା, ବ୍ୟବସାୟ, ଟେକଓଭର ଋଣ ଉପଲବ୍ଧ ।(ଏଜେଣ୍ଟ ଆମନ୍ତ୍ରିତ ମହିଳାଙ୍କ ପାଇଁ)
07991019691
07750048332
moneywizz27@gmail.com

!! ଋଣ ଋଣ ଋଣ !!
ମହାରାଷ୍ଟ୍ର ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ୯୦୦/-ରେ ୧୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ
0% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି ସମସ୍ତ ଋଣ ମାତ୍ର ୧ ଦିନରେ
Toll Free 18001214188 8556894339

BUSINESS OPPORTUNITY
ରେଜିଷ୍ଟର୍ଡ ଘରୋଇ ଫାଇନାନ୍ସ କମ୍ପାନୀରେ ନିଜର ମାର୍କସିଟ ଦେଇ ମାତ୍ର ତିନ ଦିନରେ ଶିକ୍ଷା ଋଣ, ବ୍ୟବସାୟ ଋଣ ଏବଂ ସୁନା ଋଣ ନେବାର ସୁଯୋଗ ଲାଭ କରନ୍ତୁ । ଆକର୍ଷଣୀୟ ସୁଧ ।
ଯୋଗାଯୋଗ 9874247647
Plot No: 86, Sarkar Street, Kolkata

ଫାଇନାନ୍ସ
ସରକାରୀ ଜନକଲ୍ୟାଣ ଯୋଜନା ଅଧୀନରେ ଋଣ ମାତ୍ର 1250ରେ (1-90 ଲକ୍ଷ) ପର୍ଯ୍ୟନ୍ତ 0% ସୁଧ 60% ରିହାତି, ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, କୃଷି, ରାଶନକାର୍ଡ, ଆଧାରକାର୍ଡ, ସମସ୍ତ ଋଣ 48 ଘଣ୍ଟାରେ
Dhanlaxmi Finance
9045324642 7417158225

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

ମହାବୀର ଫାଇନାନ୍ସ
!! ବିନା ଗ୍ୟାରେଣ୍ଟର!!
ସ୍ୱରୋଜଗାର ପାଇଁ ଅଷ୍ଟମ/ଦଶମ ପାସ୍ ମହିଳା / ପୁରୁଷ
ମାର୍କଶିଟ୍, ବ୍ୟବସାୟ, ଦୋକାନୀ, ପ୍ରପର୍ଟି
2,00,000-25,00,000 ପର୍ଯ୍ୟନ୍ତ
1% ସୁଧ, 25% ରିହାତି 20 ବର୍ଷରେ ଫେରସ୍ତ
8750418810 9355438810

ଟଙ୍କା ନେଉନାହୁଁ, ଧୋକା ଦେଉନାହୁଁ। ପ୍ରଥମେ କାମ ପରେ ଦାମ୍, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, ଆଧାରକାର୍ଡ, ରାଶନକାର୍ଡ, ଭେହିକିଲ୍, ବ୍ୟବସାୟ, ସମସ୍ତ ଋଣ 2% ସୁଧ, 40% ରିହାତି ଘରେ ବସି ଉପଲବ୍ଧ।
ADARSH FINANCE
Ram Nagar, Narnel, Haryana
7310635473 7310568831

BARSHA FINANCE
ସବୁ ଜିଲ୍ଲାର ଶିକ୍ଷିତ ଓ ବେରୋଜଗାରୀମାନେ ନିଜର ପ୍ରମାଣପତ୍ର ଦ୍ୱାରା ସମସ୍ତ ପ୍ରକାର ଲୋନ୍ ନେଇପାରିବେ। ପର୍ସନାଲ, ବିଜ୍‌ନେସ, ଶିକ୍ଷା, ହୋମ୍, କୃଷି ଓ ପଶୁପାଳନ। ୨% ସୁଧରେ ବର୍ଷା ଫାଇନାନ୍ସ ଲୋନ୍ ଯୋଗାଇ ଦେଉଛି।
M: 8337960856, 8337960833

SMS JOB Send SMS, Earn MONEY
ଘରେବସି SMS JOB କରି Part/Full Time ଶିକ୍ଷିତ ବେରୋଜଗାର ମାସକୁ ୨୫୦୦୦/- ରୁ ୬୦୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
WORK From Home
କମ୍ପାନୀ ଦ୍ୱାରା Mobile+Laptop+ Bike + SIM + ଉପହାର FREE
ନିଜର ନାମ, ଠିକଣା ଓ ଯୋଗ୍ୟତା SMS/CALL କରନ୍ତୁ
9667693638 9667693639

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |



“୨୦୧୯ ସାଧାରଣ ନିର୍ବାଚନ ‘ମଣ୍ଡଳ, ଆମ୍ବେଡକର, ଗାନ୍ଧୀ’ ବନାମ ‘ଗୋଡ୍‌ସେ, ଗୋଲ୍‌ୱାଲକର’ରେ ପରିଣତ ହେବା

-ତେଜସ୍ୱୀ ଯାଦବ, ଆର୍‌ଜେଡି ନେତା

## ସଂକ୍ଷେପରେ

### ମିଗ୍-୨୭ ଦୁର୍ଘଟଣାଗ୍ରସ୍ତ

**ଜୟପୁର ୪।୯(ପି.ଟି.):** ରାଜସ୍ଥାନର ଯୋଧପୁରରେ ମଙ୍ଗଳବାର ଭାରତୀୟ ବାୟୁସେନା (ଆଇଏଏଫ୍)ର ଲଢୁଆ ଯୁଦ୍ଧବିମାନ ମିଗ୍-୨୭ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ପାଇଲଟ ଜଣକ ଅଳ୍ପକେ ରକ୍ଷା ପାଇଛନ୍ତି। ରୁଷିଆ ନିର୍ମିତ ଗୋଟିଏ ସିଟ୍ ବିଶିଷ୍ଟ ମିଗ୍-୨୭କୁ ନେଇ ସକାଳେ ଉକ୍ତ ପାଇଲଟ ଯୋଧପୁର ବାୟୁସେନା ଘାଟିରୁ ରୁଟିନ୍ ଉଡ଼ାଣ ଅଭ୍ୟାସ ଆରମ୍ଭ କରିଥିଲେ। କିଛି ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇ ଏହା ବନଦ ଅଞ୍ଚଳସ୍ଥିତ ଦେବଳିଆ ଗାଁର ଏକ କ୍ଷେତରେ ଖସିପଡ଼ିଥିଲା।

### ନାବାଳକଙ୍କୁ ପିଟି ହତ୍ୟା

**ନୂଆଦିଲ୍ଲୀ,୪।୯(ପି.ଟି.):** ଦିଲ୍ଲୀର ମୁକୁନ୍ଦପୁରରେ ଜଣେ ୧୬ ବର୍ଷୀୟ ବାଳକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଭୋର ସମୟରେ ଉକ୍ତ ନାବାଳକ ଅନ୍ୟ ଜଣଙ୍କ ଘରକୁ ପଶିଯାଇଥିଲେ। ସେ ଚୋରି କରିବା ପାଇଁ ସେଠାକୁ ଯାଇଥିବା ସନ୍ଦେହ କରି ଘର ମାଲିକ ଓ ସ୍ଥାନୀୟ ଲୋକେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଛି। ପୋଲିସ ଏନେଇ ଅଭିଯୁକ୍ତ ନନ୍ଦକିଶୋର, ରାଜକିଶୋର, ତ୍ରିବେଣୀ ଦେଶରାଜ, ସନ୍ତଲାଲ ଓ ସୋହନଲାଲଙ୍କୁ ଗିରଫ କରି ତଦନ୍ତ ଚଳାଇଛି।

### ୟୁପିରେ ବର୍ଷା ବିଭ୍ରାଟ: ମୃତ୍ୟୁସଂଖ୍ୟା ୪୪

**ଲକ୍ଷ୍ନୌ, ୪।୯(ପି.ଟି.):** ଉତ୍ତରପ୍ରଦେଶ (ୟୁପି)ର ବିଭିନ୍ନ ଅଞ୍ଚଳରେ ବର୍ଷା ବିଭ୍ରାଟ ଲାଗିରହିଛି। ଅନେକ ଜାଗାରେ ଲୋକେ ଜଳବନ୍ଦୀ ହୋଇରହିଛନ୍ତି। ବର୍ଷାଜନିତ ବିଭିନ୍ନ ଦୁର୍ଘଟଣା ଘଟି ଆଉ ୧୮ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ୩୬ ଜଣ ମଧ୍ୟ ଆହତ ହୋଇଛନ୍ତି। ଗତ ଶନିବାରରୁ ସୋମବାର ରାତି ପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୪୪ ଛୁଇଁଥିବା ଥିବା ମଙ୍ଗଳବାର ଅଧିକାରୀମାନେ ସୂଚନା ଦେଇଛନ୍ତି।

## ■ ଭାଜପା ବିରୋଧୀ ସ୍ଲୋଗାନ ଦେଲେ ଏମିତି...

# ଆତଙ୍କବାଦୀ କହି ବନ୍ଧାଇଦେଲେ

**ଚେନ୍ନାଇ/ଟୁଟିକୋରିନ୍,୪।୯**

ନିର୍ବାଚନ ପାଖେଇ ଆସିଲେ ରାଜନୀତି ଅଧିକ ସରଗରମ ହୁଏ। ସବୁ ଦଳ ବିଶେଷକରି ଶାସକ ଓ ବିରୋଧୀ ପରସ୍ପର ବିପକ୍ଷରେ ସ୍ଲୋଗାନବାଜି କରି ଦୋଷ ଲଦାଲଦି ହୁଅନ୍ତି। ଏହା ଏକ ସାଧାରଣ କଥା, ଯେଉଁଥିପାଇଁ କାହାକୁ କୋର୍ଟ କଚେରିକୁ ଧାଇଁବାକୁ ବା ଆଇନର କାଠଗଡ଼ାରେ ଛିଡ଼ା ହେବାକୁ ପଡ଼ି ନ ଥାଏ। ହେଲେ ବିଦେଶରୁ ଭାରତ ଫେରୁଥିବା ଜଣେ ଗବେଷଣା ଛାତ୍ରୀଙ୍କ କ୍ଷେତ୍ରରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଆଇନକୁ ଭିନ୍ନ ବାଟରେ ମୋଡାଯାଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଏପରି କି ଭାଜପା ବିରୋଧରେ ସ୍ଲୋଗାନ ଦେଇଥିବାରୁ ତାଙ୍କ ମୁହଁରେ ଆତଙ୍କବାଦର କଳଙ୍କ ବୋଳାଯାଇଛି। ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ତାମିଲନାଡୁର ଲୋଇସ୍ ସୋଫିଆ। ବୟସ ୨୮ ବର୍ଷ। କାନାଡାସ୍ଥିତ ମଣ୍ଟ୍ରିଲ୍ ୟୁନିଭର୍ସିଟିର ସେ ଜଣେ ଗବେଷଣା ଛାତ୍ରୀ। ସୋଫିଆ ସୋମବାର କାନାଡାରୁ ଚେନ୍ନାଇ ଦେଇ ଏକ ଇଣ୍ଡିଗୋ ବିମାନରେ ଟୁଟିକୋରିନ୍‌କୁ ଫେରୁଥିବାବେଳେ ଭାଜପା ବିରୋଧୀ ସ୍ଲୋଗାନ ଦେଇଥିଲେ। ‘ଫାସିବାଦୀ ଭାଜପା ସରକାର ଡାଉନ୍ ଡାଉନ୍’ ବୋଲି ସେ ନାରା ଦେଇଥିଲେ। ଉକ୍ତ ବିମାନରେ ତାମିଲନାଡୁ ଭାଜପା ଅଧ୍ୟକ୍ଷା ତାମିଲିସାଇ ସୌନ୍ଦରରାଜନ୍ ମଧ୍ୟ ଆସୁଥିଲେ। ଲୋଇସ୍‌ଙ୍କ ସ୍ଲୋଗାନ ତାଙ୍କୁ ଅସହ୍ୟ ହୋଇଥିଲା। ତାମିଲିସାଇ ଏଥିରେ ଉତ୍ତ୍ୟକ୍ତ ହୋଇ ଦୃଢ଼ ପ୍ରତିବାଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବିମାନଟି ଟୁଟିକୋରିନ୍‌ରେ ଅବତରଣ କରିବା ମାତ୍ରେ ସେ ଲୋଇସ୍‌ଙ୍କ ବିରୋଧରେ ବିମାନବନ୍ଦର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଲୋଇସ୍ ଜଣେ ସାଧାରଣ ଯାତ୍ରୀ ନୁହନ୍ତି। ତାଙ୍କ ପଛରେ କୌଣସି କଠୋରପନ୍ଥୀ ସଙ୍ଗଠନର ସମର୍ଥନ ରହିଥିବା ତାମିଲିସାଇ ଦର୍ଶାଇଥିଲେ। ଅଭିଯୋଗ ପରେ ବିମାନବନ୍ଦର ପୋଲିସ ଲୋଇସ୍‌ଙ୍କୁ ଗିରଫ କରି ୧୫ ଦିନ ପାଇଁ ବିଚାରବିଭାଗୀୟ ହାଜତକୁ ପଠାଇଦେଇଥିଲା। ଲୋଇସ୍ ଅସୁସ୍ଥତା ଅନୁଭବ କରିବା ପରେ ଥୁଟୁକୁଡି ମେଡିକାଲ୍ କଲେଜ୍ ଆଣ୍ଡ ହସ୍ପିଟାଲରେ ବିଳମ୍ବିତ ରାତିରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଲୋଇସ୍‌ଙ୍କୁ ଏକ କୋର୍ଟରୁ ଜାମିନ ମିଳିଛି। ହେଲେ ତାଙ୍କ ବିରୋଧରେ ଦାଏର ମାମଲା ପ୍ରତ୍ୟାହାର ହୋଇନାହିଁ। ଲୋଇସ୍‌ଙ୍କ ବାପା ଏ.ଏ. ସାମୀ ପୁଡୁକ୍କୋଟାଇ(ଅବସରପ୍ରାପ୍ତ ଡାକ୍ତର) ଭାଜପା ନେତ୍ରୀ ତାମିଲିସାଇଙ୍କ ବିରୋଧରେ ଥାନାରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଡକ୍ଟର ସାମୀ କହିଛନ୍ତି, ସେ ଓ ତାଙ୍କ ସ୍ତ୍ରୀ ମାଧୁରୀ ଝିଅଙ୍କୁ ନେବା ପାଇଁ ଚେନ୍ନାଇ ବିମାନବନ୍ଦରକୁ ଯାଇଥିଲେ। ସେଠାରୁ ଟୁଟିକୋରିନ ବିମାନବନ୍ଦରରେ ପହଞ୍ଚିବା ପରେ ତାମିଲିସାଇ ଓ ଅନ୍ୟ ୧୦ ଜଣ ଲୋକ ସେମାନଙ୍କୁ ଘେରିଯାଇଥିଲେ। ତାମିଲିସାଇ ତାଙ୍କ ଝିଅଙ୍କୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେହିପରି ତାମିଲିସାଇ ବିନା ଅନୁମତିରେ ତାଙ୍କ ପରିବାରର ଫଟୋ ଉଠାଇଥିଲେ ହେଁ ତାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଛାତ୍ରୀଙ୍କ ବାପା କହିଛନ୍ତି। ଏହି ଘଟଣାକୁ ନେଇ ରାଜନୀତି ସରଗରମ ହୋଇଛି। ଲୋଇସ୍‌ଙ୍କ ସପକ୍ଷରେ ସୋସିଆଲ ମିଡିଆରେ ଅନେକ ଲୋକ ଆଗେଇଆସି ତାଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରିଛନ୍ତି। ଛାତ୍ରୀ ଜଣକ ଗୋଟିଏ ସ୍ଲୋଗାନ ଦେଇ ଭବିଷ୍ୟତର ନେତା ପାଲଟିଯାଇଛନ୍ତି ବୋଲି ଟୁଇଟର୍‌ରେ କେହି କେହି ଉଲ୍ଲେଖ କରିଛନ୍ତି।



ଲୋଇସ୍ ସୋଫିଆଙ୍କୁ ଗିରଫ କରି ଥାନାକୁ ନେଉଛି ପୋଲିସ। (ଇନ୍‌ସେଟ୍‌ରେ ଲୋଇସ୍ ସୋଫିଆ)।

■ କାନାଡାରୁ ବିମାନରେ ଫେରୁଥିଲେ ଲୋଇସ୍ ସୋଫିଆ

■ ଭାଜପା ଅଧ୍ୟକ୍ଷାଙ୍କ ଏତଲା ପରେ ବିମାନବନ୍ଦରରେ ଗିରଫ କରିଥିଲା ପୋଲିସ

■ ଜାମିନରେ ମୁକୁଳିଲେ ଗବେଷଣା ଛାତ୍ରୀ



“ଲୋଇସ୍ ସୋଫିଆ ଭାଜପାକୁ ଫାସିବାଦୀ କହିଥିଲେ। ତେଣୁ ଜଣେ ଆତଙ୍କବାଦୀଙ୍କୁ ଅଣଦେଖା କରିବା ଅନୁଚିତ ମନେକରି ତାଙ୍କ ବିରୋଧରେ ଏତଲା ଦେଇଛି।

- ତାମିଲିସାଇ ସୌନ୍ଦରରାଜନ୍, ତାମିଲନାଡୁ ଭାଜପା ଅଧ୍ୟକ୍ଷା



“ଛାତ୍ରୀଙ୍କ ସ୍ଲୋଗାନକୁ ନେଇ ତାଙ୍କୁ ଗିରଫ କରିବା ଭାଜପାର ଫାସିବାଦକୁ ଦର୍ଶାଉଛି। ଦେଶରେ ଅଘୋଷିତ ଜରୁରିକାଳୀନ ପରିସ୍ଥିତି ଜାରି ହୋଇଛି।

- ମନୀଷ୍ ତିୱାରୀ, ବରିଷ୍ଠ କଂଗ୍ରେସ ନେତା



“ଫାସିବାଦୀ ଭାଜପା ଶାସନର ପତନ ହେଉ ବୋଲି ମୁଁ ମଧ୍ୟ କହୁଛି। କେନ୍ଦ୍ର ସରକାର ଏମିତି କେତେଜଣଙ୍କୁ ଗିରଫ କରି ଜେଲକୁ ପଠାଇବେ?

- ଏମ୍.କେ. ଷ୍ଟାଲିନ୍, ଡିଏମ୍‌କେ ଅଧ୍ୟକ୍ଷ



“ଯଦି ସ୍ଲୋଗାନ ଦେବା ଅପରାଧ ତେବେ ସବୁ ରାଜନେତା ଅପରାଧୀ। ପ୍ରଥମେ ନେତାମାନଙ୍କୁ ଜେଲରେ ପୂରାଯାଉ।

-କମଲ ହାସନ୍, ଅଭିନେତା ତଥା ଏମ୍‌ଏନ୍‌ଏମ୍ ମହାସଚିବ

## ■ ହାଇଦ୍ରାବାଦ ବିସ୍ଫୋରଣ

# ୨ ଆଇଏମ୍ ଆତଙ୍କବାଦୀ ଦୋଷୀ

**ହାଇଦ୍ରାବାଦ,୪।୯(ପି.ଟି.)**

୪୪ ଜଣଙ୍କ ଜୀବନ ନେଇଥିବା ହାଇଦ୍ରାବାଦ ବିସ୍ଫୋରଣ ମାମଲାରେ ହାଇଦ୍ରାବାଦର ଏକ କୋର୍ଟ ଇଣ୍ଡିଆନ୍ ମୁଜାହିଦ୍ଦିନ(ଆଇଏମ୍)ର ୨ ଆତଙ୍କବାଦୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ଅନ୍ୟ ୨ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ୨ ଦୋଷୀଙ୍କ ବିରୋଧରେ ସୋମବାର ଦଣ୍ଡବିଧାନ କରାଯିବ।

୨୦୦୭ ଅଗଷ୍ଟ ୨୫ରେ ଦୁଇଟି ସ୍ଥାନରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ଲୁମ୍ବିନୀ ପାର୍କରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୧ ଆହତ ହୋଇଥିଲେ। ସେହିପରି କୋଟି ଅଞ୍ଚଳର ଗୋକୁଲ ଚାଟ୍ ଇଟେରୀରେ ଘଟିଥିବା ବିସ୍ଫୋରଣରେ ୩୨ ଜଣଙ୍କ ଜୀବନ ଯାଇଥିବାବେଳେ ୪୭ ଆହତ ହୋଇଥିଲେ। ଏହି ବିସ୍ଫୋରଣରେ ମହାରାଷ୍ଟ୍ରର ୪ ଯୁବକଙ୍କ ହାତ ଥିବା ଜଣାପଡ଼ିଥିଲା। ୨୦୦୯ ଜାନୁୟାରୀରେ ଆନ୍ଧ୍ରପ୍ରଦେଶ ପୋଲିସ (ଆଇଏମ୍)ର ଅନିକ୍ ଶାଫିକ୍ ସୟଦ୍ ଏବଂ ମହମ୍ମଦ ଆକ୍‌ବର ଇସ୍‌ମାଇଲ୍ ଚୌଧରୀଙ୍କୁ ଗିରଫ କରିଥିଲା। ସେହିବର୍ଷ ମାର୍ଚ୍ଚରେ ଅନ୍ୟ ୨ ଅଭିଯୁକ୍ତ ଫାରୁକ୍ ଶର୍ଫୁଦ୍ଦିନ ତରକାଶ ଏବଂ ସାଦିକ୍ ଇସ୍‌ରାର ଅହମ୍ମଦ ଶେଖ୍ ଗିରଫ ହୋଇଥିଲେ। ବିସ୍ଫୋରଣର ୧୧ ବର୍ଷ ପରେ ଦ୍ୱିତୀୟ ଅତିରିକ୍ତ ମେଟ୍ରୋପଲିଟାନ୍ କୋର୍ଟରେ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ଟି. ଶ୍ରୀନିବାସ୍ ମଙ୍ଗଳବାର ଅନିକ୍ ଓ ଆକ୍‌ବରଙ୍କୁ ଦୋଷୀ ସାବ୍ୟସ୍ତ କରିଥିବାବେଳେ ପ୍ରମାଣ ଅଭାବରୁ ଫାରୁକ୍ ଏବଂ ସାଦିକ୍‌ଙ୍କୁ ଦୋଷମୁକ୍ତ ଘୋଷଣା କରିଛନ୍ତି। ୨ ଦୋଷୀ ଏବଂ ସେମାନଙ୍କୁ ସହଯୋଗ କରିଥିବା ୫ମ ଅଭିଯୁକ୍ତ ତାରିକ୍ ଅଞ୍ଜୁମ୍‌ଙ୍କ ଦଣ୍ଡବିଧାନ ଆସନ୍ତା ସୋମବାର କରାଯିବ। ଦୋଷୀଙ୍କ ବିରୋଧରେ ମୃତ୍ୟୁ ଦଣ୍ଡାଦେଶ ଦେବା ପାଇଁ ଅଭିଯୋଜନକାରୀ ପକ୍ଷ ଅଦାଲତଙ୍କୁ ଅନୁରୋଧ କରିବ ବୋଲି କହିଛି। କୋର୍ଟଙ୍କ ରାୟକୁ ଭାଜପା ସ୍ୱାଗତ କରିଛି।

# ଜଲାଲୁଦ୍ଦିନ୍ ହକ୍କାନୀଙ୍କ ମୃତ୍ୟୁ

**ଇସ୍‌ଲାମାବାଦ, ୪।୯(ପି.ଟି.)**



ଦୁର୍ଦ୍ଦାନ୍ତ ଆତଙ୍କବାଦୀ ସଙ୍ଗଠନ ହକ୍କାନୀ ନେଟ୍‌ୱର୍କର ପ୍ରତିଷ୍ଠାତା ଜଲାଲୁଦ୍ଦିନ୍ ହକ୍କାନୀଙ୍କ ମୃତ୍ୟୁ ହୋଇଛି। ଆଫଗାନ ତାଲିବାନ ପକ୍ଷରୁ ମଙ୍ଗଳବାର ଏହି ସୂଚନା ଦିଆଯାଇଛି। ୮୦ ବର୍ଷ ଟପିଥିବା ଜଲାଲୁଦ୍ଦିନ୍‌ଙ୍କ ପ୍ରକୃତରେ କେବେ ଏବଂ କିଭଳି ମୃତ୍ୟୁ ଘଟିଛି, ତାହା ସ୍ପଷ୍ଟ ହୋଇନାହିଁ। ପୂର୍ବରୁ ମଧ୍ୟ ଅନେକ ଥର ତାଙ୍କ ମୃତ୍ୟୁ ଖବର ପ୍ରସାର ହୋଇଛି। କିନ୍ତୁ ହକ୍କାନୀ ନେଟ୍‌ୱର୍କ ପକ୍ଷରୁ କଦାପି ଏନେଇ ଘୋଷଣା ହୋଇନାହିଁ। ଆଫଗାନିସ୍ତାନ ଓ ଆମେରିକା ନେତୃତ୍ୱାଧୀନ ନାଟୋ ବାହିନୀକୁ ବାରମ୍ବାର ଚ୍ୟାଲେଞ୍ଜ ଦେଇଆସୁଛି ହକ୍କାନୀ ନେଟ୍‌ୱର୍କ। ଏହା ଆଫଗାନିସ୍ତାନରେ ଅନେକ ଆକ୍ରମଣ ଘଟିଛି। ୨୦୦୮ରେ କାବୁଲସ୍ଥିତ ଭାରତୀୟ ଦୂତାବାସରେ ଏହା ବଡ଼ ଧରଣର ବିସ୍ଫୋରଣ ଘଟାଇଥିଲା, ଯେଉଁଥିରେ ୫୮ ଜଣ ନିହତ ହୋଇଥିଲେ। ଜଲାଲୁଦ୍ଦିନ୍ ଆକ୍ରମଣ ସହ ଅନେକ ନୃଶଂସ କାଣ୍ଡ ଘଟାଇଛନ୍ତି। ୯/୧୧ ଆକ୍ରମଣ ପରେ ସେ ସଙ୍ଗଠନର ନେତୃତ୍ୱ ଦାୟିତ୍ୱ ପୁଅ ସିରାଜୁଦ୍ଦିନ୍ ହକ୍କାନୀଙ୍କୁ ନ୍ୟସ୍ତ କରିଛନ୍ତି।

## ଫୁର୍‌ସତ


# ସୌର ଇନ୍ଧନ ପାଇଁ ନୂଆ ମଡେଲ

**ଲଣ୍ଡନ:** ବ୍ରିଟିଶ୍ ବୈଜ୍ଞାନିକମାନେ ସୂର୍ଯ୍ୟାଲୋକ ବ୍ୟବହାର କରି ଜଳକୁ ଉଦ୍‌ଯାନ ଓ ଅମ୍ଳଜାନରେ ପରିଣତ କରିବାକୁ ସକ୍ଷମ ହୋଇଛନ୍ତି। ପ୍ରାକୃତିକ ଫଟୋସିନ୍ଥେସିସ୍ ଅପେକ୍ଷା କୃତ୍ରିମ ଫଟୋସିନ୍ଥେସିସ୍ ଦ୍ୱାରା ସୂର୍ଯ୍ୟଠାରୁ ଅଧିକ ଶକ୍ତି ଆହରଣ କରାଯାଇପାରିବ। କେମ୍ବ୍ରିଜ୍ ୟୁନିଭର୍ସିଟିର କେତେକ ଗବେଷକଙ୍କୁ ନେଇ ଗଠିତ ଟିମ୍ ସୌର ଶକ୍ତି ଆହରଣ ଏବଂ ସଞ୍ଚୟ ପାଇଁ ଏଭଳି ପଦ୍ଧତି ପ୍ରୟୋଗ କରିଛନ୍ତି। ବୈଜ୍ଞାନିକଙ୍କ ଏହି ଗବେଷଣା ନବୀକରଣଯୋଗ୍ୟ ଶକ୍ତି ଉତ୍ପାଦନ କ୍ଷେତ୍ରରେ ଏକ ବିପ୍ଲବ ଆଣିବ ବୋଲି କୁହାଯାଉଛି। ପ୍ରାକୃତିକ ଆଲୋକ ସଂଶ୍ଳେଷଣ ପଦ୍ଧତି ଦ୍ୱାରା ସବୁଜ ଉଦ୍ଭିଦ ଖାଦ୍ୟ ପ୍ରସ୍ତୁତ କରେ। ଏହି ପଦ୍ଧତିରେ କମ୍ ସୌରଶକ୍ତି ବିନିଯୋଗ ହୁଏ। କିନ୍ତୁ ଏହି ବୈଜ୍ଞାନିକଙ୍କ ନୂତନ ପଦ୍ଧତି ଦ୍ୱାରା ଅଧିକ ସୌରଶକ୍ତି ଅବଶୋଷଣ କରାଯିବା ସହିତ ସଂରକ୍ଷିତ କରାଯାଇ ପାରିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ବ୍ୟୟବହୁଳ ହୋଇଥିବାରୁ ଏହାକୁ ଏ ପର୍ଯ୍ୟନ୍ତ ଶିଳ୍ପସଂସ୍ଥାରେ ବ୍ୟବହାର କରାଯାଇନାହିଁ।



# ମହାକାଶ ଯିବ ‘ଲଭ୍ ସାଟେଲାଇଟ୍’

**ଟୋକିଓ:** ଏକ ଜାପାନୀ ଫାର୍ମ ଏବଂ ସୁକୁବା ୟୁନିଭର୍ସିଟିର ମିଳିତ ଉଦ୍ୟମରେ ଗୋଟିଏ ଲଭ୍ ସାଟେଲାଇଟ୍ ଲଞ୍ଚ୍ ହେବାକୁ ଯାଉଛି। ନବ ଦମ୍ପତିଙ୍କ ଲଭ୍ ମେସେଜ୍ (ପ୍ରେମସୂଚକ ବାର୍ତ୍ତା) ବହନ କରୁଥିବା ଟିଟାନିୟମ ପ୍ଲେଟ୍‌ଗୁଡିକୁ ବହନ କରି ଉକ୍ତ ସାଟେଲାଇଟ୍ ମହାକାଶକୁ ଯିବ। ୨୦୧୯ ଶେଷ ସୁଦ୍ଧା ଏହା ଲଞ୍ଚ୍ ହେବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଲଭ୍ ମେସେଜ ବହନ କରୁଥିବା ଉକ୍ତ ସାଟେଲାଇଟ୍ ନଷ୍ଟହେବା ପୂର୍ବରୁ ପୃଥିବୀ ଚାରିପଟେ ପାଖାପାଖି ୨ବର୍ଷ ପରିକ୍ରମା କରିବ। ଏହି କ୍ୟୁବ୍-ସାଟ୍ ସାଟେଲାଇଟ୍ ପ୍ରାୟ ୬୦୦ଟି ଟିଟାନିୟମ ପ୍ଲେଟ୍ ବହନ କରି ଗୋଟିଏ ରକେଟ୍ ସହାୟତାରେ ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍) ଯିବ। ଆଇଏସ୍‌ଏସ୍‌ରେ ଥିବା ମହାକାଶଚାରୀମାନେ ଅତି କ୍ଷୁଦ୍ର ସାଟେଲାଇଟ୍‌ର ଫଟୋ ଉଠାଇ ପୃଥିବୀକୁ ପଠାଇବେ। ଏହାଦ୍ୱାରା ଦମ୍ପତି ସେମାନଙ୍କ ଲଭ୍ ମେସେଜ୍ ମହାକାଶକୁ ଯାଇଥିବାର ପ୍ରମାଣ ପାଇପାରିବେ। ଷ୍ଟାର୍ଟ-ଅପ୍ କମ୍ପାନୀ ସ୍ୱତନ୍ତ୍ର ଭାବେ ସୁକୁବା ହୋଟେଲରେ ବିବାହ କରିଥିବା ଦମ୍ପତିଙ୍କ ପାଇଁ ଏହି ସେବା ଯୋଗାଇଦେବ। ଏଥିପାଇଁ ପ୍ରତ୍ୟେକ ଦମ୍ପତିଙ୍କୁ ୨୭୦ ଡଲାର ବ୍ୟୟ କରିବାକୁ ପଡିବ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି କମ୍ପାନୀ ଏହାର ଅଫର ସମୟସୀମା ବୃଦ୍ଧି କରିବା ସହିତ ଅନ୍‌ଲାଇନ୍ ଅର୍ଡର ସୁବିଧା ଯୋଗାଇଦେବ। ଏଥିପାଇଁ ଜାପାନ, ଆମେରିକା ଏବଂ ତାଇୱାନ୍‌ର ଦମ୍ପତିମାନେ କମ୍ପାନୀ ସହ ଯୋଗାଯୋଗ ରକ୍ଷା କରିଛନ୍ତି।





## ଇତିହାସର ଆଇନାରେ

### ସେପ୍ଟେମ୍ବର ୫ର ପ୍ରମୁଖ ଘଟଣା

୧୯୮୬ ସେପ୍ଟେମ୍ବର ୫ରେ ମୁମ୍ବାଇରୁ ଫ୍ରାଙ୍କଫର୍ଟ ଉଡାଣ ଆରମ୍ଭ କରିଥିବା ପାନ୍ ଆମ୍-୭୩ ବିମାନ ଆତଙ୍କବାଦୀଙ୍କ ଦ୍ୱାରା ଅପହରଣ କରାଯାଇଥିଲା। ବିମାନ ମଧ୍ୟରେ ୩୬୦ ଜଣ ଯାତ୍ରୀ ରହିଥିବାବେଳେ ୪ ଜଣ ପାଲେଷ୍ଟାନୀୟ ଆତଙ୍କବାଦୀ ଏହାକୁ ଅପହରଣ କରିଥିଲେ। ବିମାନର ହେଡ୍ ଆଟେଣ୍ଡାଣ୍ଟ ନୀରଜା ଭାନୋଟ ଯାତ୍ରୀଙ୍କୁ ରକ୍ଷା କରିବାକୁ ଯାଇ ନିଜର ଜୀବନ ଦେଇଥିଲେ। ସେଥିପାଇଁ ତାଙ୍କୁ ଅଶୋକଚକ୍ର ପୁରସ୍କାର ପ୍ରଦାନ କରାଯାଇଥିଲା।

୧୯୯୦ ସେପ୍ଟେମ୍ବର ୫ରେ ଶ୍ରୀଲଙ୍କା ଗୃହଯୁଦ୍ଧରେ ସୈନିକମାନେ ୧୫୮ ନାଗରିକଙ୍କୁ ହତ୍ୟା କରିଥିଲେ। ୧୯୮୩ରୁ ସେଠାରେ ସରକାରଙ୍କ ବିରୋଧରେ ଲିବରେଶନ୍ ଟାଇଗର ଅଫ୍ ତାମିଲ ଇଲମ୍ (ଏଲ୍‌ଟିଟିଇ) ସ୍ୱତନ୍ତ୍ର ତାମିଲ ରାଜ୍ୟ ଗଠନ କରିବାକୁ ୨୬ ବର୍ଷ ଲଢେଇ ଜାରିରଖିଥିଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

ରାଜ୍ୟ-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ସ୍ଥାନୀୟ ଅଞ୍ଚଳ-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ବର୍ଷା ହୋଇପାରେ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୫ | ୨୫.୧ |
| ଚାନ୍ଦବାଲି | ୩୦.୯ | ୨୬.୦ |
| କଟକ | ୩୧.୨ | ୨୪.୫ |
| ପାରାଦ୍ୱୀପ | ୩୧.୦ | ୨୭.୦ |
| ଭୁବନେଶ୍ୱର | ୩୧.୨ | ୨୫.୬ |
| ଗୋପାଳପୁର | ୩୩.୫ | ୨୬.୯ |
| ପୁରୀ | ୩୩.୬ | ୨୬.୬ |
| ଅନୁଗୋଳ | ୩୨.୧ | ୨୩.୦ |
| ବାରିପଦା | ୩୧.୫ | ୨୬.୪ |
| ଝାରସୁଗୁଡ଼ା | ୩୨.୩ | ୨୪.୮ |
| କେନ୍ଦୁଝର | ୨୯.୩ | ୨୪.୦ |
| ସମ୍ବଲପୁର | ୩୨.୬ | ୨୨.୮ |
| ସୁନ୍ଦରଗଡ଼ | --- | ୧୯.୦ |
| ହୀରାକୁଦ | ୩୨.୩ | ୨୦.୮ |
| ତାଳଚେର | --- | ୨୫.୦ |
| ଭବାନୀପାଟଣା | ୩୧.୫ | ୨୪.୪ |
| ବଲାଙ୍ଗୀର | ୩୩.୫ | ୨୪.୮ |
| କୋରାପୁଟ | ୨୬.୦ | ୨୦.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୩୨.୦ | ୨୨.୦ |
| ମାଲକାନଗିରି | ୩୨.୦ | ୨୫.୬ |
| ସୋନପୁର | ୩୩.୦ | ୨୨.୬ |
| ଦାରିଙ୍ଗିବାଡ଼ି | ୨୭.୦ | ୧୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

# ଅମିତାଭଙ୍କ ସହ କାମ କରିବାକୁ ଆଗ୍ରହୀ ଜୟାପ୍ରଦା

**ମୁମ୍ବାଇ:** ସୋମବାର ଅମିତାଭ୍ ବଚ୍ଚନଙ୍କ ‘କୌନ ବନେଗା କରୋଡପତି’ର ନୂଆ ସିଜିନ୍ ଏବଂ ଅଭିନେତ୍ରୀ ଜୟାପ୍ରଦାଙ୍କ ଟିଭି ଶୋ ‘ପରଫେକ୍ଟ ପତି’ ର ପ୍ରିମିୟର ଆରମ୍ଭ ହୋଇଛି। ତେବେ ଦୁଇ ପ୍ରମୁଖ କଳାକାରଙ୍କ ଟିଭି ଶୋ’ ସଂଯୋଗବଶତଃ ଗୋଟିଏ ଦିନରେ ଆରମ୍ଭ ହୋଇଥିବାରୁ ଦର୍ଶକ ଏହି ଦୁଇଜଣଙ୍କୁ ଗୋଟିଏ ଫିଲ୍ମରେ ଆଉଥରେ ଦେଖିବା ପାଇଁ ଆଗଭର ହୋଇଛନ୍ତି। ଉପଯୁକ୍ତ ରୋଲ୍ ଏବଂ ସୁଯୋଗ ମିଳିଲେ ମେଗାଷ୍ଟାର୍ ଅମିତାଭ୍ ବଚ୍ଚନ୍‌ଙ୍କ ସହ କାର୍ଯ୍ୟ କରିବାକୁ ଖୁସି ହେବେ ବୋଲି ଜୟାପ୍ରଦା ପ୍ରକାଶ କରିଛନ୍ତି। ଜୟା ଏକ ବିବୃତିରେ କହନ୍ତି, ଆମ ଶୋ’ ଗୋଟିଏ ଦିନରେ ଆରମ୍ଭ ହେବା ସୌଭାଗ୍ୟବଶତଃ ଏକ ସଂଯୋଗ। ଅମିତାଭ୍‌ଜୀ ଏବଂ ମୋର ଫିଲ୍ମ କ୍ୟାରିୟର୍‌ର ଦୀର୍ଘ ଇତିହାସ ରହିଛି। ଭବିଷ୍ୟତରେ କେବେ ସୁଯୋଗ ମିଳିଲେ ପୁଣିଥରେ ତାଙ୍କ ସହିତ କାମ କରିବାରେ ଖୁସି ଅନୁଭବ କରିବି। କିନ୍ତୁ ମୋତେ କି ପ୍ରକାର ଭୂମିକା ଦିଆଯାଉଛି ତାହା ଉପରେ ଏହା ସମ୍ପୂର୍ଣ୍ଣ ନିର୍ଭର କରୁଛି। ସୂଚନାଯୋଗ୍ୟ ଯେ, ‘ଗଙ୍ଗା ଯମୁନା ସରସ୍ୱତୀ’, ‘ଆଖିରୀ ରାସ୍ତା’, ‘ଇନ୍ଦ୍ରଜିତ୍’, ‘କୋରମ୍’ ଏବଂ ‘ଆଜ୍ କା ଅର୍ଜୁନ’ ଭଳି ଫିଲ୍ମରେ ବିଗ୍ ବି’ଙ୍କ ସହିତ ଜୟାପ୍ରଦା ଅଭିନୟ କରିଛନ୍ତି। ଜୟା ଅଭିନୀତ ‘ପରଫେକ୍ଟ ପତି’ ଆଣ୍ଡ ଟିଭିରେ ପ୍ରଦର୍ଶିତ ହୋଇଥିବା ବେଳେ ଅମିତାଭ୍‌ଙ୍କ ଶୋ ସୋନି ଏଣ୍ଟରଟେନ୍‌ମେଣ୍ଟ ଟିଭିରେ ପ୍ରଦର୍ଶିତ ହୋଇଛି।




ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

## ସଂକ୍ଷେପରେ

### ଯୌନ ନିର୍ଯାତନା: ଶିକ୍ଷକ ନିଲମ୍ବିତ

ଯୋଡା, ୪।୯(ଡି.ଏନ.ଏ.) ଯୋଡ଼ା ବ୍ଲକ ଜଲହରି ପଞ୍ଚାୟତର ଏକ ସ୍କୁଲ୍‌ରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଚକ୍ରଧର ମହାକୁଡ଼ ନାମକ ସହକାରୀ ଶିକ୍ଷକ ନିଲମ୍ବନ ହେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ବେଲଦା ଅଞ୍ଚଳରୁ ଆସୁଥିବା ଶିକ୍ଷକ ଚକ୍ରଧର ମହାକୁଡ ଛାତ୍ରୀମାନଙ୍କୁ ପାଠ ପଢାଇବା ଆଳରେ ଯୌନ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ପୂର୍ବରୁ ବୈଠକ କରାଯାଇଥିଲା। ପରେ ଉକ୍ତ ଘଟଣା ସମ୍ପର୍କରେ ଯୋଡା ବିଇଓଙ୍କୁ ଜଣାଇଥିଲା। ବାମେବାରି ଥାନାରେ ଲିଖିତ ଏତଲା ଦିଆଯାଇଥିଲା ବୋଲି ସେ କହିଛନ୍ତି। ଉକ୍ତ ଘଟଣା ସମ୍ପର୍କରେ ସ୍କୁଲ ପକ୍ଷରୁ ଚପାଇ ଦେବା ଉଦ୍ୟମ ଏବଂ ଛାତ୍ରୀମାନଙ୍କ ପରିବାର ଲୋକଙ୍କୁ ଜଣାଇ ନ ଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

### ସାପ କାମୁଡ଼ାରେ ମହିଳା ମୃତ

ଚଣ୍ଡିଖୋଲ,୪।୯(ଡି.ଏନ.ଏ)- ବଡ଼ଚଣା ଥାନା ଅନ୍ତର୍ଗତ ବନ୍ଧାଲୋ ପଞ୍ଚାୟତ ଓଲର ଗ୍ରାମରେ ମଙ୍ଗଳବାର ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମିଞ୍ଜାରୀ ସୁରୀ (୩୮)। ସୋମବାର ଅପରାହ୍ନରେ ଛୋଟ ଛୋଟ ତିନି ପିଲାଙ୍କୁ ଛାଡ଼ି ମାଛ ଧରିବାକୁ ଯାଉଥିବା କହି ସେ ଘରୁ ବାହାରି ଯାଇଥିଲେ। ତାଙ୍କ ସ୍ୱାମୀ ବାଜିଆ ରାଇସ୍ ମିଲ୍‌ରେ କାମ କରନ୍ତି। ରାତିରେ ଘରକୁ ଫେରି ସ୍ତ୍ରୀଙ୍କ ବିଷୟରେ ପିଲାଙ୍କୁ ପଚାରିବାରୁ ମାଛ ଆଣିବାକୁ ଯାଇଥିବା କହିଥିଲେ। ବାଜିଆ ବହୁ ଖୋଜାଖୋଜି କରିବା ପରେ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ସକାଳୁ ଖୋଜାଖୋଜି କରିବା ପରେ ବିଲରେ ମରିପଡ଼ିଥିବାର ଦେଖିବାକୁ ପାଇଲେ। ଏ ନେଇ ବଡ଼ଚଣା ଥାନାକୁ ଖବର ଦେଇଥିଲେ। ବଡ଼ଚଣା ଥାନାଧିକାରୀ ଶରତ ଚନ୍ଦ୍ର ପାତ୍ର ଏକ ଅପମୃତ୍ୟୁ ମାମଲା(୨୦/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି।

### ଧାନ ଫସଲରେ ରୋଗ ପୋକ

**ଗଣ୍ଡତୁରୁମ, ୪।୯ (ଡି.ଏନ.ଏ):** ଭେଡେନ ବ୍ଲକର ବିଭିନ୍ନ ପଞ୍ଚାୟତରେ ଧାନ ଫସଲରେ ରୋଗ ପୋକ ଦେଖାଦେଇଛି। ଧାନ ଗଛର ଅଗ୍ରଭାଗ ପତ୍ରଗୁଡିକ ପୋଡିଯାଇ ଧଳା ହୋଇଯାଉଛି। ଏପରି ସ୍ଥଳେ ଚାଷୀଙ୍କୁ ଆବଶ୍ୟକ ପରାମର୍ଶ ଦେବାକୁ କୃଷି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ରୋଗପୋକ ଦମନ ପାଇଁ ସେମାନେ କୀଟନାଶକ ପ୍ରୟୋଗ କରୁଥିଲେ ମଧ୍ୟ ତାହା କାମକୁ ଆସୁନାହିଁ। ଏ ସମ୍ପର୍କରେ ଜିଲ୍ଲା କୃଷି ଉପ ନିର୍ଦ୍ଦେଶକ ଦୀନବନ୍ଧୁ ଗାନ୍ଧୀଙ୍କୁ ଯୋଗାଯୋଗ କରାଯିବାରୁ ଧାନ ଫସଲରେ ବର୍ତ୍ତମାନ ନୀଳ ପୋକ ଦେଖାଯାଉଥିବା ସୂଚନା ମିଳିଛି। ଯାହାକି ସାଂଘାତିକ ନୁହେଁ। ମନୋକ୍ରୋଟୋଫିସ୍ ଜାତୀୟ ଔଷଧ ପ୍ରୟୋଗରେ ଏହା ଠିକ୍ ହୋଇଯିବ। ଅଞ୍ଚଳର କୃଷି କର୍ମଚାରୀ ଚାଷୀଙ୍କୁ ଭେଟି ଆବଶ୍ୟକ ପରାମର୍ଶ ଦେବେ। ଫୋରାଟକ୍ସ ଭଳି ଆହୁରି ଅନେକ କୀଟନାଶକ ତିଆରି ହେବା ବନ୍ଦ ହୋଇଛି। ଗଚ୍ଛିତ ଥିବା ଔଷଧ ଆସନ୍ତା ୨୦୨୦ ମସିହା ପର୍ଯ୍ୟନ୍ତ ବିକ୍ରି ହୋଇପାରିବ ବୋଲି ଡିଡିଏ ଗାନ୍ଧୀ ପ୍ରକାଶ କରିଥିଲେ ।

### ସ୍ତ୍ରୀକୁ ନିର୍ଯାତନା ଦେଇ ସ୍ୱାମୀ ଗିରଫ

ଡାବୁଗାଁ, ୪।୯ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ସଦର ଗାଁର ରେଭିନ୍ୟୁ ନୂଆଗୁଡା ସାହିରେ ସ୍ତ୍ରୀକୁ ନିର୍ଯାତନା ଅଭିଯୋଗରେ ସନ୍ତୋଷ କୁମାର ପାଢୀଙ୍କୁ ସ୍ଥାନୀୟ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ସନ୍ତୋଷ ୯ବର୍ଷ ତଳେ ତୃପ୍ତିଲତାଙ୍କୁ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ସେ ମଦ୍ୟପାନ କରି ଗାଳିଗୁଲଜ, ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ ବୋଲି ତୃପ୍ତି କହିଛନ୍ତି। ଗତ ରବିବାର ସନ୍ତୋଷ ମଦ୍ୟପାନ କରି ତାଙ୍କୁ ଶାବଳରେ ହତ୍ୟା ଉଦ୍ୟମ କରିଥିଲେ ବୋଲି ତୃପ୍ତି କହିଛନ୍ତି। ସୋମବାର ମଧ ସନ୍ତୋଷ ସମାନ ପ୍ରୟାସ କରିଥିଲେ। ଏନେଇ ତୃପ୍ତିଲତା ସୋମବାର ସନ୍ଧ୍ୟାରେ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ଥାନା କେସ୍ ନଂ. ୧୨୨/୧୮ ରେ ଏକ ମାମଲା ରୁଜୁ କରାଯାଇଛି। ମଙ୍ଗଳବାର ଡାବୁଗାଁ ପୋଲିସ ସନ୍ତୋଷଙ୍କୁ ଗିରଫ କରିଛି।



ଏସ୍ଏନ୍‌ପିଆର୍ଏ ଦର ଅନୁଯାୟୀ ବଜାର ଦର ଧାର୍ଯ୍ୟ କରିବା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ମଙ୍ଗଳବାର ଓଡ଼ିଶା ଅଙ୍ଗନୱାଡ଼ି କର୍ମୀ ମିଳିତ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ।

■ ଶାଳିଆ ବାଉଁଶରୁ କାଠ, ଆସବାବପତ୍ର ପ୍ରସ୍ତୁତି ସଫଳ

## ଓଡିଶାରେ ସ୍ଥାପନ ହେବ ବାଉଁଶ କାଠ ପ୍ରସ୍ତୁତି କାରଖାନା

ଭୁବନେଶ୍ୱର, ୪।୯(ବ୍ୟୁରୋ)- ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ଦ୍ୱାରା ପ୍ରଥମଥର ବାଉଁଶରୁ କାଠ ପ୍ରସ୍ତୁତ କରାଯିବା ପାଇଁ ନିଆଯାଇଥିବା ପଦକ୍ଷେପ ସଫଳ ହୋଇଛି। ଏଣୁ ରାଜ୍ୟରେ ବାଉଁଶରୁ କାଠ ପ୍ରସ୍ତୁତି କାରଖାନା ପ୍ରତିଷ୍ଠା କରାଯିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି।

ଓଡିଶା ଜଙ୍ଗଲରେ ଥିବା କଞ୍ଚା ଶାଳିଆ ବାଉଁଶରୁ କାଠ ପ୍ରସ୍ତୁତ କରିବା ଏକ ବାସ୍ତବ ପଦକ୍ଷେପ। ଓଡିଶା ବାଉଁଶ ଉନ୍ନୟନ ସଂସ୍ଥା ପକ୍ଷରୁ ଗତ ଜୁନରେ ରାଜ୍ୟରେ ଥିବା ଜଙ୍ଗଲର ବାଉଁଶରୁ ପରୀକ୍ଷାମୂଳକ ଭାବେ ବାଉଁଶ କାଠ ଉତ୍ପାଦନ କରିବାକୁ ତ୍ରିପୁରାର ରାଜଧାନୀ ଅଗରତାଲାସ୍ଥିତ ମୁଥା କାରଖାନାକୁ କଞ୍ଚାମାଲ ପଠାଇବାକୁ ପଦକ୍ଷେପ ନିଆଯାଇଥିଲା। ଏହି କାରଖାନା ଭାରତର ଉତ୍ତର ପୂର୍ବ ରାଜ୍ୟରେ ଥିବା ନରମମୂଳି ବାଉଁଶରୁ କାଠ, ଚଟାଣ ଟାଇଲ ଏବଂ କାଠଜାତୀୟ ଆସବାବପତ୍ର ବ୍ୟବସାୟିକ ଭିତ୍ତିରେ ଗତ ୨ବର୍ଷ ହେବ ଉତ୍ପାଦନ କରିଆସୁଛି। ଗତ ଜାନୁୟାରୀରେ ଓଡିଶା ବାଉଁଶ ଉନ୍ନୟନ କର୍ତ୍ତୃପକ୍ଷଙ୍କର ଏକ ୨୬ଜଣିଆ ପ୍ରତିନିଧି ଦଳ ଉକ୍ତ କାରଖାନା ପରିଦର୍ଶନରେ ଯାଇଥିଲେ। କାରଖାନା ଅଧକ୍ଷ ଅନୀଲ ମୁଥା ଏବଂ ଉପାଧକ୍ଷ ରୀନିବ ବୋଷଙ୍କ ସହିତ ଓଡିଶା ବାଉଁଶ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଏସ୍.ପି. ମହାପାତ୍ର ବାଉଁଶ କାଠ ଉତ୍ପାଦନ ପାଇଁ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଆଲୋଚନା ମୁତାବକ ଓଡିଶାରୁ ଗୋଟିଏ ଟ୍ରକ ବାଉଁଶ ଲୋଡ୍ ହୋଇ ଅଗରତାଲାରେ ଥିବା କାରଖାନାକୁ ପଠାଯାଇଥିଲା। ପରୀକ୍ଷାମୂଳକ ଭାବେ ବିନା ମୂଲ୍ୟରେ ବାଉଁଶ କାଠ ପ୍ରସ୍ତୁତ ହୋଇଥିଲା। ସେଥିରୁ ରାଜ୍ୟ ସରକାର ୪୦ପ୍ରତିଶତ କାଠ ପାଇଥିବାବେଳେ ମୁଥା କାରଖାନା ୬୦ପ୍ରତିଶତ ପାଇଛି। ବୌଦ୍ଧ ବନଖଣ୍ଡର ହାତୀଧରା ଜଙ୍ଗଲରୁ ବାଉଁଶ କଟାଯାଇ ଯଥାଶୀଘ୍ର ଅଗରତାଲା କାରଖାନାକୁ ପଠାଇବାକୁ ନିଷ୍ପତ୍ତି ନିଆଯାଇଛି। ଓଡିଶା ଜଙ୍ଗଲରେ ଥିବା ବାଉଁଶରୁ କାଠ ପ୍ରସ୍ତୁତି ପାଇଁ ରାଜ୍ୟରେ ଏକ କାରଖାନା ବସାଇବାକୁ ସ୍ଥିର ହୋଇଛି। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ନିର୍ଦ୍ଦେଶକ୍ରମେ ମୁଥା କାରଖାନା ଅଧକ୍ଷ ଅନୀଲ ମୁଥାଙ୍କୁ ଓଡିଶା ନିମନ୍ତ୍ରଣ କରାଯିବ। ରାଜ୍ୟରେ ସେହିଭଳି ଏକ କାରଖାନା ବସାଇବା ପାଇଁ ତାଙ୍କ ସହିତ ଆଲୋଚନା କରିବା ଲାଗି ରାଜ୍ୟ ସରକାର ପଦକ୍ଷେପ ନେବାକୁ ସ୍ଥିର କରିଛନ୍ତି।

■ ମହାନଦୀରେ ଅଣ ମୌସୁମୀ ଜଳ ସ୍ରୋତ କମିଛି

## ବିଦ୍ୟୁତ୍ ଉତ୍ପାଦନ ବି କମିଛି

ଭୁବନେଶ୍ୱର ୪।୯(ବ୍ୟୁରୋ)- ମହାନଦୀର ଉପରମୁଣ୍ଡରେ ବ୍ୟାରେଜ ନେଇ ଓଡ଼ିଶା ଏବଂ ଛତିଶଗଡ ମଧ୍ୟରେ ବିବାଦ ଦେଖାଦେଇଛି। ମହାନଦୀରେ ଅଣ ମୌସୁମୀ ସମୟରେ ଜଳ ପ୍ରବାହ ହ୍ରାସ ହେଉଥିବାରୁ ରାଜ୍ୟ ସରକାର ଆଇନର ଆଶ୍ରୟ ନେଇଛନ୍ତି। ମାତ୍ର ଏହି ପ୍ରସଙ୍ଗରେ ଜଳ ସମ୍ପଦ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମଙ୍ଗଳବାର ବିଧାନସଭାରେ ଭିନ୍ନ ଭିନ୍ନ ଉତ୍ତର ଦେଇଛନ୍ତି। ବିଜେଡି ସଭ୍ୟ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମଙ୍ଗଳବାର ବିଧାନସଭାରେ ଲିଖିତ ପ୍ରଶ୍ନରେ ରାଜ୍ୟର ସମସ୍ତ ପାହାଡ ପର୍ବତରେ ଥିବା ଝରଣାରୁ ଉତ୍ପତ୍ତି ଜଳ ଶତକଡା ୯୦ ଭାଗ ଶୁଖି ଯାଉଥିବାରୁ ସମସ୍ତ ନଦୀର ଜଳସ୍ରୋତ ଶତକଡା ୮୦ ପ୍ରତିଶତ ହ୍ରାସ ପାଉଥିବା ସମ୍ପର୍କରେ ସରକାର ଜାଣିଛନ୍ତି କି । ଯଦି ଜାଣିଛନ୍ତି ତେବେ ଏହା ନିରାକରଣ ପାଇଁ ନଦୀକୂଳଗୁଡିକରେ ଜଳ ସଂରକ୍ଷଣ କୂପ ଓ ପୁଷ୍କରିଣୀ ନିର୍ମାଣ କରିବା ସହ ଲଣ୍ଡା ପାହାଡରେ ବ୍ୟାପକ ବୃକ୍ଷ ରୋପଣ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବେ କି । ଆଭ୍ୟନ୍ତରୀଣ ଜିଲାଗୁଡିକରେ ଗଭୀର ନଳକୂପ ପାଇଁ ରିହାତି ଦେବା ବନ୍ଦ କରି ସେହି ଅର୍ଥ ବଦଳରେ ଜଳସେଚନ ପୋଖରୀ ନିର୍ମାଣ କରିବେ ବୋଲି ଜଳ ସମ୍ପଦ ମନ୍ତ୍ରୀଙ୍କୁ ପଚାରିଥିଲେ। ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସମସ୍ତ ନଦୀର ଜଳ ସ୍ରୋତ ଅଣ ମୌସୁମୀ ଋତୁରେ ୮୦ ପ୍ରତିଶତ ହ୍ରାସ ପାଇ ନାହିଁ। କେନ୍ଦ୍ରୀୟ ଜଳ ଆୟୋଗ ତଥ୍ୟ ଅନୁଯାୟୀ ଗତ ୧୦ ବର୍ଷର ହାରାହାରି ଜଳର ପରିମାଣ ପୂର୍ବରୁ ହାରାହାରି ଜଳର ପରିମାଣ ତୁଳନାରେ କେତେକ ନଦୀରେ ପ୍ରବାହ ବଢିଛି। ଅନ୍ୟ କେତେକ ନଦୀରେ ଜଳ ପ୍ରବାହ କମିଛି। ମହାନଦୀ, ବୈତରଣୀ, ବଂଶଧାରା, କୋଲାବ, ସୁବର୍ଣ୍ଣରେଖା ଓ ନାଗାବଳୀ ନଦୀର ହାରାହାରି ଅଣ ମୌସୁମୀ ଜଳ ସ୍ରୋତ ବଢିଛି। ବ୍ରାହ୍ମଣୀ, ବୁଢାବଳଙ୍ଗ, ଇନ୍ଦ୍ରାବତୀ ଓ ଋଷିକୁଲ୍ୟା ନଦୀର ହାରାହାରି ଅଣ ମୌସୁମୀ ଜଳ ସ୍ରୋତ କମିଛି। ଇନ୍ଦ୍ରାବତୀ ନଦୀର ନବରଙ୍ଗପୁରଠାରେ ହାରାହାରି ଜଳ ପ୍ରବାହ ଅଣମୌସୁମୀ ସମୟରେ ୩୧ ପ୍ରତିଶତ କମିଛି। ନଦୀ ଜଳ ହ୍ରାସର ନିରାକରଣ ପାଇଁ ଆବଶ୍ୟକ ସ୍ଥଳେ ବିଚାରବିମର୍ଶ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ସଭ୍ୟ ନବ କିଶୋର ଦାସଙ୍କ ୧୫୨ ନମ୍ବର ଲିଖିତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଛତିଶଗଡ ଦ୍ୱାରା ମହାନଦୀ ଉପରମୁଣ୍ଡରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ନିର୍ମାଣ ହେବା ଦ୍ୱାରା ମହାନଦୀର ଜଳ ପ୍ରବାହ ଗଭୀର ଭାବେ ପ୍ରଭାବିତ ହୋଇଛି। ୨୦୦୫-୦୬ରୁ ୨୦୧୫-୧୬ ମଧ୍ୟରେ ଅଣ ମୌସୁମୀ ସମୟରେ ହାରାହାରି ଜଳ ପ୍ରବାହକୁ ଅନୁଧ୍ୟାନ କଲେ ୨୦୧୬-୧୭ରେ ଅଣ ମୌସୁମୀ ସମୟରେ ୪୫ ପ୍ରତିଶତ ଜଳ ପ୍ରବାହ ହ୍ରାସ ପାଇଛି। ୨୦୧୭-୧୮ରେ ହାରାହାରି ୩୪ ପ୍ରତିଶତ ହ୍ରାସ ପାଇଛି। ୧୯୯୦-୯୧ରୁ ୨୦୧୫-୧୬ ମଧ୍ୟରେ ହୀରାକୁଦ ଜଳଭଣ୍ଡାରରୁ ୨୦ ପ୍ରତିଶତ ବିଦ୍ୟୁତ ଉତ୍ପାଦନ କମିଛି।

ଗୋବର୍ଦ୍ଧନ ମଠରେ କେନ୍ଦ୍ରମନ୍ତ୍ରୀ କ୍ରିଷ୍ଣା ରାଜ୍

## ଗୋ ସମ୍ପଦ ସୁରକ୍ଷା ପାଇଁ ପରାମର୍ଶ ଦେଲେ ଶଙ୍କରାଚାର୍ଯ୍ୟ

ପୁରୀ ଅଫିସ, ୪।୯: କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ କ୍ରିଷ୍ଣା ରାଜ୍ ମଙ୍ଗଳବାର ଅପରାହ୍ନରେ ଗୋବର୍ଦ୍ଧନ ମଠକୁ ଆସି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ୍ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ରାଜ୍ ପ୍ରାୟ ୩୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ମଠ ପରିସରରେ ରହିଥିଲେ। ଏହି ଅବସରରେ ଜଗଦ୍‌ଗୁରୁ ଗୋ ସୁରକ୍ଷା ଏବଂ ଜୈବିକ କୃଷି ସମ୍ବନ୍ଧରେ କେନ୍ଦ୍ରମନ୍ତ୍ରୀଙ୍କୁ ଉପଦେଶ ଦେଇଥିଲେ। ଶଙ୍କରାଚାର୍ଯ୍ୟ କହିଥିଲେ ଯେ, କୃଷି, ଗୋ ସୁରକ୍ଷା ଓ ବାଣିଜ୍ୟକୁ ରକ୍ଷାକରିବା ଦରକାର ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରାଚୀନ କାଳରେ କୃଷି କ୍ଷେତ୍ରରେ ଗୋ ସମ୍ପଦକୁ ବ୍ୟବହାର କରାଯାଉଥିଲା। ସେମାନଙ୍କଠାରୁ ଦୁଗ୍ଧ, ଦହି, ଘିଅ ଆଦି ସଂଗ୍ରହ କରି ମଣିଷ ଆର୍ଥିକ ସ୍ୱଚ୍ଛଳ ହେଉଥିଲା। ହେଲେ ଆଜି ଏ ସବୁକୁ ଅଣଦେଖା କରାଯାଉଛି। କୃଷି କ୍ଷେତ୍ରରେ ହଳ ବଳଦ ବଦଳରେ ଟ୍ରାକ୍ଟର ବ୍ୟବହାର ହେଉଛି। ଗୋ ସମ୍ପଦ ବିକ୍ରି ଏବଂ ହତ୍ୟା କରାଯାଉଛି। ଏମାନଙ୍କ ଚମଡ଼ା ବିକ୍ରିକୁ କେହି କେହି ବାଣିଜ୍ୟ ବୋଲି ଧରିନେଲେଣି। ସାମ୍ପ୍ରତିକ ସମାଜରେ ଗୋ ସମ୍ପଦ ବିପନ୍ନ ହୋଇପଡିଛି। ତେଣୁ ଏମାନଙ୍କ ସୁରକ୍ଷା ଜରୁରୀ ହୋଇପଡିଛି। ଗୋ ସମ୍ପଦର ସୁରକ୍ଷା ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ହୋଇପାରିବ ବୋଲି ଶଙ୍କରାଚାର୍ଯ୍ୟ କେନ୍ଦ୍ରମନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଜୈବିକ କୃଷି ପ୍ରତି ଲୋକମାନେ କିପରି ଅଧିକ ଆଗ୍ରହୀ ହେବେ ସେ ଦିଗରେ ସରକାର ପଦକ୍ଷେପ ନେବା ଜରୁରୀ। କ୍ଷେତରେ ଖତ, ଗୋ ମୂତ୍ର, ଗୋବର ଅଧିକ ପରିମାଣରେ ବ୍ୟବହାର କରାଯିବା ଦରକାର। ବର୍ତ୍ତମାନ ଯେଉଁ ହାରରେ ରାସାୟନିକ ସାର, ଔଷଧ ପ୍ରୟୋଗ କରାଯାଉଛି ସମୟ ଆସିବ ଭୂମି ବନ୍ଧ୍ୟା ହୋଇଯିବ। ଆଉ ଫସଲ ହେବନାହିଁ। ତେଣୁ ଏ ବିଷୟରେ କେନ୍ଦ୍ର ସରକାର ଗଭୀର ଭାବେ ଚିନ୍ତା କରିବା ସମୟ ଆସିଛି ବୋଲି ଶଙ୍କରାଚାର୍ଯ୍ୟ ମତ ରଖିଥିଲେ। ଏହି ଅବସରରେ ମଠର ମୁଖପାତ୍ର ମନୋଜ ରଥ ମଧ୍ୟ ଉପସ୍ଥିତ ଥିଲେ।

■ ସୁବର୍ଣ୍ଣରେଖାରୁ ପଶ୍ଚିମବଙ୍ଗର ବେଆଇନ ବାଲି ଉତ୍ତୋଳନ ମାମଲା

## ଏନ୍‌ଜିଟିରେ ହେଲା ଶୁଣାଣି, ରାୟ ସଂରକ୍ଷିତ

କଟକ ଅଫିସ, ୪।୯- ବାଲେଶ୍ୱର ଜିଲାର ଜଳେଶ୍ୱର ନିକଟରେ ସୁବର୍ଣ୍ଣରେଖା ନଦୀ ଶଯ୍ୟାରୁ ପଶ୍ଚିମବଙ୍ଗର ବେଆଇନ ବାଲି ଉତ୍ତୋଳନକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ରୁଜୁ ହୋଇଥିବା ମାମଲାର ଶୁଣାଣି ଶେଷ ହୋଇଛି। ଏନ୍‌ଜିଟି ଅଧକ୍ଷ ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ଏସ୍.ପି. ୱାଙ୍ଗଡି ଓ ବିଶେଷଜ୍ଞ ସଭ୍ୟ ରାଗିନୀ ନନ୍ଦାଙ୍କୁ ନେଇ ଗଠିତ ଖଣ୍ଡପୀଠ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମଙ୍ଗଳବାର ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଛନ୍ତି।



ସୁବର୍ଣ୍ଣରେଖାରୁ ପଶ୍ଚିମବଙ୍ଗର ବାଲି ମାଫିଆମାନେ ବେଆଇନ ଭାବେ ପ୍ରଚୁର ପରିମାଣରେ ବାଲି ଉତ୍ତୋଳନ କରୁଛନ୍ତି। ଏହା ବିରୋଧରେ ସାମାଜିକ କର୍ମୀ ସୁଦର୍ଶନ ଦାସ ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସମୟରେ ଆବେଦନକାରୀ ଦାସଙ୍କ ପକ୍ଷରୁ ନିଯୁକ୍ତ ଓକିଲ ରିତିକ୍ ଦତ୍ତ ଯୁକ୍ତି ବାଢ଼ିଥିଲେ ଯେ, ଅଦ୍ୟାବଧି ସୁବର୍ଣ୍ଣରେଖାରେ ୩୨ଟି ବାଲି ଖାଦାନ ଜଳେଶ୍ୱରର ମାଙ୍କଡ଼ିଆ ନିକଟରେ ଚାଲୁଛି, ଯାହାକୁ ପଶ୍ଚିମବଙ୍ଗର ପଶ୍ଚିମ ମେଦିନପୁର ଜିଲାପାଳ ଅନୁମତି ଦେଇଛନ୍ତି। ଏଥିଯୋଗୁ ନଦୀର ପରିବେଶ ଓ ଜଳେଶ୍ୱରର ଅନେକ ଗାଁ ପ୍ରତି ବିପଦ ସୃଷ୍ଟି ହେଉଛି। ବେଆଇନ ବୋଲି ଦର୍ଶାଇ ଏହାକୁ ବନ୍ଦ କରାଯାଉ ବୋଲି ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କ ନିକଟରେ ଦୃଢ଼ ଯୁକ୍ତି ବାଢିଥିଲେ। ସେହିପରି ଏହି ବାଲି ଖାଦାନଗୁଡ଼ିକରେ ବ୍ୟବହୃତ ଯନ୍ତ୍ରପାତି ଏବଂ ଗାଡ଼ିମୋଟରଗୁଡ଼ିକୁ ଜବତ କରିବା ପାଇଁ ପୂର୍ବରୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାକୁ ପଶ୍ଚିମବଙ୍ଗ ସରକାର ଅନୁପାଳନ କରିନାହାନ୍ତି। ତେଣୁ ପଶ୍ଚିମବଙ୍ଗ ସରକାରଙ୍କୁ ଏ ଦିଗରେ ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଉ। ଏଥିସହ ବାଲି ଉତ୍ତୋଳନ ଯୋଗୁ ଓଡ଼ିଶାର ଗାଁଗୁଡ଼ିକରେ ହୋଇଥିବା କ୍ଷୟକ୍ଷତି ଏବଂ ନଦୀର କ୍ଷୟକ୍ଷତିକୁ ଆକଳନ କରି ଉପଯୁକ୍ତ କ୍ଷତିପୂରଣ ପାଇଁ ମଧ୍ୟ ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ ପକ୍ଷରୁ ମଧ୍ୟ ତାଙ୍କ ଓକିଲ ଯୁକ୍ତି ଉପସ୍ଥାପନ କରିଥିଲେ। ଦୁଇ ପକ୍ଷର ଯୁକ୍ତି ଆଧାରରେ ଖଣ୍ଡପୀଠ ତାଙ୍କ ରାୟକୁ ସଂରକ୍ଷିତ ରଖିଛନ୍ତି।

■ କେନାଲ ବ୍ରିଜ୍ ତଳେ ଫସିଲେ ଚାଷୀ

## ସାଢ଼େ ୭ ଘଣ୍ଟା ପରେ ଉଦ୍ଧାର ହେଲେ

ସରଣ୍ଡା,୪।୯(ଡି.ଏନ.ଏ) ବରଗଡ଼ ଜିଲା ଅତାବିରା ବ୍ଲକ ସିଲେଟ ଶାଖା କେନାଲ ବ୍ରିଜ୍ ତଳେ ମଙ୍ଗଳବାର ଫସି ରହିଥିବା ସିଲେଟ ଗ୍ରାମର ଚାଷୀ ଇନ୍ଦ୍ରମୋହନ ଷଣ୍ଢ(୬୫)ଙ୍କୁ ଅଗ୍ନିଶମ କର୍ମଚାରୀମାନେ ଉଦ୍ଧାର କରିଛନ୍ତି । ମଙ୍ଗଳବାର ଚାଷ ଜମିରେ ସାର ପ୍ରୟୋଗ କରିବାର ଥିଲା । କିନ୍ତୁ ଜମିରେ ମାତ୍ରାଧିକ ପାଣି ଥିବାରୁ ତାକୁ କମ୍ କରିବା ପାଇଁ ଇନ୍ଦ୍ରମୋହନ ଗୋଡ଼ଭଗା କେନାଲରୁ ବାହାରିଥିବା ସିଲେଟ ଶାଖା କେନାଲ ବ୍ରିଜ୍‌କୁ ଯାଇଥିଲେ । ସେ ବ୍ରିଜ ତଳକୁ ଓହ୍ଲାଇବା ବେଳେ ତାଙ୍କ ଡାହାଣ ଗୋଡ଼ ସେଠାରେ ଫସି ଯାଇଥିଲା । ଚେଷ୍ଟା କରିବା ସତ୍ତ୍ୱେ ସେ ବାହାରି ପାରି ନ ଥିଲେ ଏବଂ ଚିତ୍କାର କରିଥିଲେ । ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳକୁ ପହଞ୍ଚି ବାଲିବସ୍ତା ପକାଇ ପାଣିକୁ ଅଟକାଇବା ସହିତ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସଫଳ ହୋଇ ନ ଥିଲେ । ଦିନ ପ୍ରାୟ ୧୧ଟା ୪୫ମିନିଟରେ ଗୋଡ଼ଭଗା କେନାଲ ଏସ୍‌ଡ଼ିଓ ଯୀଶୁ ବେରିଆ ଏବଂ କନିଷ୍ଠ ଯନ୍ତ୍ରୀ ଲଲାଟେନ୍ଦୁ ପଟ୍ଟନାୟକ କେନାଲ ଉପର ମୁଣ୍ଡରୁ ପାଣି ବନ୍ଦ କରିଥିଲେ । ସୂଚନା ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ସେଠାକୁ ପହଞ୍ଚି ଇନ୍ଦ୍ରମୋହନଙ୍କୁ ଉଦ୍ଧାର କରିଥିଲେ । ଅତାବିରା ଅଗ୍ନିଶମ କେନ୍ଦ୍ରର ରବି ନାରାୟଣ ସାହୁ, ଗିରିଜ ଶଙ୍କର ରଣଭେସା, କାର୍ତ୍ତିକ କୁମାର, ଜନବେଲା ଷେଣ୍ଡ, ରଣଜିତ ନାଏକ ବୃନ୍ଦାବନ ବିଶ୍ୱାଳ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସାମିଲ ଥିଲେ ।



ଅଗ୍ନିଶମ କର୍ମଚାରୀମାନେ ବ୍ରିଜ ତଳେ ଫସିଥିବା ଚାଷୀଙ୍କୁ ଉଦ୍ଧାର କରି ବାହାରକୁ ଆଣୁଛନ୍ତି ।

## ୨ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ମ.ରାମପୁର,୪।୯(ଡି.ଏନ୍.ଏ.) କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ବାସୁଦେବ ମହାରଣା ଓ ନର୍ଲା ମୃତ୍ତିକା ସଂରକ୍ଷଣ ବିଭାଗରେ କାର୍ଯ୍ୟରତ ପରିଦର୍ଶକ ଓ ଭାରପ୍ରାପ୍ତ ପିଆଇଏ ପୀତବାସ ମହାଖୁଡ଼ଙ୍କ ସରକାରୀ ବାସଭବନ ଓ ମ.ରାମପୁରଠାରେ ଥିବା ଏକାଧିକ ଘରେ ମଙ୍ଗଳବାର ଭିଜିଲାନ୍ସ ଚଢ଼ାଉ କରିଛି। ଅଭିଯୋଗକ୍ରମେ ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ମହାରଣାଙ୍କ ସରକାରୀ ବାସଭବନ, ଭବାନୀପାଟଣା ଇରିଗେସନ କଲୋନୀସ୍ଥିତ ବାସଭବନ, ମ.ରାମପୁର ପାଇକପଡ଼ା ପୈତୃକ ଘର, ଜୁନାଗଡ଼ସ୍ଥିତ ଶ୍ୱଶୁର ସ୍ୱର୍ଗତ ଚନ୍ଦ୍ରମଣି ମହାରଣାଙ୍କ ଘର, ମ.ରାମପୁର କଲେଜ ରୋଡ୍‌ସ୍ଥିତ ତିନିମହଲା ବିଶିଷ୍ଟ କୋଠା, ମ.ରାମପୁର କଲେଜ କଲୋନୀସ୍ଥିତ ଦୁଇମହଲା କୋଠାରେ ଚଢ଼ାଉ କରାଯାଇଛି। ସୂଚନାଯୋଗ୍ୟ, ମହାରଣାଙ୍କ ପୈତୃକ ଘର ମ.ରାମପୁର ହୋଇଥିବାବେଳେ ସେଠାରେ ୩ଟି କୋଠା ରହିଛି। ମହାରଣା ଜଳ ସମ୍ପଦ ବିଭାଗରେ କନିଷ୍ଠ ଯନ୍ତ୍ରୀ ରୂପେ ଦୀର୍ଘ ୨୦ରୁ ଅଧିକ ବର୍ଷ କାର୍ଯ୍ୟ କରିଥିଲେ। ଚଳିତବର୍ଷ ସହକାରୀ ନିର୍ବାହୀ ଯନ୍ତ୍ରୀ ରୂପେ ପଦୋନ୍ନତି ପାଇ କେସିଙ୍ଗା ବ୍ଲକକୁ ବଦଳି ହେଇଥିଲେ।

ଅନ୍ୟପକ୍ଷରେ ନର୍ଲା ଓ ମ.ରାମପୁରଠାରେ କାର୍ଯ୍ୟରତ ମୃତ୍ତିକା ସଂରକ୍ଷଣ ବିଭାଗର ସାଧାରଣ କର୍ମଚାରୀରୁ ପରିଦର୍ଶକ ଓ ଇନଚାର୍ଜ ପିଆଇଏ ହେଇଥିବା ପୀତବାସ ମହାଖୁଡ଼ଙ୍କ ନର୍ଲା ବ୍ଲକ ଶ୍ରୀପାଲି ଗ୍ରାମରେ ଥିବା ବାସଭବନ, ମ.ରାମପୁର ପାଇକପଡ଼ାରେ ଥିବା ତିନିମହଲା କୋଠା, ପୀତବାସଙ୍କ ଝିଅ ପ୍ରେମିକାମୟୀ ଜିନ୍ଦଲଙ୍କ କୋଠା, ଶ୍ରୀପାଲି ଗ୍ରାମସ୍ଥିତ ଫ୍ଲାଇ ଆସ ଇଟା କାରଖାନାରେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତଦନ୍ତ ଜାରି ରଖିଛନ୍ତି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ଉଭୟ ଅଧିକାରୀଙ୍କ ସମ୍ପତ୍ତିର ମୂଲ୍ୟ ଦେଢ଼କୋଟି ଟଙ୍କା ଲେଖାଏଁ ହେବ ବୋଲି ଆକଳନ କରାଯାଉଛି। ତେବେ ଖବର ଲେଖାହେବା ବେଳକୁ ଭିଜିଲାନ୍ସ ତଦନ୍ତ ଜାରି ରହିଛି। କୋରାପୁଟ ଭିଜିଲାନ୍ସ ଏସ୍‌ପି, ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି, ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଛି।



ବାସୁଦେବଙ୍କ ତିନିମହଲା କୋଠାରେ ଭିଜିଲାନ୍ସ ଟିମ୍ ପ୍ରବେଶ କରୁଛି।

## କଲେଜ କିରାଣିଙ୍କ କୋଟିଏରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ

କଟକ ଅଫିସ, ୪।୯- ବାରିପଦା ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ କିରାଣୀ ପ୍ରଭାକର ପରିଡ଼ାଙ୍କ ସ୍ଥାବର ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୧୬ ଲକ୍ଷ ୯୭ହଜାର ୧୯୭ ଟଙ୍କା। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ବାରିପଦା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି ତଲାସି ୱାରେଣ୍ଟ ବଳରେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ୫ଟି ସ୍ଥାନରେ ଭିଜିଲାନ୍ସ ମଙ୍ଗଳବାର ଯାଞ୍ଚ କରିଥିଲା। ମୟୂରଭଞ୍ଜ ଜିଲା ବୈସିଙ୍ଗା ଥାନା କେନ୍ଦୁଆ ଗ୍ରାମରେ ଥିବା ଆବାସିକ ଘର, ସେଠାରେ ଥିବା ତିନି ମହଲା କୋଠା, ବୈସିଙ୍ଗା ଥାନା ଖଣ୍ଡଦେଉଳିଆଠାରେ ଥିବା ଘର, ବାରିପଦା ସହରରେ ଥିବା ଘର ଓ କଲେଜ କାର୍ଯ୍ୟାଳୟକୁ ଯାଞ୍ଚ କରାଯାଇଥିଲା। ଠାବ ସମ୍ପତ୍ତିଗୁଡ଼ିକ ମଧ୍ୟରେ କେନ୍ଦୁଆଠାରେ ଥିବା ତିନି ମହଲା ବିଶିଷ୍ଟ କମର୍ସିଆଲ କମ୍ପ୍ଲେକ୍ସର ମୂଲ୍ୟ ୬୧ ଲକ୍ଷ ୯୯ହଜାର ୬୭୬ ଟଙ୍କା ଓ ଗୋଟିଏ ଦୁଇ ମହଲା କୋଠାର ମୂଲ୍ୟ ୨୧ ଲକ୍ଷ ୯୫ହଜାର ୩୧୧ ଟଙ୍କାରେ ଭିଜିଲାନ୍ସ ଆକଳନ କରିଛି। ଏଥିସହ କିରାଣୀ ପରିଡ଼ାଙ୍କ ଭୁବନେଶ୍ୱର, ବାରିପଦା ଓ ବୈସିଙ୍ଗା ଆଦି ସ୍ଥାନରେ ଥିବା ମୋଟ ୨୭ଟି ପ୍ଲଟର ମୂଲ୍ୟ ୧୪ ଲକ୍ଷ ୩୦ହଜାର ୩୨୦ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। କେନ୍ଦୁଆ ନିକଟରେ ତାଙ୍କର ନିର୍ମାଣାଧୀନ ଗୋଟିଏ ଶୀତଳଭଣ୍ଡାର ପ୍ରକଳ୍ପର ମୂଲ୍ୟ ୩ ଲକ୍ଷ ୨୫ହଜାର ୫୧୩ ଟଙ୍କାରେ ହିସାବ କରିଛି ଭିଜିଲାନ୍ସ। ସେହିଭଳି ବ୍ୟାଙ୍କ, ପୋଷ୍ଟ ଅଫିସ ଓ ଜୀବନ ବୀମା ପଲିସିରେ ୧୦ ଲକ୍ଷ ୪ହଜାର ୧୧୬ ଟଙ୍କା ଜମା ଥିବାବେଳେ ୫୧ହଜାର ଟଙ୍କା ମୂଲ୍ୟର ଗୋଟିଏ ସ୍କୁଟି, ୨ ଲକ୍ଷ ୨୫ହଜାର ୯୦୦ ଟଙ୍କା ମୂଲ୍ୟର ଆସବାବପତ୍ର ଓ ନଗଦ ୧୦ହଜାର ୨୧୦ ଟଙ୍କା ଭିଜିଲାନ୍ସ ଠାବ କରିଛି।

## ସଂକ୍ଷେପରେ

### ୮ରେ ଜିଲାସ୍ତରୀୟ ସମାବେଶ

**ଅନୁଗୋଳ ଅଫିସ, ୪।୯**

ମେଡିକାଲ କଲେଜ କାର୍ଯ୍ୟକ୍ଷମ କରିବା ଓ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ଦାବିରେ ଆସନ୍ତା ୮ ତାରିଖରେ ଅନୁଗୋଳ ଜିଲା ଜନଜୀବନ ସୁରକ୍ଷା କମିଟି ପକ୍ଷରୁ ଜିଲାସ୍ତରୀୟ ସମାବେଶ ଡାକରା ଦିଆଯାଇଛି। କମିଟି ପକ୍ଷରୁ କୁହାଯାଇଛି ଯେ, ତାଳଚେରରେ ନିର୍ମିତ ମେଡିକାଲ କଲେଜ ଓ ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଜିଲା ମୁଖ୍ୟ ଚିକିତ୍ସାଳୟକୁ ସୁପରସ୍ପେଶିଆଲିଟି ହସ୍ପିଟାଲରେ ପରିଣତ କରି ମେଡିକାଲ କଲେଜକୁ ଉନ୍ନୀତ କରିବା, ଜିଲାରେ ଖାଲି ପଡିଥିବା ଡାକ୍ତର, ନର୍ସ, କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରି ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଆଦି ଦାବିରେ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଛି। ଗତ ଏପ୍ରିଲ ୧୨ରେ ଅନୁଗୋଳ ଜିଲା ବନ୍ଦ ସମ୍ପୂର୍ଣ୍ଣ ସଫଳ ହୋଇଥିଲା। ତେବେ ଜିଲାରେ ଦିନକୁ ଦିନ ସ୍ୱାସ୍ଥ୍ୟ ସମସ୍ୟା ଜଟିଳ ହେଉଥିବାବେଳେ ମୁଖ୍ୟ ଚିକିତ୍ସାଳୟ ସମେତ ବିଭିନ୍ନ ଡାକ୍ତରଖାନାରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ନ କରି ଅନୁଗୋଳରୁ ଡାକ୍ତର ବଦଳି କରାଯାଉଛି। ତେଣୁ ଏହାର ସମାଧାନ ପାଇଁ ଆନ୍ଦୋଳନ କରିବା ଲକ୍ଷ୍ୟରେ ୮ ତାରିଖରେ ସ୍ଥାନୀୟ କଳାକେନ୍ଦ୍ର ଠାରେ ଏକ ଜିଲାସ୍ତରୀୟ ସମାବେଶ ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏହି ସମାବେଶରେ ବୁଦ୍ଧିଜୀବୀଙ୍କ ସହ ଆଇନଜୀବୀ, ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ଅଂଶଗ୍ରହଣ କରିବେ ବୋଲି କମିଟି ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଅବଗତ କରାଯାଇଛି।

### ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଶ୍ରାଦ୍ଧୋତ୍ସବ

**ଅନୁଗୋଳ ଅଫିସ, ୪।୯**

ଅନୁଗୋଳ ସଂସ୍କୃତି ଭବନଠାରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଦଶମ ଶ୍ରାଦ୍ଧ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟବାହ ଲମ୍ବୋଦର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ସଂଘ ଚାଳକ ସଭାପତି ବିଜୟ କୁମାର ସାହୁ ସଭାପତିତ୍ୱ କରିଥିଲେ। ହୃଦାନନ୍ଦ ଶତପଥୀ ମୁଖ୍ୟଅତିଥି ଓ ପ୍ରଭାତ କୁମାର ଧର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଭାଗ ବୌଦ୍ଧିକ ପ୍ରମୁଖ ବାବାଜୀ ବେହେରା ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଜୀବନୀ ସମ୍ପର୍କରେ କହିଥିଲେ। ସେହିପରି ପଞ୍ଚମହଲା ରାଧାବଲ୍ଲଭ ମଠରେ ଜନ୍ମାଷ୍ଟମୀ ସହ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଥିଲା। ଜିଲା ସଂଘ ଚାଳକ ବିଜୟ କୁମାର ସାହୁ, ବନବିହାରୀ ପଟ୍ଟନାୟକ, ତ୍ରିନାଥ ନାୟକ, ପ୍ରମୋଦ ମୋଦି, ଚୈତନ୍ୟ ଦେହୁରୀ, ବିନୟ କୁମାର ସାହୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ୨ ବଖରା ପୋଡ଼ିଗଲା

**ତାଳଚେର,୪।୯(ନି.ପ୍ର.)**

ତାଳଚେର ବ୍ଲକ ଜଗନ୍ନାଥପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଭଗବାନ ଧରଙ୍କ ୨ ବଖରା ସମେତ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ପୂର୍ବାହ୍ନରେ ହଠାତ୍ କୌଣସି କାରଣରୁ ଘରେ ନିଆଁ ଲାଗି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବଳାତ୍କାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଅନୁଗୋଳ ଅଫିସ, ୪।୯**

ଅନୁଗୋଳ ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଜ୍ୟୋତିକାନ୍ତ ନାୟକ(୨୨)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ନଂ. ୫୯୫/୧୮ରେ ମାମଲା ରୁଜୁ କରାଯାଇଥିବା ବେଳେ ସମ୍ପୃକ୍ତା ପୀଡ଼ିତାଙ୍କ ୧୬୪ ବୟାନ୍ ରେକର୍ଡ କରାଯାଇଛି। ପୋଲିସ କହିଛି, ଅଗଷ୍ଟ ୨୮ ରାତିରେ ଆଈ ଘରେ ଥିବା ଯୁବତୀଙ୍କୁ ଶୋଇଥିବା ଅବସ୍ଥାରେ ଅପହରଣ କରାଯାଇଥିଲା। ପରଦିନ ସେ ଏକ ବନ୍ଦ କୋଠରିରେ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ପରିବାର ପକ୍ଷରୁ କୁହାଯାଇଛି, ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ୨୮ ତାରିଖ ରାତିରେ ନୁହେଁ ବରଂ ଉଭୟେ ଏକ ସ୍କୁଟିରେ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ରାତିରେ ରହିବା ପରେ ଯୁବତୀ ଜଣଙ୍କ ସକାଳେ ସେଠାରୁ ଚାଲିଯାଇ ଦୁଇ ଦିନ ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ■ବଳଭଦ୍ରପୁରରେ ବଢୁଛି ଅସାମାଜିକ କାର୍ଯ୍ୟ

# ଥାନା ଘେରାଉ କଲେ ଗ୍ରାମବାସୀ

**ଢେଙ୍କାନାଳ ଅଫିସ, ୪।୯**



ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଆଗରେ ଧାରଣାରତ ଗ୍ରାମବାସୀ।

ଢେଙ୍କାନାଳ ସଦର ଥାନା ବଳଭଦ୍ରପୁର ଗ୍ରାମରେ କିଛିଦିନ ହେବ ଅସାମାଜିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଏହା ବିରୋଧରେ ସ୍ୱର ଉଠାଇଲେ ଗ୍ରାମବାସୀଙ୍କୁ ଧମକଚମକ ମିଳୁଛି। ଏହାର ପ୍ରତିବାଦରେ ମଙ୍ଗଳବାର ମଧ୍ୟାହ୍ନରେ ଅଞ୍ଚଳବାସୀ ଥାନା ଘେରାଉ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରିବା ଏବଂ ଗ୍ରାମରେ ଶାନ୍ତି ବାତାବରଣ ଫେରାଇ ଆଣିବାକୁ ଦାବି କରି ସେମାନେ ଦୀର୍ଘ ସମୟ ଥାନା ଆଗରେ ବସି ରହିଥିଲେ। ଥାନାଧିକାରୀ ମଳୟ ନାୟକ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଧରିଛି। ଅନ୍ୟଜଣଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ସୂଚନା ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସାଙ୍କୁଲେଇ ପଞ୍ଚାୟତର ବଳଭଦ୍ରପୁର, ବେବର୍ତ୍ତାକାଟେଣୀ, ଢୋଲପଶି ଗ୍ରାମକୁ ନିଶାମୁକ୍ତ କରିବାକୁ ଅଞ୍ଚଳବାସୀ ଶପଥ ନେଇଛନ୍ତି। ରବିବାର ଅଞ୍ଚଳରେ ଶୋଭାଯାତ୍ରା କରି ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଏହାପରେ କେତେଜଣ ଯୁବକ ମଦବିରୋଧୀ ଆନ୍ଦୋଳନରେ ସାମିଲ ଥିବା ଗ୍ରାମବାସୀଙ୍କୁ ଧମକଚମକ ଦେଉଛନ୍ତି। ଗ୍ରାମରେ ବିଗୁଡ଼ୁଥିବା ଆଇନଶୃଙ୍ଖଳା ପରିସ୍ଥିତି ସଜାଡ଼ିବା ଦାବିରେ ଥାନା ଘେରାଉ କରାଯାଇଥିବା ଗ୍ରାମବାସୀ କହିଛନ୍ତି।


ସ୍ମୃତିସଭାରେ ଉପସ୍ଥିତ ଅତିଥିମାନେ।

# କୁଲଦୀପ ସାମ୍ବାଦିକତା କ୍ଷେତ୍ରରେ ମାଇଲଖୁଣ୍ଟ

**ଢେଙ୍କାନାଳ ଅଫିସ, ୪।୯**

କୁଲଦୀପ ନାୟାର ଥିଲେ ସାମ୍ବାଦିକତା କ୍ଷେତ୍ରରେ ଜଣେ ମାଇଲଖୁଣ୍ଟ। ତାଙ୍କ ଲେଖା ଜନମାନସକୁ ପ୍ରଭାବିତ କରୁଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ମଧ୍ୟ ତାହା ପ୍ରତିଫଳିତ ହେଉଥିଲା। କୁଲଦୀପ ନାୟାରଙ୍କ ସ୍ମୃତିରେ ଦଧିବାମନଜୀଉ ମଠରେ ମଙ୍ଗଳବାର ଆୟୋଜିତ ଶୋକସଭାରେ ବକ୍ତାମାନେ ଏହା କହିଛନ୍ତି। ଖବରଦାତା ଶଶିମୌଳି ରଥଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶିର ଶତପଥୀ, ଖବରଦାତା ରତନ ନାୟାର, ବିମଳକୃଷ୍ଣ ଥମ୍ବ, ଅଥୟ ସାହୁ, ସତ୍ୟସ୍ୱରୂପ ଦାସ, ଆଦିତ୍ୟ ପଣ୍ଡା, ବିନୋଦ ମହାନ୍ତି, ଦେବାଶିଷ ମିଶ୍ର, ଅମାନୀ ସାହୁ, ହିମାଂଶୁ ମହାପାତ୍ର, ଅଶ୍ୱିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅରବିନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି କାଠଗଡ଼ାସ୍ଥିତ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସମାଜବାଦୀ ନେତା ପ୍ରଶାନ୍ତ ମିଶ୍ର କୁଲଦୀପଙ୍କ ନିର୍ଭୀକ ସାମ୍ବାଦିକତାକୁ ପ୍ରଶଂସା କରିଥିଲେ। ସରୋଜ କୁମାର ଶତପଥୀ, ଶ୍ରୀକଲ୍ୟାଣ କାନୁନ୍‌ଗୋ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଭବାନୀଶଙ୍କର ମିଶ୍ର ପ୍ରମୁଖ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ।

# ପରିବେଶ ସ୍ୱଚ୍ଛ ରଖିବାକୁ ଶପଥ


ସ୍ୱଚ୍ଛତା ପାଇଁ ସଚେତନତା ଶୋଭାଯାତ୍ରା।

**ଢେଙ୍କାନାଳ ଅଫିସ/କାମାକ୍ଷାନଗର, (ଡି.ଏନ୍.ଏ.)୪।୯**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ପ୍ରାଥମିକ ବିଦ୍ୟାଳୟରେ ସୋମବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପ୍ରାର୍ଥନା ସଭାରେ ସ୍ୱଚ୍ଛ ପରିବେଶ ଗଢ଼ିବାକୁ ଶପଥ ନେଇଥିଲେ। ପିଲାମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ସ୍କୁଲର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସିମିଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ପକ୍ଷ ପାଳନ ଅବସରରେ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ଓ ପରିଚାଳନା କମିଟି ସଭ୍ୟଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏହି ଅବସରରେ କବିତା ଆବୃତ୍ତି ମାଧ୍ୟମରେ ଛାତ୍ରୀଛାତ୍ର ସ୍ୱଚ୍ଛତା ବାର୍ତ୍ତା ପ୍ରଚାର କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଝରଣା ସେଠୀ, ଶିକ୍ଷୟିତ୍ରୀ ରାଜେଶ୍ୱରୀ ମିଶ୍ର, ପ୍ରିୟଙ୍କା ସେନାପତି, ପ୍ରତାପ ଚନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସେହିପରି କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ସଚେତନ ବାର୍ତ୍ତା ବାଣ୍ଟିଥିଲା। ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଏକାଠି ହୋଇ ପରିବେଶକୁ ସ୍ୱଚ୍ଛ ରଖିବାକୁ ଶପଥ ନେଇଥିଲେ। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ

**ବଇଣ୍ଡା/ ଛେଣ୍ଡିପଦା,୩।୯ (ଡି.ଏନ.ଏ.)**

କିଶୋରନଗର ବ୍ଲକ ଗାଁ ବଇଣ୍ଡା ପଞ୍ଚାୟତ ବଡ଼ହୁଲା ଗ୍ରାମରେ ସୋମବାର ବଡ଼ହୁଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ବଇଣ୍ଡା ଗ୍ରାମ ପରିକ୍ରମା କରିବା ସହ ଗ୍ରାମକୁ କିଭଳି ସ୍ୱଚ୍ଛତା ରଖିବେ ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ସ୍କୁଲର ପ୍ରଧାନ ଶିକ୍ଷକ ନବକିଶୋର ସାହୁ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, ସୂର୍ଯ୍ୟମଣି ସାହୁ, ବିଜୟ କୁମାର ବେହେରା, ସୁକାନ୍ତି ପ୍ରଧାନ, ସସ୍ମିତା ପ୍ରଧାନ, ସୀମାରାଣି ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

ସେହିପରି ଛେଣ୍ଡିପଦା ବ୍ଲକ ବାଗେଡିଆ ବଜାରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସୋମବାର ସ୍ୱଚ୍ଛ ଭାରତ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ଏକ ରାଲିରେ ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

# ବନ୍ୟା ଦୁର୍ଗତଙ୍କୁ ସହାୟତା



**ଅନୁଗୋଳ ଅଫିସ, ୪।୯**

କେରଳର ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତଙ୍କ ସାହାଯ୍ୟାର୍ଥେ ଅନୁଗୋଳର ପୂର୍ବତନ ସାମରିକ ସଂଘ କର୍ମକର୍ତ୍ତାମାନେ ମଙ୍ଗଳବାର ଜିଲାପାଳ ଅନିଲ କୁମାର ସାମଲଙ୍କୁ ୬୫୦୦ ଟଙ୍କାର ଏକ ଚେକ ପ୍ରଦାନ କରିଛନ୍ତି। ଜିଲାପାଳ ସଂଘର ଏହି ଜନମଙ୍ଗଳ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସଂଘ ତରଫରୁ ଏହି ଚେକ୍ ପ୍ରଦାନ ବେଳେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ସମେତ ସଂଘର ସଦସ୍ୟ ଓ କର୍ମକର୍ତ୍ତାମାନେ ପ୍ରମୁଖ ଉପସ୍ଥିତ ଥିଲେ।

# କୃତୀ ଛାତ୍ରୀଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା

**ଅନୁଗୋଳ ଅଫିସ, ୪।୯**

ଅନୁଗୋଳ ମହିଳା ମହାବିଦ୍ୟାଳରେ ଗତ ୨୦୧୮ ଯୁକ୍ତ ଦୁଇ କଳା, ବିଜ୍ଞାନ ଓ ଯୁକ୍ତ ତିନ କଳା ସମ୍ମାନ ଶେଷବର୍ଷ ପରୀକ୍ଷାରେ ଶୀର୍ଷ ସ୍ଥାନ ଲାଭ କରିଥିବା ତଥା ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏକ ନିରାଡମ୍ବର ଉତ୍ସବରେ କଲେଜ ପରିଚାଳନା କମିଟି ସଭାପତି ତଥା ସ୍ଥାନୀୟ ବିଧାୟକ ରଜନୀକାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ପୃକ୍ତ ଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କଠିନ ପରିଶ୍ରମ କରି ଭବିଷ୍ୟତରେ କୃତିତ୍ୱ ପ୍ରଦର୍ଶନ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। କଲେଜ ଅଧ୍ୟକ୍ଷ ବିଭୂତି ଭୂଷଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀ ଉପସ୍ଥିତ ଥିଲେ। ଯୁକ୍ତ ଦୁଇ କଳା ଟପ୍ପର ବର୍ଷାରାଣୀ ସାହ, ବିଜ୍ଞାନ ଟପ୍ପର ସିଲାରାଣୀ, ଯୁକ୍ତ ତିନି କଳା ସମ୍ମାନ ଶେଷବର୍ଷ ଛାତ୍ରୀ ସୁକାନ୍ତି ସାହୁ, ଇତିଶ୍ରଦ୍ଧା ବେହେରା, ମଧୁସ୍ମିତା ସିଂ, ମୋନାଲିସା ବେହେରା, ପ୍ରମିଳା ସାହୁ ପ୍ରମୁଖ ଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ପ୍ରାଧ୍ୟାପିକା ନିରଜା ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପ୍ରଭାତୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଡ. ଅକ୍ଷୟ କୁମାର ପଣ୍ଡା ସଂଯୋଜନା କରିଥିବାବେଳେ ପ୍ରାଧ୍ୟାପିକା ଡ. ସଙ୍ଗୀତା ଦାସ ମଞ୍ଚାସୀନ ଥିଲେ। ଅଧ୍ୟାପିକା ସୁଧା ମହାନ୍ତି, ରଞ୍ଜିତା ସିଂ ସାମନ୍ତ, ଗୀତାଞ୍ଜଳି ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଓକିଲଙ୍କୁ ଆକ୍ରମଣ ଘଟଣାର ନିନ୍ଦା



**ଢେଙ୍କାନାଳ ଅଫିସ, ୪।୯**

ହାଇକୋର୍ଟ ଆଇନଜୀବୀ ଦେବୀ ପ୍ରସାଦ ପଟ୍ଟନାୟକଙ୍କୁ ପୋଲିସର ଆକ୍ରମଣ ଘଟଣାକୁ ଢେଙ୍କାନାଳ ଓକିଲ ସଂଘ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ହାଇକୋର୍ଟ ବାର୍ ଆସୋସିଏଶନର ଅନୁରୋଧକ୍ରମେ ସଂଘ ପକ୍ଷରୁ ଆସନ୍ତା ୫ ତାରିଖ ଯାଏ କୋର୍ଟ ବର୍ଜନ କରାଯାଇଛି। ଏ ସମ୍ପର୍କରେ ମଙ୍ଗଳବାର ସଂଘ ପକ୍ଷରୁ ଜିଲାପାଳ ନିଖିଲ ପଓ୍ବନ କଲ୍ୟାଣଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଇଛି। ଆକ୍ରମଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା, ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିବା ସଭାପତି ଶିବସାଇ ମହାପାତ୍ର ସୂଚନା ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସମ୍ପାଦକ ଟଙ୍କଧର ବେହେରା, ପଦ୍ମଲୋଚନ ମହାପାତ୍ର, ମଳୟ ପାଣିଗ୍ରାହୀ, ବିଘ୍ନେଶ୍ୱର ଦୋରା, ତ୍ରିଲୋଚନ ସାହୁ, ଦେବାଶିଷ ମିଶ୍ର, ଉତ୍ତମ ଦାସ, ନିର୍ମଳ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ■ବିଶ୍ୱ ଟାଏକୋଣ୍ଡୋ ଦିବସ ପାଳିତ

# ବାଧ୍ୟତାମୂଳକ ହେଉ ଟାଏକୋଣ୍ଡୋ

**ଢେଙ୍କାନାଳ ଅଫିସ, ୪।୯**



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

ଢେଙ୍କାନାଳ ଆମେଚର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ମଙ୍ଗଳବାର ଅପରାହ୍ନ ୫ଟାରେ ସ୍ଥାନୀୟ ମିନି ଷ୍ଟାଡିୟମ ପରିସରରେ ବିଶ୍ୱ ଟାଏକୋଣ୍ଡୋ ଦିବସ ପାଳିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ରେଡ୍‌କ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଇଂ. ସୌମ୍ୟବ୍ରତ ସାହୁ କହିଲେ, ଟାଏକୋଣ୍ଡୋ ଭଳି ମାର୍ଶଲ ଆର୍ଟ ପାଠ୍ୟକ୍ରମରେ ବାଧ୍ୟତାମୂଳକ ବିଷୟ ହେବା ଉଚିତ। ସମ୍ପ୍ରତି ବଢୁଥିବା ଆପରାଧିକ କାର୍ଯ୍ୟକଳାପକୁ ରୋକିବାକୁ ଛାତ୍ରୀଛାତ୍ର ଟାଏକୋଣ୍ଡୋ ଶିଖିବା ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଡାର୍ଲିନ ଡାଲଟନ, ଦୀପକ ରଞ୍ଜନ ମିଶ୍ର, ରାକେଶ ନାୟକ, ସ୍ମିତା ଷଡଙ୍ଗୀ, ରାଜେନ୍ଦ୍ର ବେହେରା, ଜଗନ ବାରିକ, ଶୁଭଲକ୍ଷ୍ମୀ ପଣ୍ଡା, ସ୍ୱର୍ଣ୍ଣଲକ୍ଷ୍ମୀ ଓଝା, ଅମ୍ରିତା ସିଲ, ମଧୁସ୍ମିତା ନନ୍ଦ, ଭାରତୀ ପ୍ରଧାନ, ମଧୁସ୍ମିତା ମହାପାତ୍ର, ନିବେଦିତା ପଣ୍ଡା, ସରସ୍ୱତୀ ସୁବୁଦ୍ଧି, ସବିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀର ଢେଙ୍କାନାଳ – ଅନୁଗୋଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଖୋଲିଲା ରେଙ୍ଗାଳି ଡ୍ୟାମ୍ ୨ୟ ଗେଟ୍

କଣିହାଁ,୪।୯(ଡି.ଏନ.ଏ.)- ଅନୁଗୋଳ ଜିଲା କଣିହାଁ ବ୍ଲକ ବ୍ରାହ୍ମଣୀ ନଦୀର ରେଙ୍ଗାଳି ଡ୍ୟାମ୍‌ରୁ ବନ୍ୟାଜଳ ନିଷ୍କାସନ ପାଇଁ ମଙ୍ଗଳବାର ଆଉ ଗୋଟିଏ ଗେଟ୍ ଖୋଲାଯାଇଛି। ଡ୍ୟାମ୍ ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅଜିତ୍ ଜେନା କହିଛନ୍ତି, ଖୋଲାଯାଇଥିବା ୨ଟି ଗେଟ ସହିତ ପାୱାର ହାଉସରୁ ପ୍ରତି ସେକେଣ୍ଡରେ ୩୯୦୭.୫୯ ଘନ ମିଟର ଜଳ ନିଷ୍କାସିତ ହେଉଛି। ଉପରମୁଣ୍ଡ ଶାଖା ନଦୀରୁ ଡ୍ୟାମ୍‌କୁ ୨୩୯୨.୬୯ ଘନମିଟର ଜଳ ପ୍ରବେଶ କରୁଛି।

### ସ୍କାଉଟ୍‌ସ ଛାତ୍ରଙ୍କ ଦ୍ୱାରା ଜଳ ବଣ୍ଟନ

ଅନୁଗୋଳ ଅଫିସ, ୪।୯- ବଣ୍ଟାଁରପାଳ ବ୍ଲକ ଜରଡ଼ା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାଲୁଣୀ ଠାକୁରାଣୀଙ୍କ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବ୍ରଜମୋହନ ଉଚ୍ଚ ବିଦ୍ୟାଳୟର ସ୍କାଉଟସ ଛାତ୍ରମାନଙ୍କ ଦ୍ୱାରା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଯୁବନେତା ଅଗସ୍ତି ବେହେରା ଉଦ୍‌ଘାଟନ କରିଥିଲେ। ସ୍କାଉଟସ ଶିକ୍ଷକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ର, ପ୍ରଧାନ ଶିକ୍ଷକ ବିନୋଦ କୁମାର ସାହୁ, ସହକାରୀ ଶିକ୍ଷକ ତରଣୀସେନ ସାହୁ, ଦୁଷ୍ମନ୍ତ କୁମାର ଦାଶ, ବିରେନ୍ଦ୍ର ଭୂଷଣ ଦାଶ, କର୍ମଚାରୀ ହେମନ୍ତ କୁମାର ପ୍ରଧାନ, ଅବନି କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୨୨୫ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଅନୁଗୋଳ ଅଫିସ, ୪।୯- ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଶିଶୁ ବାଟିକା ବିଭାଗର ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଅମିଳା ମୁଣ୍ଡ ଶିଶୁଙ୍କ କର୍ଣ୍ଣ, ନାସା ଓ ଗଳା ପରୀକ୍ଷା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅନିଲ କୁମାର ଦେହୁରୀ, ସହ ପ୍ରଧାନ ଆଚାର୍ଯ୍ୟ ମାନସ ରଞ୍ଜନ ଜେନା, ପର୍ଯ୍ୟାୟ ପ୍ରମୁଖ ଅକ୍ରୁର ବେହେରା, ଶିଶୁ ବାଟିକା ଶୈକ୍ଷିକ ପ୍ରମୁଖ କିରଣ କୁମାରୀ ପ୍ରଧାନ ଓ ସମସ୍ତ ଗୁରୁମା ଗୁରୁଜୀଙ୍କ ସହାୟତାରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ମୋଟ୍ ୨୨୫ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

### ୭ରୁ ଆମରଣ ଅନଶନ

କଣିହାଁ,୪।୯(ଡି.ଏନ.ଏ.)- କଣିହାଁ ଏନ୍‌ଟିପିସି ପ୍ରକଳ୍ପ ଉଦ୍ୟାନ ବିଭାଗରେ କାର୍ଯ୍ୟ କରୁଥିବା ଠିକାଶ୍ରମିମାନେ ବିଭିନ୍ନ ଦାବିରେ ଚଳାଇଥିବା ଧାରଣା ମଙ୍ଗଳବାର ୯ମ ଦିନରେ ପହଞ୍ଚିଛି। ତଥାପି ଏନ୍‌ଟିପିସି ଓ ୟୁପିଏଲ କର୍ତ୍ତୃପକ୍ଷଙ୍କ ସହିତ ପ୍ରଶାସନ ଶ୍ରମିକମାନଙ୍କୁ ନ୍ୟାୟ ଦେବାରେ ଅବହେଳା କରୁଥିବା ଠିକାଶ୍ରମିକ ସମୀର ନାଏକ, ବନୀତା ଦାସ, ଅଞ୍ଜଳୀ ଖୁଣ୍ଟିଆ, ଟୁନି ସାହୁ ପ୍ରକାଶ କରିଛନ୍ତି। ଏଥିସହ ନ୍ୟାୟ ନ ମିଳିଲେ ଶୁକ୍ରବାରଠାରୁ ଆମରଣ ଅମଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ସମେତ ୟୁପିଏଲ ଅଧିକାରୀ, ଅନୁଗୋଳ ଜିଲାପାଳ, ଏନ୍‌ଟିପିସି ଟାଉନ ଥାନାକୁ ମଙ୍ଗଳବାର ପତ୍ର ମାଧ୍ୟମରେ ଅବଗତ କରିଛନ୍ତି। ଶ୍ରମିକ ନେତା ପ୍ରହ୍ଲାଦ ସାହୁ କହିଛନ୍ତି, ଆନ୍ଦୋଳନକାରୀ ହକ୍ ପାଇଁ ଧାରଣା ଦେଇଛନ୍ତି। ଶ୍ରମିକ ସଙ୍ଗଠନ ତରଫରୁ ଏହାକୁ ସମର୍ଥନ କରାଯାଉଛି। ଅନଶନ ପୂର୍ବରୁ ଆଲୋଚନା ମାଧ୍ୟମରେ ଦାବି ପୂରଣ ହେବା ଉଚିତ୍।

### ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ବଣ୍ଟାଁରପାଳ,୪।୯(ଡି.ଏନ.ଏ.)- ବଣ୍ଟାଁରପାଳ ବ୍ଲକ କୁମଣ୍ଡ ଗ୍ରାମର ଗୋଚ୍ଛାୟତ ସାହିର ଲୋକମାନେ ଜମି ପଟ୍ଟା ପ୍ରଦାନ ଦାବିରେ ମଙ୍ଗଳବାର ବଣ୍ଟାଁରପାଳ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଦୀର୍ଘ ୭୦ ବର୍ଷ ହେଲା ସେମାନେ ବସବାସ କରି ଆସୁଥିବାବେଳେ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଜମିପଟ୍ଟା ମିଳିପାରି ନାହିଁ। ଏହାର ପ୍ରତିବାଦରେ ସେମାନେ କାର୍ଯ୍ୟାଳୟ ଘେରାଉ କରିଥିଲେ।

### ଲୁଟ୍ ଅଭିଯୋଗରେ ୨ ଗିରଫ

ତାଳଚେର,୪।୯(ନି.ପ୍ର.)- ଜଣେ ଗାଡ଼ି ଚାଳକକୁ ମାଡ଼ ମାରି ଟଙ୍କା ଓ ମୋବାଇଲ ଲୁଟ କରିବା ଅଭିଯୋଗରେ ତାଳଚେର ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ତାଳଚେର ରେମୁଆଁର କାଳୁ ନାଏକ, ଚାତୁ କଲେଇ। ପ୍ରକାଶ ଯେ, ଗତ ଜୁନ ୧୨ରେ ଟାଟାଏସି ଚାଳକ ପ୍ରଶାନ୍ତ କୁମାର ସାହୁଙ୍କୁ ମାଡ ମାରି ଟଙ୍କା ଓ ମୋବାଇଲ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

■ପରିବାରକୁ ବାସନ୍ଦ ଅଭିଯୋଗ

# ଥାନାରେ ଏତଲା ଦେଲେ ବୋହୂ

ବନ୍ତଲା, ୪।୯ (ଡି.ଏନ.ଏ)

■୨୦୧୪ରେ ଅନ୍ୟ ଜାତିରେ କରିଥିଲେ ବିବାହ
■୨୦୧୮ରେ ପୋଲିସ କରିଥିଲା ସମାଧାନ
■ଅଭିଯୋଗକୁ ଅଭିଯୁକ୍ତମାନଙ୍କ ଖଣ୍ଡନ

ଅନୁସୂଚିତ ଜାତି କିମ୍ବା ଦିବ୍ୟାଙ୍ଗ ଝିଅ ପୁଅଙ୍କୁ ବିବାହ କଲେ ସରକାର ୫୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଆଇନ ମଧ୍ୟ ରହିଛି। କିନ୍ତୁ ଆଜି ବି ସମାଜର ଅନେକ ମଣିଷ ଏହି ଜାତିପ୍ରଥା ବା ସାମାଜିକ କୁସଂସ୍କାରର ଊର୍ଦ୍ଧ୍ୱକୁ ଉଠିପାରି ନାହାନ୍ତି। ଅନ୍ୟ ଜାତିରେ ବିବାହ ପାଇଁ ଏବେ ମଧ୍ୟ ପରିବାରକୁ ଗାଁରୁ ବାସନ୍ଦ ହେବାକୁ ପଡୁଛି। ଅନୁଗୋଳ ଜିଲା ବନ୍ତଲା ଥାନା ବଡ଼କେରା ପଞ୍ଚାୟତ ଶାସନ ବଜାର ଗ୍ରାମରେ ଏପରି ଘଟିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି।

ଶାସନ ବଜାର ଗ୍ରାମର ପ୍ରଫୁଲ୍ଲ କୁମାର ସାହୁଙ୍କ ବୋହୂ ଲିକିନା ମହାପାତ୍ର ଥାନାରେ ଅଭିଯୋଗ କରିଛନ୍ତି ଯେ, ୨୦୧୪ ମାର୍ଚ୍ଚ ୩ରେ ସେ ତୈଳିକ ବୈଶ୍ୟ ସମାଜ ବଡ଼କେରା ଶାସନ ବଜାରର ପ୍ରଫୁଲ୍ଲଙ୍କ ପୁଅ ସୁଶିଲ କୁମାର ସାହୁ(୨୮)ଙ୍କୁ ଭଲ ପାଇ ସ୍ପେଶିଆଲ ମ୍ୟାରେଜ ୧୯୫୪, ସେକ୍ସନ ଆଇଆଇ ମୁତାବକ ମ୍ୟାରେଜ ଅଫିସ ଅନୁଗୋଳରେ ବିବାହ କରିଥିଲେ। ସେ ଅନ୍ୟ ଜାତିର ଝିଅ ହୋଇଥିବାରୁ ସେତେବେଳେ ଶାସନ ବଜାରରେ ତୈଳିକ ସମାଜ ବୈଠକ କରି ୫୦ ହଜାର ଟଙ୍କା ଜରିମାନା କରିଥିଲେ। ଜରିମାନା ଟଙ୍କା ଜାତି ସମାଜ ନେବା ପରେ ପୁଅ ଓ ବୋହୂ ଗାଁକୁ ଆସିବେ ନାହିଁ ଏବଂ ଯଦି ଆସିବେ ଜାତି ସମାଜରୁ ପରିବାରକୁ ବାସନ୍ଦ କରାଯିବ ବୋଲି ଶ୍ୱଶୁର ପ୍ରଫୁଲ୍ଲଙ୍କୁ ସଭାରେ ଧମକ ଦେଇଥିଲେ। ଏହି ଧମକ ଭୟରେ ସେ ଓ ତାଙ୍କ ସ୍ୱାମୀ ତାଳଚେରଠାରେ ଏକ ଘରଭଡ଼ା ନେଇ ରହିଥିଲେ। ପୁତ୍ର ଜନ୍ମ ହେବାର ମାସେ ପରେ ସେମାନେ ଅନୁଗୋଳ ଶିକ୍ଷକପଡ଼ା ଭଡ଼ା ଘରକୁ ଚାଲିଆସିଥିଲେ। ଅନୁଗୋଳରେ ଦେଢ଼ବର୍ଷ ରହିବା ପରେ ଖବର ପାଇ ପୋଲିସ ସେମାନଙ୍କୁ ଥାନାକୁ ଆଣିଥିଲା। ୨୦୧୮ ଫେବୃୟାରୀ ୨୨ରେ ଶାସନ ବଜାର ତୈଳିକ ସମାଜ ଓ ଭଦ୍ରବ୍ୟକ୍ତିଙ୍କ ସହିତ ବୈଠକ କରି ପୋଲିସ ତାଙ୍କ ଶାଶୁ ସ୍ୱର୍ଣ୍ଣଲତାଙ୍କ ଜିମାରେ ସେମାନଙ୍କୁ ଛାଡ଼ିଥିଲା। ହେଲେ ଘରେ ୮ ଦିନ ରହିବା ପରେ ଶାସନ ବଜାର ତୈଳିକ ବୈଶ୍ୟ ସମାଜ ସଭାପତି ଇନ୍ଦ୍ରମଣି ସାହୁ, ଗ୍ରାମ ସଭାପତି ପ୍ରେମାନନ୍ଦ ସାହୁ, ଧୈର୍ଯ୍ୟଧର ସାହୁ, ଫକୀର ସାହୁଙ୍କ ନେତୃତ୍ୱରେ ୧୭ ଜଣ ଓ ଅନ୍ୟଜାତିର ବିଜୟ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ୫ ଜଣ ମିଶି ତୈଳିକ ବୈଶ୍ୟ ସମାଜ ଓ ଶାସନ ବଜାର ଗ୍ରାମରୁ ତାଙ୍କ ପରିବାରକୁ ବାସନ୍ଦ କରିଥିଲେ। ଏପରିକି ଉକ୍ତ ବିବାହକୁ ସମର୍ଥନ କରି ମିଳାମିଶା ଓ ସହଯୋଗ କରୁଥିବା ଗ୍ରାମର ୭ ପରିବାରଙ୍କୁ ମଧ୍ୟ ବାସନ୍ଦ କରାଯାଇଥିବା ଲିକିନା ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଏ ବିଷୟରେ ବଡ଼କେରା ଶାସନ ବଜାର ତୈଳିକ ବୈଶ୍ୟ ସମାଜ ସଭାପତି ଇନ୍ଦ୍ରମଣି ସାହୁ, ଶାସନ ବଜାର ଗ୍ରାମସଭାପତି ପ୍ରେମାନନ୍ଦ ସାହୁ କୁହନ୍ତି, ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ପୋଲିସକୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିବାରୁ ସେମାନଙ୍କ ପରିବାରକୁ କିଛି କୁହାଯାଇ ନାହିଁ। ଥାନା ଆଇଆଇସି ସବ୍ୟସାଚୀ ରାଉତ କହିଛନ୍ତି, ଅଭିଯୋଗ ଆସିଛି। ଘଟଣା ଉପରେ ଗୁରୁତ୍ୱ ଦେଇ ସମସ୍ତ ସଦସ୍ୟଙ୍କୁ ନୋଟିସ କରାଯିବ। ଏଥିସହିତ ଏକ ଶାନ୍ତି କମିଟି ଗଠନ କରାଯିବ। ଯଦି ଏହାକୁ କିଏ ଅମାନ୍ୟ କରନ୍ତି ତା'ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଢେଙ୍କାନାଳ-ଅନୁଗୋଳ ଆଞ୍ଚଳିକ ତୈଳିକ ବୈଶ୍ୟ ମହାସଂଘ ଉପସଭାପତି ଦୁଦୁରୁକୋଟର ଶରତ ଚନ୍ଦ୍ର ସାହୁ କୁହନ୍ତି, ପ୍ରଫୁଲ୍ଲ ସାହୁଙ୍କ ସହିତ ୮ଟି ପରିବାରଙ୍କୁ ମହାସଂଘ ସମ୍ପୂର୍ଣ୍ଣ ସହଯୋଗ ଓ ସୁରକ୍ଷା ଦେବ। ଯେଉଁମାନେ ସେମାନଙ୍କୁ ବାସନ୍ଦ କରିଛନ୍ତି ସେମାନେ ମହାସଂଘରୁ ବାହାରି ଯାଇଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।




## ୫ ଟଙ୍କାରେ ଛାତ୍ରୀ ପାଇବେ ସାନିଟାରି ନାପକିନ

ଅନୁଗୋଳ ଅଫିସ, ୪।୯

ଅନୁଗୋଳ ମହିଳା ମହାବିଦ୍ୟାଳୟ ଛାତ୍ରୀନିବାସରେ ମଙ୍ଗଳବାର ରୋଟାରୀ କ୍ଲବ ପକ୍ଷରୁ ଏକ ସାନିଟାରୀ ଭେଣ୍ଡିଂ ମେଶିନ ଲଗାଯାଇଛି। ଅନୁଗୋଳ ଜିଲାପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଣିକି ଏଠାକାର ଛାତ୍ରୀମାନେ ମାତ୍ର ୫ ଟଙ୍କାରେ ନାପକିନ ପାଇବା ସହ ନିଜ ସ୍ୱାସ୍ଥ୍ୟର ସୁରକ୍ଷା ସମ୍ପର୍କରେ ସଚେତନ ହୋଇପାରିବେ ବୋଲି ଅତିଥିମାନେ କହିଥିଲେ। ଖୁବ୍‌ଶୀଘ୍ର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ଅନ୍ୟା ମହାବିଦ୍ୟାଳୟରେ ମଧ୍ୟ ଏପରି ମେଶିନ ପ୍ରତିଷ୍ଠା କରାଯିବ ବୋଲି କ୍ଲବ କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହା ପୂର୍ବରୁ କ୍ଲବ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ହାତ ଧୋଇବା ନିମନ୍ତେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ କ୍ଲବ ସଭାପତି ଗୋପାଳକୃଷ୍ଣ ସିଂ, ସମ୍ପାଦକ କିଶୋର କୁମାର ଦେହୁରୀ, ନିର୍ମଳ କୁମାର ମିଶ୍ର, ସରୋଜ ସାହୁ, ଯଜ୍ଞେଶ ମିଶ୍ର, ସମ୍ବିତ ଗଡ଼ନାୟକ, ନିଖିଳ ରଞ୍ଜନ ମିଶ୍ର ଓ ଲିଟୁ ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ବିଭୂତି ଭୂଷଣ ମହାପାତ୍ର, ଛାତ୍ରୀ ନିବାସ ସୁପରିଣ୍ଟେଣ୍ଡେଣ୍ଟ ନିରାଜ ସାହୁ ଓ ଅଧ୍ୟାପକ ଅକ୍ଷୟ କୁମାର ପଣ୍ଡାଙ୍କ ସମେତ ଛାତ୍ରୀ ଓ ଅଧ୍ୟାପିକା, ଅଧ୍ୟାପକମାନେ ଉପସ୍ଥିତ ଥିଲେ।

## ନାଲ୍‌କୋ ଅର୍ଥ ବିଭାଗ ନିର୍ଦ୍ଦେଶକଙ୍କ ସହ ଆଲୋଚନା



ବଣ୍ଟାଁରପାଳ,୪।୯(ଡି.ଏନ.ଏ.)

ନାଲ୍‌କୋ ଅର୍ଥ ବିଭାଗର ନୂତନ ନିର୍ଦ୍ଦେଶକ ଶ୍ରୀଧର ପାତ୍ରଙ୍କୁ ମଙ୍ଗଳବାର ନେସ୍ ସଙ୍ଗଠନ କର୍ମକର୍ତ୍ତାମାନେ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ପ୍ଲାଣ୍ଟର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସଂଘ ସାଧାରଣ ସମ୍ପାଦକ ନିର୍ମଳ ସାମଲଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଭୁବନେଶ୍ୱରସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ଏହି ସାକ୍ଷାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ମୁରଲୀଧର ପଣ୍ଡା, ଉପସଭାପତି ସଚ୍ଚିଦାନନ୍ଦ ତ୍ରିପାଠୀ, ଯୁବ ଶ୍ରମିକ ନେତା ମନୋଜ ସ୍ୱାଇଁ, ପ୍ରଦୀପ ନାୟକ, ରଞ୍ଜିତ ସାହୁଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ୟୁରିଆ ପାଇଁ ଚାଷୀଙ୍କ ଲମ୍ବା ଲାଇନ



ଛେଣ୍ଡିପଦା,୪।୯(ଡି.ଏନ.ଏ.)/(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ ବାଗେଡ଼ିଆ ସମବାୟ ସମିତି କାର୍ଯ୍ୟାଳୟଠାରେ ମଙ୍ଗଳବାର ସକାଳୁ ୟୁରିଆ ସାର ନେବାକୁ ୪ ଶହରୁ ଊର୍ଦ୍ଧ୍ୱ ଚାଷୀ ନାମ ପଞ୍ଜୀକରଣ ପାଇଁ ଲମ୍ବା ଲାଇନ ଲଗାଇଥିଲେ। ମାତ୍ର ୨ଶହ ଲୋକଙ୍କ ନାମ ପଞ୍ଜୀକୃତ କରାଯାଇ ସେମାନଙ୍କୁ ସମବାୟ ସମିତି ଜରିଆରେ ସାର ବଣ୍ଟନ କରାଯାଇଥିଲା। ଫଳରେ ବହୁ ଚାଷୀ ନିରାଶ ହୋଇ ଘରକୁ ଫେରି ଯାଇଥିବା ଦେଖିବାକୁ ମିଳିଥିଲା। ଏଥିଯୋଗୁ ଅସନ୍ତୋଷ ଦେଖାଦେଇଥିଲା। ଏ ନେଇ ସମବାୟ ସମିତି ସଭାପତି ପ୍ରଦୀପ କୁମାର ସାହୁ କହିଛନ୍ତି, ଚାଷୀମାନଙ୍କ ପାଇଁ ୨ହଜାର କୁଇଣ୍ଟାଲ ସାରର ଆବଶ୍ୟକତା ରହିଛି। ମାତ୍ର ମାର୍କଫେଡ ୧ଶହ କୁଇଣ୍ଟାଲ ସାର ଦେଇଛି। ଆମେ ତାକୁ ଚାଷୀମାନଙ୍କ ମଧ୍ୟରେ ସୁବଣ୍ଟନ କରିବୁ।

## ତାଲା ପକାଇ ଆନ୍ଦୋଳନ

ଛେଣ୍ଡିପଦା,୪।୯(ଡି.ଏନ.ଏ.)

ଆବଶ୍ୟକ ପରିମାଣର ୟୁରିଆ ଯୋଗାଇବା ଦାବିରେ ମଙ୍ଗଳବାର ଛେଣ୍ଡିପଦା ସମବାୟ ସମିତି ଅଫିସରେ ତାଲା ପକାଇ ଚାଷୀମାନେ ଆନ୍ଦୋଳନ କରିଥିଲେ। ଏଥିଯୋଗୁ ଦୀର୍ଘ ସମୟ ଧରି ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅନ୍ୟପକ୍ଷରେ ସ୍ୱଳ୍ପ ପରିମାଣର ସାର ଯୋଗାଣ କରିଥିବା ଯୋଗୁ ଚାଷୀଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ସମିତି କର୍ମଚାରୀମାନେ ନାନା ଅଡୁଆ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ। ଏଥିପାଇଁ ଚାଷୀଙ୍କ ମଧ୍ୟରେ ଟଣାଓଟରା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଶତାଧିକ ଚାଷୀ ପହଞ୍ଚି ଆନ୍ଦୋଳନ କରିବା ସହ ଅଫିସ ଫାଟକରେ ତାଲା ପକାଇ ଦେଇଥିଲେ। ଖବରପାଇ ଛେଣ୍ଡିପଦା ଥାନା ଆଇଆଇସି ନିର୍ମଳା ଗୋଚ୍ଛାୟତ, ପୋଲିସ କର୍ମଚାରୀ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ବିଭାଗ ପକ୍ଷରୁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସମାଧାନ ବୈଠକ ବିଫଳ

ତାଳଚେର,୪।୯(ନି.ପ୍ର.)

ପୂର୍ବ ଆର୍‌ପିଡିଏସି ବୈଠକର ନିଷ୍ପତ୍ତିକୁ ଏମ୍‌ସିଏଲ୍ କାର୍ଯ୍ୟକାରୀ କରିବାକୁ ମନା କରିଦେବା ଓ ଏହାକୁ ବିରୋଧ କରି ଆନ୍ଦୋଳନ ଚେତାବନୀ ଦେଇଥିବା ତାଳଚେର ସୁରକ୍ଷା ମଞ୍ଚ ମଧ୍ୟରେ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଡକାଯାଇଥିବା ବୈଠକ ବିଫଳ ହୋଇଛି। ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାଧାନ ବୈଠକରେ ଏମ୍‌ସିଏଲ୍ ମୁଖ୍ୟାଳୟର ଜିଏମ୍ (ଏଲ୍ ଆଣ୍ଡ ଆର), ସମସ୍ତ ମହାପ୍ରବନ୍ଧକ, ସୁରକ୍ଷାମଞ୍ଚ ସଭାପତି ମୁରଲୀଧର ସାହୁ, ସନ୍ତୋଷ କୁମାର ପ୍ରଧାନ, ପ୍ରମୋଦ ଚନ୍ଦ୍ର ସାହୁ, ରାଧାମୋହନ ବେହେରା, ଖୁଲଣା ପରିଡା, ଦିଲୀପ ଦେହୁରୀ, ଅକ୍ରୁର ସାହୁଙ୍କ ସମେତ ବିଭିନ୍ନ ଗ୍ରାମର ସଭାପତି, ସମ୍ପାଦକ, କ୍ଷତିଗ୍ରସ୍ତ ଗ୍ରାମବାସୀ ଯୋଗ ଦେଇଥିଲେ। ଏଥିରେ ଆନ୍ଦୋଳନରୁ ଓହରି ଯିବାକୁ ଉପଜିଲାପାଳ ସୁରକ୍ଷା ମଞ୍ଚକୁ ଅନୁରୋଧ କରିଥିଲେ। ଆରପିଡିଏସି ବୈଠକର ନିଷ୍ପତ୍ତିକୁ ଏମ୍‌ସିଏଲ୍ କାର୍ଯ୍ୟକାରୀ କରିବାକୁ ସହମତି ପ୍ରକାଶ କଲେ ଆନ୍ଦୋଳନ ସ୍ଥଗିତ ରଖାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇ ଥିଲା। କିନ୍ତୁ ଏମ୍‌ସିଏଲ୍‌ର ଅଧିକାରୀମାନେ ଏଥିରେ ରାଜି ହୋଇ ନ ଥିଲେ। ପରବର୍ତ୍ତୀ ବୈଠକ ଆସନ୍ତା ୬ ତାରିଖରେ ହେବ। ଉକ୍ତ ବୈଠକରେ ସମସ୍ୟାର ସମାଧାନ ନ ହେଲେ ୭ରେ ଆନ୍ଦୋଳନ କରାଯିବ ବୋଲି ମଞ୍ଚର ସଭାପତି ପ୍ରକାଶ କରିଛନ୍ତି।

## କରାଟେ ବେଲ୍‌ଟ ପଦୋନ୍ନତି ଶିବିର ଉଦ୍‌ଯାପିତ




ଅନୁଗୋଳ ଅଫିସ, ୪।୯

ପିଟିସି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଉତ୍କଳ କ୍ୟୋକୁସିନ୍ କରାଟେ ଏବଂ ଯୋଗ ସଙ୍ଗଠନ ପକ୍ଷରୁ ବେଲ୍‌ଟ ପଦୋନ୍ନତି ଶିବିର ଆୟୋଜିତ ହୋଇଯାଇଛି। ବାସୁଦେବ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ୭୨ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ଦିଆଯିବା ପରେ ସେମାନଙ୍କ ମଧ୍ୟରୁ ୬୨ ଜଣଙ୍କୁ ବେଲ୍‌ଟ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସୋମବାର ଏହି ସମାରୋହରେ ଅନୁଗୋଳ କ୍ରିକେଟ ଆସୋସିଏଶନ ସମ୍ପାଦକ ଅକ୍ଷୟ କୁମାର ଦାସ ଏବଂ ସାମାଜିକ କର୍ମୀ ପର୍ଶୁରାମ ଦାଶ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ଅଶ୍ୱିନୀ କୁମାର ପାଣି, ସମ୍ପାଦକ ସୌଭାଗ୍ୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ବବିନ୍ ଚନ୍ଦ୍ର ଗଡ଼ନାୟକ, ବିଜୟ କୁମାର ସାହୁ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ବେହେରାଙ୍କ ସମେତ ଆଦିତ୍ୟ ଦାସ, ସୁରଞ୍ଜନ ରାଜକୁମାର ପ୍ରମୁଖ ଯୋଗଦାନ କରିଥିଲେ।

■ବଲଙ୍ଗ ଓ ନନ୍ଦପୁର ପଞ୍ଚାୟତର ହେବ ବିକାଶ

# ବିଭିନ୍ନ ପ୍ରକଳ୍ପର ହେଲା ଭୂମି ପୂଜା, ଜମି ଚିହ୍ନଟ

ଅନୁଗୋଳ ଅଫିସ, ୪।୯



ଏମ୍‌ପିଙ୍କ ପ୍ରତିନିଧିଙ୍କ ବିଭିନ୍ନ ପ୍ରକଳ୍ପର ଭୂମି ପୂଜନ କରୁଛନ୍ତି।

ଅନୁଗୋଳ ବ୍ଲକ ବଲଙ୍ଗ ଓ ନନ୍ଦପୁର ପଞ୍ଚାୟତରେ ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀଙ୍କ ସ୍ଥାନୀୟ ଅଞ୍ଚଳ ବିକାଶ ପାଣ୍ଠି (ଏମ୍‌ପି ଲାଡ୍)ରେ ନିର୍ମିତ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର ଭୂମିପୂଜା ସହ ପାନୀୟ ଜଳ ପ୍ରକଳ୍ପ ପାଇଁ ଜମି ଚିହ୍ନଟ ହୋଇଛି। ବଲଙ୍ଗ ପଞ୍ଚାୟତ ହିଡସିଙ୍ଗ କନ୍ଧସାହି ଠାରେ ୩ଲକ୍ଷ ଟଙ୍କା ବ୍ୟୟରେ ଏକ କମୁନିଟ୍ ହଲ ନିର୍ମାଣ କରାଯିବ। ଏହାର ଭୂମିପୂଜା ଏମ୍‌ପିଙ୍କ ଜିଲା ପ୍ରତିନିଧି ଭକ୍ତି ପ୍ରସାଦ ଦାସଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଏଥିସହ କନ୍ଧସାହି, ମହ୍ଲାର ସାହି, ମହୁର ସାହି, ପ୍ରଧାନ ସାହି, ଉପରକନ୍ଧ ସାହି, କେଉଟ ସାହି, ପମ୍ପାସର କନ୍ଧ ସାହି, ହରିଜନ ସାହି ଠାରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ପାଇଁ ଜମି ଚିହ୍ନଟ କରାଯାଇଛି। ଏମ୍‌ପିଙ୍କ ପ୍ରସ୍ତାବ କ୍ରମେ ଜିଲା ଖଣିଜ ପାଣ୍ଠିରୁ ଏହା କାର୍ଯ୍ୟକାରୀ ହେବ। ସେହିପରି ନନ୍ଦପୁର ପଞ୍ଚାୟତ ମାଧପୁରଠାରେ ୨ଲକ୍ଷ ୮୭ହଜାର ଓ ୧ଲକ୍ଷ ୬୩ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ରାସ୍ତାର ଉନ୍ନତୀକରଣ ପ୍ରକଳ୍ପ ପାଇଁ ଭୂମିପୂଜା କରାଯାଇଥିଲା। ମାଧପୁର ଦଣ୍ଡାସାହି, କମାର ସାହି, ମଝିସାହି, ଉପର ସାହି, ମନ୍ଦିର ସାହି, କନ୍ଧସାହି, ମାଧପୁର ଜଙ୍ଗଲଠାରେ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ପାଇଁ ମଧ୍ୟ ସ୍ଥାନ ନିରୁପଣ ହୋଇଥିଲା। ଏହାପରେ ବିଭିନ୍ନ ସମସ୍ୟା ସମ୍ପର୍କରେ ସାଧାରଣ ଲୋକଙ୍କ ସହ ଏମ୍‌ପିଙ୍କ ଜିଲା ପ୍ରତିନିଧି ଆଲୋଚନା କରିଥିଲେ। ଉଭୟ ପଞ୍ଚାୟତର ବିଭିନ୍ନ ଗାଁରେ ବିପିଏଲ୍ ବିଦ୍ୟୁତ୍ ସଂଯୋଗ ସମସ୍ୟା ଉପରେ ଗ୍ରାମବାସୀ ଦୃଷ୍ଟିଆକର୍ଷଣ କରିବାରୁ ଏମ୍‌ପିଙ୍କ ପ୍ରତିନିଧି ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମ ବେଳେ ଜିଲା ଯୁବ ବିଜେଡି ସଭାପତି ଦିନେଶ ପ୍ରଧାନ, ସମ୍ପାଦକ ଉତ୍ତମ ପ୍ରଧାନ, ଯୁବ ନେତା ମାନସ ରଞ୍ଜନ ଦେହୁରୀ, ସୁଶିତ୍ ସାହୁ, ବସନ୍ତ ପ୍ରଧାନ, ବଳାସିଂହା ସରପଞ୍ଚ ଅଶୋକ ସାହୁ, ପ୍ରଭଞ୍ଜନ ଦେହୁରୀ, ପ୍ରତାପ ପ୍ରଧାନ, ପିତାମ୍ବର ଦେହୁରୀ, ଜଗ ଦେହୁରୀ, ଅନିଲ ସାହୁ, ପୁରଞ୍ଜନ ସାହୁ, ବିନାୟକ ବିଶ୍ୱାଳ, ଜିତେନ୍ଦ୍ର ସାହୁ, ତୁଷାର ଦେହୁରୀଙ୍କ ସମେତ ବହୁ ଗ୍ରାମବାସୀ ଯୋଗ ଦେଇ ଏମ୍‌ପିଙ୍କୁ ଧନ୍ୟବାଦ ଜଣାଇଥିଲେ।

## ସଂକ୍ଷେପରେ

### କ୍ରୀଡ଼ା ଦିବସରେ ଖେଳ ପ୍ରତିଯୋଗିତା

ଛେଣ୍ଡିପଦା,୪।୯(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ପାତ୍ରପଡା ଗ୍ରାମର ନେତାଜୀ କ୍ଲବ ପକ୍ଷରୁ ପାତ୍ରପଡା ନୋଡାଲ ବିଦ୍ୟାଳୟ ପରିସରରେ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କୁ ନେଇ ଦୌଡ଼, ଅଙ୍କ ଦୌଡ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନେତାଜୀ କ୍ଲବର ସଭାପତି ମଦନ ମୋହନ ସାହୁ, ସମ୍ପାଦକ ହିମାଂଶୁ ଶେଖର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଅତିଥି ଭାବେ ସ୍କୁଲ ପ୍ରଧାନ ଶିକ୍ଷକ ଭାସ୍କର ଚନ୍ଦ୍ର ସେଠୀ, ଅନୁଗୋଳ ନେହେରୁ ଯୁବ କେନ୍ଦ୍ରର ଛେଣ୍ଡିପଦା ବ୍ଲକ ସଂଯୋଜକ ରାମଚନ୍ଦ୍ର ସାହୁ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ସାହୁ କ୍ରୀଡା ପରିଚାଳନା କରିଥିଲେ। ନେତାଜୀ କ୍ଲବର ସମସ୍ତ ସଦସ୍ୟ ସହେଯାଗ କରିଥିଲେ।

### ଶିଳ୍ପ ସଚେତନତା ଶିବିର

ଆଠମଲ୍ଲିକ, ୪।୯(ଡି.ଏନ.ଏ.)- ଆଠମଲ୍ଲିକ ମହାବିଦ୍ୟାଳୟ ପରିସରରେ ଏକ ଶିଳ୍ପ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ର ଅନୁଗୋଳର ସାଧାରଣ ପରିଚାଳକ ଗଗନ ବିହାରୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆଠମଲ୍ଲିକ ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାହାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ନିଶାକର ନାୟକ, ଇଣ୍ଡିଆନ ବ୍ୟାଙ୍କ ଶାଖା ସହ ପରିଚାଳକ କୁମୁଦ ଚନ୍ଦ୍ର ପ୍ରଧାନ, କଲେଜ ଅଧକ୍ଷ ଜୀବର୍ଦ୍ଧନ ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଣ କ୍ଷୁଦ୍ର ତଥା ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠାନ ନିମନ୍ତେ ବିଭିନ୍ନ ସରକାରୀ ଯୋଜନା ଓ ସହାୟତା ଦିଗରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଶିବିରରେ ଆଠମଲ୍ଲିକ ଅଞ୍ଚଳର ଇଂ କମଳାକାନ୍ତ ପ୍ରଧାନଙ୍କୁ ଜଣେ ସଫଳ ଶିଳ୍ପ ଯୁବ ଉଦ୍ୟୋଗୀ ଭାବେ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଶିଳ୍ପ ବିକାଶ ଅଧିକାରୀ ମଧୁଛନ୍ଦା ଦାଶ ଶିବିର ପରିଚାଳନା କରିଥିଲେ। ଅଧାପକ ଗୋପବନ୍ଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ କଲେଜର ଛାତ୍ରୀଛାତ୍ର ଅଧାପିକା ଅଧାପକ ଅଂଶଗ୍ରହଣ କରିଥିଲେ।

### ପରିବେଶ ସନ୍ତୁଳନରେ ଶାଗୁଣାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଅନୁଗୋଳ ଅଫିସ, ୪।୯- ଅନୁଗୋଳର କୁଇଓରେ ବନ ସୁରକ୍ଷା ସମିତି ପୁନର୍ଗଠନ ପାଇଁ ଜଙ୍ଗଲ ସୁରକ୍ଷା, ଗ୍ରାମର ବିକାଶ ଓ ଜୀବନ ଜୀବିକାରେ ଉନ୍ନତି ପାଇଁ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ କରିବାକୁ ସ୍ୱତନ୍ତ୍ର ପଲ୍ଲୀସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନ୍ତର୍ଜାତୀୟ ଶାଗୁଣା ସଚେତନତା ଦିବସ ପାଳିତ ହୋଇଥିଲା। ଉପସ୍ଥିତ ଅତିଥିମାନେ ପରିବେଶ ସନ୍ତୁଳନରେ ଶାଗୁଣାଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ବିଲୁପ୍ତ ହେବାକୁ ଯାଉଥିବା ଏହି ପକ୍ଷୀଙ୍କ ବଂଶ ବିସ୍ତାର ପାଇଁ ଉଦ୍ୟମ କରାଯିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ୱାର୍ଡସଭ୍ୟ ସୌଭାଗ୍ୟ ରଞ୍ଜନ ବେହେରା ଅଧକ୍ଷତାଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବନାଞ୍ଚଳ ଅଧିକାରୀଙ୍କ ପ୍ରତିନିଧି ସୀତାରାଣୀ ବିଶ୍ୱାଳ, କାଉଁଶିତଇଲା ବନ ସୁରକ୍ଷା ସମିତି ସଭାପତି ସଂଗ୍ରାମ ଦେହୁରୀ, ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତିର ଆମ ଜଙ୍ଗଲ ଯୋଜନା ଟିମ ଲିଡର ବିଜୟ କୁମାର ଜେନା, ବିକାଶ ଅଧିକାରୀ ସୁବ୍ରତ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ବନ ସୁରକ୍ଷା ସମିତିର ୧୫ ଜଣିଆ କାର୍ଯ୍ୟନିର୍ବାହୀ କମିଟି, ଅଣୁ ଯୋଜନା ପ୍ରସ୍ତୁତି ଦଳ, ଜଙ୍ଗଲ ଚିହ୍ନଟକାରୀ ଦଳ ଓ ବନ ସହାୟକ ଏହି ଅବସରରେ ମନୋନୟନ କରାଯାଇଥିଲା। ନିଯୁକ୍ତ ଅନୁଷ୍ଠାନର ବିକାଶ ଅଧିକାରୀ ପ୍ରିୟବ୍ରତ ବେହେରା ଓ ଗ୍ରାମ ସମ୍ପାଦକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

### ପିକ୍ଅପ ଭ୍ୟାନ ଚୋରି ଅଭିଯୋଗ

ଛେଣ୍ଡିପଦା,୨।୯।୮ (ନି.ପ୍ର.)- ଅନୁଗୋଳ ଜିଲା ଜରପଡା ଥାନା ତୁବେ ଗ୍ରାମରୁ ସୋମବାର ରାତିରେ ଏକ ପିକଅପ ଭ୍ୟାନ ଚୋରି ହୋଇଛି। ଏ ନେଇ ଗାଡ଼ି ମାଲିକ ପ୍ରମିଳା ସାହୁ ମଙ୍ଗଳବାର ଜରପଡା ଥାନାରେ ଅଭିଯୋଗ କରିଛନ୍ତି। ତୁବେ ଗ୍ରାମସ୍ଥିତ ୫୫ନଂ. ଜାତୀୟ ରାଜପଥର କଡରେ ଗାଡି ରଖାଯାଇଥିଲା। ପ୍ରମିଳାଙ୍କ ସ୍ୱାମୀ ଜିତୁ ସାହୁ ରାତିରେ ଗାଡିର ଡାଲା ଉପରେ ଶୋଇଥିଲେ। ରାତି ୧୨ଟା ପରେ ଥଣ୍ଡା ପଡିବାରୁ ଜିତୁ ଘରକୁ ଶୋଇବାକୁ ଚାଲି ଯାଇଥିଲେ। ପୁନର୍ବାର ରାତି ୨ଟା ପରେ ଉଠି ଦେଖିଲା ବେଳକୁ ଗାଡି ଘର ସାମ୍ନାରେ ନ ଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

## ସରକାରୀ ଯାଆଁଳ ଯୋଗାଇ ପାରୁନି ମତ୍ସ୍ୟ ବିଭାଗ


# ବାହାର ଯାଆଁଳ ବଢୁନି

(ଦିନେଶ ଦେହୁରୀ) ବନ୍ତଲା, ୪।୯

- କ୍ଷତି ସହୁଛନ୍ତି ହଜାର ହଜାର ଚାଷୀ, ବୁଡୁଛି ଟଙ୍କା
- ୫ ଉତ୍ପାଦନ କେନ୍ଦ୍ର ମଧ୍ୟରୁ କେବଳ ଗୋଟିଏ କାର୍ଯ୍ୟକ୍ଷମ
- ଘରୋଇକରଣ ଯୋଗୁ ହ୍ରାସ ପାଉଛି ଉତ୍ପାଦନ

ମତ୍ସ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ତଥା ଉତ୍ପାଦନ ବୃଦ୍ଧି ନିମନ୍ତେ ଅନୁଗୋଳ ବୁଢ଼ି ଠାକୁରାଣୀ ନିକଟସ୍ଥ ନାରଣ ସାଗରରେ ୧୯୫୭ ଜୁଲାଇ ୧୦ରେ ଦେଶର ପ୍ରଥମ ଇଣ୍ଡିସ ବ୍ରିଡିଙ୍ଗ୍ ବା ପ୍ରଭାବିତ ପ୍ରଜନନ କେନ୍ଦ୍ର ସ୍ଥାପନ ହୋଇଥିଲା। ସାଗରର ୨ଟି ପାର୍ଶ୍ୱରେ ଯାଆଁଳ ଚାଷ କରାଯାଇ ରାଜ୍ୟର ବିଭିନ୍ନ ଜିଲା ଓ ଅବିଭକ୍ତ ଢେଙ୍କାନାଳ ଜିଲାକୁ ଯୋଗାଣ କରାଯାଉଥିଲା। ପରେ ଆଠମଲ୍ଲିକ, ବନ୍ତଲା ଓ ବଇଣ୍ଡାଠାରେ ମଧ ଗୋଟିଏ ଲେଖାଏ ସରକାରୀ ଉତ୍ପାଦନ କେନ୍ଦ୍ର ସ୍ଥାପନ କରାଯାଇଥିଲା। କିନ୍ତୁ ସରକାରୀ ଅବହେଳା ଓ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁ ଏସବୁ ଉତ୍ପାଦନ କେନ୍ଦ୍ର ଏବେ ଦିଗହରା ହୋଇପଡ଼ିଛି। କେବଳ ନାରଣ ସାଗରର ଗୋଟିଏ ପାର୍ଶ୍ୱରେ ବିଭାଗ ପକ୍ଷରୁ ଯାଆଁଳ ଚାଷ କରାଯାଉଥିବା ବେଳେ ଏହାର ଅପରପାର୍ଶ୍ୱ ସହ ଅନ୍ୟ ୩ଟି କେନ୍ଦ୍ରକୁ ଘରୋଇକରଣ କରାଯାଇଛି। ତେବେ ଲିଜ୍ ଆକାରରେ ଦିଆଯାଇଥିବା ଏସବୁ କେନ୍ଦ୍ରଗୁଡ଼ିକ କେବେ କାର୍ଯ୍ୟକାରୀ ହେଉଛି ତ କେବେ ନାହିଁ। ଏଥିଯୋଗୁ ଜିଲାର ହଜାର ହଜାର ମତ୍ସ୍ୟ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସରକାରୀ ଯାଆଁଳ ମିଳିପାରୁ ନାହିଁ। ଏହାର ଲାଭ ବାହାର ଜିଲାର ବେପାରୀ ଉଠାଉଥିବା ବେଳେ ମାଛ ଭଲ ବଢୁ ନ ଥିବାରୁ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହିବାକୁ ପଡୁଛି ଅନୁଗୋଳର ଚାଷୀଙ୍କୁ।

ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ଜିଲାରେ ମୋଟ୍ ୫୩୧୯ ପୋଖରୀ ସହ ଡେରଜାଙ୍ଗ ଡ୍ୟାମ୍, ରେଙ୍ଗାଳି ଡ୍ୟାମ୍, ମାନଜୋର ଡ୍ୟାମ୍, ବ୍ରାହ୍ମଣୀ, ମହାନଦୀ, ମାଇନର ଇରିଗେଶନ ପ୍ରୋଜେକ୍ଟରେ ମାଛ ଚାଷ କରାଯାଉଛି। ସେଥିମଧ୍ୟରୁ ୨୩୨ ପୋଖରୀରୁ ମତ୍ସ୍ୟ ବିଭାଗ ରାଜସ୍ୱ ଆଦାୟ କରୁଛି। ଏସବୁ ସ୍ଥାନରେ ମାଛ ଚାଷ କରୁଥିବା ଚାଷୀଙ୍କୁ ନାରଣ ସାଗରର ଉଭୟ ପାର୍ଶ୍ୱ ସହ ବନ୍ତଲା, ବଇଣ୍ଡା ଓ ଆଠମଲ୍ଲିକ ଉତ୍ପାଦନ କେନ୍ଦ୍ରରୁ ସହଜ ଓ ସୁବିଧାରେ ଯାଆଁଳ ଯୋଗାଇ ଦେଉଥିଲା ମତ୍ସ୍ୟ ବିଭାଗ। ଏଥିସହ ବନ୍ତଲାଠାରେ ଥିବା ୨ଟି ବେସରକାରୀ ପୋଖରୀରୁ ମଧ ବିଭାଗ ଗୁଣ୍ଡ ଜାଆଁଳ ଆମଦାନୀ କରୁଥିଲା। କିନ୍ତୁ ବର୍ତ୍ତମାନ ପୂର୍ବ ପରିସ୍ଥିତି ଆଉ ନାହିଁ। ସରକାରୀ ଅବହେଳା ଓ ବିଭାଗର ଦାୟିତ୍ୱହୀନତା ଯୋଗୁ ଉପରୋକ୍ତ ୫ଟି ଉତ୍ପାଦନ କେନ୍ଦ୍ର ମଧ୍ୟରୁ କେବଳ ନାରଣ ସାଗରର ଗୋଟିଏ ପାର୍ଶ୍ୱକୁ ଛାଡ଼ିଦେଲେ ଘରୋଇକରଣ କରାଯାଇଥିବା ଅନ୍ୟ ୪ଟି କେନ୍ଦ୍ର ଏକପ୍ରଚାର ଅଚଳ ଅବସ୍ଥାରେ ରହିଛି। ଏସବୁ କେନ୍ଦ୍ରକୁ ଲିଜ୍ ଦିଆଯାଇ ଯାଆଁଳ ଉତ୍ପାଦନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ତାହାକୁ ଲିଜ ଦିଆଯାଇ ନାହିଁ। ଫଳରେ ଏତେ ସଂଖ୍ୟକ ପୋଖରୀରେ ମାଛ ଚାଷ କରୁଥିବା ଚାଷୀମାନେ ଭଲ ଯାଆଁଳ ପାଇପାରୁ ନାହାନ୍ତି। ପୂର୍ବବର୍ଷ ଗୁଡ଼ିକରେ ମଧ ପର୍ଯ୍ୟାପ୍ତ ଯାଆଁଳ ପାଇ ନ ପାରି ବହୁ ଚାଷୀ କ୍ଷତିର ସମ୍ମୁଖୀନ ହୋଇଥିଲେ। ମତ୍ସ୍ୟ ବିଭାଗ ନିକଟରୁ ନିରାଶ ହେବା ପରେ ସେମାନେ ବାଧ ହୋଇ ସମ୍ବଲପୁର ଚିପିଲିମା, ଦେବଗଡ଼ର ବାରକୋଟ, ବାଲେଶ୍ୱର, ଭଦ୍ରକ, କଟକ, ବଡ଼ମ୍ବା, ନରସିଂହପୁର, କେନ୍ଦ୍ରାପଡ଼ା, ଜଗସିଂହପୁର, ଯାଜପୁର ଓ ନୟାଗଡ଼ ଆଦି ଅଞ୍ଚଳର ବେପାରୀମାନଙ୍କଠାରୁ ଯାଆଁଳ ସଂଗ୍ରହ କରିଥିଲେ। ହେଲେ ଉକ୍ତ ବାହାର ଯାଆଁଳ ଭଲ ନ ବଢ଼ିବାରୁ ଚାଷୀମାନେ ଲକ୍ଷ ଲକ୍ଷ ଟଙ୍କା ହରାଇଥିଲେ। ୨୦୧୭ରେ ୧୧୦ ଲକ୍ଷ ଗୁଣ୍ଡ ଯାଆଁଳ ପ୍ରଡକ୍ସନ ପାଇଁ ବିଭାଗ ଲକ୍ଷ୍ୟ ରଖିଥିବା ବେଳେ ମାତ୍ର ୩୦.୭୫ ଲକ୍ଷ ଉତ୍ପାଦନ ହୋଇପାରିଥିଲା। ସ୍ୱଳ୍ପ ଓ ଅନିୟମିତ ବର୍ଷା ଯୋଗୁ ପ୍ରଡକ୍ସନ ହ୍ରାସ ପାଇଥିବା ବିଭାଗ ପକ୍ଷରୁ କୁହାଯାଇଥିଲା। ଏ ବିଷୟରେ ପୋକତୁଙ୍ଗାର ମାଛ ଚାଷୀ ଅନାଦି ଦେହୁରୀ କୁହନ୍ତି, ଅନୁଗୋଳରେ ଚାହିଦା ଅନୁଯାୟୀ ଯାଆଁଳ ନ ମିଳିବାରୁ ସମ୍ବଲପୁର ଚିପିଲିମାରୁ ଆଣି ସାହିର ୮୦ ପରିବାର ପୋକତୁଙ୍ଗା କୋଳଥିଆ ମୁଣ୍ଡା ପୋଖରୀରେ ଛାଡ଼ିଥିଲୁ। କିନ୍ତୁ ମାଛ ବଢ଼ିଲେ ନାହିଁ। ୩ ଲକ୍ଷ ଟଙ୍କା କ୍ଷତି ହେଲା।


ଯାଆଁଳ ବିକ୍ରି ପାଇଁ ଅନୁଗୋଳ ଆସିଥିବା କଟକ ବଡ଼ମ୍ବା ଅଞ୍ଚଳର ବେପାରୀ।

ସମସ୍ୟା ସମ୍ପର୍କରେ ଅନୁଗୋଳ ଉପମତ୍ସ୍ୟ ନିର୍ଦ୍ଦେଶକ ଶାନ୍ତନୁ କୁମାର ସାହୁ କହିଛନ୍ତି, ଜିଲାରେ ସରକାରୀ ଭାବେ ୫ଟି ଓ ବେସରକାରୀ ଭାବେ ୨ଟି ମତ୍ସ୍ୟ ଯାଆଁଳ ଚାଷ କେନ୍ଦ୍ର ରହିଛି। ଉକ୍ତ ୭ଟି ମଧ୍ୟରୁ କେବଳ ନାରଣସାଗରର ଗୋଟିଏ ପାର୍ଶ୍ୱରେ ଯାଆଁଳ ଉତ୍ପାଦନ କରାଯାଉଥିବା ବେଳେ ଅନ୍ୟଗୁଡ଼ିକୁ ଲିଜ୍ ମାଧ୍ୟମରେ ଦିଆଯାଇଥାଏ। ଆଠମଲ୍ଲିକ କେନ୍ଦ୍ରଟି ମରାମତି ହୋଇପାରି ନାହିଁ। ନାରଣସାଗର ଅପରପାର୍ଶ୍ୱକୁ ଲିଜ୍ ନେଇଥିବା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଯୋଗୁ ଯାଆଁଳ ଉତ୍ପାଦନ ବନ୍ଦ ରହିଛି। ବନ୍ତଲା ଓ ବଇଣ୍ଡା କେନ୍ଦ୍ରକୁ ଲିଜ ପ୍ରଦାନ କରାଯିବ ବୋଲି ସାହୁ ପ୍ରକାଶ କରିଛନ୍ତି।

# ରାଶନ କାର୍ଡ ପାଇଁ ଅର୍ଥ ଆଦାୟ ଅଭିଯୋଗ


ଅଭିଯୋଗ କରିଥିବା ହିତାଧିକାରୀ।

ବନ୍ତଲା, ୪।୯ (ଡି.ଏନ.ଏ.)-

ଅନୁଗୋଳ ବ୍ଲକ ଇଙ୍କରବନ୍ଧ ପଞ୍ଚାୟତର ଇଙ୍କରବନ୍ଧ ଗ୍ରାମରେ ରାଶନ କାର୍ଡ ବଣ୍ଟନ ବେଳେ ହିତାଧିକାରୀଙ୍କଠାରୁ ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ସକାଳେ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଖୁଚୁରା ବିକ୍ରୟ କେନ୍ଦ୍ରର ଡିଲର କୁମୁଦ ବିଶ୍ୱାଳ ରାଶନ କାର୍ଡ ବଣ୍ଟନ ବେଳେ ହିତାଧିକାରୀଙ୍କ ଠାରୁ ୨୦ ଟଙ୍କା ଲେଖାଏ ଆଦାୟ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଗ୍ରାମର ଦିବାକର ପ୍ରଧାନ, ସନାତନ ବେହେରା, ଅଜିତ ବେହେରା, ବିନତି ସାହୁ, କାନ୍ତା ବେହେରା, ରମେଶ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ପ୍ରାୟ ୨୫୦ ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ ପାଇଁ ଆସିଥିଲା। ସେଥିରୁ ୧୦୦ ରୁ ଊର୍ଦ୍ଧ୍ୱ କାର୍ଡ ପ୍ରଦାନ ବେଳେ ହିତାଧିକାରୀଠାରୁ ୨୦ ଟଙ୍କା ଲେଖାଏ ରଖାଯାଇଛି। ସରକାର ଆମକୁ ଚାଉଳ ୧ ଟଙ୍କାରେ ଦେଉଥିବାବେଳେ କାର୍ଡ ନେବା ପାଇଁ ୨୦ ଟଙ୍କା ଦେଉଛୁ। ଏଥିନେଇ ଗାଁରେ ଅସନ୍ତୋଷ ଦେଖାଦେବା ପରେ ସମ୍ପୃକ୍ତ ଡିଲର ଅଧାରୁ ବଣ୍ଟନ ବନ୍ଦ କରି ପଳାଇ ଯାଇଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସେମାନେ ଦାବି କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ଡିଲର ବିଶ୍ୱାଳ କହିଛନ୍ତି, ପୂର୍ବରୁ ରାଶନକାର୍ଡ ବାବଦରେ ୧୦ ଟଙ୍କା ସଂଗ୍ରହ କରାଯାଉଥିଲା। ଏବେ ୨୦ ଟଙ୍କା ଲେଖାଏ ଆଦାୟ କରିଛି। ଯଦି ସରକାରଙ୍କ ନିୟମ ନାହିଁ ତାହେଲେ ଉକ୍ତ ଟଙ୍କା ଫେରାଇ ଦେବି। ଏ ବିଷୟରେ ବ୍ଲକ ଯୋଗାଣ ବିଭାଗ ଅଧିକାରୀ ସ୍ୱୟଂପ୍ରଭା ସ୍ୱାଇଁ କୁହନ୍ତି, ରାସନ କାର୍ଡ ପ୍ରିଣ୍ଟ୍ କରିବା ପାଇଁ ୧୨ ଟଙ୍କା ଖର୍ଚ୍ଚ ହେଉଛି। ତେବେ କାର୍ଡଗୁଡ଼ିକ ସିଏସ୍ଓ ଅଫିସରୁ ଆଣୁଛନ୍ତି। ଏ ବିଷୟରେ ଜିଲା ଯୋଗାଣ ବିଭାଗ ଅଧିକାରୀ (ସିଏସ୍ଓ) ଉମାଶଙ୍କର ପତି କୁହନ୍ତି, ମୋ ନିକଟରେ ଖବର ପହଞ୍ଚିଛି। ଏଭଳି ହେବା କଥା ନୁହଁ। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସାମୂହିକ ଛୁଟିରେ ଯିବେ ଯନ୍ତ୍ରୀ



ଛେଣ୍ଡିପଦା,୪।୯ (ସ୍ୱ.ପ୍ର)-

ଛେଣ୍ଡିପଦା ବ୍ଲକରେ କାର୍ଯ୍ୟରତ ୯ଜଣ ଯନ୍ତ୍ରୀ ସାମୂହିକ ଭାବେ ଆସନ୍ତା ୧୮ରୁ ୩୧ ତାରିଖ ପର୍ଯ୍ୟନ୍ତ ଛୁଟିରେ ଯିବାକୁ ମଙ୍ଗଳବାର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଜଣାଇଛନ୍ତି। ସେମାନେ ଦର୍ଶାଇଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିବା ସତ୍ତ୍ୱେ କ୍ୟାଡର ପୁନର୍ଗଠନରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ନ୍ୟାୟ ମିଳୁନାହିଁ। ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟରତ ଟେକ୍ନିକାଲ ଆସିଷ୍ଟାଣ୍ଟଙ୍କୁ କନିଷ୍ଠ ଯନ୍ତ୍ରୀ ପଦବୀ ଦେବା ସହ ସେମାନଙ୍କୁ ନିୟମିତ କରିବା, ପାନୀୟ ଜଳ ଯୋଗାଣ ବିଭାଗରେ କାର୍ଯ୍ୟରତ ୩୧୪ ଜଣ କନିଷ୍ଠ ଯନ୍ତ୍ରୀ(୨)ଙ୍କୁ ନିୟମିତ କରିବା ଆଦି ୪ ଦଫା ଦାବିରେ ରାଜ୍ୟ ସଂଘର ଡାକରାକ୍ରମେ ସାମୂହିକ ଛୁଟିରେ ଯିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତି। ଛେଣ୍ଡିପଦା ବ୍ଲକ ଯନ୍ତ୍ରୀ ସଂଘ ସଭାପତି ଅଖିଲ କୁମାର ଚିନାରାଙ୍କ ନେତୃତ୍ୱରେ ଶକ୍ତି ପ୍ରସାଦ ଦାସ, ଲାଲ ମୋହନ ମାରାଣ୍ଡି, ରବୀନ୍ଦ୍ର ନାଥ ଟୁଡୁ, ସତ୍ୟଭାମା ନାୟକ, ଘନଶ୍ୟାମ ପଟେଲ, ମନୋଜ ରାଉତ, ବିଜୟ ଚନ୍ଦ୍ର ନିଖଣ୍ଡ ଛେଣ୍ଡିପଦା ବିଡିଓଙ୍କୁ ଭେଟି ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଛୁଟିପତ୍ର ପ୍ରଦାନ କରିଥିଲେ।

## ହାଇସ୍କୁଲରେ କ୍ରୀଡ଼ା ଦିବସ

ଛେଣ୍ଡିପଦା,୪।୯(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକର ବଡ଼ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ହାଇସ୍କୁଲରେ ଜାତୀୟ କ୍ରୀଡା ଦିବସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ମୋହନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିନ୍ଦଲ ସିଏସଆରର ତାପସ କୁମାର ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହିଅବସରରେ ୪ଟିହାଉସ୍ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃଷ୍ଣ କୁମାର ଦାସ ଖେଳ ପରିଚାଳନା କରିଥିଲେ। ବିଶେଷ କରି କବାଡ଼ି ଖେଳ ରୋମାଞ୍ଚକର ହୋଇଥିଲା। ପ୍ରଥମେ ୟେଲୋ ଓ ବ୍ଲୁ ହାଉସ ମଧ୍ୟରେ କବାଡ଼ି ମ୍ୟାଚ ହୋଇଥିଲା। ଏଥିରେ ବ୍ଲୁ ହାଉସ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅରେଞ୍ଜ ହାଉସ ଓ ଗ୍ରୀନ ହାଉସ ମଧ୍ୟରେ ହୋଇଥିଲା। ଅରେଞ୍ଜ ହାଉସ ଏଥିରେ ବିଜୟୀ ହୋଇଥିଲେ। ଶେଷରେ ବ୍ଲୁ ଏବଂ ଅରେଞ୍ଜ ହାଉସ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଅରେଞ୍ଜ ହାଉସ ବିଜୟୀ ହୋଇ ପ୍ରଥମ ଓ ବ୍ଲୁ ହାଉସ ୨ୟ ସ୍ଥାନରେ ଅଧିକାର କରିଥିଲେ।

## ଡେଙ୍ଗୁ ସମ୍ପର୍କରେ ସଚେତନ କଲେ ଛାତ୍ରୀଛାତ୍ର

ତାଳଚେର,୪।୯(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ଗ୍ରାମର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ପକ୍ଷରୁ ଡେଙ୍ଗୁ, ମେଲେରିଆ ଓ ଡାଇରିଆ ଉପରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଲଡାସ୍ଥିତ ମଝିକା ନରହରିପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପରେ ଶିକ୍ଷାନୁଷ୍ଠାନ ପରିସରରେ ଅନୁଷ୍ଠିତ ସଭାରେ ପ୍ରଧାନଶିକ୍ଷୟିତ୍ରୀ ହେମଲତା ସେଠୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଭାଗ୍ୟଲକ୍ଷ୍ମୀ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଦଣ୍ଡଧର ପ୍ରଧାନ, ସମିତି ସଭ୍ୟା କୁମୁଦିନୀ ସାହୁ, ପାଠାଗାର ଉପଦେଷ୍ଟା ପ୍ରଭାକର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ପରିବେଶ ପରିଷ୍କାର ରଖିବା ସହ ମଶାରୀ ବ୍ୟବହାର କରିବା ଓ ବିଶୁଦ୍ଧ ପାନୀୟ ଜଳ ପିଇବା ନିମନ୍ତେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭାପତି ହାଡିବନ୍ଧୁ ପ୍ରଧାନ, କୋଷାଧକ୍ଷ ଦୟାନିଧି ସାହୁ, ସନ୍ତୋଷ କୁମାର ସାହୁ, ଅଜିତ ପ୍ରଧାନ, ମହେଶ୍ୱର ମହାନ୍ତି, ପଞ୍ଚାନନ ବେହେରା, କବିରାଜ ସାହୁ, ପ୍ରତାପ ଚନ୍ଦ୍ର ପ୍ରଧାନ, ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଦେବାଶିଷ ସାହୁ, ତୃପ୍ତିଲତା ପ୍ରଧାନ, ପ୍ରତିମା ତରେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଯାଉଛନ୍ତି

## ଡିଏଭି ସାବିତ୍ରୀ ଜିନ୍ଦଲ ସ୍କୁଲର ବାର୍ଷିକ ପ୍ରତିଷ୍ଠା ଦିବସ

ଛେଣ୍ଡିପଦା,୪।୯(ସ୍ୱ.ପ୍ର)

ଛେଣ୍ଡିପଦା ବ୍ଲକ୍ ବଡମହିତଳା ସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚବିଦ୍ୟାଳୟର ୪ର୍ଥ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଦ୍ୟାଳୟର ଅଧକ୍ଷ ଫକୀର ମୋହନ ସାହୁ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓପି ଜିନ୍ଦଲ ସ୍କୁଲର ଅଧକ୍ଷ ଛନ୍ଦା ଚରଣ ଦାସ ଯୋଗଦେଇ କହିଲେ, ଛାତ୍ରୀଛାତ୍ରମାନେ ସୁନାଗରିକ ହୋଇ ନିଜକୁ ଗଢ଼ି ତୋଳିବା ଆବଶ୍ୟକ। ତେଣୁ ଆଗାମୀ ଦିନରେ କିଭଳି ଭଲ ମଣିଷ ହୋଇ ଦେଶର ନାମ ଉଜ୍ଜୀବିତ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ଏକ କ୍ରିକେଟ ମ୍ୟାଚ ଖେଳାଯାଇଥିଲା। ଏଥିରେ ଶିକ୍ଷକ ଦଳ ବିଜୟୀ ହୋଇଥିଲା। ମ୍ୟାନ ଅଫ ଦ ମ୍ୟାଚ ଭାବେ ଶିକ୍ଷକ ଅର୍ଣ୍ଣବ ପଣ୍ଡା ବିବେଚିତ ହୋଇଥିଲେ। ଶିକ୍ଷକ ଚିତରଞ୍ଜନ ଦାସ ମ୍ୟାଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଦୀପ୍ତିରେଖା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




# ଦେଶ ବିକାଶରେ ଶିଳ୍ପର ବିକାଶ ଜରୁରୀ


ମଞ୍ଚାସୀନ ଅତିଥି।

ବଇଣ୍ଡା,୪।୯(ଡି.ଏନ.ଏ.)

ଶିଳ୍ପକୁ ଏବେ ଅଗ୍ରାଧିକାର ଦେବା ଜରୁରୀ ହୋଇପଡ଼ିଛି। ଏବେ ଅଳ୍ପ ସମ୍ବଳରେ ଅଧିକ ପରିମାଣର ଶିଳ୍ପ ସାମଗ୍ରୀ ଉତ୍ପାଦନ କରାଯାଇପାରୁଥିବାରୁ ଏହାର ବିକାଶ ପାଇଁ ଗୁରୁତ୍ୱ ଦିଆଯିବା ଉଚିତ। କାରଣ ଶିଳ୍ପର ବିକାଶ ହେଲେ ଦେଶର ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ପରିସ୍ଥିତିରେ ବହୁ ଉନ୍ନତି ଆସିବ ବୋଲି କିଶୋରନଗର ବ୍ଲକ ବଇଣ୍ଡା ରାମଦେଓ ନୋଡ଼ାଲ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କେଦାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମନୋରମା ସାହୁ ଯୋଗ ଦେଇଥିଲେ। ଏଥିରେ ୨୨ଟି ହାଇସ୍କୁଲର ୨୨ ଜଣ ପ୍ରତିଯୋଗୀ ଆଲୋଚନା ଚକ୍ରରେ ଭାଗ ନେଇଥିଲେ। ଶିକ୍ଷକ ଉପେନ୍ଦ୍ର ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ସୁବଳ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବିଚାରକ ଭାବେ ଗୋତମରା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ପ୍ରଧାନ, ଜରଡ଼ା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ମନୋଜ କୁମାର ସାହୁ ଉପସ୍ଥିତ ଥିଲେ।

## ୨୦ ଦିନ ହେଲା ଏଟିଏମ୍ ଅଚଳ

ଆଠମଲ୍ଲିକ,୧।୯(ଡି.ଏନ.ଏ.)

ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଠମଲ୍ଲିକ ଶାଖାର ଆଠମଲ୍ଲିକ ସହର ଗାନ୍ଧୀଛକ ଠାରେ ଥିବା ଏଟିଏମ ୨୦ ଦିନରୁ ଊର୍ଦ୍ଧ୍ୱ ହେବ ଅଚଳ ହୋଇପଡିଛି। ସ୍ଥାନୀୟ ଗ୍ରାହକ ଟଙ୍କା ଉଠାଇବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ ହେଁ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି। ଆଠମଲ୍ଲିକର ପ୍ରମୁଖ ଛକ ଗାନ୍ଧୀ ଛକରେ ବସ୍, ଅଟୋ, ବିଭିନ୍ନ ଯାନବାହାନ, ଜନ ସେବା କେନ୍ଦ୍ର ସହିତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଏହାକୁ ଆଖିରେ ରଖି ଏସବିଆଇ ପକ୍ଷରୁ ଏଠାରେ ଏକ ଏଟିଏମ କାଉଣ୍ଟର ଖୋଲାଯାଇଛି। ମାତ୍ର ଏଟିଏମ କାଉଣ୍ଟରଟି ବାରମ୍ବାର ଅଚଳ ହେଉଥିବାରୁ ଗ୍ରାହକ ବ୍ୟାଙ୍କ ସେବାରୁ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ଏହି ଏଟିଏମର ଚର୍ତୁପାର୍ଶ୍ୱରେ ଅନାବନା ଗଛଲତା ମାଡ଼ି ଯାଇଥିବା ଦେଖାଯାଇଛି। ତୁରନ୍ତ ଏଟିଏମ୍ ସଚଳ କରାଯିବା ସହ ଏହା ଚାରିପାଖ ସଫା କରାଯିବାକୁ ଦାବି ହୋଇଛି।

## ଆଜି କ'ଣ କେଉଁଠି

**ବଅଁରପାଳ**

■ଗ୍ରାମେଶ୍ୱରୀଙ୍କ ବାର୍ଷିକ ପୂଜା
ସ୍ଥାନ- ଲକ୍ଷ୍ମଣପୁର
ସମୟ- ଅପରାହ୍ନ ୧ଟା।

## ସଂକ୍ଷେପରେ

### ଅନୁଗୋଳ କଲେଜରେ ଲାଗିବ ୧୧ ସିସି ଟିଭି

ଅନୁଗୋଳ ଅଫିସ, ୪।୯- ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୃଙ୍ଖଳିତ ଶିକ୍ଷାଦାନ ସହ ଉତ୍ତମ ବାତାବରଣ ରଖିବା ଉପରେ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ନୂତନ ଶିକ୍ଷାବର୍ଷ ଆରମ୍ଭରୁ ୭୦ଟି କମିଟି ଗଢ଼ାଯାଇ ବିଭିନ୍ନ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ସାମିଲ କରାଯାଇଛି। ଏଥିସହ ବିଭିନ୍ନ ସ୍ଥାନରେ ୧୬ଟି ସିସିଟିଭି ଲଗାଯାଇଛି। ପ୍ରତି ୪ଟି ମନିଟରେ ଏହାକୁ ତଦାରଖ କରାଯାଉଛି। କିନ୍ତୁ ବାହାର ଛାତ୍ର ପଶିଯାଉଥିବା ଓ ବିଶୃଙ୍ଖଳିତ କାର୍ଯ୍ୟକଳାପ ବଢ଼ୁଥିବାରୁ ଆଉ ୧୧ଟି ସିସିଟିଭି କ୍ୟାମେରା ଲଗାଯିବା ପାଇଁ କର୍ତ୍ତୃପକ୍ଷ ଚିନ୍ତା କରିଛନ୍ତି। ମଙ୍ଗଳବାର ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର ମିଶି ଏ ନେଇ ଯୋଜନା କରାଯାଇଥିବା ମହାବିଦ୍ୟାଳୟ ଅଧକ୍ଷ ଗଙ୍ଗାଧର କର ସୂଚନା ଦେଇଛନ୍ତି।

### ଅବକାରୀ ଚଢ଼ାଉ, ୫ ଗିରଫ

ବଇଣ୍ଡା,୪।୯(ଡି.ଏନ.ଏ.)-ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳବାର ଆଠମଲ୍ଲିକ ବ୍ଲକର ବିଭିନ୍ନ ଗ୍ରାମରେ ଚଢ଼ାଉ କରାଯାଇ ୩୭ ଲିଟର ଦେଶୀ ମଦ ଜବତ କରାଯିବା ସହ ୫ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପାଣ୍ଡୁରୀଖୋଲ ଗ୍ରାମର ପଦ୍ମଲୋଚନ ମେହେର, ସଞ୍ଜୟ ନାୟକ, କୁମୁଦିନୀ ବାରିକ, ବଡ଼ବନ୍ଧ ଗ୍ରାମର ବୁନା ପ୍ରଧାନ, ହରିହରପୁର ଗ୍ରାମର ଦଶରଥି ସାହୁ। ଏମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ସୁମିତ୍ରା ଓରାମ, ସ୍ନେହଲତା ନାୟକ, ଉପନିରୀକ୍ଷକ ପ୍ରଫୁଲ୍ଲ କୁମାର ପତି, ସହକାରୀ ନିରୀକ୍ଷକ ରମାକାନ୍ତ ଚାନ୍ଦ, ଅରୁଣ କୁମାର ଚାଉଳିଆ, ଆରକ୍ଷୀ ମନୋଜ ବେହେରା, ହରିହର ପରିଡ଼ା ପ୍ରମୁଖ ଚଢ଼ାଉ କରିଥିଲେ।

# ଭାବରେ ବନ୍ଧା ଗୁରୁ-ଶିଷ୍ୟ

**ବଦଳିଛି ସମୟ। ପରିବର୍ତ୍ତନ ଆସିଛି ଶୈକ୍ଷିକ ପରମ୍ପରାରେ। କିନ୍ତୁ ଗୁରୁ ଶିଷ୍ୟର ବନ୍ଧନ ଅତୁଟ ରହିଛି ଯୁଗ ଯୁଗ ଧରି। ଯଦିଓ ବେଳେ ବେଳେ ବ୍ୟତିକ୍ରମ, ଅଘଟଣ ଦେଖିବାକୁ ମିଳିଛି, ତଥାପି ତାହା କଳଙ୍କର ଛିଟା ଲଗାଇପାରିନି ଏଥିରେ। ଏପରି ବ୍ୟକ୍ତିମାନେ ପ୍ରକୃତରେ ଗୁରୁ ହିଁ ନୁହନ୍ତି। ବରଂ ସେମାନେ ଜଣେ ଜଣେ କଳଙ୍କ ବୋଲି ବୁଦ୍ଧିଜୀବୀ, ଶିକ୍ଷାବିତ, ଗୁରୁ ଓ ଛାତ୍ର ମହଲ ମତ ଦେଇଛନ୍ତି। ଭାରତୀୟ ସଂସ୍କୃତିରେ ଗୁରୁ ଦିବସର ବିଶେଷ ଗୁରୁତ୍ୱ ରହିଛି। ବୁଧବାର ଏହା ଦେଶରେ ପାଳନ ହେବାକୁ ଯାଉଥିବା ବେଳେ କେତେଜଣ ଗୁରୁ ଓ ଶିଷ୍ୟଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**

#### ଗୁରୁଙ୍କୁ ହୃଦୟରେ ସ୍ଥାନ ଦିଅନ୍ତୁ



ଗୁରୁ ଓ ଶିଷ୍ୟ ସମ୍ପର୍କ ଆଗ ଭଳି ନାହିଁ। ପ୍ରତ୍ୟେକ ଛାତ୍ରୀଛାତ୍ର ସେମାନଙ୍କ ମାତା ଓ ପିତାଙ୍କୁ ପ୍ରଥମେ ଭକ୍ତି କରିବା ଆବଶ୍ୟକ। ଲୋକ ଦେଖାଣିଆ ଭାବେ ଗୁରୁ ପୂଜା କରା ନ ଯାଇ ଆନ୍ତରିକତା ସହିତ ଗୁରୁଙ୍କୁ ହୃଦୟରେ ସ୍ଥାନ ଦେଲେ ଗୁରୁ ଦିବସର ପ୍ରକୃତ ଉଦେଶ୍ୟ ଫଳପ୍ରଦ ହେବ।

-କ୍ଷୀରୋଦ କୁମାର ପ୍ରଧାନ
ପ୍ରଧାନ ଶିକ୍ଷକ, ବଅଁରପାଳ ପିବିକେ ହାଇସ୍କୁଲ

#### ସବୁଦିନ ଗୁରୁଙ୍କୁ ମନେ ପକାନ୍ତୁ



ନାଲକୋ ଏସ୍‌ଭିଏମ୍‌ରେ ପଢୁଥିବା ବେଳେ ଓଡ଼ିଶୀ ନୃତ୍ୟ ପ୍ରତି ଆଗ୍ରହ ବଢ଼ିଥିଲା। ଗୁରୁଙ୍କ ଆଦେଶ ମାନିଥିବା ଯୋଗୁ ହିଁ ଶିଷ୍ୟରୁ ୫ ବର୍ଷ ହେଲା ଗୁରୁ ପାଲଟିଯାଇଛି। କେବଳ ଗୁରୁ ଦିବସ ନୁହେଁ ଯଦି ପ୍ରତ୍ୟେକ ଦିନ ଛାତ୍ରୀଛାତ୍ରମାନେ ଗୁରୁମାନଙ୍କୁ ମନେ ପକାନ୍ତି ନିଶ୍ଚିତ ଭାବେ ସେମାନଙ୍କ ଉନ୍ନତି ହେବ। ଗୁରୁ ଶିଷ୍ୟ ମଧ୍ୟରେ ସମ୍ପର୍କ ନିବିଡ଼ ରହିବ।

-ଚିତ୍ରଲେଖା ପାହାଡ଼ି
ଓଡ଼ିଶୀ ନୃତ୍ୟ ଗୁରୁ, ନାଲକୋନଗର

#### ସମ୍ପର୍କ ନିବିଡ଼ ହେବା ଆବଶ୍ୟକ



ଗୁରୁ ବିନା ଶିକ୍ଷା ସମ୍ଭବ ନୁହେଁ। ଶିଷ୍ୟମାନଙ୍କୁ ଗୁରୁମାନେ ସର୍ବଦା ମାର୍ଗ ଦର୍ଶନ କରିଥାନ୍ତି। ଯେଉଁ ଶିଷ୍ୟ ଗୁରୁଙ୍କ ଯେତେ ନିକଟତର ସେ ସେତେ ସଫଳ ହୋଇଥାଏ। ତେଣୁ ଗୁରୁ ଶିଷ୍ୟ ସମ୍ପର୍କ ନିବିଡ଼ ହେବା ଆବଶ୍ୟକ।

-ବିଜନ ଦଳ ବେହେରା
ମାର୍ଶଲଆର୍ଟ ଗୁରୁ, ବଅଁରପାଳ

#### ଭାବଗତ ସମ୍ପର୍କ ଥାଏ



ଗୁରୁ ଓ ଶିଷ ପରମ୍ପରାରେ ବହୁ କିମ୍ବଦନ୍ତୀ ରହିଛି। ଏକଲବ୍ୟ, ଆରୁଣୀ ପ୍ରମୁଖ ଏଭଳି ଅନେକ ଶିଷ୍ୟ ଗୁରୁ ଦକ୍ଷିଣା ଦେଇ ତ୍ୟାଗ କରିଛନ୍ତି। ପିତାମାତାଙ୍କ ସହ ରକ୍ତ ସମ୍ପର୍କ ଭଳି ଗୁରୁ ଓ ଶିଷ୍ୟର ଭାବ ଗତ ସମ୍ପର୍କ ରହିଥାଏ। ମାତ୍ର ଏବେ ଆଧୁନିକ ଯୁଗରେ ବ୍ୟତିକ୍ରମ ଦେଖାଦେଇଛି। ଦକ୍ଷ ମଣିଷଟିଏ ସୃଷ୍ଟି କରିବାର ପ୍ରଣାଳୀ ମଧ୍ୟ ବଦଳି ଯାଇଛି।

-ବ୍ରହ୍ମାନନ୍ଦ ବେହେରା
ନାଲକୋ ସରସ୍ୱତୀ ବିଦ୍ୟାମନ୍ଦିର

#### ସମସ୍ତେ ମୋ ଗୁରୁ



ମୋ ପାଇଁ ମା ହେଉଛନ୍ତି ପ୍ରଥମ ଗୁରୁ। ତେବେ କେନ୍ଦ୍ରାପଡ଼ାର ମହମ୍ମଦ ବେଗ ସାର ମୋ ପାଇଁ ସବୁଦିନ ଗୁରୁ ହୋଇ ରହିବେ। ତାଙ୍କ ନିକଟରୁ ପାଇଥିବା ଶିକ୍ଷା ଓ ଦୀକ୍ଷା ମତେ ଆଣି ଏହି ସ୍ଥାନରେ ବସାଇଛି। ଜିଲା ମୁଖ୍ୟ ମୋର ଗୁରୁ ହୋଇଥିବା ବେଳେ ଚତୁର୍ଥ ଶ୍ରେଣୀ କର୍ମଚାରୀ ମଧ ମୋର ଗୁରୁ। ଏଠାକାର ପ୍ରତ୍ୟେକ କର୍ମଚାରୀଙ୍କଠାରୁ କିଛି ନା କିଛି ଶିଖୁଛି। ତେଣୁ ସମସ୍ତେ ମୋର ଗୁରୁ।

-ସୋଫି ସାଇନିକା
ସହକାରୀ ଜିଲାପାଳ, ଅନୁଗୋଳ

#### ଗୁରୁଙ୍କ ଭୂମିକା ଅତୁଳନୀୟ



ମା' ବାପା ଜନ୍ମ ଦିଅନ୍ତି। କିନ୍ତୁ ସମାଜରେ ସମ୍ମାନର ସହ ବଞ୍ଚିବା ପାଇଁ ଗୁରୁଙ୍କ ଠାରୁ ଶିକ୍ଷା ମିଳିଥାଏ। ସୁସ୍ଥ ସମାଜ ଗଠନରେ ଗୁରୁଙ୍କ ଭୂମିକା ଅତୁଳନୀୟ। ଗୁରୁଙ୍କୁ ସର୍ବଦା ସର୍ବୋଚ୍ଚ ସ୍ଥାନରେ ରଖାଯାଇଥିବା ଆବଶ୍ୟକ। ଗୁରୁମାନେ ମଧ ନିଜ ପଦ ମର୍ଯ୍ୟାଦା ବଜାୟ ରଖିବା ଆବଶ୍ୟକ।

-ମଧୁସ୍ମିତା ନନ୍ଦ
ପ୍ରଧାନଶିକ୍ଷୟିତ୍ରୀ, ଅନୁଗୋଳ ଉଚ୍ଚ ବିଦ୍ୟାଳୟ

#### ଗୁରୁଙ୍କ ସ୍ଥାନ ବହୁ ଉର୍ଦ୍ଧ୍ୱରେ



ପୂର୍ବରୁ ଗୁରୁଙ୍କ ପ୍ରତି ଯେପରି ଭୟ, ଭକ୍ତି ଓ ସମ୍ମାନ ଥିଲା ତାହା ଏବେ ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ଗୁରୁ-ଶିଷ୍ୟର ସମ୍ପର୍କ ଦୂରେଇ ଯାଉଛି। ତେଣୁ ଶିକ୍ଷାର ସଂସ୍କାର ସହ ଗୁରୁମାନେ ମଧ ଆଗାମୀ ଭବିଷ୍ୟତ ଗଢ଼ିବା ପାଇଁ ଚେଷ୍ଟା କରିବା ଦରକାର। ଓକିଲ ଚତୁର୍ଭୁଜ ଜେନାଙ୍କ ପାଇଁ ସେ ଏହି ସୋପାନରେ ପହଞ୍ଚିଥିବାରୁ ସେ ତାଙ୍କର ଗୁରୁ।

-କମଳାକାନ୍ତ ଜେନା
ଡାକ୍ତର, ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ

#### ଶିକ୍ଷାନୁଷ୍ଠାନରୁ ଖେଳ ପଡ଼ିଆକୁ ଆସିଥିଲି



ଆହ୍ଲାବାଦ ସ୍ଥିତ ମହର୍ଷି ବେଦବିଜ୍ଞାନ ବିଶ୍ୱ ବିଦ୍ୟାପୀଠର ଟାଇକୋଣ୍ଡୋ ଗୁରୁ ରବିନ୍ଦ୍ର ଶଙ୍କରଙ୍କ ଆଦେଶରେ ଶିକ୍ଷାନୁଷ୍ଠାନରୁ ସିଧା ଚାଲି ଆସିଥିଲି ଖେଳ ପଡ଼ିଆକୁ। ସେ ହିଁ ମୋର ପ୍ରକୃତ ଗୁରୁ। ବର୍ତ୍ତମାନ ସୁଦ୍ଧା ତାଙ୍କଠାରୁ ଶିକ୍ଷା ନେଇଥିବା ୭୦ରୁ ଉର୍ଦ୍ଧ୍ୱ ବାଳିକା ଓ ବାଳକ ଜାତୀୟ ସ୍ତରରେ ପ୍ରଦର୍ଶନ କରୁଛନ୍ତି। ଏଥିପାଇଁ ସେ ବେଶ୍ ଖୁସି।

-ଦୁଷ୍ୟନ୍ତ କୁମାର ନାଥ,ଟାଇକୋଣ୍ଡୋ ଶିକ୍ଷକ

ରିପୋର୍ଟ- ଅମିତ ସାମଲ, ଉପେନ୍ଦ୍ର ରାଉତ

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ dklselfie@gmail.com ରେ ଆମର ସେଲ୍ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସେଲ୍ଫି କର୍ଣ୍ଣର



@ ଲକ୍ଷ୍ମୀଧର



@ ପ୍ରବୀଣ

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | dklselfie@gmail.com (ବଛା ବଛା ସେଲ୍ଫି ପ୍ରକାଶ ପାଇବ)

## ଶୁଦ୍ଧ ପାନୀୟ ଜଳ ଯୋଗାଇବା ସରକାରଙ୍କ ଲକ୍ଷ୍ୟ



ବଇଣ୍ଡା,୪।୯(ଡି.ଏନ.ଏ.)

ଗ୍ରାମାଞ୍ଚଳରେ ବାସ କରୁଥିବା ପ୍ରତ୍ୟେକ ପରିବାରଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନବୀନ ସରକାରଙ୍କ ମୂଳ ଲକ୍ଷ୍ୟ। ଗ୍ରାମାଞ୍ଚଳରେ କିଭଳି ଅଧିକ ବିକାଶ ହେବ ସରକାର ସେଥିପ୍ରତି ଗୁରୁତ୍ୱ ଦେଉଛନ୍ତି ବୋଲି ମଙ୍ଗଳବାର କିଶୋରନଗର ବ୍ଲକ ଓସ୍କାପାଲି ପଞ୍ଚାୟତ ଡାଳିମୁରା ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପର ଭୂମିପୂଜା ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ଆଠମଲ୍ଲିକ ବିଧାୟକ ସଞ୍ଜୀବ ସାହୁ ଏହା କହିଛନ୍ତି। ଜଳ ଯୋଗାଣ ବିଭାଗର ଏସ୍‌ଡିଓ ଯୁଧିଷ୍ଠିର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅନ୍ୟତମ ଅତିଥି ଭାବେ କିଶୋରନଗର ବ୍ଲକ ଅଧକ୍ଷା ବବିତା ପ୍ରଧାନ, କିଶୋରନଗର ବିଡିଓ ଅମୃତା ପ୍ରିୟମ୍ବଦା, ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଓସ୍କାପାଲି ସରପଞ୍ଚ ସୁଷମାରାଣୀ ମିର୍ଦ୍ଧା, ସମିତି ସଭ୍ୟା ସୁଶୀଳ ପ୍ରଧାନ, ବିଜେଡି ବ୍ଲକ ସଭାପତି ପ୍ରବୋଧ କୁମାର ବେହେରା, ଯୁବ ବିଜେଡି ସଭାପତି ପ୍ରତାପ ମାଝି, ପୂର୍ବତନ ସରପଞ୍ଚ ସଚିଦାନନ୍ଦ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଡାଳିମୁରା ଗ୍ରାମ ପାଇଁ ୮୮ ଲକ୍ଷ ୩୯ ହଜାର, ଚଟିଆମାଳ ଗ୍ରାମ ପାଇଁ ୧ କୋଟି ୧୫ ଲକ୍ଷ ୮୮ ହଜାର ଟଙ୍କାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ଭୂମିପୂଜା କରାଯାଇଥିଲା। ପରେ ଗଡ଼ଗଡ଼ବାହାଳ ଗ୍ରାମରେ ୫୮ ଲକ୍ଷ ୭୯ ହଜାର, ବାଦିବାହାଳ ଗ୍ରାମରେ ୩୫ ଲକ୍ଷ ୯୪ ହଜାର ଟଙ୍କାର ୨ଟି ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରାଯାଇଥିଲା। ଏଥିସହ ସଞ୍ଜମୁରା ପଞ୍ଚାୟତର ନିମିତିରିରୁ ବଙ୍କାପଳସା ପର୍ଯ୍ୟନ୍ତ ୨୪ ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କରିବା ପାଇଁ ଭୂମିପୂଜା କରାଯାଇଥିଲା।

## କୋଇଲା ବୋଝେଇ ଟ୍ରକ୍ ଜବତ, ୩ ଗିରଫ

ତାଳଚେର,୪।୯(ନି.ପ୍ର)

ତାଳଚେର ପୋଲିସ ମଙ୍ଗଳବାର ୩ଟି ଚୋରା କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ଏଥିସହ ଏହାର ଚାଳକ ଜଗିତା ନାୟକ, ସଞ୍ଜୟ ବେହେରା, ଯୁଧିଷ୍ଠିର ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଭୁବନେଶ୍ୱରୀ କୋଇଲା ଖଣିରୁ ଟ୍ରକ୍ (ନଂ. ଓଆର୧୫ପି- ୭୩୯,) (ଓଆର ୧୯କେ -୧୭୪୭) (ଓଆର୧୯ଏଫ-୧୫୭୮)ରେ କୋଇଲା ବୋଝେଇ ହୋଇ ଆସୁଥିବାବେଳେ ପୋଲିସ ଖବରପାଇ ଚଢ଼ାଉ କରିଥିଲା। ଏ ନେଇ ତାଳଚେର ଥାନାରେ ୩ଟି ମାମଲା ରୁଜୁ ହୋଇଛି। ପ୍ରତି ଟ୍ରକ୍‌ରେ ୧୬ ଟନ୍ ଚୋରା କୋଇଲା ଥିବା ଜଣାପଡ଼ିଛି। ଖୁବଶୀଘ୍ର ଗାଡି ମାଲିକଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।


# ଧରିତ୍ରୀ CAREER APPOINTMENT
every Wednesday & Saturday

**WANTED**
MARKETING EXECUTIVE - 3 Nos.
Graduate with 1 Year. Exp. in IT Field with very Good Communication Skills.
CONTACT
SONATECH INFOSOLUTIONS PVT. LTD.
H.B. Colony, C.S. Pur, Bhubaneswar
7381951030 / 7381231122
E-mail: accounts@sonatechindia.in

**URGENT REQUIRED**
Banking, Back Office, HR/ Admin, Sales / Marketing
Qual: 10+2 / Graduation, MBA
Male / Female
8594906311, 9777466896

**ଆବଶ୍ୟକ**
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

**AEEXA**
MARKETING EXECUTIVE (M/F): 15 Nos.
OFFICIAL JOB (M/F): 10 Nos.
Contact:
7978931819, 7008479200
Mail Id: hr.amrit@aeexa.com

**SALES EXECUTIVE REQUIRED**
For AES INDUSTRIAL Pvt. Ltd. BBSR
Preferably B.Sc., Diploma, ITI having work experience in Industrial Sales & Field Marketing, for BBSR & Angul.
Send Resume to
info@aesindustrial.in
Contact M:
9438112545/9437679795

**WANTED AUTOCAD STAFF**
For Architectural/ Structural Consultancy Office.
Diploma Civil/Draftsman Civil/ Architecture Diploma Holders can apply.
9777247762

**COOK, HELPER, WAITER** Post Vacant at Hotel **CHANCELLER.**
CONTACT
8895444888
7077707278

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ବ୍ଲକ/ଜିଲ୍ଲାସ୍ତରୀୟ ନିଯୁକ୍ତି**
ନିଜ ନିଜ ଅଞ୍ଚଳରେ Official Jobରେ କାମ କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary upto 22,000/-. Age (18-34) years, ରହିବାର ସୁବିଧା ଅଛି।
Contact: 9668051710

**REQUIRED**
MARKETING MANAGER: 2
MARKETING EXECUTIVE: 2
Two Wheeler must.
Fixed Salary + TA + DA + Fuel Allowance Daily.
Contact: 9040076999
jena2421@gmail.com

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 30,500/- ରୁ 75,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319469228

**DIRECT JOINING**
CALL CENTER
DATA ENTRY
TELE CALLER
DELIVERY EXE
BACK OFFICE
AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9937529015, 9853844830

**REQUIRED**
ACCOUNTANT for BBSR Branch
Min. 2 Yrs Exp. in Tally
WEST COAST DIESEL LLP.
HIG-II/34, BDA Colony, Kapilaprasad, BBSR-751002
Contact: 9337003316
Email: odisha@wcdllp.com

**APPOINTMENT**
'Z' FINANCE Requires
1. COMPUTER ASSISTANTS-2 Nos.
2. MARKETING MANAGER- 15 Nos.
3. PEON- 2 Nos.
4. FINANCE MANAGER- 5 Nos.
Plot No: N-1/39, IRC Village.
Ph. No: 8480697808, 9078445982
Dt. Timing: 11 A.M.- 2 P.M.

**ଡ୍ରାଇଭର ଆବଶ୍ୟକ**
ଘରୋଇ ଗାଡି ଚଳାଇବା ପାଇଁ ଏବଂ ଢେଙ୍କାନାଳ, ଅନୁଗୁଳ, ଗଞ୍ଜାମ ଜିଲ୍ଲାର ଲୋକ ହୋଇଥିବା। ରହିବା ବ୍ୟବସ୍ଥା ଅଛି।
7750899392

**ଡ୍ରାଇଭର ଆବଶ୍ୟକ**
ଭୁବନେଶ୍ୱରରେ Car ଏବଂ 407 ଗାଡ଼ି ଚଳାଇବା ପାଇଁ 4 ଜଣ ଡ୍ରାଇଭର ଆବଶ୍ୟକ।
Mobile: 7381203300

ଧରିତ୍ରୀ DHARITRI is looking for
**LAYOUT DESIGNERS**
• Minimum 3 years+ experience in news dailies.
• Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.
Apply within 10 days to:
recruitment@dharitri.com
Pay & perks will be the best in the industry for deserving candidates.

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately:
Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. ମାସିକ ଦରମା upto Rs.25000/-.
(Part Time / Full Time)
Contact: 9938676412

**REQUIREMENT**
A smart Sales Girl (Fluent in English, Hindi & Odia, minimum qualification +2 with Computer knowledge) for a Boutique. Handsome Salary.
Contact- N2/180, IRC Village, Nayapalli, Bhubaneswar.
Mobile: 9438185270

**REQUIRED**
Experienced Beautician for Ladies Beauty SPA & Staff for Garment Showroom (Ladies & Gents), Chandrasekharpur, Bhubaneswar.
Ph: 9861610222, 7008679211

A leading mattress & foam manufacturing company requires for Odisha
Marketing Executive
6 Posts
Salary (10 - 20K)
Contact:
8269927225, 7747016509

**WANTED**
For a Hotel division handling Hotels & Luxury Apartments
• Stewards
• Electrician
• Housekeeping Boys
Candidates with Hotel experience will be an added advantage.
Ph: 080 - 41487000/9000
99457 11116 / 98446 60100

**WANTED PROJECT MANAGER**
**APPAREL TRAINING CENTRE**
We are a leading garment manufacturer & exporters in Tamilnadu. We need an experienced candidate for multiple location in Orissa (Bhubaneswar, Rayagada /Gajapati, Ganjam, Kandhamal(Phulbani), Malkangiri, Mayurbhanj, Balangir, Sundergarh) to handle training centre with capacity of 70-100 Sewing machines & good knowledge on implementing Government schemes like DDU-GKY,PMKVY, ISDS.
The candidate should be responsible for sourcing, train the candidates, documentation & Liaison with local government bodies.
Salary will not be a constraint for the right candidate.
Interested candidates can share their resume to
hrudt@victus.in& viji.victus@gmail.com

**Brunel ମାଗଣା ନିଯୁକ୍ତି**
ତୁନ୍ଦଲା (ଉତ୍ତରପ୍ରଦେଶ)ରେ ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍ ରେଲ୍‌ୱେ ପ୍ରୋଜେକ୍ଟ ପାଇଁ ଆମେ କର୍ମଚାରୀ ଆବଶ୍ୟକ କରୁଛୁ
ଓଭରହେଡ୍ ଇଲେକ୍ଟ୍ରିଫିକେଶନ୍‌ରେ ଅଭିଜ୍ଞତା ବାଧ୍ୟତାମୂଳକ
ଫିଟର୍ ▸ ଆସିଷ୍ଟାଣ୍ଟ ଫିଟର୍
ଆର୍‌ଆର୍‌ଭି ଅପରେଟର୍ସ ▸ ଲୋକୋ ଅପରେଟର୍ସ
ଉପରୋକ୍ତ ସମସ୍ତ ବର୍ଗ ପାଇଁ ସର୍ବନିମ୍ନ 5 ବର୍ଷର ଅଭିଜ୍ଞତା ଆବଶ୍ୟକ
ଆଗ୍ରହୀ ପ୍ରାର୍ଥୀମାନେ 7021507193 / 7400402754 ରେ କଲ୍ କରିବା ଏବଂ ସାକ୍ଷାତ୍‌କାର ସ୍ଥାନକୁ ମୂଳ ଆଧାର କାର୍ଡ, ପ୍ୟାନ୍ କାର୍ଡ ଏବଂ ବ୍ୟାଙ୍କ ପାସ୍ ବୁକ୍ ସାଙ୍ଗରେ ଆଣିବା ଆବଶ୍ୟକ

See Career Appointment on every Wednesday & Saturday

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।


ପଶ୍ଚିମ ଜାପାନରେ ଟାଇଫୁନ୍ ଜେବି ତାଣ୍ଡବ ରଚିଛି। ମଙ୍ଗଳବାର ଏହା ଜାପାନ ଉପକୂଳ ଛୁଇଁଥିବାବେଳେ ଏହାର ପ୍ରଭାବରେ ଘଣ୍ଟାପ୍ରତି ୨୧୬ କିମି ବେଗରେ ପବନ ବହୁଛି। ଏହାର ପ୍ରଭାବରେ ଭୂସ୍ଖଳନ ହୋଇଥିବା କୁହାଯାଉଛି। ଜାପାନ ପ୍ରଧାନମନ୍ତ୍ରୀ ଶିଞ୍ଜୋ ଆବେ ପ୍ରଭାବିତ ଅଞ୍ଚଳ ଖାଲି କରି ସୁରକ୍ଷିତ ସ୍ଥାନକୁ ଚାଲି ଯିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।



## ସଂକ୍ଷେପରେ

ଅପରେଶନ ପରୀ-୨ର ତୃତୀୟ ଦିନ

### ୩୭୭ ଶିଶୁ ଉଦ୍ଧାର, ୨୯ଜଣ ଅପହୃତ

**କଟକ ଅଫିସ, ୪।୯:** କ୍ରାଇମବ୍ରାଞ୍ଚ ପକ୍ଷରୁ ଆରମ୍ଭ ହୋଇଥିବା ଅପରେଶନ ପରୀ-୨ର ମଙ୍ଗଳବାର ତୃତୀୟ ଦିନରେ ୩୭୭ଜଣ ନିଖୋଜ ପିଲାଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରୁ ୩୨୫ ନାବାଳକ ଏବଂ ୫୨ଜଣ ନାବାଳିକା ଅଛନ୍ତି। ବ୍ରହ୍ମପୁର ପୋଲିସ ଜିଲାରୁ ସର୍ବାଧିକ ୫୨ଜଣ ପିଲା ରହିଥିବାବେଳେ ଗଞ୍ଜାମ ଜିଲାରୁ ୫୧, ବୌଦ୍ଧ ଜିଲାରୁ ୪୨, ରାୟଗଡାରୁ ୨୦, ଗଜପତି ଜିଲାରୁ ୧୯ ଓ ଭଦ୍ରକ ଜିଲାରୁ ୧୬ ଜଣଙ୍କୁ ଉଦ୍ଧାର କରାଯାଇଛି। ତେବେ ଏମାନଙ୍କ ମଧ୍ୟରୁ ୨୯ଜଣଙ୍କୁ ଅପହରଣ କରି ନିଆଯିବା ପରେ ବିଭିନ୍ନ କାର୍ଯ୍ୟରେ ଲଗାଯାଇଥିଲା। ଉଦ୍ଧାର ଶିଶୁଙ୍କୁ ବିଭିନ୍ନ ଶିଶୁ ସୁରକ୍ଷା ସମିତିରେ ଛଡାଯାଇଥିବାବେଳେ ଏ ସମ୍ପର୍କରେ ସେମାନଙ୍କ ପରିବାର ଲୋକଙ୍କୁ ସୂଚନା ଦିଆଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ପ୍ରଥମ ଦିନରେ ୩୫ ଏବଂ ଦ୍ୱିତୀୟ ଦିନରେ ୧୯୧ ପିଲାଙ୍କୁ ଉଦ୍ଧାର କରାଯାଇଥିଲା।

### ରିମାଣ୍ଡରେ ଓପେପା ଅଧିକାରୀ, ତହସିଲଦାର ସ୍ୱାମୀ

କଟକ ଅଫିସ, ୪।୯

ଓଡ଼ିଶା ପ୍ରାଇମେରୀ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓପେପା)ର ଅର୍ଥ ପରାମର୍ଶଦାତା ନଳିନୀ କୁମାରୀ ପୃଷ୍ଟି ଓ ତାଙ୍କ ତହସିଲଦାର ସ୍ୱାମୀ ବିଜୟ କେତନ ସାହୁଙ୍କୁ ମଙ୍ଗଳବାର ଭିଜିଲାନ୍ସ ତିନିଦିନିଆ ରିମାଣ୍ଡରେ ଆଣିଛି। ଏହି ତିନିଦିନ ମଧ୍ୟରେ ଭିଜିଲାନ୍ସ ସେମାନଙ୍କ ଆୟ ବହିର୍ଭୂତ ସମ୍ପତ୍ତି ସମ୍ପର୍କରେ ଅଧିକ ଖୋଳତାଡ଼ କରିବ। କିଭଳି ଏତେ ପରିମାଣର ସମ୍ପତ୍ତି ଠୁଳ କରିଥିଲେ ସେ ନେଇ ଭିଜିଲାନ୍ସ ସେମାନଙ୍କୁ ପଚରାଉଚରା କରିବ ବୋଲି ଭିଜିଲାନ୍ସ ସେଲ୍‌ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଅଗଷ୍ଟ ୩୦ରେ ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ୭/୧୮ରେ ଏକ ମାମଲା ରୁଜୁ କରାଯାଇଥିଲା।

ସୂଚନାଥାଉକି, ଅଗଷ୍ଟ ୨୯ରେ ଭିଜିଲାନ୍ସ ସେଲ୍ ପକ୍ଷରୁ ପୃଷ୍ଟି ଏବଂ ସାହୁଙ୍କର ବିଭିନ୍ନ ସ୍ଥାନରେ ଥିବା ଘର, ଅଫିସ ସମେତ ସମ୍ପର୍କୀୟଙ୍କ ଘରେ ଚଢ଼ାଉ କରାଯାଇଥିଲା। ଯାଞ୍ଚରୁ ମୋଟ ୬ କୋଟି ୮୭ ଲକ୍ଷ ୧୮ହଜାର ୯୩୯ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ତେବେ ଠାବ ସମ୍ପତ୍ତି ମଧ୍ୟରୁ ୫ କୋଟି ୫ ଲକ୍ଷ ଆୟ ବହିର୍ଭୂତ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

### ବନଜ ଦେବୀ ପାଇବେ ଅତିବଡ଼ୀ ସମ୍ମାନ

ପୁରୀ ଅଫିସ,୪।୯: ଶ୍ରୀକ୍ଷେତ୍ର ଲେଖକ ସାମ୍ମୁଖ ପକ୍ଷରୁ ଚଳିତ ବର୍ଷ ସାରସ୍ୱତ ସାଧିକା, ଗାଳ୍ପିକା ଓ ଔପନ୍ୟାସିକା ବନଜ ଦେବୀଙ୍କୁ ଅତିବଡ଼ୀ ଜଗନ୍ନାଥ ଦାସ ସମ୍ମାନ ପ୍ରଦାନ କରାଯିବ। ଲେଖକ ସାମ୍ମୁଖ ପକ୍ଷରୁ ସେପ୍ଟେମ୍ବର ୧୭ ରାଧାଷ୍ଟମୀ ଉତ୍ସବରେ ଆୟୋଜିତ ହେବାକୁ ଥିବା ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ ବୋଲି ସାମ୍ମୁଖ୍ୟର ସମ୍ପାଦକ କୃଷ୍ଣଚନ୍ଦ୍ର ରଥ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି।

# ତୈଳ ଦର ବୃଦ୍ଧି, ୩ ଦିନ ଆନ୍ଦୋଳନ କରିବ ବିଜେଡି

- ୭ରୁ ୯ ବିଭିନ୍ନ ସ୍ଥାନରେ ପ୍ରତିବାଦ ସଭା
- ପ୍ରତିବାଦ ବୌଦ୍ଧିକ ଦେବାଳିଆର ଉଦାହରଣ: ଭାଜପା
- ଶିଳ୍ପପତିଙ୍କ ସରକାର ନୈତିକ ଦାୟିତ୍ୱ ନେଉନାହାନ୍ତି: କଂଗ୍ରେସ

ଭୁବନେଶ୍ୱର,୪।୯(ବ୍ୟୁରୋ)

ପେଟ୍ରୋଲ ଓ ଡିଜେଲ ଦର ଲଗାତର ବୃଦ୍ଧି ପ୍ରତିବାଦରେ ରାସ୍ତାକୁ ଓହ୍ଲାଇବ ବିଜେଡି। ଆସନ୍ତା ୭ରୁ ୯ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପୂର୍ବାହ୍ନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦଳ ପକ୍ଷରୁ ଆନ୍ଦୋଳନ ଓ ପ୍ରତିବାଦ ସଭା କରାଯିବ। ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ମଙ୍ଗଳବାର ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଦଳର ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନ ପକ୍ଷରୁ ପ୍ରତିବାଦ ସଭାକୁ ବ୍ୟାପକ କରାଯିବ ବୋଲି କୁହାଯାଇଛି। ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ସରକାରଙ୍କ ଅପାରଗନୀତି ହିଁ ଦରବୃଦ୍ଧିର ମୁଖ୍ୟ କାରଣ ବୋଲି ବିଜେଡି ଅଭିଯୋଗ କରିଛି।

ସଞ୍ଜୟ ଦାସବର୍ମା କହିଛନ୍ତି, ୨୦୧୪ରେ ଦୁର୍ନୀତିଗ୍ରସ୍ତ ଉପା ସରକାର ପରେ କ୍ଷମତାକୁ ଆସିଥିବା ଏନ୍‌ଡିଏ ସରକାରକୁ ନେଇ ସାଧାରଣ ଜନତା ଉତ୍ସାହିତ ଥିଲେ। ହେଲେ ଯଥା ପୂର୍ବଂ ତଥା ପର ନ୍ୟାୟରେ ସାଧାରଣ ଜନତା ଆହୁରି ଶୋଷଣର ଶିକାର ହେଲେ। ଦେଶର ହାତଗଣତି କେତେଜଣ ପୁଞ୍ଜିପତିଙ୍କ ସ୍ୱାର୍ଥରକ୍ଷା ପାଇଁ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି। ଅଶୋଧିତ ତୈଳ ଦର ଆନ୍ତର୍ଜାତିକ ବଜାରରେ କମିଥିବା ବେଳେ ଏହାର ଫାଇଦା ସାଧାରଣ ଖାଉଟି ପାଉ ନାହାନ୍ତି। ପେଟ୍ରୋଲିୟମ୍ ମନ୍ତ୍ରୀ ପ୍ରଧାନ ଓଡ଼ିଶାର ହୋଇଥିବାରୁ ରାଜ୍ୟ ଜାତୀୟସ୍ତରରେ ଅଧିକ ଲଜ୍ଜିତ ହେଉଥିବା ସଞ୍ଜୟ କହିଛନ୍ତି। କିଛିଦିନ ପୂର୍ବେ ନିଜ ଅପାରଗତାକୁ ଲୁଚାଇବାକୁ ଯାଇ ଆମେରିକାକୁ ଦୋଷ ଲଦିବା ଦୁର୍ଭାଗ୍ୟଜନକ। ଏହି ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଏସ୍‌ଟି କାଉନସିଲ୍ ପ୍ରସ୍ତାବ ଗୃହୀତ କରୁ ବୋଲି ସଞ୍ଜୟ କହିଛନ୍ତି। ସେହିପରି ନୟାଗଡ ବିଧାୟକ ଅରୁଣ ସାହୁ କହିଛନ୍ତି, ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧି ଯୋଗୁ ଛାତ୍ର, ଯୁବକ, କ୍ଷୁଦ୍ର ବ୍ୟବସାୟୀମାନେ ସର୍ବାଧିକ କ୍ଷତିଗ୍ରସ୍ତ। ଏହାର ସମାଧାନର ରାସ୍ତା ବାହାର ନ କରି ବିଭାଗୀୟ କେନ୍ଦ୍ରମନ୍ତ୍ରୀ ହାତ ଟେକି ଦେବା ଦୁର୍ଭାଗ୍ୟଜନକ।


ଖବରଦାତା ସମ୍ମିଳନୀରେ ବିଜେଡି ନେତୃବୃନ୍ଦ।

ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ମଲ୍ଲିକ ଭାଜପାକୁ ଏକ ଜନବିରୋଧୀ ସରକାର କହି ତାଚ୍ଛଲ୍ୟ କରିଛନ୍ତି। ସେ କହିଛନ୍ତି, ଖାଲି ପେଟ୍ରୋଲ, ଡିଜେଲ ନୁହେଁ ରନ୍ଧନ ଗ୍ୟାସ ଦରବୃଦ୍ଧି ଗୃହିଣୀଙ୍କୁ ଅଧିକ କ୍ଷତିଗ୍ରସ୍ତ କରିଛି। କେନ୍ଦ୍ର ସରକାରଙ୍କ ଶିଳ୍ପପତି ପ୍ରେମ ଗରିବ ଚୁଲି ମୁଣ୍ଡକୁ ମାଡ ବୋଲି ପ୍ରମିଳା କହିଛନ୍ତି।

ମିଳିଥିବା ସୂଚନାନୁଯାୟୀ ଛାତ୍ର, ଯୁବ ଏବଂ ମହିଳା ସଙ୍ଗଠନର କର୍ମକର୍ତ୍ତାଙ୍କୁ ନେଇ ଶାନ୍ତିପୂର୍ଣ୍ଣ ଭାବରେ ତିନିଦିନିଆ ପ୍ରତିବାଦ ସଭା କରାଯିବ। ବିଜେଡିର ଏହି ଆନ୍ଦୋଳନ ନୀତିକୁ ବୌଦ୍ଧିକ ଦେବାଳିଆ ବୋଲି ଅଭିହିତ କରିଛି ଭାଜପା। ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ରାଜ୍ୟ ସରକାର ଟ୍ୟାକ୍ସ ୨୧.୨ ପ୍ରତିଶତରୁ ୨୬ପ୍ରତିଶତକୁ ବଢାଇଛନ୍ତି କି ନାହିଁ। ଚତୁର୍ଦ୍ଦଶ ଅର୍ଥ କମିଶନର ସୁପାରିସ ପରେ ମୋଟ ଟିକସ ଆଦାୟର ୪୨ ପ୍ରତିଶତ ରାଜ୍ୟକୁ ଯାଉଛି ନା ନାହିଁ। ରାଜ୍ୟ ସରକାର ପେଟ୍ରୋଲ ଲିଟର ପିଛା ୧୫.୪୫ ଟଙ୍କା ଓ ଡିଜେଲ ଲିଟର ପିଛା ୧୫.୩୩ ଟଙ୍କା ନେଉଛି ନା ନାହିଁ ସ୍ପଷ୍ଟ କରିବା ପାଇଁ ଗୋଲକ କହିଛନ୍ତି। ରାଜ୍ୟ ସରକାର ନିଜେ ଟିକସ ହ୍ରାସ କରି ଦରବୃଦ୍ଧି ନିୟନ୍ତ୍ରଣ କରିପାରିବେ, ତାହା ନ କରି ରାଜନୀତି କରିବା ଦୁର୍ଭାଗ୍ୟଜନକ ବୋଲି ଭାଜପା ପକ୍ଷରୁ କୁହାଯାଇଛି।

ସେହିପରି କଂଗ୍ରେସ ନେତା ତଥା ଏଆଇସିସି ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି କହିଛନ୍ତି ଯେ, ଦୁଃଖର ବିଷୟ ଦରବୃଦ୍ଧିରୁ କିଏ କେତେ ଭାଗ ପାଇଲା ସେ କଥା କେନ୍ଦ୍ର ଓ ରାଜ୍ୟ ସରକାର ଯୁକ୍ତି କରୁଛନ୍ତି। ଦରବୃଦ୍ଧି ପାଇଁ ନୈତିକ ଦାୟିତ୍ୱ ନେବାକୁ ମଧ୍ୟ ପ୍ରସ୍ତୁତ ନୁହନ୍ତି। ଶିଳ୍ପପତିଙ୍କୁ ଲାଭାନ୍ୱିତ କରିବା ପାଇଁ କେନ୍ଦ୍ର ସରକାର ବଦ୍ଧପରିକର। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କେନ୍ଦ୍ର ସହ ସ୍ୱର ମିଳାଉଥିବା ବିଜେଡିର ପ୍ରତିବାଦ ଡାକରା ଏକ ଫାର୍ସ ଛଡା କିଛି ନୁହେଁ।

# କ୍ଷମତାର ଅପବ୍ୟବହାର କରୁଛି ବିଜେଡି: ଭାଜପା

ସବୁ କଥାରେ ଅଭିଯୋଗ କରିବା ଭାଜପାର ନିତିଦିନିଆ କଥା: ବିଜେଡି


ଭାଜପା ବିଧାୟକମାନେ ଏଜିଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୪।୯(ବ୍ୟୁରୋ)

ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଶାସକ ବିଜେଡି ଶାସନ କ୍ଷମତାର ଅପବ୍ୟବହାର କରୁଛି। ଦଳୀୟ ସ୍ୱାର୍ଥ ପାଇଁ ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ଖର୍ଚ୍ଚ କରୁଛନ୍ତି। ଦଳୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ବିଧାନର ଆଇନକୁ ନିଜ ଇଚ୍ଛାରେ ପରିବର୍ତ୍ତନ କରି ଆମ ଗାଁ, ଆମ ବିକାଶ ଓ ବିଜୁ ଯୁବ ବାହିନୀ ଭଳି ବିଭିନ୍ନ ଯୋଜନା ମାଧ୍ୟମରେ ବିପୁଳ ରାଜସ୍ୱ ଖର୍ଚ୍ଚ କରି ଚାଲିଛି। ଏହାସହ ପଞ୍ଚାୟତ କ୍ଷମତାକୁ ଛଡାଇ ନେଇ ଶାସକ ଦଳ ସଚିବାଳୟରୁ ଅସାମ୍ବିଧାନିକ ଭାବେ ନିଜର ଏବଂ ଦଳୀୟ ଇଚ୍ଛା ଅନୁସାରେ ବିଭିନ୍ନ ଯୋଜନାର ପ୍ରଣୟନ କରୁଛନ୍ତି। ଏ ସମସ୍ତ ଅସାମ୍ବିଧାନିକ କାର୍ଯ୍ୟକଳାପରୁ ଦୁର୍ନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଥିବା ଭାଜପା ଅଭିଯୋଗ କରିଛି। ରାଜ୍ୟ ସରକାରଙ୍କ ଏସବୁ କାର୍ଯ୍ୟକଳାପକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଭାଜପା ବିଧାୟକ ଦଳ ନେତା କନକ ବର୍ଦ୍ଧନ ସିଂଦେଓଙ୍କ ନେତୃତ୍ୱରେ ଦଳର ବିଧାୟକମାନେ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଭେଟି ରାଜ୍ୟ ସରକାର କରିଥିବା ଆର୍ଥିକ ଅନିୟମିତତା ବିରୋଧରେ ତଦନ୍ତ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ରାଜ୍ୟ ରାଜସ୍ୱରେ ଆୟୋଜିତ ଆମ ଗାଁ, ଆମ ବିକାଶ କାର୍ଯ୍ୟକ୍ରମକୁ ଶାସକ ବିଜେଡି ଦଳୀୟ କାର୍ଯ୍ୟକ୍ରମ ଭାବେ ଆୟୋଜନ କରିବା ସହ ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ଜିଲାସ୍ତରର ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି। ଯାହାଦ୍ୱାରା ସମ୍ବିଧାନର ଖୋଲା ଉଲ୍ଲଘଂନ ହେଉଛି। ସଚିବାଳୟରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁଭଳି ଭାବେ ଅର୍ଥ ପ୍ରଦାନ କରୁଛନ୍ତି ତାହା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ। ଆବଣ୍ଟନ କରାଯାଉଥିବା ଅର୍ଥର ଖର୍ଚ୍ଚ ପାଇଁ କୌଣସି ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ନାହିଁ। ସେହିପରି ବିଜୁ ଯୁବ ବାହିନୀ ବିଜେଡିର ଏକ ମୋର୍ଚ୍ଚା ଭାବେ କାର୍ଯ୍ୟ କରୁଛି। ରାଜ୍ୟବାସୀଙ୍କ କଷ୍ଟ ଉପାର୍ଜିତ ଅର୍ଥକୁ ମୁଖ୍ୟମନ୍ତ୍ରୀ ଦଳୀୟ ପ୍ରଚାର ପାଇଁ ବିଜ୍ଞାପନ, ବିଭିନ୍ନ ସଭା ଏବଂ ଦଳୀୟ କାର୍ଯ୍ୟକର୍ତ୍ତାମାନଙ୍କ ଆମୋଦ ପ୍ରମୋଦ ପାଇଁ ଖର୍ଚ୍ଚ କରୁଛନ୍ତି। ରାଜ୍ୟ ସରକାରଙ୍କ ଏଭଳି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ଅର୍ଥନୈତିକ କାର୍ଯ୍ୟକଳାପ ବିରୋଧରେ ଏକ ସ୍ୱତନ୍ତ୍ର ଅଡିଟ୍ କରିବା ପାଇଁ ଭାଜପା ବିଧାୟକ ଦଳ ଦାବି କରିଛି। ଏହା ଉପରେ ଖୁବ୍‌ଶୀଘ୍ର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆକାଉଣ୍ଟାଣ୍ଟ ଜେନେରାଲ ନିର୍ଭର ପ୍ରତିଶ୍ରୁତି ଦେଇଥିବା କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।

ବିଜେଡି ମୁଖପାତ୍ର ସମୀର ଦାସ କହିଛନ୍ତି, ଭାରତବର୍ଷର ସମ୍ବିଧାନରେ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି)ଙ୍କ ଏକ ସୀମିତ ଦାୟିତ୍ୱ ରହିଛି। ଆର୍ଥିକ ସୁପରିଚାଳନା ସମ୍ପର୍କରେ ତର୍ଜମା କରିବା ଏଜିଙ୍କ କାର୍ଯ୍ୟ। ସରକାର ପରିଚାଳନା କରିବା ପାଇଁ ରାଜ୍ୟବାସୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭୋଟ ଦେଇଛନ୍ତି। ଆମ ଗାଁ, ଆମ ବିକାଶ ଏବଂ ବିଜୁ ଯୁବ ବାହିନୀ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ। ବିଜେଡି ୪ର୍ଥ ଥର ପାଇଁ ସରକାର ଗଢିବା ପରେ ଭାଜପା ପ୍ରତ୍ୟେକ କଥାରେ ଅଭିଯୋଗ ଆଣିବା ସେମାନଙ୍କ ଚିରାଚରିତ ଅଭ୍ୟାସରେ ପରିଣତ ହୋଇଛି ବୋଲି ସମୀର କହିଛନ୍ତି।

# ସ୍ୱାସ୍ଥ୍ୟସେବାକୁ ନେଇ ରାଜନୀତି ନ ହେଉ: ଶ୍ରୀକାନ୍ତ

ଭୁବନେଶ୍ୱର,୪।୯(ବ୍ୟୁରୋ)

ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ହେଲେ ସ୍ୱାସ୍ଥ୍ୟସେବାକୁ ନେଇ ଯେଉଁ ଭଳି ଭାବେ ରାଜନୀତି କରାଯାଉଛି ତାହା ନିନ୍ଦନୀୟ। କୌଣସି ମେଡିକାଲ କଲେଜ ଏବଂ ହସ୍ପିଟାଲ ସ୍ଥାପନ ପାଇଁ ଶ୍ରେୟ ନେବାକୁ ହେଉଥିବା ରାଜନୀତିବନ୍ଦ ହେଉ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ମଙ୍ଗଳବାର କହିଛନ୍ତି।

ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ ଜେନା କହିଛନ୍ତି, ଉପା ସରକାର ଥିବା ସମୟରେ ଏକ କ୍ୟାମ୍ପସରେ ମେଡିକାଲ କଲେଜ ଏବଂ ହସ୍ପିଟାଲର ନିୟମ ରହିଥିଲା। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମ୍‌ନବୀ ଆଜାଦ୍ ଏମ୍‌ସିଆଇ ନିୟମରେ କୋହଳ କରିଥିଲେ। ଯାହା ଫଳରେ ମେଡିକାଲ ଠାରୁ ଦୂରରେ ମଧ୍ୟ କଲେଜ ପ୍ରତିଷ୍ଠା କରାଯାଇ ପାରିବ। ଏହି ନିଷ୍ପତ୍ତି ପରେ ସାରା ଦେଶରେ ୫୮ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ତନ୍ମଧ୍ୟରେ ବାଲେଶ୍ୱର, ବାରିପଦା ଓ ବଲାଙ୍ଗୀରକୁ ପ୍ରାଥମିକ ଭାବେ ମନୋନୀତ କରାଯାଇଥିଲା। ପରବର୍ତ୍ତୀ ସମୟରେ ପୁରୀ ଏବଂ କୋରାପୁଟକୁ ମଧ୍ୟ ଯୋଡାଯାଇଥିଲା। କେନ୍ଦ୍ର ସରକାର ୪ ବର୍ଷର, ରାଜ୍ୟ ସରକାର ୧୮ ବର୍ଷ ଶାସକ। ନିର୍ବାଚନ ପାଖେଇ ଆସୁଥିବାରୁ ଏଭଳି ପ୍ରତିଯୋଗିତା ଚାଲିଛି। ସରକାରୀ ଅର୍ଥରେ ବିଭିନ୍ନ ଗଣମାଧ୍ୟମକୁ ଦିଆଯାଉଥିବା ବିଜ୍ଞାପନରେ ଠିକ୍ ତଥ୍ୟ ରହୁ। କରଦାତାଙ୍କ ଅର୍ଥ କିଭଳି ଖର୍ଚ୍ଚ କରାଯାଉଛି, ତାହା ଜାଣିବା ପ୍ରତ୍ୟେକ ନାଗରିକର ସାମ୍ବିଧାନିକ ଅଧିକାର ବୋଲି ଶ୍ରୀକାନ୍ତ କହିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇ କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିବା ପ୍ରକଳ୍ପର ଶ୍ରେୟ ଅନେକାଂଶରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଓ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଗୁଲାମ୍‌ନବୀ ଆଜାଦଙ୍କୁ ଯିବାକଥା। ୨୦୧୪ରେ ଏନ୍‌ଡିଏ କ୍ଷମତାସୀନ ହେବା ପରେ ଡା. ହର୍ଷବର୍ଦ୍ଧନଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଲା, ସେ ମଧ୍ୟ ସକାରାତ୍ମକ ଭାବେ ପ୍ରକଳ୍ପକୁ ଆଗେଇ ନେଉଥିଲେ। ଘଟଣାକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଜେ.ପି ନଡ୍ଡାଙ୍କୁ ମିଳିଲା, ସେ କିନ୍ତୁ ନିଜ ଦାୟିତ୍ୱ ଠିକ୍ ଭାବେ ଅନୁପାଳନ କଲେ ନାହିଁ ବୋଲି ଶ୍ରୀକାନ୍ତ ଅଭିଯୋଗ କରିଛନ୍ତି।


ଶ୍ରୀକାନ୍ତ ଜେନା

ସେହିପରି ଭୁବନେଶ୍ୱର ଅନ୍ଧାରୁଆ ଠାରେ ୨୦୧୪ରେ ତତ୍କାଳୀନ ଶ୍ରମମନ୍ତ୍ରୀ ଓସ୍କାର ଫର୍ନାଣ୍ଡିଜ୍ ଇଏସ୍‌ଆଇସି ହସ୍ପିଟାଲ ଏବଂ ମେଡିକାଲ କଲେଜ ପାଇଁ ଶୁଭ ଦେଇଥିଲେ। ଏଥିପାଇଁ ରାଜ୍ୟ ସରକାର ୨୫ ଏକର ଜମି ଦେବା ପରେ ବି ଇଞ୍ଚେ କାମ ହୋଇନାହିଁ। ଏହା କ'ଣ ମୋଦି ସରକାରଙ୍କ 'ବିକାଶ'। ସେହିପରି ଏନ୍‌ଟିପିସି ଦ୍ୱାରା ସୁନ୍ଦରଗଡ, ଏମ୍‌ସିଏଲ୍ ଦ୍ୱାରା ତାଳଚେରରେ ପ୍ରସ୍ତାବିତ ଡାକ୍ତରଖାନା କୁଆଡେ ଗଲା ବୋଲି ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତି।

ଅପରପକ୍ଷରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ବୀମା କମ୍ପାନୀକୁ ଲାଭ ପହଞ୍ଚାଇବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଉଚ୍ଚଶିକ୍ଷା ନୀତି ଯୋଗୁ ରାଜ୍ୟରେ ବହୁ ସଂଖ୍ୟକ ଡାକ୍ତର ସୃଷ୍ଟି ହୋଇ ପାରୁ ନାହାନ୍ତି। ରାଜଧାନୀରେ ଡେଙ୍ଗୁ ବ୍ୟାପୁଛି, ସେ ସମୟରେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡିକର କେଉଁ ଅବସ୍ଥା ତାହା ସହଜରେ ଅନୁମେୟ ବୋଲି ଶ୍ରୀକାନ୍ତ କହିଛନ୍ତି। ଅନ୍ୟତମ କଂଗ୍ରେସ ନେତା ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ମଧ୍ୟ ଗଣମାଧ୍ୟମକୁ ଉପା ସରକାର ଅବଦାନ ସମ୍ପର୍କରେ ଖବରଦାତା ସମ୍ମିଳନୀ କରି ଅବଗତ କରାଇଥିଲେ।

# ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲା: ସୁପ୍ରିମ୍‌କୋର୍ଟରେ ଶୁଣାଣି ଆଜି

ପୁରୀ ଅଫିସ, ୪।୯

ଶ୍ରୀମନ୍ଦିର ପରିଚାଳନାଗତ ସଂସ୍କାର ମାମଲାର ଶୁଣାଣି ବୁଧବାର ସୁପ୍ରିମ୍‌କୋର୍ଟରେ ହେବ। ତିନିଜଣିଆ ଖଣ୍ଡପୀଠ ଏହି ଶୁଣାଣି କରିବେ। ପୂର୍ବରୁ ୨ ଜଣିଆ ଖଣ୍ଡପୀଠରେ ଏହି ମାମଲା ଶୁଣାଣି ହେଉଥିଲା। ଇତିମଧ୍ୟରେ ମାମଲାର ଶୁଣାଣି ତିନିଜଣିଆ ଖଣ୍ଡପୀଠକୁ ସ୍ଥାନାନ୍ତର ହୋଇଥିବା ଜଣାପଡିଛି। ଜଷ୍ଟିସ ମଦନ ବି. ଲୋକୁର, ଜଷ୍ଟିସ ଏସ. ଅବଦୁଲ ନଜୀର ଓ ଜଷ୍ଟିସ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିବେ।

ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ମାମଲା ଦାୟର କରିଥିଲେ। ଜୁନ୍ ୮ ତାରିଖରେ ୨ ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ପୁରୀ ଜିଲାପାଳଙ୍କୁ ରିପୋର୍ଟ ଦାଖଲ କରିବା ଲାଗି ନିର୍ଦ୍ଦେଶ ଦେବା ସହ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ କମିଟି ଗଠନ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ଜୁଲାଇ ୫ରେ ସୁପ୍ରିମ୍‌କୋର୍ଟ ଏହାର ଶୁଣାଣି କରି ପୁରୀ ଜିଲା ଜଜ୍‌ଙ୍କ ସୁପାରିସ ଆଧାରରେ ୧୨ଟି ପ୍ରସ୍ତାବ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ତିନିଜଣିଆ କମିଟି ଗଠନ କରିଛନ୍ତି। ଶ୍ରୀମନ୍ଦିରର ପୂର୍ବତନ ମୁଖ୍ୟ ପ୍ରଶାସକ ସୁରେଶ ଚନ୍ଦ୍ର ମହାପାତ୍ର କମିଟି ଅଧ୍ୟକ୍ଷ ରହିଥିବା ବେଳେ ପୋଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଏବଂ ପରିଚାଳନା କମିଟି ସଦସ୍ୟ ମହିମୋହନ ତ୍ରିପାଠୀ ସଦସ୍ୟ ଅଛନ୍ତି। ଏହି କମିଟି ଶ୍ରୀମନ୍ଦିରରେ ସଂସ୍କାର ସମ୍ପର୍କିତ ତାଙ୍କ ରିପୋର୍ଟ ଆଇନ ବିଭାଗକୁ ହସ୍ତାନ୍ତର କରିସାରିଛନ୍ତି।

ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ୧୨ଟି ପ୍ରସ୍ତାବ ମଧ୍ୟରୁ ୩ଟି ପ୍ରସ୍ତାବ ଅର୍ଥାତ୍ ବଂଶାନୁକ୍ରମିକ ସେବା ପ୍ରଥା ଉଚ୍ଛେଦ ଓ ସେବକ ନିଯୁକ୍ତି, ସେବକମାନଙ୍କ ଦ୍ୱାରା ଅନ୍ନଦାନ ଆଟିକା ଏବଂ ଥାଳି ଓ ଗରା ମାଧ୍ୟମରେ ଦାନ ଆଦାୟ ବନ୍ଦ କରିବା ଏବଂ ଶ୍ରୀଜଗନ୍ନାଥ ମନ୍ଦିର ଆଇନ,୧୯୫୪ରେ ଆବଶ୍ୟକ ସଂଶୋଧନ କରିବା ପ୍ରସ୍ତାବ ଉପରେ ଆଲୋଚନା ପାଇଁ ସମୟ ଦରକାର। ଏହି ୩ଟି ପ୍ରସ୍ତାବ ଲାଗି ଶ୍ରୀମନ୍ଦିର ପ୍ରଶାସନ ସୁପ୍ରିମ୍‌କୋର୍ଟଙ୍କଠାରୁ ଅଧିକ ସମୟ ମାଗିବ ବୋଲି ଜଣାପଡିଛି।

# ୟେଦୁଲ୍ଲାଙ୍କୁ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୪।୯(ବ୍ୟୁରୋ)

ସୁନ୍ଦରଗଡ଼ ଜିଲା ବଣାଇ ଉପଜିଲାପାଳ ଡ. ୟେଦୁଲ୍ଲା ବିଜୟଙ୍କୁ ମଙ୍ଗଳବାର ଅତିରିକ୍ତ ଦାୟିତ୍ୱ ମିଳିଛି। ସାଧାରଣ ପ୍ରଶାସନ(ଜିଏ) ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୟେଦୁଲ୍ଲା ବଣାଇ ଆଇଟିଡିଏର ପି.ଏ ଭାବେ କାର୍ଯ୍ୟ କରିବେ।

OFFICE OF THE
COLLECTOR & DM, NABARANGPUR
(ST & SC DEV. SECTION)
CORRIGENDUM
No. 1456/2018 Date: 04.09.2018
In partial modification to this office advertisement No. 859/SSD-Esst. 2018, dated 10.05.2018 the eligibility conditions as laid down at 1, 2 and 3 of N.B. clause at the bottom of the above said advertisement at page number-3 shall be substituted by:
**"For the posts of BA. BEd. / BSC. BEd. / Sanskrit Teacher / Hindi Teacher / PET, the suitable candidates from Nabarangpur district will be given first preference. In selecting the suitable candidates for appointment, the guidelines as communicated vide the Notification No. 1169/93, dated 13.12.1993 of Tribal Welfare Department, Govt. of Odisha and the Resolution No. 18618/SME of school & Mass Education Department, dated 17.09.2016 shall be followed."**
By order of Collector
Sd./- District Welfare Officer, Nabarangpur

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
E.H.T (C) DIVISION, JHARSUGUDA
At- Budhipadar, Po: H.Katapali, Dist.- Jharsuguda- 768202
E-mail: ehtc.div.jsg@optcl.co.in
Tender No.02/2018-19 Dt.: 04.09.2018
TENDER NOTICE
Sealed tenders are invited from Registered Travel Agencies / Vehicle Owners having valid GST / registration for hiring of 1 no. of Diesel Run Commercial Light vehicle (Bolero non AC) for use of SDO, EHT (C) S/D Rourkela. Cost of tender paper Rs. 2000/- + 12% GST along with EMD of Rs. 5,000.00. Sale of tender documents starts from **05.09.2018** to **15.09.2018** in working days only. Last date of submission of tender is **17.09.2018** upto **12.00 Noon**. Date of opening of tender **17.09.2018 at 03.00 PM**. For details please visit our website **www.optcl.co.in**. (Bidders are requested to visit above site regularly for any changes, since it will not be published in newspaper again).
Sd./- Dy. General Manager (Elect.)

OFFICE OF THE
MUNICIPAL COUNCIL, ANGUL
No. 4890 Dt.03.09.2018
e-Procurement
**Tender reference No.EO/AGLM-(SAN)-02/2018-19**
**Bid Identification No. 2018_ORULB_49163**
Bid documents consisting of work, estimated cost, cost of tender paper, E.M.D, Time of completion, Registered contractor of state Govt. Registered contractor of Angul Municipality contractor / Registered Firms / Service Provider / NGOs those are experience in similar nature of work at least for one year having manually / mechanically and the set of terms and condition of contract and other necessary documents can be seen in Govt. website i.e. **www.tendersorissa.gov.in**.

| | | |
|---|---|---|
| Name of the work | : | Sanitation work of Angul Municipality |
| No. of works | : | 3 Nos. |
| Estimated cost | : | **Rs. 30.16 lakhs to 32.05 lakhs** |
| Date & time of availability of bid documents in the portal | : | From 11.00 AM of Dt.04.09.2018 to 15.09.2018 upto 05.00 PM |
| Last date of receive of bid through online | : | On or before 15.09.2018 upto 05.00 PM |
| Bid receive online shall be opened on | : | At 11.00 AM on 18.09.2018 |

Sd./- Executive Officer
Angul Municipality

ODISHA POLICE DISTRICT HEAD QUARTERS, MAYURBHANJ, BARIPADA
No. 3631/E Dt.03.09.18
No. 205-D: The Written test for Civil Constables of this district has been fixed to be held on **09.09.18** from **04.30 PM** to **05.15 PM** at North Odisha University, Takatpur, Baripada. Altogether 450 numbers of candidates both men & women in all categories have been selected to appear the written examination at the venue & time as mentioned above. The above candidates will report at RO, Baripada on **08.09.18** at **08.00 AM** along with identity card, +2 Mark sheet, a stamp size photograph, Black / Blue point pen, Hard clip board & all original certificates regarding briefing for written examination / verification of certificates.
Sd./- Superintendent of Police, Mayurbhanj
12029/11/0038/1819

TENDER CALL NOTICE
No.77-MM: Sealed tenders are invited for auction sale of the following confiscated vehicle seized in commission of Forest offence case of Satkosia Wildlife Division as is where is basis to be opened on 10.09.2018 at 04.00 PM in presence of the tenderers / their representatives in the office of the undersigned. The details of vehicle with its location and term and condition for auction through tender will be made available in the office of the Divisional Forest Officer, Satkosia Wildlife Division, Angul and the same can be obtained by the intending tenderer on payment of Rs. 100/- (Rupees one hundred) only on any working days in between 10.00 AM to 05.00 PM.

| Sl. No. | Type of vehicle | Regd. No. |
|---|---|---|
| 1 | TATA ACE | OR-02-BR-8880 |

Sd./- Divisional Forest Officer, Satkosia Wildlife Division, Angul
08022/11/0003/1819

## କୃତ୍ରିମ ମାଛଖାଦ୍ୟ ପାଇଁ



ଏକ ହେକ୍ଟର ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସି.ଏ.ଏନ୍. ୧୦ କି.ଗ୍ରା. ଏବଂ ଏସ୍.ଏସ୍.ପି. ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ ।
-ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛମାନଙ୍କୁ ଦିଅନ୍ତୁ ।
-କୃତ୍ରିମ ଖାଦ୍ୟ ତିଆରି ଲାଗି ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ । ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ଶୋରିଷ/ରାଶି/ସୋୟାବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କିଲୋଗ୍ରାମ୍ ଶୁଖୁଆଗୁଣ୍ଡ, ୨୮ କିଲୋଗ୍ରାମ୍ କାଣ୍ଡିଆକୁଣ୍ଡା, ୧୦ କିଲୋଗ୍ରାମ୍ ଅଟା ଓ ୨ କିଲୋଗ୍ରାମ୍ ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦିଅନ୍ତୁ ।

## ତୈଳବୀଜ ଫସଲ

ଉପକୂଳବର୍ତ୍ତୀ ଜିଲାରେ ତୋରିଆ ଜାତୀୟ ସୋରିଷ ଚାଷ ଲାଗି ମାସର ପ୍ରଥମ ଭାଗରେ ଉପଯୁକ୍ତ ଜମି ଚିହ୍ନଟ କରନ୍ତୁ ।
- ଅଣ ଜଳସେଚିତ ତୋରିଆ ପାଇଁ ହେକ୍ଟର ପ୍ରତି ମୂଳସାର ୩୦ କି.ଗ୍ରା. ଯବକ୍ଷାରଜାନ ୧୫ କି.ଗ୍ରା., ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଏବଂ ଉତ୍କୃଷ୍ଟ ମଞ୍ଜି ୧୦ କି.ଗ୍ରା. ବ୍ୟବହାର କରନ୍ତୁ ।



## ଅମୃତଭଣ୍ଡାରେ ରୋଗ ଦମନ



**ଅମୃତଭଣ୍ଡା:** ଅମୃତଭଣ୍ଡା ଗଛର ମୂଳଶଢ଼ାରୋଗ ପ୍ରତିକାର ପାଇଁ ଗଛମୂଳକୁ ମାଟି ଟେକନ୍ତୁ ।
-ରୋଗଣା ଗଛକୁ ବାହାର କରିଦିଅନ୍ତୁ ।
- ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ (ରିଡୋମିଲ୍ ଏମ୍.ଜେଡ୍) ଏକ ଲିଟର ପାଣିରେ ୨ ଗ୍ରାମ୍ ମିଶାଇ ଗଛମୂଳରେ ମାଟି ଭିଜା କରନ୍ତୁ ।
**ଲେମ୍ବୁ:** ବର୍ଷାଦିନେ ଲେମ୍ବୁରେ ସୋଲା ବେମାରି (ସ୍କାବ୍) ରୋଗ ପ୍ରାଦୁର୍ଭାବ ବେଶି ହୁଏ । ଏହି ରୋଗରେ ପତ୍ର ଛୋଟଛୋଟ ଫୋଟକା ଓ ଲୋଚାକୋଚା ହୁଏ, ଫଳରେ ବାଦାମୀ ରଙ୍ଗ ହୁଏ ।
ଏହାର ପ୍ରତିକାର ପାଇଁ - ଆକ୍ରାନ୍ତ ହୋଇଥିବା ଡାଳପତ୍ର ଓ ଫଳକୁ ଗଛରୁ କାଟି ଦିଅନ୍ତୁ ।
-ନୂଆ ପତ୍ର ବାହାରିବା ପରେ ଏକ ମାସ ଅନ୍ତରରେ କପର୍ ଅକ୍ସିକ୍ଲୋରାଇଡ୍ ଏକ ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
-ଏକଭାଗ ବୋର୍ଡୋକ୍ସ ମିକ୍ସଚର (୫:୫:୫୦)କୁ ୧୫ ଦିନ ଅନ୍ତରରେ ବ୍ୟବହାର କରାଯାଇ ପାରିବ ।

# ଏ ମାସର କୃଷି ସୂଚନା

**ଧାନ :** ଡିପଜମିରେ ଧାନକେଣ୍ଡା ଶତକଡ଼ା ୮୫ ଭାଗ ପାଚି ଯାଇଥିଲେ ତାକୁ କାଟି ଖରାରେ ଶୁଖାଇ ଅମଳ କରନ୍ତୁ ।
- ବିଳମ୍ବରେ ରୁଆ ଯାଇଥିବା ଧାନ ୨-୩ ସପ୍ତାହର ହୋଇଥିଲେ ଘାସ ବାଛି ହେକ୍ଟର ପ୍ରତି ୩୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ପିଲ ଅବସ୍ଥାରେ ପ୍ରୟୋଗ କରନ୍ତୁ । ବିଳମ୍ବରେ ପକାଯାଇଥିବା ତଳି ୧୭ ରୁ ୨୦ ଦିନ ହୋଇଯାଇଥିଲେ ତାକୁ ଶୀଘ୍ର ରୋଇ ଦିଅନ୍ତୁ । ଧାଡ଼ିକି ଧାଡ଼ି ୧୫ରୁ ୨୦ ସେ.ମି. ଓ ବୁଦାକୁ ବୁଦା ୧୦ ସେ.ମି. ବ୍ୟବଧାନ ରଖନ୍ତୁ ।
- ଶେଷ ସପ୍ତାହ ବେଳକୁ ମଧ୍ୟମ କିସମ ଓ ବିଳମ୍ବ କିସମ ଧାନ ଲିଙ୍ଗ ସଞ୍ଚାର ଅବସ୍ଥାକୁ ଆସିଥିଲେ ହେକ୍ଟର ପ୍ରତି ୧୫ରୁ ୨୦ କିଲୋଗ୍ରାମ୍ ଯବକ୍ଷାରଜାନ ଖାଦ୍ୟସାର ଥୋଡ଼ସାର ଭାବେ ପ୍ରୟୋଗ କରନ୍ତୁ ।
- ଧାନଗଛ ଲିଙ୍ଗ ସଞ୍ଚାର ଅବସ୍ଥାରେ ଫୁଲ ଉଡ଼େଇବା ପର୍ଯ୍ୟନ୍ତ ଜମିରେ ୨ ରୁ ୫ ସେ.ମି. ଠିଆ ପାଣି ରଖିବାକୁ ଚେଷ୍ଟା କରନ୍ତୁ ।
- ଧାନ ବିଲରେ ଗନ୍ଧିପୋକ ଦେଖାଦେଲେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋର୍‌ପାଇରିଫସ୍ ଗୁଣ୍ଡ ସୂର୍ଯ୍ୟୋଦୟ ସମୟରେ ପ୍ରୟୋଗ କରନ୍ତୁ । କାଣ୍ଡବିନ୍ଧା ପୋକ ଦମନ ସକାଶେ ଫିପ୍ରୋନିଲ୍ ୦.୩



% ଦାନାଦାର/ହେକ୍ଟର ପ୍ରତି ୨୦ କି.ଗ୍ରା. ପ୍ରୟୋଗ କରନ୍ତୁ । କାହାଳିଆ ପୋକ ଦମନ ପାଇଁ ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା କ୍ଲୋରୋପାଇରିଫସ୍ (କ୍ଲାସିକ୍) ୨୦ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ସିଞ୍ଚନ କରନ୍ତୁ । ଲେଡ଼ାପୋକ ଦମନ ଲାଗି ଟ୍ରାୟାଜୋଫସ୍ କିମ୍ବା ପ୍ରୋଫେନୋଫସ୍ ୫୦ ଇସି କିମ୍ବା କୁଇନାଲ୍‌ଫସ୍ ୨୫ ଇସି ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଗୋଳାଇ ହେକ୍ଟର ପ୍ରତି ୫୦୦ ଲିଟର ଦ୍ରବଣ ସନ୍ଧ୍ୟାବେଳେ ସିଞ୍ଚନ କରନ୍ତୁ । ମହିଷା ରୋଗ ଦେଖାଦେଲେ ଟ୍ରାଇସାଇକ୍ଲାଜୋଲ୍ ୨୫% ଡବ୍ଲୁ.ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ କିମ୍ବା ଆଇସୋପ୍ରୋଥିଓଲେନ୍ (୨ ମି.ଲି.)କୁ ଗୋଳାଇ ସିଞ୍ଚନ କରନ୍ତୁ ।
- ଜଳସେଚନ ସୁବିଧାଥିବା ଜମିରେ ନଳିତା କଟାହେବା ପରେ ସଅଳ କିସମ ଧାନ ଯଥା - ଖଣ୍ଡଗିରି, ପାରିଜାତ, କଳିଙ୍ଗ-୩ ଧାନ ରୁଅନ୍ତୁ ।
**ମକା :** ମକା କିଆରିରେ ଠିଆପାଣି ରଖନ୍ତୁ ନାହିଁ । କାରଣ କିଆରିରେ ଠିଆପାଣି ଜମି ରହିଲେ କାଣ୍ଡଶଢ଼ା ରୋଗ ଦେଖାଯାଏ । ଏହି ରୋଗ ହେଲେ ପ୍ରତି ଲିଟର ପାଣିରେ ଭାଲିଡାମାଇସିନ୍ ୧ ମି.ଲି. ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
**ମାଣ୍ଡିଆ :** ମାଣ୍ଡିଆ କିଆରିରେ ଠିଆ ପାଣି ରଖନ୍ତୁ ନାହିଁ । ଫସଲରେ ମହିଷା ରୋଗ ଦେଖାଦେଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ଟ୍ରାଇସାଇକ୍ଲାଜୋଲ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।
**ଡାଲି ଜାତୀୟ ଫସଲ :** ଡିପଜମିରେ ମୁଗ, ବିରି, କୋଳଥ ଆଦି ଡାଲି ଜାତୀୟ ଫସଲ ଚାଷ କରନ୍ତୁ ।
**ମୁଗ :** ଟାର୍ମ-୧, ଟାର୍ମ-୨, ପୁଷା-୯୦୭୨, ଓବିଜିଜି-୫୨, ଓ.ୟୁ.ଏମ୍. ୧୧-୫ (କାମଦେବ), ସୁଜାତା, ଧଉଳି, ଆଇ.ପି.ଏମ୍.-୨-୩ ଓ ଆଇ.ପି.ଏମ୍.-୨-୧୪ ।
**ବିରି :** ଟି-୯, ପନ୍ତ୍ ୟୁ-୩୦, ପନ୍ତ୍ ୟୁ-୩୫, ପ୍ରସାଦ, ଶେଖର-୨, ସାରଳା, ଉଜ୍ଜ୍ୱଳା ।
**କୋଳଥ :** ଉର୍ମୀ, ଡି.ଏ.ଏସ୍. ୧-୨-୨, ଡି.ଏ.ଏସ୍ ୧-୨, ସି.ଇ.-୧, ପାୟେର-୨ । - ମୁଗ, ବିରି ହେକ୍ଟର ପ୍ରତି ୨୦ ରୁ ୨୫ କିଲୋଗ୍ରାମ୍ ଓ କୋଳଥ ୩୦ କିଲୋଗ୍ରାମ୍ ଆବଶ୍ୟକ ହୋଇଥାଏ । ବୁଣିବା ପୂର୍ବରୁ ପ୍ରତି କିଲୋଗ୍ରାମ୍ ବିହନରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍‌ରେ ଗୋଳାଇ ବିଶୋଧନ କରନ୍ତୁ । ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର କିଲୋଗ୍ରାମ୍ ପ୍ରତି ୨୦ ଗ୍ରାମ୍ ହିସାବରେ ବିହନକୁ ଉପଚାର କରି ଛାଇରେ ଶୁଖାଇ ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନ ରଖନ୍ତୁ ।
- ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ମୁଗ, ବିରି ବା ହରଡ଼ ଫସଲରେ ଦେଖାଦେଲେ କାର୍ବେଣ୍ଡାଜିମ୍ ଓ ମାଙ୍କୋଜେବ୍ ୩ ଗ୍ରାମ୍‌କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଳ ନିଷ୍କାସନର ସୁବ୍ୟବସ୍ଥା କରନ୍ତୁ ।

*-କୃଷି ବୈଷୟିକ ସୂଚନା କେନ୍ଦ୍ର, ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର*

## ସେବତୀ ଫୁଲ

ବର୍ତ୍ତମାନ ସେବତୀ ଫୁଲଚାରା ଲଗାନ୍ତୁ ।
-ଧଳାରଙ୍ଗର ବିଉଟି, ସ୍ନୋବଲ୍, ଇନୋସେନ୍ସ ଓ ପ୍ରିମିଅର୍ ହଳଦିଆ ରଙ୍ଗର ଚନ୍ଦ୍ରମା, ଇଭିନିଙ୍ଗ ଷ୍ଟାର୍, ସୁପର ଜ୍ୟାଣ୍ଟ ଏବଂ ଲାଲ୍ ରଙ୍ଗର ବ୍ରାଭେ, ଉଇଲ୍‌ସନ୍, ରଷ୍ଟିକ୍ ଓ ଆଲ୍‌ଫ୍ରେଡ୍ ଇତ୍ୟାଦି କିସମ ଲଗାନ୍ତୁ ।
ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାନ୍ତୁ । ଗଛ ଲଗାଇବା ପୂର୍ବରୁ ହେକ୍ଟର ପ୍ରତି ୨୫ ରୁ ୩୦ ଟନ୍ ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୬୦ କେ.ଜି. ଯବକ୍ଷାରଜାନ, ୬୦ କେ.ଜି. ଫସ୍‌ଫରସ୍ ଓ ୪୦ କେ.ଜି. ପଟାସ୍ ସାର ପ୍ରୟୋଗ କରନ୍ତୁ ।



# ପରିବର୍ତ୍ତିତ ଜଳବାୟୁ ଓ କୃଷି



ଚୌଧୁରୀ ବିଚିତ୍ରାନନ୍ଦ ପ୍ରହରାଜ

କୃଷିକ୍ଷେତ୍ର ସମ୍ମୁଖୀନ ହେଉଥିବା ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ଅନ୍ୟତମ । ଜଳବାୟୁ ପରିବର୍ତ୍ତନର ପ୍ରତିକୂଳ ପ୍ରଭାବ କୃଷିକ୍ଷେତ୍ରରେ ପ୍ରତ୍ୟକ୍ଷଭାବେ ଅନୁଭୂତ ହେଉଛି । ପରିବର୍ତ୍ତିତ ଜଳବାୟୁ ପ୍ରଭାବରେ ଉତ୍ତାପ ବୃଦ୍ଧି, ବୃଷ୍ଟିପାତରେ ଅନିୟମିତତା ଏବଂ ପାଣିପାଗରେ ଅନିଶ୍ଚିତତା ଲକ୍ଷ୍ୟ କରାଯାଉଛି । ସାରା ବିଶ୍ୱରେ କୃଷିକ୍ଷେତ୍ରର ଜଳବାୟୁ ପରିବର୍ତ୍ତନର ପ୍ରଭାବ ଦେଖିବାକୁ ମିଳୁଛି । ପୃଥିବୀର କୋଣ ଅନୁକୋଣରେ ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧିପାଉଛି ଏବଂ ପାଣିପାଗରେ ଏକ ବଡ଼ଧରଣର ପରିବର୍ତ୍ତନ ପରିଲକ୍ଷିତ ହେଉଛି । କୃଷି ଉପରେ ନିର୍ଭର କରୁଥିବା ବିଶ୍ୱର ବିକାଶଶୀଳ ରାଷ୍ଟ୍ରଗୁଡ଼ିକର କୃଷିକ୍ଷେତ୍ର ପରିବର୍ତ୍ତିତ ଜଳବାୟୁରେ ପ୍ରଭାବିତ ହେଉଛି । ଭାରତରେ ବିଗତ ବର୍ଷରେ ବୃଷ୍ଟିପାତର ଅନିୟମିତତା ଖାଦ୍ୟଶସ୍ୟ ଉତ୍ପାଦନରେ ବାଧକ ସାଜିଛି । ଭାରତର ବୃହତ୍ ଆକାର କୃଷି ଜଳବାୟୁ ଅଞ୍ଚଳର ବିଭିନ୍ନତା, କ୍ଷୁଦ୍ର କୃଷିକ୍ଷେତ୍ର ଏବଂ ଅନୁକୂଳ ମୌସୁମୀ ଉପରେ ନିର୍ଭରତା ଯୋଗୁ ଜଳବାୟୁ ପରିବର୍ତ୍ତନ କୃଷିକ୍ଷେତ୍ର ପାଇଁ ଏକ ବୃହତ୍ ସମସ୍ୟା ହୋଇ ଉଭାହୋଇଛି । ଅନୁସନ୍ଧାନରୁ ଜଣାଯାଏ ଯେ ଜଳବାୟୁ ପରିବର୍ତ୍ତନରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ଗ୍ରୀନ୍ ହାଉସ୍ ଗ୍ୟାସ୍ କୃଷିକ୍ଷେତ୍ରରୁ ନିର୍ଗତ ହେଉଛି । ଗ୍ରୀନ୍‌ହାଉସ୍ ଗ୍ୟାସ୍‌ର ଏହି ନିର୍ଗମନ ଧାନଚାଷ, କୃଷିକ୍ଷେତ୍ରର ପଚାଶଢ଼ା ବସ୍ତୁ, ମୃତ୍ତିକା, ଖତସାର ପରିଚାଳନା ଏବଂ ଫସଲର ଅବଶେଷକୁ କିଆରିରେ ପୋଡ଼ିବା ଦ୍ୱାରା ହେଉଛି । ଫଳତଃ କୃଷିକ୍ଷେତ୍ର ପ୍ରଭାବିତ ହେବା ସଙ୍ଗେ ସଙ୍ଗେ ପ୍ରାଣୀସମ୍ପଦ ଓ ମତ୍ସ୍ୟ ଉତ୍ପାଦନ ମଧ୍ୟ ପ୍ରଭାବିତ ହେଉଛି । ଗ୍ରୀନ୍‌ହାଉସ୍ ଗ୍ୟାସ୍ ଦ୍ୱାରା ଜଳବାୟୁ ଶତକଡ଼ା ୧୭ ଭାଗ ପ୍ରଭାବତ ହେଉଛି ଏବଂ ମୃତ୍ତିକା ଉପଯୋଗ ହେବାଦ୍ୱାରା ଶତକଡ଼ା ୭ରୁ ୧୪ ଭାଗ ଜଳବାୟୁ ପରିବର୍ତ୍ତିତ ହେଉଛି ।

ପରିବର୍ତ୍ତିତ ଜଳବାୟୁ ଖାଦ୍ୟାଭାବ କରିବା ସଙ୍ଗେ ସଙ୍ଗେ ଜଳାଭାବ, ପ୍ରଦୂଷଣ, ମୃତ୍ତିକା ଅବକ୍ଷୟ ଇତ୍ୟାଦି କରୁଛି । ଫସଲ ଓ ପଶୁସମ୍ପଦର ବିକାଶ ଉପରେ ବାଧା ସୃଷ୍ଟି କରୁଛି । ତାପମାତ୍ରାରେ ପରିବର୍ତ୍ତନ, ଫସଲରେ ଜଳର ଆବଶ୍ୟକତା, ପରିମାଣ ଓ ଉପଲବ୍ଧତାକୁ ନିୟନ୍ତ୍ରଣ କରୁଛି । ଗ୍ରୀନ୍‌ହାଉସ୍ ଗ୍ୟାସ୍‌ର ନିର୍ଗମନ ଜଳବାୟୁ ପରିବର୍ତ୍ତନକୁ ପ୍ରୋତ୍ସାହିତ କରୁଛି । ମୃତ୍ତିକାରୁ ନାଇଟ୍ରସ୍ ଅକ୍ସାଇଡ୍‌ର ନିର୍ଗମନ, ସାର ପ୍ରୟୋଗ, ପଶୁଚାରଣ, ପଶୁସମ୍ପଦ ଦ୍ୱାରା ମିଥେନ ଗ୍ୟାସ୍‌ର ଉତ୍ପାଦନ ଆଗାମୀ ଦିନରେ ଅଙ୍ଗାରକାମ୍ଳର ଉଷ୍ମ ହୋଇ ପୃଥିବୀକୁ ଯେ ନିଶ୍ଚୟ ଉତ୍ତପ୍ତ କରିବ ଏଥିପାଇଁ ସନ୍ଦେହର ଅବକାଶ ନାହିଁ । ତାପମାତ୍ରା ବୃଦ୍ଧି ହେବା ଫଳରେ ରୋଗ ଜୀବାଣୁ ଓ ଫସଲ ଅନିଷ୍ଟକାରୀ କୀଟପତଙ୍ଗଙ୍କର ବଂଶ ବୃଦ୍ଧି ଘଟୁଛି ଏବଂ ଜୀବାଣୁଙ୍କର ଜୀବନଚକ୍ରର କ୍ରମବିକାଶ ହେଉଛି ।

(କ୍ରମଶଃ...)



*-କାନନବିହାର, ଭୁବନେଶ୍ୱର, ମୋ: ୭୮୯୪୩୩୫୩୭୧*

# ଶୀତଦିନିଆ ପନିପରିବା

ଶୀତଦିନିଆ ପନିପରିବା ଚାଷ କରିବା ପାଇଁ ଚାରା ପକାଇବା ଆରମ୍ଭ କରନ୍ତୁ । (ଏକ ଏକର ଜମିରେ ପରିବା ଚାଷ କରିବା ଲାଗି ୫୦ ବର୍ଗମିଟର ଜାଗାରେ ୧ ମିଟର ଓସାର ଓ ୩ ମିଟର ଲମ୍ବର ମାଟି ପତନଠାରୁ ୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ସବୁ ୫୦ ସେ.ମି. ବ୍ୟବଧାନରେ ନାଳି ରଖି ପ୍ରସ୍ତୁତ କରନ୍ତୁ) ।
- ତଳିଘରାରେ ବିହନ ବୁଣିବା ପୂର୍ବରୁ ୧ କି.ଗ୍ରା. ବିହନରେ ୧ ଗ୍ରାମ୍ ଭିଟାଭାକ୍ସ ପାଓ୍ୱାର୍ କିମ୍ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରନ୍ତୁ ।
- ତଳିଘରାରେ ମଧ୍ୟ କ୍ୟାପ୍‌ଟାନ୍ (୦.୨%) ସିଞ୍ଚନ କରନ୍ତୁ । ତଳିଘରାରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।
- ସଅଳ ଶୀତଦିନିଆ ଉନ୍ନତ ପନିପରିବାର କିସମ ଗୁଡ଼ିକ ହେଲା *ମୂଳା* : ପୁଷା ଚେତକି, ପୁଷା ରଶ୍ମୀ, ପୁଷା ହିମାନୀ । *ଫୁଲକୋବି* : ପୁଷା ଦୀପାଳି, ପୁଷା କୁଆଁରୀ, ପୁଷା କାଟକୀ, ଇର୍ଲି ସିନ୍ଥେଟିକ୍ । *ବନ୍ଧାକୋବି* : ପ୍ରାଇଡ୍ ଅଫ୍ ଇଣ୍ଡିଆ, ଗୋଲ୍‌ଡେନ୍ ଏକର, ଗ୍ରୀନ୍ ବଲ୍, ପ୍ରିୟା । *ଗୁଆଁର* : ପୁଷା ସଦାବାହାର, ପୁଷା ନୌବାହାର । *ଟମାଟୋ* : ଉତ୍କଳ ଦିପ୍ତୀ, ଉତ୍କଳ କୁମାରୀ, ଉତ୍କଳ ଶ୍ରାବଣୀ । *ବିନ୍* : ଆର୍କାକୋମଲ, ଆର୍କାସୁବିଧା ।
- ପନିପରିବାରେ ବୀଜାଣୁଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ସହିତ ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ଗଛମୂଳରେ ମୂଳ ଭିଜିବା ପର୍ଯ୍ୟନ୍ତ ସିଞ୍ଚନ କରନ୍ତୁ ।
- ବାଇଗଣରେ କାଙ୍କଡ଼ିଆ ପୋକର ଦମନ ପାଇଁ ୧ ଲିଟର ପାଣିରେ ଟ୍ରାଇଆଜୋଫସ୍ ୫୦ ଇ.ସି. ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଶାଇ ସିଞ୍ଚନ କରନ୍ତୁ । ଏକର ପିଛା ୨୦୦ ଲିଟର ଦ୍ରବଣ ସିଞ୍ଚନ କରିବା ଆବଶ୍ୟକ ।
- କାଣ୍ଡ ଓ ଫଳପଚା ରୋଗ ଲାଗିଥିଲେ ଏହାର ପ୍ରତିକାର ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ବା କପର ହାଇଡ୍ରୋକ୍ସାଇଡ୍ କିମ୍ବା ବୋର୍ଡ଼ୋକ୍ସ ମିକ୍ସଚର (୫:୫:୫୦) ହିସାବରେ ମିଶାଇ ସିଞ୍ଚନ କରନ୍ତୁ ।
- କଖାରୁ, ଜହ୍ନି, କାକୁଡ଼ି ଜାତୀୟ ଫସଲରେ ଫଳମାଛି ଦମନ ପାଇଁ ୧ ମି.ଲି. ମାଲାଥିଅନ୍ ସହିତ ୨୦ ଗ୍ରାମ୍ ଗୁଡ଼କୁ ୧ ଲିଟର ପାଣିରେ ମିଶାଇ ବିଷ ଥୋପ କରି ବ୍ୟବହାର କରନ୍ତୁ ।



ପ୍ରଥମ ପୃଷ୍ଠାରୁ...

## କୋଲ୍‌କାତାରେ ବ୍ରିଜ୍ ...

ସେମାନଙ୍କୁ ଉଦ୍ଧାର କରାଯାଇଛି । ଭଗ୍ନାବଶେଷ ସଫା କରିବା ଲାଗି ବିପର୍ଯ୍ୟୟ ପରିଚାଳନା ଟିମ୍ ମୁତୟନ ହୋଇଛନ୍ତି ବୋଲି ଏନ୍‌ଡିଆର୍‌ଏଫ୍ ଡିଜି ସଞ୍ଜୀୟ କୁମାର କହିଛନ୍ତି । ଉକ୍ତ ଅଞ୍ଚଳରେ ସର୍କ୍ୟୁଲାର ରେଲୱେ ସେବା ଏବଂ ଲୋକାଲ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଛି । ବ୍ରିଜ୍ ଭୁଶୁଡ଼ିପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ବଢ଼ିଯାଇଛି । ଦକ୍ଷିଣ-ପଶ୍ଚିମ କୋଲ୍‌କାତା ଏବଂ ଏହା ସଂଲଗ୍ନ ଦକ୍ଷିଣ ୨୪ ପ୍ରଗଣା ଜିଲାରେ ରାଜପଥରେ ପରିବହନ ବ୍ୟବସ୍ଥା ପ୍ରଭାବିତ ହୋଇଛି ।
ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବ୍ରିଜ୍ ଭୁଶୁଡ଼ିବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଆହତଙ୍କୁ ଆବଶ୍ୟକ ସହାୟତା ଯୋଗାଇଦେବା ପ୍ରାଥମିକ କାର୍ଯ୍ୟ ବୋଲି ସେ କହିଛନ୍ତି । ବର୍ତ୍ତମାନ ଦାର୍ଜିଲିଂରେ ଅଛନ୍ତି ମମତା । ମଙ୍ଗଳବାର ସନ୍ଧ୍ୟାରୁ ଦାର୍ଜିଲିଂରୁ କୋଲ୍‌କାତାକୁ ବିମାନ ସେବା ବନ୍ଦ ହୋଇଛି । ତେଣୁ ଫେରିପାରିବେ ନାହିଁ ବୋଲି ମମତା କହିବା ପରେ ରାଜନୀତି ଜୋର୍ ଧରିଛି । ତାଙ୍କୁ ବିରୋଧୀ ଭାଜପା ତୀବ୍ର ସମାଲୋଚନା କରିଛି । ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ଦିଆଯିବ ବୋଲି ମମତା ଘୋଷଣା କରିଛନ୍ତି । ଆହତଙ୍କୁ ମଧ୍ୟ ରାଜ୍ୟ ସରକାରଙ୍କ ପକ୍ଷରୁ ୫୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ । ରାଜ୍ୟପାଳ କେ.ଏନ୍. ତ୍ରିପାଠୀ ମଧ୍ୟ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି । ଏହା ଏକ ବଡ଼ ବିପର୍ଯ୍ୟୟ ବୋଲି ସେ ଅଭିହିତ କରିଛନ୍ତି । ମାଜେରହାଟ୍ ବ୍ରିଜ ଭୁଶୁଡ଼ିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ଦୁର୍ଘଟଣାରେ ମୃତାହତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ସେ ସମବେଦନା ଜଣାଇଛନ୍ତି । ସେହିପରି ଏହା ଅତି ଦୁଃଖଦାୟକ ଘଟଣା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ମମତାଙ୍କ ସହ ସେ କଥା ହୋଇ ଘଟଣା ସମ୍ପର୍କରେ ପଚାରିବୁଝିଛନ୍ତି । ପ୍ରକାଶ ଯେ, ୨୦୧୬ ମାର୍ଚ୍ଚ ୩୧ରେ କୋଲ୍‌କାତାର ପୋସ୍ତା ଅଞ୍ଚଳରେ ନିର୍ମାଣାଧୀନ ବିବେକାନନ୍ଦ ଫ୍ଲାଏଓଭର ଭୁଶୁଡ଼ିପଡ଼ିଥିଲା । ଏଥିରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା ।

## ବାଜପେୟୀଙ୍କୁ ବିଧାନସଭାରେ ...

ଶୋକ କରାଯିବା ସହ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା । ଫଳରେ ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ବିଧାନସଭାରେ ଉପସ୍ଥାପନ ହେବାକୁ ଥିବା ଅତିରିକ୍ତ ବଜେଟକୁ ସ୍ଥଗିତ ରଖାଯାଇଥିଲା । ବୁଧବାର ଅତିରିକ୍ତ ବଜେଟ ଉପସ୍ଥାପନ ହେବ ବୋଲି ବାଚସ୍ପତି ଅମାତ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଗୃହରେ ଶୋକ ପ୍ରସ୍ତାବ ଆଗତ କରି ପୂର୍ବତନ ପ୍ରଧାନମନ୍ତ୍ରୀ ବାଜପେୟୀଙ୍କ ରାଜନୈତିକ ଜୀବନ ଉପରେ ସଂକ୍ଷିପ୍ତ ଟିପ୍ପଣୀ ଦେଇଥିଲେ । ତାଙ୍କୁ ଜଣେ ବିଚକ୍ଷଣ ରାଜନେତା କହିବା ସହ ଓଡିଶା ପ୍ରତି ତାଙ୍କର ଥିବା ଅବଦାନକୁ ସ୍ମରଣ କରିଥିଲେ । ତାଙ୍କ ବିୟୋଗ ଦେଶ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି କହିଥିଲେ । ଏଥିସହିତ ସ୍ୱର୍ଗତ ଅନ୍ୟ ନେତା ଓ ପୋଲିସ କନଷ୍ଟେବଳଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ନରସିଂହ ମିଶ୍ର ସମର୍ଥନ କରିବା ସହ ବାଜପେୟୀଙ୍କ ରାଜଧର୍ମ ପାଳନ ଉକ୍ତିକୁ ଉଲ୍ଲେଖ କରିଥିଲେ । ଏଥିସହିତ ଅନ୍ୟ ଦିଂବଗତଙ୍କ ସ୍ମୃତି ଚାରଣ କରିବା ସହ ଦଳ ତରଫରୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଭାଜପା ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂଦେଓ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହିତ ବାଜପେୟୀଙ୍କ ଗୁଣଗାନ କରିଥିଲେ । ସେହିପରି ଦିବଂଗତ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସେମାନଙ୍କ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେଇଥିଲେ । ଶେଷରେ ବାଚସ୍ପତି ଅମାତ୍ ସ୍ୱର୍ଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ୨୯ ମିନିଟ କାଳ ବିଧାନସଭାରେ ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ସ୍ୱର୍ଗତ ନେତା ଓ ପୋଲିସ କର୍ମଚାରୀଙ୍କ ସମ୍ମାନାର୍ଥେ ବାଚସ୍ପତି ଗୃହକୁ ୧୧ଟା ୨୯ ମିନିଟରେ ବୁଧବାର ୧୦ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

## ଏକ୍ସାଇଜ ଡ୍ୟୁଟି ହ୍ରାସ ...

ଅଗଷ୍ଟ ୧୬ରୁ ପେଟ୍ରୋଲ ଲିଟର ପିଛା ୨.୧୭ ଟଙ୍କା ଏବଂ ଡିଜେଲ ୨.୬୨ ଟଙ୍କା ବଢ଼ିସାରିଛି । ତୈଳ ଦରବୃଦ୍ଧି ନେଇ ପୂର୍ବତନ ଅର୍ଥମନ୍ତ୍ରୀ ପି.ଚିଦାମ୍ବରମ କହିଥିଲେ ଯେ, ପେଟ୍ରୋଲ ଓ ଡିଜେଲ ଉପରେ ଟିକସ ହ୍ରାସ କରାଗଲେ ଏହାର ଦର ଆପଣାଛାଏ କମିଯିବ । ଅନ୍ୟପକ୍ଷରେ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ବା ଏକ୍ସାଇଜ ଡ୍ୟୁଟି ହ୍ରାସ କରାଯିବାର ସମ୍ଭାବନା ନାହିଁ । କାରଣ କେନ୍ଦ୍ର ସରକାର ବିତ୍ତୀୟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଛନ୍ତି । ସରକାର ପରୋକ୍ଷରେ ବିତ୍ତୀୟ ପରିଚାଳନା ଉପରେ ଜୋର୍ ଦେଉଛନ୍ତି । କାରଣ ଟଙ୍କାର ମୂଲ୍ୟ ହ୍ରାସ ଯୋଗୁ ଆମଦାନୀ ବାବଦରେ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡୁଛି । ଉତ୍ପାଦ ଶୁଳ୍କ ହ୍ରାସ କରି ସରକାର ନିଜର ଆୟ କମାଇବାକୁ ଚାହାନ୍ତି ନାହିଁ । ନିର୍ବାଚନୀ ବର୍ଷରେ ସରକାର ନିର୍ମାଣ କ୍ଷେତ୍ରରେ ଅଧିକ ବ୍ୟୟ କରିବାର ଲକ୍ଷ୍ୟ ରଖିଥିବାରୁ ତେଲ ଉପରୁ ଏକ୍ସାଇଜ ଡ୍ୟୁଟି ହ୍ରାସର ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି ।

## ଛତିଶଗଡ଼ ପୋଲିସ ...

ପରେ ଘଟଣା ପଦାକୁ ଆସିଥିଲା । ଛତିଶଗଡ଼ ବିଳାସପୁର ପୋଲିସ ସୂଚନା ପାଇବା ପରେ ଏସ୍‌ପି ଆରିଫ ଶେଖ୍ ପୁଷ୍ପେନ୍ଦ୍ରଙ୍କୁ ପଚରାଉଚରା କରିଛନ୍ତି । ପୁଷ୍ପେନ୍ଦ୍ର ଜାଞ୍ଜଗିରି-ଚମ୍ପା ଜିଲାର ବାସିନ୍ଦା । ଡକାୟତି ଓ ହତ୍ୟା ମାମଲାରେ ୨୦୦୯ରୁ ସେ ଆଜୀବନ କଏଦୀ ଭାବେ ବିଳାସପୁର ଜେଲରେ ରହିଛନ୍ତି । ଅନ୍ୟପଟେ ନବୀନଙ୍କୁ ହତ୍ୟା ଧମକ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭିନ୍ନ ମହଲରୁ ଅଭିଯୁକ୍ତ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ତେବେ ଜେଲରୁ କିପରି ଜଣେ କଏଦୀ ଚିଠି ଲେଖି ପଠାଇଲେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏହା ପଛରେ ଅନ୍ୟ କାହାର ହାତ ରହିଛି କି ବୋଲି ଏଡିଜି ଉପାଧ୍ୟାୟଙ୍କୁ ପଚାରିବାରେ ସେ କହିଲେ, କୋର୍ଟର ନିର୍ଦ୍ଦିଷ୍ଟ ତାରିଖରେ ଅଭିଯୁକ୍ତମାନେ କୋର୍ଟ ଯାଆନ୍ତି । ଜେଲରେ ସେମାନେ ପରିବାର ଲୋକ ଏବଂ ସମ୍ପର୍କୀୟମାନଙ୍କୁ ଭେଟିଥାନ୍ତି । ଏହାର ସୁଯୋଗ ନେଇ ସେ ଚିଠି ପଠାଇଛନ୍ତି ବୋଲି ଛତିଶଗଡ ପୋଲିସଠାରୁ ସୂଚନା ମିଳିଛି ।

### ଏନ୍‌ଜିଟିରେ ଡଙ୍କାରୀ ପାହାଡ଼ ଲୁଟ୍ ଘଟଣା

# ଜଙ୍ଗଲ, ପରିବେଶ ସଚିବଙ୍କ ଅଧ୍ୟକ୍ଷତାରେ କମିଟି ଗଠନ ପାଇଁ ନିର୍ଦ୍ଦେଶ

- ମାସକ ମଧ୍ୟରେ ରିପୋର୍ଟ
- ଡିସେମ୍ବର ୭ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର,୪।୯(ବ୍ୟୁରୋ)- ଯାଜପୁର ଡଙ୍କାରୀ ପାହାଡ଼ ଏବଂ ଏହାର ଚତୁଃପାର୍ଶ୍ୱରେ ହେଉଥିବା ବେଆଇନ ଖନନକୁ ରୋକିବାକୁ ନେଇ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ୍(ଏନ୍‌ଜିଟି)ରେ ହୋଇଥିବା ମାମଲାର ଶୁଣାଣି ହୋଇଛି । ଟ୍ରିବ୍ୟୁନାଲ୍‌ର ଜଷ୍ଟିସ୍ ଆଦର୍ଶ ଗୋଏଲ, ଜଷ୍ଟିସ୍ ଜୱାଦ ରହିମ୍, ଜଷ୍ଟିସ୍ ଏସ୍.ପି. ୱାଙ୍ଗଡି ଏବଂ ଡ. ନାଗିନ୍ ନନ୍ଦଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏକ କମିଟି ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ତଦାରଖ କମିଟି ଗଠନ କରିବା ପାଇଁ ଖଣ୍ଡପୀଠ କହିଛନ୍ତି । ଏହି କମିଟିରେ ଜଙ୍ଗଲ ଓ ପରିବେଶ ସଚିବଙ୍କ ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ସଦସ୍ୟ, ଷ୍ଟେଟ୍ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସ୍‌ମେଣ୍ଟ ଅଥରିଟିର ଅଧ୍ୟକ୍ଷ ଏବଂ ପରିବେଶ ବିଭାଗର ପ୍ରତିନିଧି ରହିବେ । ଉକ୍ତ କମିଟିକୁ ମାସକ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି । ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଡିସେମ୍ବର ୭ରେ ହେବାକୁ ଧାର୍ଯ୍ୟ ହୋଇଛି । ଆଇନଜୀବୀ ଚନ୍ଦ୍ରକାନ୍ତ ପ୍ରଧାନଙ୍କୁ ପଚାରିବାରେ, ଗତ ୩୧ ତାରିଖରେ ଏହି ମାମଲାର ଶୁଣାଣି ହୋଇଥିଲା । ଏସମ୍ପର୍କିତ ରିପୋର୍ଟ ମଙ୍ଗଳବାର ହସ୍ତଗତ ହୋଇଛି । ଏନ୍‌ଜିଟି ନିର୍ଦ୍ଦେଶ ଅନୁଯାୟୀ ଜଙ୍ଗଲ ଓ ପରିବେଶ ସଚିବ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରଧାନ କହିଛନ୍ତି । ପ୍ରକାଶ ଯେ, ଡଙ୍କାରୀରେ ହେଉଥିବା ବେଆଇନ ଖନନ ବିରୋଧରେ ସାମାଜିକ ଅଧିକାର କର୍ମୀ ସର୍ବେଶ୍ୱର ବେଉରା ଏନ୍‌ଜିଟିରେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ରାଜ୍ୟ ସରକାର ଏବଂ ଯାଜପୁର ଜିଲାପାଳଙ୍କ ବିରୋଧରେ ଏକ ମାମଲା କରିଥିଲେ । ଯାହାକି ୬୦୪/୨୦୧୮ରେ ପଞ୍ଜୀକୃତ ହୋଇଥିଲା ।

## ସଂକ୍ଷେପରେ

### ପ୍ରତ୍ୟର୍ପଣ ମାମଲା
## ଚଳିତ ସପ୍ତାହରେ ହେବ ଚୋକ୍‌ସୀଙ୍କ ବିଚାର

**ନୂଆଦିଲ୍ଲୀ, ୪-୯:** ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ୧୪,୦୦୦ କୋଟି ଟଙ୍କାର ଋଣ ମାମଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ମେହୁଲ ଚୋକସୀ ବର୍ତ୍ତମାନ ଆଣ୍ଟିଗୁଆରେ ରହୁଛନ୍ତି। ତାଙ୍କ ଉପରେ ଆଣ୍ଟିଗୁଆ ଏବଂ ବରବୁଡାର ପୋଲିସ କଡା ନଜର ରଖିଛି। ପ୍ରତ୍ୟର୍ପଣ ନେଇ ଭାରତ ସରକାର ସେଠାକାର କର୍ତ୍ତୃପକ୍ଷଙ୍କୁ ନିବେଦନ କରିଥିବା ବେଳେ ଏହି ଆଧାରରେ ଆଣ୍ଟିଗୁଆ କର୍ତ୍ତୃପକ୍ଷ ଚଳିତ ସପ୍ତାହରେ ଭାରତର ନିବେଦନ ଉପରେ ବିଚାର ଆରମ୍ଭ କରିବ ବୋଲି ଜଣାଯାଇଛି। ଚୋକ୍‌ସୀଙ୍କ ଉପରେ ନଜର ରଖାଯାଇଥିବା ସେଠାକାର କର୍ତ୍ତୃପକ୍ଷ ଭାରତକୁ ସୂଚନା ଦେଇଥିଲେ। ନିକଟରେ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ଆଣ୍ଟିଗୁଆ ପ୍ରଧାନମନ୍ତ୍ରୀ ଜେଷ୍ଟନ ବ୍ରାଉନିଂଙ୍କୁ ସାକ୍ଷାତ କରିବା ସହ ପ୍ରତ୍ୟର୍ପଣ ନେଇ ଦସ୍ତାବିଜ ପ୍ରଦାନ କରିଥିଲେ। ଜୁଲାଇରେ ଭାରତ ଚୋକ୍‌ସୀଙ୍କ ପ୍ରତ୍ୟର୍ପଣ ନେଇ ଆଣ୍ଟିଗୁଆକୁ ନିବେଦନ କରିଥିଲା। ଚୋକସୀ ଆଣ୍ଟିଗୁଆରୁ ଯେପରି ଖସି ନ ଯାଇ ପାରନ୍ତି ସେ ଉପରେ ନଜର ରଖିବାକୁ ସରକାର ଆଣ୍ଟିଗୁଆକୁ ନିବେଦନରେ କହିଥିଲେ।

## ଭାରତୀୟ କମ୍ପାନୀଗୁଡିକର ବିଦେଶୀ ନିବେଶ ହ୍ରାସ

**ନୂଆଦିଲ୍ଲୀ, ୪-୯:** ଭାରତୀୟ କମ୍ପାନୀଗୁଡିକ ପକ୍ଷରୁ ହେଉଥିବା ବିଦେଶୀ ନିବେଶ ଜୁଲାଇ ମାସରେ ହ୍ରାସ ପାଇଛି। ଏଥିରେ ୩୬%ରୁ ଊର୍ଦ୍ଧ୍ୱ ହ୍ରାସ ଘଟି ୧.୩୯ ବିଲିୟନ ଡଲାର ରହିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ସୂଚନା ଦେଇଛି। ଗତବର୍ଷ ସମାନ ସମୟରେ ଭାରତୀୟ କମ୍ପାନୀଗୁଡିକ ବିଦେଶରେ ୨.୧୭ ବିଲିୟନ ଡଲାର ନିବେଶ କରିଥିଲେ। ଏହା ଜୁନ୍ ୨୦୧୮ରେ ୨.୦୭ ବିଲିୟନ ଡଲାର ରହିଛି।

## ୟୁପିଆଇ ନେଣଦେଣ ରେକର୍ଡ ଛୁଇଁଲା

**ନୂଆଦିଲ୍ଲୀ, ୪-୯:** ନ୍ୟାଶନାଲ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)ର ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍(ୟୁପିଆଇ) ମାସିକ ଟ୍ରାଞ୍ଜାକଶନ ୩୦ କୋଟି ଟପିଛି। ୟୁପିଆଇ ଆରମ୍ଭ କରିଥିବା ବ୍ୟାଙ୍କ ଟୁ ବ୍ୟାଙ୍କ ଆକାଉଣ୍ଟ ସେଟେଲମେଣ୍ଟ ବ୍ୟବସ୍ଥା ଯୋଗୁ ଏଭଳି ସଫଳତା ମିଳିଥିବା ଏହା ସୂଚନା ଦେଇଛି। ଏନ୍‌ପିସିଆଇ ସୂଚନା ମୁତାବକ ୟୁପିଆଇ ପ୍ଲାଟଫର୍ମରେ ଅଗଷ୍ଟରେ ୩୧.୨ କୋଟି ଟ୍ରାଞ୍ଜାକଶନ ହୋଇଥିବା ବେଳେ ଜୁଲାଇରେ ୨୩.୫୬ କୋଟି ଟ୍ରାଞ୍ଜାକଶନ ହୋଇଥିଲା। ଅଗଷ୍ଟରର ଟ୍ରାଞ୍ଜାକଶନ ଜୁଲାଇ ତୁଳନାରେ ୩୨% ଅଧିକ ବୋଲି ଜଣାଯାଇଛି।

## ନିର୍ମାଣ ହେବ ୧୦୦ ବିମାନ ବନ୍ଦର

**ନୂଆଦିଲ୍ଲୀ, ୪-୯:** ସରକାର ଆଗାମୀ ଦିନରେ ଘରୋଇ ବଜାରରେ ୧୦୦ ବିମାନ ବନ୍ଦର ନିର୍ମାଣ ନେଇ ଯୋଜନା ରଖିଛନ୍ତି। ୬୦ ବିଲିୟନ ଡଲାର(୪.୨ ଲକ୍ଷ କୋଟି) ନିବେଶରେ ଏହି ବିମାନ ବନ୍ଦରଗୁଡିକ ନିର୍ମାଣ ହେବ ବୋଲି ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ପ୍ରଭୁ ସୂଚନା ଦେଇଛନ୍ତି। ଘରୋଇ ବଜାରରେ ବିମାନ ଚଳାଚଳ କ୍ଷେତ୍ର ଦ୍ରୁତ ଅଭିବୃଦ୍ଧି ସାଧନ କରୁଥିବା ବେଳେ ଗତ ୫୦ ମାସ ମଧ୍ୟରେ ଏଥିରେ ଦୁଇ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହୋଇଛି। ଏହି ବିମାନ ବନ୍ଦରଗୁଡିକ ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ନିର୍ମାଣ କରାଯିବ। ଆଗାମି ୧୦ ବର୍ଷରେ ଘରୋଇ ବଜାରର ବିମାନ ଶିଳ୍ପ ଜର୍ମାନି, ଜାପାନ, ସ୍ପେନ ଏବଂ ବ୍ରିଟେନ ଶିଳ୍ପକୁ ପଛରେ ପକାଇ ଦେବ ବୋଲି ବିମାନ କମ୍ପାନୀଗୁଡିକର ଅନ୍ତରାଷ୍ଟ୍ରିୟ ସଙ୍ଗଠନ ଆଇଏଟିଏ ସୂଚନା ଦେଇଛି।

### ୮ ଲକ୍ଷ କୋଟି ବଜାର ପୁଞ୍ଜି
## ଟିସିଏସ୍ ଦ୍ୱିତୀୟ ଭାରତୀୟ କମ୍ପାନୀ

**ବେଙ୍ଗାଲୁରୁ,୪-୯:** ଷ୍ଟକ୍ ବଜାରରେ ଶେୟାର ମୂଲ୍ୟ ବୃଦ୍ଧି କାରଣରୁ ମଙ୍ଗଳବାର ଟାଟା କନ୍‌ସଲଟାନ୍ସି ସର୍ଭିସେସ୍(ଟିସିଏସ୍)ର ବଜାର ପୁଞ୍ଜି ୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଏହି ଲକ୍ଷ୍ୟ ହାସଲ କରିବାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପରେ ଟିସିଏସ୍ ଦ୍ୱିତୀୟ ଭାରତୀୟ କମ୍ପାନୀ। ମଙ୍ଗଳବାର ବିଏସ୍‌ଇରେ ଟିସିଏସ୍ ଶେୟାର ୨ ପ୍ରତିଶତ ବୃଦ୍ଧି ପାଇ ୨୦୯୭ ଟଙ୍କାରେ ପହଞ୍ଚିବା ପରେ ଏହାର ବଜାର ପୁଞ୍ଜି ୮,୦୧,୫୫୦.୫୦କୋଟି ଟଙ୍କାରେ ପହଞ୍ଚିଛି। ଗତ ୨୩ରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡର ବଜାର ପୁଞ୍ଜି ୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିଲା।

---

ଇନଫୋସିସ୍ ନିଜର ବ୍ୟବସାୟ ଓ ଆକାଉଣ୍ଟ ପରିଚାଳନା ଲାଗି ବାହାରୁ ପ୍ରଫେଶନାଲଙ୍କୁ ନିଯୁକ୍ତ କରିବା।
– ସଲିଲ ପାରେଖ, ସିଇଓ, ଇନଫୋସିସ୍ ଟେକ୍ନୋଲୋଜି



ଭାରତରେ ଏକ ଏୟାରଲାଇନ କମ୍ପାନୀ ଖୋଲିବାକୁ କାତାର ଏୟାରୱେଜ ଇଚ୍ଛୁକ। ତେବେ ନିୟମକୁ ନେଇ କମ୍ପାନୀ ଦ୍ୱନ୍ଦ୍ୱରେ ରହିଛି।
– ଆକବର ଅଲ୍ ବକର, ସିଇଓ, କାତାର ଏୟାରୱେଜ



# ବିମାନ ଶିଳ୍ପର କ୍ଷତି ୧.୯ ବିଲିୟନ ଡଲାର ଛୁଇଁବ

- ପ୍ୟାକେଜ ଦେବାକୁ ସରକାରଙ୍କ ଯୋଜନା
- ପୂର୍ବରୁ ଅନୁମାନ ଥିଲା କ୍ଷତିର ପରିମାଣ ୪୩୦ରୁ ୪୬୦ ମିଲିୟନ ଡଲାର ହେବ
- ସମ୍ପୂର୍ଣ୍ଣ ସେବା ଯୋଗାଣକାରୀ ଏୟାରଲାଇନ କମ୍ପାନୀଙ୍କ କ୍ଷତି ୧.୭୫ରୁ ୨ ବିଲିୟନ ଡଲାର ଛୁଇଁବ
- ପାସେଞ୍ଜର ଅଭିବୃଦ୍ଧି ଘରୋଇ କ୍ଷେତ୍ରରେ ୧୮ରୁ୨୦ ପ୍ରତିଶତ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ୧୦ରୁ ୧୨ ପ୍ରତିଶତ ରହିବ



**ନୂଆଦିଲ୍ଲୀ/ମୁମ୍ବାଇ,୪-୯**

ଖର୍ଚ୍ଚ ବଢ଼ିବା ସାଙ୍ଗକୁ ଆୟ କମୁଥିବାରୁ ଚଳିତବର୍ଷ ଦେଶର ବିମାନ ଶିଳ୍ପ ପ୍ରାୟ ୧.୯ ବିଲିୟନ ଡଲାର କ୍ଷତି ସହିବ ବୋଲି ଆକଳନ କରାଯାଇଛି। ସିଡନୀସ୍ଥିତ ସେଣ୍ଟର ଫର୍ ଏସିଆ ପାସିଫିକ୍ ଆଭିଏଶନ(କାପା) ପକ୍ଷରୁ ଏକ ରିପୋର୍ଟ ପ୍ରକାଶ କରି କୁହାଯାଇଛି ଯେ, ଏୟାର ଇଣ୍ଡିଆ ଓ ଜେଟ୍ ଏୟାରୱେଜ ଶିଳ୍ପ ଜଗତର କ୍ଷତିକୁ ଅଧିକ ବଢ଼ାଇଛନ୍ତି।

କାପାର ରିପୋର୍ଟରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ଏୟାର ଇଣ୍ଡିଆ, ଜେଟ୍ ଏୟାରୱେଜ ଓ ଭିଷ୍ଟାରା ସମ୍ପୂର୍ଣ୍ଣ ସେବା ଯୋଗାଣକାରୀ ବିମାନ କମ୍ପାନୀ ଭାବେ ଆୟ ଅପେକ୍ଷା ଅଧିକ ବ୍ୟୟ କରୁଛନ୍ତି। ଫଳରେ କେବଳ ସେମାନଙ୍କ ମୋଟ୍ କ୍ଷତିର ପରିମାଣ ୧.୭୫ରୁ ୨ ବିଲିୟନ ଡଲାର ହେବ ବୋଲି ଅନୁମାନ କରାଯାଉଛି। ଏଥିରେ କୁହାଯାଇଛି ଯେ, ମାର୍ଚ୍ଚ ୩୧ ସୁଦ୍ଧା ବର୍ଷକର କ୍ଷତିର ପରିମାଣ ୪୩୦ ମିଲିୟନ ଡଲାରରୁ ୪୬୦ ମିଲିୟନ ଡଲାର ଭିତରେ ରହିବ ବୋଲି ପୂର୍ବାନୁମାନ କରାଯାଇଥିଲା। କିନ୍ତୁ ଟଙ୍କାର ମୂଲ୍ୟ ହ୍ରାସ ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି କ୍ଷତିର ପରିମାଣକୁ ବଢ଼ାଇଛି। ଫଳରେ ଏହି କ୍ଷତିର ପରିମାଣ ଏବେ ବଢ଼ି ବଢ଼ି ୧.୭୫ରୁ ୧.୯ ବିଲିୟନ ଡଲାର ଛୁଇଁବ ବୋଲି ଅନୁମାନ କରାଯାଇଛି। ବିମାନ ଚଳାଚଳକୁ ଜାରି ରଖିବା ପାଇଁ ଜୁନ ତ୍ରୈମାସିକ ସୁଦ୍ଧା ବିମାନ କମ୍ପାନୀଙ୍କୁ ପ୍ରାୟ ୩ ବିଲିୟନ ଡଲାର ଅର୍ଥ ଯୋଗାଡ଼ କରିବାକୁ ପଡ଼ିବ। ଉଡ଼ାଣ ସଂଖ୍ୟା ପ୍ରଭାବିତ ହୋଇ ନଥିଲେ ହେଁ ଗତ ଜାନୁୟାରୀରୁ ବିମାନ କମ୍ପାନୀଙ୍କ ଆର୍ଥିକ ସ୍ଥିତି ବିଗିଡ଼ିବା ଆରମ୍ଭ ହୋଇଛି। ଏହାକୁ ଦେଖି କାପା ଇଣ୍ଡିଆ ସେତେବେଳେ କ୍ଷତିର ପରିମାଣ ୪୩୦ରୁ ୪୬୦ ମିଲିୟନ ଡଲାର ହେବ ବୋଲି ପୂର୍ବାନୁମାନ କରିଥିଲା। ସେତେବେଳେ ଡଲାର ବଦଳରେ ଟଙ୍କାର ବିନିମୟ ମୂଲ୍ୟ ୬୫ ହିସାବ କରାଯାଇଥିଲା। ଏବେ ପରିସ୍ଥିତି ଆହୁରି ସଙ୍ଗିନ ହୋଇଛି। ଟଙ୍କାର ବିନିମୟ ମୂଲ୍ୟ ଏବେ ୭୦ ସ୍ତର ପାର୍ କରିଗଲାଣି। ଏହାକୁ ହିସାବକୁ ନେଲେ କ୍ଷତିର ପରିମାଣ ବହୁଗୁଣିତ ହେବାକୁ ଯାଉଛି। ଇଣ୍ଡିଗୋ, ଗୋଏୟାର ଓ ସ୍ପାଇସଜେଟ୍ ଭଳି ବଜେଟ କ୍ୟାରିୟର ମାନେ ଲାଭ ନ କଲେ ମଧ୍ୟ କ୍ଷତି ସହିବେ ନାହିଁ। ଦେଶର ବିମାନ ଶିଳ୍ପ ନିମ୍ନଗତି ଆଡକୁ ଯିବାର ସମ୍ଭାବନା ନଥିଲେ ହେଁ ଏହା ଏବେ ଆର୍ଥିକ ଝଟକା ସହି ଚାଲିଛି। ଟିକେଟ ମୂଲ୍ୟ କମ୍ ରହୁଥିବାରୁ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ ଯାତ୍ରା ବୃଦ୍ଧି ପାଇଚାଲିଛି। ଚଳିତ ବର୍ଷ ଘରୋଇ କ୍ଷେତ୍ରରେ ୧୮-୨୦ ପ୍ରତିଶତ ଏବଂ ଅନ୍ତର୍ଜାତୀୟ କ୍ଷେତ୍ରରେ ୧୦-୧୨ ପ୍ରତିଶତ ଉଡ଼ାଣ ଅଭିବୃଦ୍ଧି ଦେଖିବାକୁ ମିଳିବ ବୋଲି ଆଶାକରାଯାଉଛି। ଗତ ୪୮ ମାସ ହେଲା ଦେଶର ପାସେଞ୍ଜର ଟ୍ରାଫିକ ଅଭିବୃଦ୍ଧି ଦ୍ୱିଅଙ୍କରେ ରହିଛି। ଜୁଲାଇରେ ଏହା ୨୦.୮୨ ପ୍ରତିଶତ ଥିଲା। ଇଣ୍ଟରନ୍ୟାଶନାଲ ଏୟାର ଟ୍ରାନ୍ସପୋର୍ଟ ଆସୋସିଏଶନ(ଆଇଏଟିଏ) ପକ୍ଷରୁ କୁହାଯାଇଛି ଯେ, ଭାରତୀୟ ବିମାନ ଶିଳ୍ପକୁ ଏବେ ଦୋହରା ଝଟକା ସହିବାକୁ ପଡୁଛି। ଇନ୍ଧନ ପିଛା ସେମାନଙ୍କ ଖର୍ଚ୍ଚ ବଢ଼ିଚାଲିଛି। ଫଳରେ ସେମାନଙ୍କ ଅପରେଟିଂ ଖର୍ଚ୍ଚ ବୃଦ୍ଧି ପାଇ ୩୪ ପ୍ରତିଶତରେ ପହଞ୍ଚିଗଲାଣି, ଯାହାକି ଅନ୍ତର୍ଜାତୀୟ ସ୍ତରରେ ୨୪ ପ୍ରତିଶତ ରହିଛି। କେନ୍ଦ୍ର ସରକାରଙ୍କ ନୀତି ଏଥିପାଇଁ ଦାୟୀ ବୋଲି ଏହାର ମୁଖ୍ୟ ଆଲେକଜାଣ୍ଡର ଡି ଜୁନିକା କହିଛନ୍ତି। ଦେଶର ବିମାନ କମ୍ପାନୀଗୁଡିକର କ୍ଷତି ବଢ଼ି ବଢ଼ି ଚାଲିଥିବା ବେଳେ ସେମାନଙ୍କୁ ଏଥିରୁ ମୁକୁଳାଇବା ଲାଗି ସରକାର ଅଣ୍ଟା ଭିଡିଛନ୍ତି। ଏଥିପାଇଁ ସରକାର ଏକ ପ୍ୟାକେଜ ଉପରେ ବିଚାର କରୁଛନ୍ତି ବୋଲି ବେସାମରିକ ବିମାନ ଚଳାଚଳ ସଚିବ ଆର୍.ଏନ୍.ଚୌବେ କହିଛନ୍ତି। ବିମାନ କମ୍ପାନୀଙ୍କ ଖର୍ଚ୍ଚ କମାଇବା ଏହି ପ୍ୟାକେଜର ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି।

## ଆଦିତ୍ୟ ମୋଟର୍ସ ଶୋ'ରୁମ୍‌ରେ ମହିନ୍ଦ୍ରା ମାରାଜୋ ମଡେଲ୍ ଉନ୍ମୋଚିତ



**ଭୁବନେଶ୍ୱର, ୪-୯**

ଦେଶର ପ୍ରମୁଖ ସ୍ପୋର୍ଟସ୍ ୟୁଟିଲିଟି ଭେଇକିଲ(ଏସ୍‌ୟୁଭି) ମାନୁଫ୍ୟାକଚରର ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଏହାର ବହୁ ପ୍ରତୀକ୍ଷିତ ମଡେଲ୍ ମାରାଜୋକୁ ସୋମବାର ଦେଶବ୍ୟାପୀ ବଜାର ପ୍ରବେଶ କରାଇଛି। ଏହି ଧାରାରେ କଟକ ଫୁଲନଖରାସ୍ଥିତ କମ୍ପାନୀର ପ୍ରାଧିକୃତ ଡିଲର୍ଶପଏଣ୍ଟ ଆଦିତ୍ୟ ମୋଟର୍ସଠାରେ ମଙ୍ଗଳବାର ଏହାକୁ ଉନ୍ମୋଚନ କରାଯାଇଛି। କମ୍ପାନୀର ଏରିଆ ସେଲ୍‌ସ ମ୍ୟାନେଜର ସୌରଭ ତ୍ରିପାଠୀ, ଆଦିତ୍ୟ ମୋଟର୍ସର ଏମ୍‌ଡି ଆଦିତ୍ୟ ପାତ୍ର, ଜେନେରାଲ ମ୍ୟାନେଜର ମନୋଜ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ଏହାକୁ ଉନ୍ମୋଚନ କରିଛନ୍ତି।

କମ୍ପାନୀର ସୂଚନା ଅନୁସାରେ ଏହି ଯାନର ପ୍ରାରମ୍ଭିକ ବଜାର ମୂଲ୍ୟ ୯.୯୯ ଲକ୍ଷ ଟଙ୍କା ରହିଛି। ଏମ୍୨, ଏମ୍୪,ଏମ୍୬, ଏମ୍୮ ଭଳି ୪ଟି ଭାରିଆଣ୍ଟରେ ୬ଟି କଲରରେ ଏହା ଆସିଛି। ଏହି ନୂତନ ଯାନର ବଜାର ପ୍ରବେଶ ଅବସରରେ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରା କହିଛନ୍ତି, ମହିନ୍ଦ୍ରା ଅଟୋମୋଟିଭ୍ ନର୍ଥ ଆମେରିକା ଏବଂ ମହିନ୍ଦ୍ରା ରିସର୍ଚ୍ଚ ଭ୍ୟାଲିର ମିଳିତ ଉଦ୍ୟମରେ ପ୍ରଥମଥର ପାଇଁ ଏହି ଯାନକୁ ବିକଶିତ କରାଯାଇଛି। ସାର୍କ ବା ମଗର ମାଛକୁ ଦୃଷ୍ଟିରେ ରଖି ଏହି ଯାନକୁ ଡିଜାଇନ୍ କରାଯାଇଛି। ଏଥିରେ ଅତି ଆରାମ୍‌ଦାୟକ ଅନୁଭୂତି ସହିତ ୮ଜଣ ଯାତ୍ରା କରିପାରିବେ। ସୁରକ୍ଷା ବୈଶିଷ୍ଟ୍ୟକୁ ଦୃଷ୍ଟିରେ ରଖି ଏଥିରେ ଡୁଆଲ୍ ଫ୍ରଣ୍ଟ୍ ଏୟାର ବ୍ୟାଗ, ସମସ୍ତ ଚକାରେ ଡିସ୍କ୍ ବ୍ରେକ୍, ଆଣ୍ଟି-ଲକ୍ ବ୍ରେକିଂ ସିଷ୍ଟମ(ଏବିଏସ୍) ଆଦି ବ୍ୟବସ୍ଥା ରହିଛି।

## ନାଲ୍‌କୋର ପଞ୍ଚପଟମାଳି ଖଣି ପୁରସ୍କୃତ



**ଭୁବନେଶ୍ୱର,୪-୯**

ଖଣି ଖନନ, ପରିବେଶ ସୁରକ୍ଷା ଏବଂ ଖଣିଜ ପଦାର୍ଥ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍(ନାଲ୍‌କୋ)କୁ ୫ଟି ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ଅନ୍ତର୍ଗତ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ ପକ୍ଷରୁ ଏଠାରେ ଆୟୋଜିତ ୨୦ତମ ମାଇନ୍ସ ଏନ୍‌ଭାରନ୍‌ମେଣ୍ଟ ଆଣ୍ଡ୍ ମିନେରାଲ୍ କଞ୍ଜରଭେଶନ(ଏମ୍‌ଇଏମ୍‌ସି) ସପ୍ତାହ ପାଳନ ଅବସରରେ ନାଲ୍‌କୋର ପଞ୍ଚପଟମାଳି ବକ୍ସାଇଟ୍ ଖଣିକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହାଛଡ଼ା ଅନ୍ୟ ପୁରସ୍କାର ମଧ୍ୟରେ ବୃକ୍ଷରୋପଣ, ଥଇଥାନ, ନିରନ୍ତର ବିକାଶ ଏବଂ ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ ତପନ କୁମାର ଚାନ୍ଦ କର୍ମଚାରୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ନାଲ୍‌କୋ ପକ୍ଷରୁ ଏହାର ମହାପ୍ରବନ୍ଧକ(ଖଣି) ଏସ୍. ଚୌଧୁରୀ ଏବଂ ସହାୟକ ମହାପ୍ରବନ୍ଧକ(ପରିବେଶ) ସଞ୍ଜୟ କୁମାର ପଟ୍ଟନାୟକ ଖଣି ମନ୍ତ୍ରଣାଳୟର ଯୁଗ୍ମ ସଚିବ ନିରଞ୍ଜନ ସିଂଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

## ନୂଆ ନିବେଶ ସୁଯୋଗ ଆଣିଛି ସୁନ୍ଦରମ୍ ଏମ୍‌ଏଫ୍

**ଭୁବନେଶ୍ୱର, ୪-୯**

SUNDARAM MUTUAL
UNEARTHING OPPORTUNITIES

ଦେଶର ଏକ ପ୍ରମୁଖ ନନ୍ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନିଜ୍(ଏନ୍‌ବିଏଫ୍‌ସି) ସୁନ୍ଦରମ ଫାଇନାନ୍ସ ଲିମିଟେଡ୍ ଅନ୍ତର୍ଗତ ସୁନ୍ଦରମ ମ୍ୟୁଚୁଆଲ୍ ଫଣ୍ଡ ୪ ବର୍ଷ ପରେ ସୁନ୍ଦରମ ସର୍ଭିସ୍ ଫଣ୍ଡ ନାମରେ ଏକ ଓପନ୍-ଏଣ୍ଡେଡ୍ ଇକ୍ୱିଟି ସ୍କିମ୍ ଆରମ୍ଭ କରିଛି। ଏହି ସ୍କିମ୍‌ର ଅବଧି ଚଳିତବର୍ଷ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୧୨ ଯାଏ ରହିଛି। ଏହା ନିବେଶକଙ୍କ ପାଇଁ ଏକ ନୂତନ ସୁଯୋଗ ହୋଇଥିବା ବେଳେ ଏହା ବିଶେଷ କରି ସେବା କ୍ଷେତ୍ରକୁ ଦୃଷ୍ଟିରେ ରଖିଛି। ବର୍ତ୍ତମାନ ସେବା କ୍ଷେତ୍ର ଭାରତୀୟ ଅର୍ଥନୀତି ପାଇଁ ଏକ ପ୍ରମୁଖ କ୍ଷେତ୍ରରେ ପରିଣତ ହୋଇଛି। ଏହି ଦୃଷ୍ଟିରୁ ଏ କ୍ଷେତ୍ରରେ ପୁଞ୍ଜି ନିବେଶ ଦ୍ୱାରା ନିବେଶକଙ୍କୁ ଅଧିକ ଲାଭ ମିଳିବାର ସୁଯୋଗ ରହିଛି ବୋଲି ବଜାର ବିଶେଷଜ୍ଞମାନେ ଆଶା ବ୍ୟକ୍ତ କରୁଛନ୍ତି। ବଜାର ତଥ୍ୟ ଅନୁସାରେ ବର୍ତ୍ତମାନ ସମୟରେ ଇକ୍ୱିଟି ମ୍ୟୁଚୁଆଲ୍ ଫଣ୍ଡ(ଏମ୍‌ଏଫ୍) ସ୍କିମ୍‌ଗୁଡ଼ିକ ରିଟେଲ୍ ଇନ୍‌ଭେଷ୍ଟରମାନଙ୍କର ଅଧିକ ପସନ୍ଦ ପାଲଟିଛି। ଏହି ସ୍କିମ୍ ମାଧ୍ୟମରେ ମାସିକ ହାରାହାରି ୬ ହଜାର କୋଟିରୁ ୭ ହଜାର କୋଟି ଟଙ୍କା ନିବେଶ କରାଯାଉଛି। ସୁନ୍ଦରମ ସର୍ଭିସ୍ ଫଣ୍ଡ ସ୍କିମ୍ ମାଧ୍ୟମରେ ନିବେଶକମାନେ ପରିବହନ, ସ୍ୱାସ୍ଥ୍ୟ, ଖୁଚୁରା ବଜାର, ମିଡିଆ ଆଣ୍ଡ୍ ଏଣ୍ଟରଟେନ୍‌ମେଣ୍ଟ, ହସ୍‌ପିଟାଲିଟି ଆଣ୍ଡ୍ ଟୁରିଜମ, ଅନ୍‌ଲାଇନ୍ ଆଣ୍ଡ୍ ଫାଇନାନ୍ସିଆଲ୍ ସର୍ଭିସ୍ ଭଳି ପ୍ରମୁଖ ସେବା କ୍ଷେତ୍ରରେ ନିବେଶ କରିବାର ସୁଯୋଗ ପାଇବେ ବୋଲି କମ୍ପାନୀ ପ୍ରକାଶ କରିଛି।

## ଆହୁରି ହ୍ରାସ ପାଇବ ଟଙ୍କା: ଏସ୍‌ବିଆଇ

**ନୂଆଦିଲ୍ଲୀ,୪-୯(ପି.ଟି)**

ଡଲାର ତୁଳନାରେ ଟଙ୍କାର ମୂଲ୍ୟ ଆହୁରି ହ୍ରାସ ପାଇବ। ଫଳସ୍ୱରୂପ ଭାରତୀୟ ରିଜର୍ଭ ବ୍ୟାଙ୍କ ଏହାର ମୁଦ୍ରାନୀତିରେ ସୁଧ ହାର ବଢ଼ାଇବାକୁ ବାଧ୍ୟ ହେବ ବୋଲି 'ଇକୋରାପ୍' ଶୀର୍ଷକରେ ପ୍ରକାଶିତ ରିପୋର୍ଟରେ ଏସ୍‌ବିଆଇ କହିଛି। ଏଥିରେ କୁହାଯାଇଛି ଯେ, ବର୍ତ୍ତମାନ ଆର୍‌ବିଆଇ ବିଦେଶୀ ମୁଦ୍ରା ବଜାରରେ ହସ୍ତକ୍ଷେପ କରିବ ନାହିଁ। ସୁଧ ବଢ଼ିବା ପରଠାରୁ ଅଦ୍ୟାବଧି ଟଙ୍କାର ମୂଲ୍ୟ ୬.୨ ପ୍ରତିଶତ ହ୍ରାସ ପାଇଛି। ଏହାକୁ ନିୟନ୍ତ୍ରଣରେ ରଖିବା ଲାଗି ରିଜର୍ଭ ବ୍ୟାଙ୍କ ତୁରନ୍ତ ଷ୍ଟାଣ୍ଡିଂ ଡିପୋଜିଟ ଫ୍ୟାସିଲିଟି ବ୍ୟବସ୍ଥା ଲାଗୁ କରୁ ବୋଲି ରିପୋର୍ଟରେ ପରାମର୍ଶ ଦିଆଯାଇଛି। ଏହାଦ୍ୱାରା ବଜାରରେ ଉପଲବ୍ଧ ଅଧିକ ଅର୍ଥକୁ ଆର୍‌ବିଆଇ ଉଠାଇବା ସହଜ ହୋଇଯିବ। ଅନ୍ୟପକ୍ଷରେ ମଙ୍ଗଳବାର ଟଙ୍କାର ମୂଲ୍ୟ ୩୭ ପଇସା ହ୍ରାସ ପାଇଛି। ଫଳରେ ଏହା ୭୧.୫୮ରେ ପହଞ୍ଚିଛି। ସୋମବାର ଏହା ୭୧.୨୧ ଥିଲା। ମଙ୍ଗଳବାର ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ଟଙ୍କା ୭୧.୨୪ରେ କାରବାର ଆରମ୍ଭ କରିଥିଲା। ତେବେ ଏହା ୭୧.୫୮ର ସର୍ବକାଳୀନ ରେକର୍ଡ ସ୍ତର ଛୁଇଁଛି। ଆମଦାନିକାରୀମାନଙ୍କ ମଧ୍ୟରେ ଡଲାର ଚାହିଦା ବଢ଼ିଛି। ବିଦେଶୀ ପୁଞ୍ଜିନିବେଶକମାନେ ଷ୍ଟକ୍ ମାର୍କେଟରୁ ନିବେଶ ଫେରାଇ ନେଉଥିବାରୁ ଡଲାର ଚାହିଦା ବଢ଼ିବାରେ ଲାଗିଥିବା ଫରେକ୍ସ ଡିଲରମାନେ କହିଛନ୍ତି। ଏହାବ୍ୟତୀତ ଅଶୋଧିତ ତୈଳ ଦର ବୃଦ୍ଧି ଟଙ୍କାର ମୂଲ୍ୟ ଉପରେ କ୍ରମାଗତ ଚାପ ବଢ଼ାଇ ଚାଲିଛି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି ଯେ, ଟଙ୍କା ଆପେ ଆପେ ସ୍ଥିର ହୋଇଯିବ।


MCL
## ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବ୍‌ସାଇଟ୍ :www.mahanadicoal.in

### ଇ-ଟେଣ୍ଡର ନୋଟିସ୍

ମହାନଦୀ କୋଲ୍‌ଫିଲ୍‌ଡସ ଲିମିଟେଡ୍‌ର ନିମ୍ନଲିଖିତ ଇ-ଟେଣ୍ଡରଗୁଡିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରଦର୍ଶିତ କରାଯାଇଛି ଏବଂ ଏହା ମଧ୍ୟ କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁଓରମେଣ୍ଟ ପୋର୍ଟାଲ (https://eprocure.gov.in)ରେ ଦିଆଯାଇଛି । ଅଧିକ ବିବରଣୀ ପାଇଁ ଦୟାକରି ଏହି ୱେବ୍‌ସାଇଟ୍‌କୁ ପରିଦର୍ଶନ କରନ୍ତୁ ।

| କ୍ର. ନଂ. | ଟେଣ୍ଡର ଆଇଡି | କାର୍ଯ୍ୟ / ସେବାର ନାମ | ଟେଣ୍ଡର ମୂଲ୍ୟ (₹)ରେ |
|---|---|---|---|
| 1 | 2018_MCL_112477_1 | SUPPLY OF INDUSTRIAL GASES. | 146300.00 |
| 2 | 2018_MCL_112515_1 | Supply of Electrical Spares | 541055.00 |
| 3 | 2018_MCL_112544_1 | Hiring of 1 Camper (4 plus 1 seater), Pick-up or equivalent for 12 hrs per day duty at KOCP for two years at Basundhara Area (682 days)(A). | 650628.00 |
| 4 | 2018_MCL_112389_1 | Construction of community hall at Samanta Sahi, Ghantapada under Jagannath Area | 799149.00 |
| 5 | 2018_MCL_112538_1 | PROCUREMENT OF CENTRE JOINT AND INTER COOLER FOR TATA 1200 HYD EXCAVATOR | 1368084.00 |
| 6 | 2018_MCL_112624_1 | Procurement of Survey materials for Orient area. | 216014.00 |
| 7 | 2018_MCL_112645_1 | Construction of Boundary Wall at Badimal UP School, Badimal Gram Panchayat, Lakhanpur Block of Jharsuguda District under CSR head of IB Valley Area for the year 2018-19 | 1180029.00 |
| 8 | 2018_MCL_112649_1 | Renovation of Conference Hall and Project Officer Chamber of Project Office of Samaleshwari OCP, IB Valley Area | 600611.00 |
| 9 | 2018_MCL_108523_1 | Retreading of 20.5 R 25 size OTR Tubeless tyres of CAT 14M Motor Grader of Samaleswari OCP, IB Valley Area | 140000.00 |
| 10 | 2018_MCL_111360_1 | Procurement of Trailing Cable for HEMM | 2251440.00 |
| 11 | 2018_MCL_112374_1 | Procurement of 02 Nos Front End Wheel Loader of bucket capacity not less than 2.5 Cum along with Spares and Consumables for First Year Warranty Period and for 08 Years Guarantee Period Beyond Warranty Period | 23400000.00 |
| 12 | 2018_MCL_112672_1 | PROCUREMENT OF MAIN RELIEF VALVE FOR TATA 1200 HYD EXCAVATOR | 158462.00 |
| 13 | 2018_MCL_112686_1 | PROCUREMENT OF SEAL KIT AND HOSE ASSLY FOR TATA 1200 HYD EXCAVATOR | 1346118.00 |
| 14 | 2018_MCL_112673_1 | Supply of Spares for LT Starter. | 427346.00 |
| 15 | 2018_MCL_112687_1 | Replacement of CGS sheet of conveyer line and bunker by precoated sheet of CKT no. 3 to 7 and CHP workshop and other development works at CHP of Lingaraj OCP, Lingaraj Area. | 3797678.00 |
| 16 | 2018_MCL_112690_1 | Providing drainage system for effluent from IWSS to sedimentation pond near EnM workshop, LOCP for IWSS, Lingaraj Area.Re-tender1 | 1659937.00 |
| 17 | 2018_MCL_112724_1 | Annual Maintenance Contract for day to day electrical work of residential quarters, non residential buildings and other electrical installations in Lingaraj Township Colony under Lingaraj Area for a period of one year | 2380426.00 |
| 18 | 2018_MCL_112184_1 | Procurement of Oxygen Booster Pump | 6631110.00 |
| 19 | 2018_MCL_112730_1 | Design, Supply and Commissioning of 100mtrs throw capacity trolley mounted Fog Cannon to be used at Railways Sidings for suppression of coal dust along with 5 year Comprehensive Annual Maintenance Contract(CAMC) after warranty period. Qty 4 nos | 8000000.00 |
| 20 | 2018_MCL_112754_1 | AMC for regular repair and maintenance of switch yard lighting, power supply and street lighting work in colony, general electrical maintenance work of sub-station at 132KV CSS Jorabaga, Lakhanpur Area, MCL | 334966.00 |
| 21 | 2018_MCL_112030_1 | Supply of Fuse wires for Auto Bomb Calorimeter in Coal Analysis laboratory | 56320.00 |
| 22 | 2018_MCL_112743_1 | Supply of Bolts and Washers for TATA Hitachi Hyd Excavator EX-1200 (Exclusively for OEM) | 1164209.00 |
| 23 | 2018_MCL_112725_1 | Hiring of One (01) No. Bolero / Sumo or equivalent covered vehicle 8 plus 1 seater with AC fitted (Diesel) for Police Department, Talcher, daily 24 hours operation for a period of one year with monthly km limit within 4262.50 km | 703824.00 |
| 24 | 2018_MCL_112736_1 | Construction of cabin, concrete ramp and WBM approach road for one number in-motion road weigh bridge at Lakhanpur OCP of Lakhanpur Area. | 2973414.00 |
| 25 | 2018_MCL_112755_1 | Restoration of balance/damaged pipe support RCC pillars for proposed sprinkler system at Railway siding number seven stock yard at Belpahar OCM of Lakhanpur Area. | 363523.00 |
| 26 | 2018_MCL_112800_1 | Construction of Temporary Sand Bandha on the bed of IB River near Deogoan (near Rajpur Village) under IB Valley Area under CSR head for the year 2018-19 | 729079.00 |
| 27 | 2018_MCL_112830_1 | Cleaning of Ground Water Tank (near CHP), MDTP Sedimentation Tank and repairing of inlet drain of MDTP (Backside of Canteen) at LOCP of IB Valley Area | 624227.00 |
| 28 | 2018_MCL_112032_1 | Supply of Picks holders required for LnT Feeder Breaker | 83400.00 |
| 29 | 2018_MCL_112652_1 | Supply of Welding Electrodes | 42525.00 |
| 30 | 2018_MCL_112870_1 | Supply of Isofluren Vaporizer. | 91840.00 |
| 31 | 2018_MCL_112945_1 | Supply of Travel Device for Tata Hitachi Hyd Excavator (Exclusively For OEM) | 2495700.00 |
| 32 | 2018_MCL_112976_1 | PROCUREMENT OF DIFFERENT RATING OF STATOR COILS FOR AC AND HT MOTORS AT CWS_X TALCHER. | 1129117.00 |
| 33 | 2018_MCL_112904_1 | Laying of 02 nos. of new pipeline range from mid-entry to discharge point of Lajkura OCP, IB Valley Area. | 658718.00 |
| 34 | 2018_MCL_112761_1 | Supply of Equipments for coal sampling laboratory | 699528.00 |
| 35 | 2018_MCL_112765_1 | Supply of Carbon Brushes use in PnH Shovels | 184293.00 |
| 36 | 2018_MCL_112844_1 | Annual Maintenance Contract for electrical job of Office complex at Jagruti Vihar and Anand Vihar including DG operation | 4325516.00 |
| 37 | 2018_MCL_112937_1 | Laying of 4 inch and 6 inch dia M.S. pipeline over Metallic Post and providing and fitting of sprinklers for dust suppression at siding (Y- Curve siding ) of Lakhanpur OCP, Lakhanpur Area, MCL | 1477066.00 |
| 38 | 2018_MCL_112948_1 | Loading, Unloading, Handling, Laying and Jumpering on overhead lines of PVC power cables, flexible cables from Unit Store, Workshop and field to work place for day to day switch shifting work in mines at Lakhanpur OCP, Lakhanpur Area, MCL | 975984.00 |
| 39 | 2018_MCL_112973_1 | Procurement of Spares for RANA make Drill Machine for Nandira Colliery MCL Talcher Area | 168952.00 |
| 40 | 2018_MCL_112905_1 | Construction of Kalyan Mandap at Laikara village under CSR Scheme of Basundhara Area | 676116.00 |
| 41 | 2018_MCL_112992_1 | Construction of Community hall near Solar Power Plant at Anand Vihar, MCL HQ. | 1694506.00 |
| 42 | 2018_MCL_112994_1 | Supply of Spares for I R Feeder Breaker. | 2250785.00 |
| 43 | 2018_MCL_113002_1 | Construction of Kirtan Mandap(Community centre) at Jhariapali village under CSR Scheme of Basundhara Area | 844499.00 |
| 44 | 2018_MCL_112894_1 | Supply of Bactericidal (Hospital disinfectant) for NSCH,Talcher. | 34208.00 |
| 45 | 2018_MCL_112929_1 | Cleaning of water tank of CGMs Colony, Power Colony, Jagannath House, CMDs Residence, GM Bunglow, DAV School, Balanda Stadium, Kalyan Mandap, 132 KV Sub-station, 33KV Sub-station twice in a year under Jagannath Area for a period of one Year. | 251772.00 |
| 46 | 2018_MCL_113057_1 | Supply of Hand operated Grease pumps and accessories for Field equipments working at Lingaraj OCP | 83983.00 |
| 47 | 2018_MCL_110984_1 | Running and maintenance of Training Hostel, Belpahar Training Institute, Lakhanpur Area, MCL | 15218048.00 |
| 48 | 2018_MCL_112942_1 | Hiring of One (01) No. of ECCO Ambulance (Petrol) or equivalent with minimum basic life support equipment, A/C fitted, etc for a period of One year (i.e. 341 Days) with deployment of 24Hrs/Day, 150Km/Day engagement at Talcher Area. | 344069.00 |
| 49 | 2018_MCL_113064_1 | Supply, Installation, commissioning with operation and maintenance of Instant Shower Sytem at 05 and 06 no. weigh bridge at Lingaraj OCP, Lingaraj Area with Operation and Comprehensive maintenance of the system for a period of Two years | 1946798.00 |
| 50 | 2018_MCL_112817_1 | Installation and commissioning of fixed sprinklers for Dust suppression at Sardega siding at Basundhara area | 6660791.00 |
| 51 | 2018_MCL_113016_1 | Transportation of Mining Timber from Depots of WBFDC, West Bengal | 325989.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁଓରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍-୦୬୬୩-୨୫୪୨୬୯୫ / ୨୫୪୨୨୬୪), ଇ-ମେଲ୍- hlp-eproc.mcl@coalindia.in R-4839

ଆମର ଆପ୍ସ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରୀ ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।

"ରୋଜର ଫେଡେରର ସ୍ୱାଭାବିକ ଖେଳ ପ୍ରଦର୍ଶନ କରିପାରି ନ ଥିଲେ, ଯାହାଫଳରେ ତାଙ୍କୁ ମୋଠାରୁ ପରାଜିତ ହୋଇ ଏଥର ୟୁଏସ୍ ଓପନରୁ ବିଦାୟ ନେବାକୁ ପଡ଼ିଛି।

-ଜନ୍ ମିଲ୍‌ମ୍ୟାନ, ଅଷ୍ଟ୍ରେଲୀୟ ଟେନିସ ଖେଳାଳି



"ଆମେରିକା ଅଧିନାୟକ ଜିମ୍ ଫ୍ୟୁରିକ୍ ଯଦି ମୋତେ ରାଇଡର କପ୍‌ରେ ଖେଳିବା ସୁଯୋଗ ଦିଅନ୍ତି, ତେବେ ତାହା ମୋ ପାଇଁ ସ୍ୱତନ୍ତ୍ର ଅନୁଭୂତି ଆଣିଦେବ ।

-ଫିଲ୍ ମିକେଲସନ, ଗଲ୍ଫ ଖେଳାଳି



## ସଂକ୍ଷେପରେ

### ସେମିଫାଇନାଲରେ ମଦର ପବ୍ଲିକ୍ ସ୍କୁଲ୍

**ଭୁବନେଶ୍ୱର, ୪।୯ (ସ୍ପୋର୍ଟ୍ସ ବ୍ୟୁରୋ):** ୟୁନିଟ- ୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଭୁବନେଶ୍ୱର ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ତଥା ୟୁନିଲାଇଟ କପ୍‌ରେ ମଦର ପବ୍ଲିକ ସ୍କୁଲ ସେମିଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ୟୁନିଟ୍-୧ର ମଦର ପବ୍ଲିକ ସ୍କୁଲ ୧-୦ ଗୋଲରେ ୟୁନିଟ ୬ ହାଇସ୍କୁଲକୁ ପରାସ୍ତ କରି ସେମିକୁ ଉଠିଛି। ମ୍ୟାଚ୍‌ର ଚତୁର୍ଥ ମିନିଟ୍‌ରେ ମଦର ପବ୍ଲିକ୍‌ର ଫରୱାର୍ଡ ନୀରଜ ସାହୁ ଏକମାତ୍ର ଗୋଲ ସ୍କୋର କରିଥିଲେ। ଗୋଲ ପରିଶୋଧ ପାଇଁ ୟୁନିଟ- ୬ ହାଇସ୍କୁଲ ବାରମ୍ବାର ପ୍ରୟାସ କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲା। ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପଦ୍ମନାଭ ବେହେରା ଯୋଗ ଦେଇ ମଦର ପବ୍ଲିକ୍‌ର ସାର୍ଥକ ଷଡ଼ଙ୍ଗୀଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅକ୍ଷୟ କୁମାର ଦାସ, ନବରଞ୍ଜନ ପଟ୍ଟନାୟକ, ଅମିୟକାନ୍ତ ମିଶ୍ର ଓ ଦେବେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ, ପ୍ରକାଶ ଦାସ, ଅମିତ ନାୟକ,ସରୋଜ ମହାରଣା, ପାକା ପଣ୍ଡା ଓ ମହେଶ୍ୱର ସିଂ। ବୁଧବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ପୋଖରୀପୁଟ ଡିଏଭି ଓ ୟୁନିଟ୍-୧ ସରକାରୀ ହାଇସ୍କୁଲ ପରସ୍ପରକୁ ଭେଟିବେ। ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ତଥା ବରିଷ୍ଠ ପ୍ରଶିକ୍ଷକ ସୁକାନ୍ତ ଦତ୍ତଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧନା ଦିଆଯିବ।

### ହରିଶଙ୍କ ହ୍ୟାଟ୍ରିକ: ଟାଉନ କ୍ଲବ ବିଜୟୀ

**କଟକ ଅଫିସ,୪।୯:** ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ରେ ମଙ୍ଗଳବାର ଗୋଟିଏ ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଟାଉନ୍ କ୍ଲବ ୫-୨ ଗୋଲରେ ୱାଇଭିସିଜିକୁ ପରାସ୍ତ କରିଛି। ଟାଉନ କ୍ଲବ ପକ୍ଷରୁ ହରିଶ ଚନ୍ଦ୍ର ମୁର୍ମୁ ହ୍ୟାଟ୍ରିକ ଗୋଲ ଦେଇଥିଲେ। ୨ୟ, ୫ମ ଓ ୫୩ତମ ମିନିଟରେ ସେ ଏହି ୩ଟି ଗୋଲ ଦେଇଥିଲେ। ଫଗୁ ହେମ୍ବ୍ରମ ୨୩ତମ ଓ ୪୬ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଛନ୍ତି। ୱାଇଭିସିଜି ପକ୍ଷରୁ ଦେବାନନ୍ଦ ସ୍ୱାଇଁ ୫୪ତମ ଓ ୫୭ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ଖେଳାଯିବାକୁ ଥିବା ଅନ୍ୟଏକ ମ୍ୟାଚ୍‌ରେ କ୍ଲବ ଏନ୍ କ୍ଲବ ଅନୁପସ୍ଥିତ ରହିବାରୁ ଓଡ଼ିଶା ସରକାରୀ ପ୍ରେସକୁ ବିଜୟୀ ଘୋଷଣା କରାଯାଇଥିଲା।

### ଛତିଶଗଡ଼କୁ ହରାଇଲା ଓଡ଼ିଶା

**କଟକ ଅଫିସ,୪।୯:** ବିହାରରେ ଚାଲିଥିବା ସବ୍‌ଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନର ପୂର୍ବାଞ୍ଚଳ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡର ମଙ୍ଗଳବାର ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା ୬-୦ ଗୋଲରେ ଛତିଶଗଡ଼କୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧରେ ୨-୦ରେ ଅଗ୍ରଣୀ ରହିଥିବା ଓଡ଼ିଶା ଦ୍ୱିତୀୟାର୍ଦ୍ଧରେ ୪ଟି ଗୋଲ ଦେଇ ମ୍ୟାଚ୍‌କୁ ସହଜରେ ଜିତିଥିଲା। ପ୍ରଥମାର୍ଦ୍ଧର ୭ମ ମିନିଟରେ ବିନୋଦ ମାଝି, ୨୪ତମ ମିନିଟରେ ଅରବିନ ଲାକ୍ରା ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୮୨ତମ ମିନିଟରେ ଅରବିନ ବ୍ୟକ୍ତିଗତ ୨ୟ ଗୋଲ ଦେଇଥିବା ବେଳେ ୬୫ତମ ମିନିଟରେ ଅଜୟ ଟପ୍ପୋ ଓ ୬୬ ତମ, ୯୦ତମ ମିନିଟରେ ଅନିଲ ଟପ୍ପୋ ୨ଟି ଗୋଲ ସ୍କୋର କରିଛନ୍ତି ।

### ଏଏଫ୍‌ସି ବି ଲାଇସେନ୍ସ କୋଚିଂ କୋର୍ସ ଶେଷ

**କଟକ ଅଫିସ,୪।୯:** ଗତ ଅଗଷ୍ଟ ୨୦ ତାରିଖରୁ କଟକରେ ଚାଲିଥିବା ଏଏଫ୍‌ସି ବି ଲାଇସେନ୍ସ କୋଚିଂ କୋର୍ସ ସୋମବାର ଶେଷ ହୋଇଯାଇଛି । ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍(ଏଆଇଏଫ୍‌ଏଫ୍)ର କୋଚିଂ ନିର୍ଦ୍ଦେଶକ ସାଭିଓ ମେଡେରା ଏହି କାର୍ଯ୍ୟକ୍ରମର ପ୍ରଶିକ୍ଷକ ଥିଲେ । କାର୍ଯ୍ୟକ୍ରମରେ ମୋଟ୍ ୧୯ଜଣ ସାମିଲ ହୋଇଥିବା ବେଳେ ପ୍ରସିଦ୍ଧ ଫୁଟବଲ ଖେଳାଳି ବେରେଟା ଓ ମହେଶ ଗାୱାଲିଙ୍କ ରହିଥିଲେ ।

# ଶାରାପୋଭା, ଫେଡେରରଙ୍କ ବିଦାୟ

**ନ୍ୟୁୟର୍କ, ୪।୯(ଏଏଫ୍‌ପି)**

ଚଳିତ ବର୍ଷର ଅନ୍ତିମ ତଥା ୪ର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ୍ ପ୍ରତିଯୋଗିତାର ଅଷ୍ଟମ ଦିବସରେ ଦୁଇଟି ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ସୋମବାର ରାତିରେ ଖେଳାଯାଇଥିବା ୪ର୍ଥ ରାଉଣ୍ଡ ମୁକାବିଲାରେ ଦୁଇ ମହାନ ଟେନିସ ଖେଳାଳି ରୋଜର ଫେଡେରର ଓ ମାରିଆ ଶାରାପୋଭା ପରାଜୟବରଣ କରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ଏଠାରେ ଲଗାତର ୫ଥର ଟାଇଟଲ ଜିତିଥିବା ଫେଡେରର ୧୦ ବର୍ଷ ବ୍ୟବଧାନ ପରେ ପୁଣିଥରେ ଚାମ୍ପିୟନ ମୁକୁଟ ପିନ୍ଧିବାର ସ୍ୱପ୍ନ ଦେଖିଥିଲେ ମଧ୍ୟ ତାଙ୍କୁ ଶେଷରେ ନିରାଶ ହେବାକୁ ପଡ଼ିଛି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬ର ଏକ ମୁକାବିଲାରେ ଫେଡେରର ୬-୩, ୫-୭, ୬-୭ (୭/୯), ୬-୭ (୩/୭) ସେଟ୍‌ରେ ଅଷ୍ଟ୍ରେଲିଆର ଜନ୍ ମିଲ୍‌ମ୍ୟାନଙ୍କଠାରୁ ପରାସ୍ତ ହୋଇଛନ୍ତି।

**ୟୁଏସ୍ ଓପନ୍ ଟେନିସ୍**

୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ଫେଡେରର ୟୁଏସ୍ ଓପନ୍‌ରେ ମୋଟ୍ ୪୧ଟି ମ୍ୟାଚ୍ ଖେଳିବା ପରେ ପ୍ରଥମଥର ଲାଗି ବିଶ୍ୱ ମାନ୍ୟତାର ଟପ୍-୫୦ ବାହାରେ ରହିଥିବା ଜଣେ ଖେଳାଳିଙ୍କଠାରୁ ପରାଜୟର ସାମ୍ନା କରିଛନ୍ତି। ଏହି ମ୍ୟାଚ୍ ଜିତିଥିଲେ କ୍ୱାର୍ଟର ଫାଇନାଲରେ ଫେଡେରର ଓ ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ବହୁପ୍ରତୀକ୍ଷିତ ମ୍ୟାଚ୍ ଦର୍ଶକେ ଦେଖିବାକୁ ପାଇଥାନ୍ତେ। ବିଶ୍ୱ ମାନ୍ୟତାର ୫୫ତମ ସ୍ଥାନରେ ରହିଥିବା ମିଲ୍‌ମ୍ୟାନ କ୍ୱାର୍ଟର ଫାଇନାଲରେ ଜୋକୋଭିଚ୍‌ଙ୍କୁ ଭେଟିବା ନିଶ୍ଚିତ ହୋଇଛି। ଅପରପକ୍ଷରେ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ୨୦୦୬ ଚାମ୍ପିୟନ ଶାରାପୋଭା ୪-୬, ୩-୬ ସିଧାସଳଖ ସେଟ୍‌ରେ ସ୍ପେନର କାର୍ଲା ସୁଆରେଜଙ୍କଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ନିଜର ଜନ୍ମଦିନରେ ୫ଥର ମେଜର ଟାଇଟଲ ବିଜୟିନୀ ଶାରାପୋଭାଙ୍କୁ ପରାସ୍ତ କରିଥିବାରୁ ସୁଆରେଜଙ୍କ ଖୁସି ଦ୍ୱିଗୁଣିତ ହୋଇଛି।





ପରାଜୟ ପରେ ମାରିଆ ଶାରାପୋଭା ଓ ରୋଜର ଫେଡେରର।

### କ୍ୱାର୍ଟରରେ ଜୋକୋଭିଚ୍

ସର୍ବିୟା ଟେନିସ ତାରକା ନୋଭାକ ଜୋକୋଭିଚ୍ ୟୁଏସ୍ ଓପନ୍ ପ୍ରତିଯୋଗିତାର କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିନେଇଛନ୍ତି। ପୁରୁଷ ସିଙ୍ଗଲ୍ସ ରାଉଣ୍ଡ-୧୬'ର ଏକ ମ୍ୟାଚ୍‌ରେ ଜୋକୋଭିଚ୍ ୬-୩, ୬-୪, ୬-୩ ସିଧାସଳଖ ସେଟ୍‌ରେ ପର୍ତ୍ତୁଗାଲର ଜୋଓ ସୋଉସାଙ୍କୁ ପରାସ୍ତ କରିଛନ୍ତି। ଏଠାରେ ଦୁଇଥର ଟାଇଟଲ ଜିତିଥିବା ୩୧ ବର୍ଷୀୟ ଜୋକୋଭିଚ୍ କ୍ୱାର୍ଟରଫାଇନାଲରେ ଅଷ୍ଟ୍ରେଲିଆର ଜନ୍ ମିଲମ୍ୟାନଙ୍କୁ ଭେଟିବେ। ମିଲ୍‌ମ୍ୟାନ ଅନ୍ୟ ଏକ ମ୍ୟାଚ୍‌ରେ ୨୦ଥର ଗ୍ରାଣ୍ଡସ୍ଲାମ ବିଜେତା ରୋଜର ଫେଡେରରଙ୍କୁ ପରାସ୍ତ କରି ଅନ୍ତିମ-୮ରେ ପ୍ରବେଶ କରିଛନ୍ତି।

# ଭାରତ-ଶ୍ରୀଲଙ୍କା ମ୍ୟାଚ୍ ଆଜି

**ସାଫ୍ କପ୍ ଫୁଟବଲ**

**ଢାକା, ୪।୯ (ପି.ଟି.):** ସ୍ଥାନୀୟ ବଙ୍ଗବନ୍ଧୁ ନ୍ୟାଶନାଲ ଷ୍ଟାଡିୟମରେ ବୁଧବାରଠାରୁ ସାଉଥ ଏସିଆନ ଫୁଟବଲ ଫେଡେରେଶନ (ସାଫ୍) ଆରମ୍ଭ ହେବ। ଉଦ୍‌ଘାଟନୀ ମ୍ୟାଚରେ ଗତଥରର ଚାମ୍ପିୟନ ଭାରତ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ହଟ୍ ଫେଭରାଇଟ ବିବେଚିତ ହେଉଥିବା ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି।

ଭାରତୀୟ ଦଳରେ ୨୩ ବର୍ଷରୁ କମ୍ ଫୁଟବଲର ସାମିଲ ହୋଇଛନ୍ତି। ଏକ ମାସରୁ ଊର୍ଦ୍ଧ୍ୱ ହେବ ଭାରତୀୟ ଦଳ ତା'ର ପ୍ରସ୍ତୁତି ଆରମ୍ଭ କରିଛି। ଫିଫା ର୍‍ୟାଙ୍କିଙ୍ଗ୍‌ରେ ଭାରତ ଏବେ ୯୬ତମ ସ୍ଥାନରେ ରହିଛି। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁଥିବା ସବୁ ପଡୋଶୀ ଦେଶ ବିପକ୍ଷରେ ଭାରତ ୨୨ଟି ମ୍ୟାଚ ଖେଳିଥିବା ବେଳେ ୧୫ଥର ବିଜୟ ହାସଲ କରିଛି। ତେବେ ଶ୍ରୀଲଙ୍କା ଭାରତକୁ ୧୯୯୫ ସାଫ୍ ଚାମ୍ପିୟନଶିପ୍‌ର ଫାଇନାଲରେ ହରାଇ ତା'ର ସ୍ମରଣୀୟ ବିଜୟ ହାସଲ କରିଥିଲା। ସେତେବେଳେ ଏହି ଟୁର୍ନାମେଣ୍ଟ ସାଉଥ ଏସିଆନ ଗୋଲ୍ଡ ରୂପେ ଜଣାଥିଲା।

ଅଷ୍ଟ୍ରେଲିଆରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଆମେ ଜୋର୍‌ଦାର ଅଭ୍ୟାସ କରିଛୁ। ଆମ ଫୁଟବଲରମାନେ ସେଠାରେ ଭଲ ଅଭ୍ୟାସ କରିଛନ୍ତି ଓ ଦଳର ମୋଟାମୋଟି ପ୍ରସ୍ତୁତି ବେଶ୍ ଉଚ୍ଚକୋଟୀର ରହିଛି ବୋଲି ଭାରତୀୟ ମୁଖ୍ୟ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ କହିଛନ୍ତି।

# ଡିସେମ୍ବରରେ ଆନ୍ତଃ ସ୍କୁଲ ଆଥଲେଟିକ୍ ମିଟ୍

**କଟକ ଅଫିସ,୪।୯**

ରୋଭର୍ସ ଆଥ୍‌ଲେଟିକ କ୍ଲବର ୮୯ତମ ଓ ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ ଆସୋସିଏଶନର ୨୭ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ଓଡ଼ିଶା ତୀରନ୍ଦାଜୀ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଡ. ନିର୍ମଳକାନ୍ତି ସେନ ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ଆନ୍ତଃ ସ୍କୁଲ ଜୁନିୟର, ସିନିୟର ଫୁଟବଲ ଟୁର୍ନାମେଣ୍ଟ ହେବା ସହ ମାର୍ଚ୍ଚରେ ମାରାଥନ ଓ ୱାକାଥନ ହେବା ନେଇ ନିଷ୍ପତ୍ତି ହୋଇଥିଲା। ରୋଭର୍ସ କ୍ଲବର ବୈଠକରେ କାର୍ଯ୍ୟକାରୀ ସଭାପତି ମନୋଜ କୁମାର ସୁବୁଦ୍ଧି ଅଧ୍ୟକ୍ଷତା କରିଥିବା ବେଳେ ଡିସେମ୍ବର ମାସ ଶେଷ ସପ୍ତାହରେ ଆନ୍ତଃ ସ୍କୁଲ ଜୁନିୟର ଆଥ୍‌ଲେଟିକ ମିଟ ହେବା ନେଇ ନିଷ୍ପତ୍ତି ହୋଇଛି। ଉଭୟ ସଙ୍ଗଠନର ସାଧାରଣ ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ ବିବରଣୀ ପାଠ କରିଥିଲେ। ଆସନ୍ତା ବର୍ଷ ନିମନ୍ତେ ଉଭୟ ସଙ୍ଗଠନର ବଜେଟ ମଧ୍ୟ ପ୍ରସ୍ତୁତ କରାଯାଇଥିଲା। ଗତ ଆନ୍ତଃ ସ୍କୁଲ ଜୁନିୟର ଫୁଟବଲ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିଥିବା ଶିଶୁ ଭାରତୀ ସ୍କୁଲର ଛାତ୍ର ବିଷ୍ଣୁ ବେହେରାଙ୍କୁ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ରବି ପଟ୍ଟନାୟକ, ଶ୍ରୀଧର ଦାସ, ବିନୋଦ ମୂଳିଆ, ଯତୀନ ଦତ୍ତ, ସମୀର ପରିଜା, ଶରତ ସାହୁ, ସୁଘୋଷ ଦାସ, ମହମ୍ମଦ ଦାନିସ ନଦିମ ପ୍ରମୁଖ ଉପସ୍ଥିତ ଥିଲେ ।

# ଏସିଆଡ୍ ପଦକ ବିଜେତାଙ୍କୁ ପୁରସ୍କୃତ କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୪।୯ (ପି.ଟି.)**

କେନ୍ଦ୍ର ସରକାର ମଙ୍ଗଳବାର ୧୮ତମ ଏସିଆନ ଗେମ୍ସର ପଦକ ବିଜେତାମାନଙ୍କୁ ଆର୍ଥିକ ପୁରସ୍କାର ସହ ସମ୍ବର୍ଦ୍ଧିତ କରିଛନ୍ତି। ଇଣ୍ଡୋନେସିଆରେ ଅନୁଷ୍ଠିତ ଏହି ମେଗା ଇଭେଣ୍ଟରେ ଦେଶ ଏହାର ସର୍ବ ଶ୍ରେଷ୍ଠ ପ୍ରଦର୍ଶନ କରିଛି। ଭାରତ ୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୩୦ ବ୍ରୋଞ୍ଜ ସହ ମୋଟ ୬୯ ପଦକ ଜିତିପାରିଛି। ଏଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସ୍ୱର୍ଣ୍ଣ ବିଜେତାଙ୍କୁ ୪୦ ଲକ୍ଷ ଟଙ୍କା ରୌପ୍ୟ ବିଜୟୀଙ୍କୁ ୨୦ ଲକ୍ଷ ଏବଂ ବ୍ରୋଞ୍ଜ ବିଜେତାଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ଏହି ସମ୍ବର୍ଦ୍ଧନା ଉତ୍ସବରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଏବଂ କ୍ରୀଡ଼ା ମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର ଉପସ୍ଥିତ ଥିଲେ। ଏମାନଙ୍କ ବ୍ୟତୀତ ଅନ୍ୟ କେନ୍ଦ୍ର ମନ୍ତ୍ରୀ କିରେନ ରିଜିଜୁ ଓ ମହେଶ ଶର୍ମା, କ୍ରୀଡ଼ା ସଚିବ ରାହୁଲ ଭଟ୍ଟନାଗର, ଆଇଓଏ ସଭାପତି ନରିନ୍ଦର ବାତ୍ରା ଏବଂ ସାଇ ମହାନିର୍ଦ୍ଦେଶକ ନିଲମ କାପୁର ପ୍ରମୁଖ ଉପସ୍ଥିତ ଥିଲେ। ରାଜନାଥ ସମସ୍ତ ପଦକ ବିଜେତାଙ୍କୁ ବଧାଇ ଜଣାଇଥିଲେ। ଭାରତ ନିକଟ ଭବିଷ୍ୟତରେ ବିଶ୍ୱର ଅନ୍ୟତମ କ୍ରୀଡ଼ା ସୁପରପାୱାରେ ପରିଣତ ହେବା ଆଉ ବେଶି ଦିନ ନୁହେଁ ବୋଲି ସେ କହିଥିଲେ। ଭାରତରେ କ୍ରୀଡ଼ାର ବିକାଶ କ୍ଷେତ୍ରରେ କ୍ରୀଡ଼ାମନ୍ତ୍ରୀ ରାଠୋରଙ୍କ ପ୍ରତିଶ୍ରୁତିବଦ୍ଧତା ଓ ଉତ୍ସର୍ଗୀକୃତ ମନୋଭାବକୁ ରାଜନାଥ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ।

idco | ODISHA NEW OPPORTUNITIES
ODISHA INDUSTRIAL INFRASTRUCTURE DEVELOPMENT CORPORATION
(A Government of Odisha Undertaking)
IDCO Towers, Janpath, Bhubaneswar - 751022

Tender Call Notice No. BBSR/ELECT/E-3608/17-18/3992 Dtd: 31.08.2018

TENDER CALL NOTICE

| | | |
|---|---|---|
| Name of the Work | : | Construction of 11KV O.H. line towards power supply arrangement to M/S Kalinga Bio Ferti-Chem Pvt. Ltd. & other entrepreneurs at I.E. Kholadwar |
| Estimated Cost of the Work | : | Rs. 9,96,482.00 |
| Period of Completion | : | 30 (Thirty) days |
| EMD Amount | : | Rs.10,000.00 |
| Cost of Bid Document | : | Rs. 4,000.00 + 720.00 (GST @ 18%) |
| Date of Availability of Tender | : | 06.09.2018 to 10.09.2018 up to11.00 hrs to 16.00 hrs. |
| Last Date of Submission of Tender | : | Upto 15.00 Hrs. of 17.09.2018 |
| Date of Opening of Tender | : | At 16.00 Hrs. on 17.09.2018 |
| Procurement Officer | : | Divisional Head (Electrical), IDCO, Bhubaneswar |

Further details can be seen from the IDCO website www.idco.in or, contact Er. S.C. Sahoo, Manager (Electrical) at Tel. No. (0674) 2541766 during office hours.

Sd/-
D.H. (Electrical), IDCO, Bhubaneswar

ସୂଚନା

**No.78-MM:-** ଏତଦ୍ୱାରା ଶ୍ରୀ ସିପୁ ପ୍ରଧାନ, ପି-ଅଶୋକ ପ୍ରଧାନ, ସା-ଶିମିଳିହାଣ୍ଡା, ପୋ-କଲ୍ୟାଣପଦା, ଥା-ଚୌଦ୍ୱାର, ଜି-କଟକଙ୍କୁ ଅବଗତ କରାଇ ଦିଆଯାଉଅଛି କି ଆପଣଙ୍କ ମାଲିକାନାରେ ଥିବା ଟାଟା-୪୦୭ (ପଞ୍ଜୀକୃତ ସଂ.ଓଆର୍ ୦୫ ଏମ୍ ୩୪୭୭)ରେ ପ୍ରାୟ ୧୦ କୁଇଣ୍ଟାଲ ଜାଳକାଠ ବେନିୟମ ଭାବେ ଚାଲାଣ ହେଉଥିବା ବେଳେ ତା.୨୪।୦୭।୨୦୧୧ରିଖ ପୂର୍ବାହ୍ନ ଘ.୧୧.୦୦ମି. ସମୟରେ ତ୍ରିଶୂଳିଆ-ବାଙ୍କୀ ପିଡବ୍ଲ୍ୟୁଡି ରାସ୍ତାର ପଦ୍ମନଗର ନିକଟରେ ବନ କର୍ମଚାରୀମାନଙ୍କ ଦ୍ୱାରା ଜବତ ହୋଇଥିଲା। ଜବତ ବେଳେ ସେଥିରେ ଥିବା ଚାଳକ ଦୌଡ଼ି ପଳାଇଥିଲେ। ଏହି ମାମଲାକୁ ଓଡ଼ିଶା ଜଙ୍ଗଲ ଆଇନ, ୧୯୭୨ର ୫୬ ଧାରା ଅନୁଯାୟୀ ବିଚାର ନିମନ୍ତେ ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା ଗ୍ରହଣ କରାଯାଇଛି। ଆପଣଙ୍କ ଉପରୋକ୍ତ ଟାଟା-୪୦୭ ସହିତ ଜବତ ହୋଇଥିବା ଦ୍ରବ୍ୟକୁ ଉପରୋକ୍ତ ଆଇନ ଅନୁସାରେ ବାଜ୍ୟାପ୍ତି କରାଯାଇ କାହିଁକି ସରକାରଙ୍କୁ ଦିଆନଯିବ ଏହାର ଉପଯୁକ୍ତ କାରଣ ଲିଖିତଭାବେ ଦର୍ଶାନ୍ତୁ। ବାଜ୍ୟାପ୍ତି ବିରୋଧରେ ଆପଣଙ୍କ କାରଣ ଦର୍ଶାଅ ବକ୍ତବ୍ୟ ତା.୧୫।୦୯।୨୦୧୮ ସୁଦ୍ଧା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ପ୍ରାପ୍ତି ନ ହେଲେ ଏ ସମ୍ପର୍କରେ ଆପଣଙ୍କର କିଛି ବକ୍ତବ୍ୟ ନାହିଁ ବୋଲି ଧରିନିଆଯିବ ଏବଂ ଆଇନ ଅନୁସାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./-
ପ୍ରାଧିକୃତ ଅଧିକାରୀ-ତଥା-
ସହକାରୀ ବନସଂରକ୍ଷକ
ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ, ଭୁବନେଶ୍ୱର

08096/11/0004/1819

ODISHA MINERAL EXPLORATION CORPORATION LTD
(100% SUBSIDIARY UNIT OF ODISHA MINING CORPORATION LTD.)
OMC House, Bhubaneswar, Khordha - 751001
Tel: 2377400/2377401, www.omcltd.in, CIN : U13209OR2016SGC025960
OMC | ODISHA NEW OPPORTUNITIES

No.04/OMECL Date:04.09.2018

ADVERTISEMENT FOR ENGAGEMENT OF ADVISOR, OMECL

The Odisha Mineral Exploration Corporation Ltd., a 100% Subsidiary Unit of Odisha Mining Corporation Ltd. intends to engage one full time Advisor for OMECL with monthly consolidated remuneration. The period of service, terms & conditions, remuneration etc. are negotiable.

Interested eligible candidates may visit the OMC website www.omcltd.in for details of eligibility criteria, terms & conditions and application format and submit application in prescribed form dully filled in & accompanied with copies of self-attested certificates / testimonials in hard copy on or before **15.09.2018** by **Registered Post / Speed Post** positively to **General Manager(P&A)**, The Odisha Mining Corporation Ltd., Post Box No.34, OMC House, Bhubaneswar-751001.

The Management reserves the right to cancel, amend or alter the above advertisement without assigning any reason thereof.

Sd/-
General Manager (P&A)
The Odisha Mining Corporation Ltd., Post Box No-34, OMC House, BBSR-751001

GOVERNMENT OF ODISHA
OFFICE OF THE EXECUTIVE ENGINEER
MINOR IRRIGATION DIVISION, KEONJHAR

No. 2468 / MIDKJR Dt. 30.08.2018

NOTICE INVITING TENDER e-Procurement

Bid ID No. 03 EEMID (KJR/ 2018-19) Dt. 30.08.2018

**No. 472-A:-** The Executive Engineer, Minor Irrigation Division, Keonjhar on behalf of the Governer of Odisha invites online percentage rate tender through "e" procurement to be received in online mode for the works as detailed in the Annexure to this bid notice.

| | | |
|---|---|---|
| Name of work | : | Civil Construction works |
| No. of Works | : | 54 (Fifty Four) Nos. |
| Estimated Cost | : | Varies from approximately Rs. 7.01 Lakhs to 47.30 Lakhs |
| Tender Paper Cost | : | Mentioned in Column No. 6 of Tender call notice |
| Period of completion | : | 06 calendar months |
| Availability of Bid Documents | : | From 07.09.2018 to 24.09.2018 during office hours in Website (www.tenderorissa.gov.in) |
| Period of receipt of Bid through online | : | From 07.09.2018 to 24.09.2018 through online. |
| Date of Opening of Bid Documents | : | At 11.00AM on 25.09.2018 in the office chamber of the Executive Engineer, M.I. Division, Keonjhar |
| Date of lottery to be conducted among the valid bidders | : | At 11.00AM on 06.10.2018 in the office chamber of the Executive Engineer, M.I. Division, Keonjhar |
| Digital Signature Certificate of Bidder | : | The bidder must possess compatible digital signature certificate (DSC) of Class-II or Class-III |
| Name and Address of the OIT | : | Executive Engineer, M.I. Division, Keonjhar Near Parkline Keonjhar, At/Po-Keonjhar, Dist- Keonjhar, Pin-758001. E-Mail ID-eemikjr@yahoo.co.in |

Further Details can be seen from the website : www.tendersorissa.gov.in

Sd./- (Er. Sudhakar Behera)
Executive Engineer, M.I. Division, Keonjhar

32123/11/0007/1819

OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION
PARIMAL BHAWAN, UNIT-V, BHUBANESWAR-751001, ODISHA
Tel: 0674-2395734, Fax: 0674-2394946, Email: cerwssodisha@gmail.com

NOTICE INVITING BID

NATIONAL COMPETITIVE BIDDING THROUGH e-PROCUREMENT FOR EXECUTION OF RURAL PIPED WATER SUPPLY PROJECTS IN DIFFERENT DISTRICTS ON EPC CONTRACT

No. 7447 Date: 25.08.2018

REQUEST FOR PROPOSAL (RFP)

**No. 670-O:-** The Engineer-in-Chief, RWSS (Water Supply) Odisha, Bhubaneswar, on behalf of the Governor of Odisha is engaged in the execution, operation & maintenance of water supply projects to the villages of different districts in the State of Odisha & as part of this endeavour, Government of Odisha has decided to undertake the work as mentioned below (the "Project") under EPC contract (Engineering, Procurement & Construction) basis, & has decided to carry out the bid process for selection of the eligible contractors to whom the projects under the package may be awarded eventually for construction as well as operation and maintenance for a period of 5 years.

| Package No. | Name of work | Bid Identification No. | Indicative Project cost (Rs. in Crore) | Period for completion & O&M period | Availability of Bid document for online bidding | |
|---|---|---|---|---|---|---|
| Pkg-V | Execution of Rural Piped Water Supply Project pertaining to the mining affected villages in Champua, Jhumpura, Keonjhar and Bansapal block of Keonjhar district including 5 years O&M on EPC contract under the package | EIC, RWSS-20/18-19 | 899.09 | 24 (Twenty four months) & 60 (Sixty months) | 17.00 hrs of 07.09.2018 | 17.00 hrs of 12.10.2018 |

Name & address of officer inviting Bid : Engineer-in-Chief, RWSS Jal "O" Parimal Bhawan, Unit-V, Bhubaneswar, Ph: 0674-2395734 / 0674-2531533, Email: cerwssodisha@gmail.com

Further details can be seen from the e-Procurement portal http://tendersorissa.gov.in

25040/11/0018/1819 Sd./- Engineer-in-Chief, RWSS

OFFICE OF THE EXECUTIVE ENGINEER,
BHANJANAGAR IRRIGATION DIVISION, BHANJANAGAR
Phone/Fax: 06821-241004, e-mail:bnjirrigation2010@gmail.com

AUCTION SALE NOTICE No-01/2018-19

**No. 474-A:-** Sealed Bids in plain paper are invited for sale of Unserviceable Scrap Materials by the under signed, which will be received in the Office of the Executive Engineer, Bhanjanagar Irrigation Division, Bhanjanagar till dt.20.09.2018 upto 1.30 PM and will be opened, on the same day at 5.00 PM in the presence of the Bidders or their authorized representatives if any.

1. Intending Bidder may inspect & verify the materials lying at different stores during office hours of any working day before the date of submission of the Bid. No claim in this regards will not be entertain.
2. Intending Bidders are requested to furnish EMD for each lot, as specified in column-4 of Annexure, in shape of NSC/Postal Time Deposit/Bank Draft of any Nationalized Bank, duly pledged in favour of Executive Engineer, Bhanjanagar Irrigation Division, Bhanjanagar along with the Bid for each work in separately accordingly to lot, without which the Bid will be rejected. Attested copy of the GSTIN Certificate & PAN card are required to furnish with the Bid, falling which, the Bid will be liable for rejection. The Bidder may offer his price against the each lot in separate sealed cover. The EMD will be refunded to unsuccessful bidders after the finalization of Auction.
3. The highest Bidder whose Bid is accepted shall deposit the offered amount immediately after confirmation of sale is made in his favour. In case, if the Bidder fails to deposit the amount within 07(seven) days, his EMD shall be forfeited.
4. The successful Bidder shall also remove the Unserviceable Scrap Materials from the sectional store within 07(seven) days from the date of deposit of the accepted quoted amount along with GST, failing which ground rent@1% of the bid amount per day shall be charged till the removal of Unserviceable Scrap Materials.
5. The documents will be received in Postal or Sealed Tender box of this Office.
6. The undersigned will not be held responsible for the postal delay, if any, in the delivery of the documents or non-receipt of the same in time.
7. The GST will be charged as applicable on quoted price.
8. The Authority reserves all the rights to reject any or all the Bids, without assigning any reason thereof.
9. Any dispute arising out of the sale shall remain under the jurisdiction of the Orissa High Court.


ANNEXURE

| Sl. No. | Description of Item | Upset Price Rs. | EMD (Rs.) |
|---|---|---|---|
| 1 | 2 | 3 | 4 |
| 1 | Lot No.01-Un-serviceable materials. | 576.00 | 100.00 |
| 2 | Lot No.02-Un-serviceable materials. | 880.00 | 100.00 |
| 3 | Lot No.05-Un-serviceable materials. | 3304.00 | 500.00 |
| 4 | Lot No.06-Un-serviceable materials. | 880.00 | 100.00 |
| 5 | Lot No.10-Un-serviceable materials. | 768.00 | 100.00 |
| 6 | Lot No.11-Un-serviceable materials. | 1056.00 | 200.00 |
| 7 | Lot No.12-Un-serviceable materials. | 9943.00 | 1000.00 |
| 8 | Lot No.13-Un-serviceable materials. | 9143.00 | 1000.00 |
| 9 | Lot No.14-Un-serviceable materials. | 9801.00 | 1000.00 |
| 10 | Lot No.15-Un-serviceable materials. | 5536.00 | 1000.00 |
| 11 | Lot No.16-Un-serviceable materials. | 6123.00 | 1000.00 |
| 12 | Lot No.17-Un-serviceable materials. | 4656.00 | 500.00 |
| 13 | Lot No.18-Un-serviceable materials. | 6662.00 | 1000.00 |
| 14 | Lot No.03-Un-serviceable materials. | 22392.00 | 1120.00 |
| 15 | Lot No.07-Un-serviceable materials. | 26608.00 | 1350.00 |
| 16 | Lot No.08-Un-serviceable materials. | 39040.00 | 2000.00 |
| 17 | Lot No.19-Un-serviceable materials. | 15149.00 | 1000.00 |

32010/11/0012/1819 Sd./- Executive Engineer, Bhanjanagar Irrigation Division

## ସଂକ୍ଷେପରେ


### ମୁମ୍ବାଇ ଆସିବେ ଟାଇସନ



**ମୁମ୍ବାଇ, ୪।୯ (ପି.ଟି.):** ଆମେରିକାର ପୂର୍ବତନ ବିବାଦୀୟ ହେଭିୱେଟ୍ ବକ୍ସର ମାଇକ୍ ଟାଇସନ ପ୍ରଥମ ଥର ଭାରତ ଗସ୍ତରେ ଆସିବେ। ଚଳିତମାସ ୨୯ରେ ଏଠାରେ ହେବାକୁଥିବା କୁମିତେ-୧ ଲିଗ୍‌ର ପ୍ରଥମ ଦିବସ ଫାଇଟରେ ସେ ଯୋଗଦେବେ। ଟାଇସନ ମିକ୍ସଡ ଟିମ୍ ମାର୍ଶାଲ ଆର୍ଟ୍ସ ଲିଗ୍‌ର ମେଣ୍ଟର ଭାବେ ପ୍ରଥମ ଥର ଭାରତ ଗସ୍ତରେ ଆସୁଛନ୍ତି ବୋଲି ଆୟୋଜକଙ୍କ ତରଫରୁ ସୂଚନା ଦିଆଯାଇଛି। କୁମିତେ-୧ ଲିଗ୍ ପ୍ରତି ଅଲ୍ ଇଣ୍ଡିଆ ମିକ୍ସଡ ମାର୍ଶାଲ ଆର୍ଟ୍ସ ଫେଡେରେଶନ ଏବଂ ୱାର୍ଲ୍ଡ ୱାର୍ଲ୍ଡ କିକ୍ ବକ୍ସିଂ ଫେଡେରେଶନର ସମର୍ଥନ ରହିଛି। ଲିଗ୍‌ର ଉଦ୍‌ଘାଟନୀ ସଂସ୍କରଣରେ ବିଭିନ୍ନ ଦେଶର ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତିଟି ଦଳରେ ୨ ମହିଳା ସମେତ ୯ଜଣ ଫାଇଟର ରହିବେ ବୋଲି ଲିଗ୍‌ର ପ୍ରତିଷ୍ଠାତା ମହମଦାଲି ବୁଦ୍ଧୱାନି ପ୍ରକାଶ କରିଛନ୍ତି।

### ଅରୁଣାଚଳ ଦଳର ଅତିଥି ଖେଳାଳିଙ୍କ ତାଲିକା ବଦଳିଲା

**ନୂଆଦିଲ୍ଲୀ, ୪।୯ (ପି.ଟି.):** ଦେଶର ସର୍ବବୃହତ୍ ଘରୋଇ ଟୁର୍ନାମେଣ୍ଟ ରଣଜୀ ଟ୍ରଫିରେ ପଦାର୍ପଣ କରିବାକୁ ଯାଉଥିବା ଅରୁଣାଚଳ ପ୍ରଦେଶ ତା'ର ଅତିଥି ଖେଳାଳିଙ୍କ ତାଲିକାରେ ପରିବର୍ତ୍ତନ କରିଛି। ଅଭିଜ୍ଞ ଘରୋଇ କ୍ରିକେଟଙ୍କୁ ନ ନେଇ ବେଶି ଜଣା ନ ଥିବା ଦିଲ୍ଲୀ ବ୍ୟାଟ୍ସମ୍ୟାନ କ୍ଷିତିଜ ଶର୍ମାଙ୍କୁ ଦଳରେ ସାମିଲ କରାଯାଇଛି। ଫଳରେ ଦଳର ଅତିଥି ଖେଳାଳି ତାଲିକାରେ କ୍ଷିତିଜଙ୍କୁ ସାମିଲ କରାଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୩ଜଣ ପ୍ରକୃତ ଖେଳାଳିଙ୍କ ମଧ୍ୟରୁ ଜଣକୁ ବାଦ୍ ଦେଇ ଅରୁଣାଚଳ କ୍ରିକେଟ ଆସୋସିଏଶନ (ଏସିଏ) କ୍ଷିତିଜ୍ ଶର୍ମାଙ୍କୁ ଦଳରେ ସାମିଲ କରିଛି। ପୂର୍ବରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଚେନ୍ନାଇ ସୁପର କିଙ୍ଗ୍ସ କ୍ଷିତିଜଙ୍କୁ ୨୦ ଲକ୍ଷ ଟଙ୍କା ବିନିମୟରେ କ୍ରୟ କରିଥିଲା। ବିଜୟ ହଜାରେ ଟ୍ରଫିରେ ସାଂଘାତିକ ଭାବେ ବିଫଳ ହୋଇଥିଲେ ମଧ୍ୟ କ୍ଷିତିଜଙ୍କୁ ଚେନ୍ନାଇ ଦଳରେ ସାମିଲ କରିଥିଲା। ତେବେ ସେ ଚେନ୍ନାଇ ପାଇଁ କୌଣସି ମ୍ୟାଚ ଖେଳି ନ ଥିଲେ। ସେ ଦୁଇଟି ଲିଷ୍ଟ ଏ ମ୍ୟାଚ ଖେଳି ମାତ୍ର ୬ ରନ କରିଥିଲେ। ସେହିପରି ୧୧ଟି ଟି୨୦ ମ୍ୟାଚ ଖେଳି କ୍ଷିତିଜ୍ ୧୩.୮୭ ରନ ହାରରେ ୧୦୦ରୁ କମ୍ ଷ୍ଟ୍ରାଇକ୍ ରେଟ୍‌ରେ ୧୧୧ ରନ ସଂଗ୍ରହ କରିଛନ୍ତି। ପ୍ରଥମେ ଏସିଏ ସମର୍ଥ ସେଠ, ଅପ୍ରମେୟ ବିନୟ ଜୈସ୍ୱାଲ ଓ ଉତ୍ସବ ପଙ୍କଜଙ୍କ ନାମ ଆଗାମୀ ରଣଜୀ ସେସନ ପାଇଁ ଦଳରେ ସାମିଲ କରିଥିଲା।



“ ବିଶ୍ୱର ନମ୍ବର ୱାନ ଟିମ୍ ଭାରତ ବିପକ୍ଷରେ ଟେଷ୍ଟ ସିରିଜ ବିଜୟ ଆଶେସରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବା ସହିତ ସମାନ।
–ଟ୍ରେଭର ବେଲିସ, ଇଂଲଣ୍ଡ କ୍ରିକେଟ କୋଚ୍



“ ଓଏନ୍‌ଜିସି ମୋ ସହିତ ଚୁକ୍ତି ମିଆଦ ସମ୍ପ୍ରସାରଣ କରି ନ ଥିବାରୁ ମୋତେ ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍‌ରେ ସାମିଲ କରାଯାଉ।
–ମନଜିତ୍ ସିଂ, ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା

# ରାଜକୋଟରେ ପ୍ରଥମ ଟେଷ୍ଟ

**ନୂଆଦିଲ୍ଲୀ, ୪।୯(ପି.ଟି.)**

ଘରୋଇ ଦଳ ବିପକ୍ଷରେ ଏକ ସମ୍ପୂର୍ଣ୍ଣ ଦ୍ୱିପାକ୍ଷିକ ସିରିଜ ଖେଳିବା ଲାଗି ୱେଷ୍ଟଇଣ୍ଡିଜ କ୍ରିକେଟ ଦଳ ଚଳିତ ମାସ ଅନ୍ତିମ ଭାଗରେ ଭାରତ ଗସ୍ତରେ ଆସିବ। ଏହି ଗସ୍ତରେ ୱେଷ୍ଟଇଣ୍ଡିଜ ଦଳ ୨ଟି ଟେଷ୍ଟ, ୫ଟି ଏକଦିବସୀୟ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏସିଆ କପ୍ ଶେଷ ହେବାର ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ଏହି ଦ୍ୱିପାକ୍ଷିକ ସିରିଜ ଆରମ୍ଭ ହେବ। ଏଥିଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଓ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ (ଡବ୍ଲୁଆଇସିବି) ପକ୍ଷରୁ ମିଳିତ ଭାବେ ମଙ୍ଗଳବାର ମ୍ୟାଚ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଏହି ସିରିଜ ଅକ୍ଟୋବର ୪ରୁ ନଭେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ବୋଲି ବିସିସିଆଇ ସମ୍ପାଦକ ଅମିତାଭ ଚୌଧାରୀ ମଙ୍ଗଳବାର ଏକ ପ୍ରେସ ରିଲିଜ ଜରିଆରେ କହିଛନ୍ତି।

**ଭାରତ ବନାମ ୱେଷ୍ଟଇଣ୍ଡିଜ୍**

| | |
|---|---|
| ପ୍ରଥମ ଟେଷ୍ଟ- ଅକ୍ଟୋବର ୪ରୁ ୮, ରାଜକୋଟ | ୪ର୍ଥ ଦିନିକିଆ- ଅକ୍ଟୋବର ୨୯, ମୁମ୍ବାଇ |
| ଦ୍ୱିତୀୟ ଟେଷ୍ଟ- ଅକ୍ଟୋବର ୧୨ରୁ ୧୬, ହାଇଦ୍ରାବାଦ | ୫ମ ଦିନିକିଆ- ନଭେମ୍ବର ୧, ଥିରୁଭାନନ୍ତପୁରମ |
| ପ୍ରଥମ ଦିନିକିଆ- ଅକ୍ଟୋବର ୨୧, ଗୁଆହାଟୀ | ପ୍ରଥମ ଟି୨୦- ନଭେମ୍ବର ୪, କୋଲକାତା |
| ଦ୍ୱିତୀୟ ଦିନିକିଆ- ଅକ୍ଟୋବର ୨୪, ଇନ୍ଦୋର | ୨ୟ ଟି୨୦- ନଭେମ୍ବର ୬, ଲକ୍ଷ୍ନୌ |
| ୩ୟ ଦିନିକିଆ- ଅକ୍ଟୋବର ୨୭, ପୁଣେ | ୩ୟ ଟି୨୦- ନଭେମ୍ବର ୧୧, ଚେନ୍ନାଇ। |

ଭାରତୀୟ ଦଳ ବର୍ତ୍ତମାନ ଇଂଲଣ୍ଡ ଗସ୍ତରେ ଯାଇ ସେଠାରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି। ସିରିଜର ଅନ୍ତିମ ତଥା ୫ମ ମ୍ୟାଚ୍ ସେପ୍ଟେମ୍ବର ୭ରୁ ଆରମ୍ଭ ହେବ। ଏହାପରେ ସେପ୍ଟେମ୍ବର ୧୫ରୁ ୨୮ ତାରିଖ ପର୍ଯ୍ୟନ୍ତ ୟୁଏଇରେ ଏସିଆ କପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାରତ ସମେତ ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ଯୋଗ୍ୟତା ଅର୍ଜନକାରୀ ଦଳ ଅଂଶଗ୍ରହଣ କରୁଛନ୍ତି।

# ଓମ୍ ପ୍ରକାଶଙ୍କୁ ସ୍ୱର୍ଣ୍ଣ: ମନୁ, ସିନ୍ଧୁ ନିରାଶ

**ଚାଙ୍ଗ୍‌ୱନ (ଦକ୍ଷିଣ କୋରିଆ), ୪।୯(ପି.ଟି.):** ଭାରତୀୟ ଶୁଟର ଓମ୍‌ପ୍ରକାଶ ମିଥରୱାଲ ଏଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱ ଚାମ୍ପିୟନଶିପ୍ ପ୍ରତିଯୋଗିତାର ୫୦ ମିଟର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏହି ଇଭେଣ୍ଟରେ ୨୩ ବର୍ଷୀୟ ଯୁବ ଭାରତୀୟ ଶୁଟର ଓମ୍‌ପ୍ରକାଶ ୫୬୪ ସ୍କୋର କରି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିପୂର୍ବରୁ ଓମ୍‌ପ୍ରକାଶ ଗୋଲ୍ଡକୋଷ୍ଟ ରାଜ୍ୟଗୋଷ୍ଠୀ କ୍ରୀଡ଼ା ୧୦ ମିଟର ଏୟାର ପିସ୍ତଲ ଓ ୫୦ ମିଟର ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଥିଲେ। ଅନ୍ୟତମ ତାରକା ଭାରତୀୟ ଶୁଟର ତଥା ୨୦୧୪ ସଂସ୍କରଣ ରୌପ୍ୟ ପଦକ ବିଜେତା ଜିତୁ ରାଇ କିନ୍ତୁ ନିରାଶ କରିଛନ୍ତି। ଜିତୁ ୫୫୨ ସ୍କୋର କରି ସପ୍ତଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଓମ୍‌ପ୍ରକାଶ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ମଧ୍ୟ ୨୦୨୦ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିପାରିନାହାନ୍ତି। ଅଲିମ୍ପିକ୍ସରେ ଏହି ବର୍ଗଟି ସ୍ଥାନ ପାଇ ନ ଥିବାରୁ ଓମ୍‌ପ୍ରକାଶଙ୍କୁ ନିରାଶ ହେବାକୁ ପଡ଼ିଛି। ପୁରୁଷ ୫୦ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ମିଥରୱାଲ, ରାଇ ଓ ମନଜିତ୍ ମୋଟ୍ ୫୩୨ ସ୍କୋର କରି ୫ମ ସ୍ଥାନରେ ରହିଥିଲେ। ଅପରପକ୍ଷରେ ମହିଳା ୧୦ ମିଟର ଏୟାର ପିସ୍ତଲରେ ଦୁଇ ଭାରତୀୟ ତାରକା ମନୁ ଭାକର ଓ ହୀନା ସିନ୍ଧୁ ପୋଡ଼ିୟମ ଫିନିଶ୍ କରିବାରେ ବିଫଳ ହୋଇଛନ୍ତି। ସେହିଭଳି ମହିଳା ଟିମ୍ ଇଭେଣ୍ଟରେ ମନୁ, ସିନ୍ଧୁ ଓ ଶ୍ୱେତା ସିଂ ମୋଟ୍ ୧୭୧୩ ସ୍କୋର ସହ ୪ର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ସୋମବାର ମହିଳା ୧୦ ମିଟର ଏୟାର ରାଇଫଲ ଇଭେଣ୍ଟରେ ଅଞ୍ଜୁମ ମୌଦଗିଲ ଓ ଅପୂର୍ବୀ ଚାଣ୍ଡେଲା ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ହାସଲ କରି ପ୍ରଥମ ଭାରତୀୟ ଶୁଟିଂ ଯୋଡ଼ି ଭାବେ ୨୦୨୦ ଅଲିମ୍ପିକ୍ସକୁ ଯୋଗ୍ୟତା ହାସଲ କରିଥିଲେ।

# ଆନ୍ତଃ ମହାବିଦ୍ୟାଳୟ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

**ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି):** ଉତ୍କଳ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦ ଆନୁକୂଲ୍ୟରେ ବାଣୀବିହାରଠାରେ ଆନ୍ତଃ ମହାବିଦ୍ୟାଳୟ ମହିଳା ଓ ପୁରୁଷ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମହିଳା ଫାଇନାଲରେ ବିଜେବି ମହାବିଦ୍ୟାଳୟ ୨-୦ ସେଟ୍‌ରେ ରିଜିଓନାଲ କଲେଜ ଅଫ ଏଜୁକେଶନକୁ ହରାଇ ଚାମ୍ପିୟନ ହୋଇଛି। ସେହିପରି ପୁରୁଷ ବିଭାଗ ଫାଇନାଲରେ କଳିଙ୍ଗ ଷ୍ଟାଡିୟମସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ୩-୧ ସେଟ୍‌ରେ ରିଜିଓନାଲ କଲେଜ ଅଫ୍ ଏଜୁକେଶନକୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନ ୧୨ଟି ମହିଳା ଓ ୩୧ଟି ପୁରୁଷ ଦଳ ଅଂଶଗ୍ରହଣ କରିଥିଲେ। କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ପ୍ରଫେସର କବୀର ମୋହନ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ପରିଷଦର ଶାରୀରିକ ଶିକ୍ଷା ଅଧିକାରୀ ଅମ୍ବିକା ପ୍ରସାଦ ରାୟ, ପ୍ରମୋଦ କୁମାର ନାୟକ, ପ୍ରତିଯୋଗିତାର ସଂଯୋଜକ ଦକ୍ଷ ବ୍ରହ୍ମା ରାଉତରାୟ, ଡ. ବେଣୁଧର ଦାସ, ଚତୁର୍ଭୁଜ ଜେନା, ବିଶ୍ୱବିଦ୍ୟାଳୟ ଦଳର ଚୟନକର୍ତ୍ତା ରବିନାରାୟଣ ପ୍ରଧାନ, ମନୋଜ କୁମାର ସାହୁପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାକୁ ଦେବାଶିଷ ମିଶ୍ର, ଆଶିଷ କୁମାର ସେଠୀ, ସୁନୀଲ ବେହେରା ଓ ବିଶ୍ୱରଞ୍ଜନ ଦାସ ପରିଚାଳନା କରିଥିଲେ।




ଦୁଇ ଚାମ୍ପିୟନ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଟାର୍ଗେଟ ୨୬୨: ଭାରତ 'ଏ' ୬୩/୨

**ବେଙ୍ଗାଲୁରୁ, ୪।୯ (ପି.ଟି.)**

ଭାରତ ଏ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ଏ ମଧ୍ୟରେ ଚାଲିଥିବା ୪ ଦିନିଆ ପ୍ରଥମ ଅନ ଅଫିସିଆଲ ଟେଷ୍ଟ ମ୍ୟାଚ୍ ରୋମାଞ୍ଚକ ସ୍ଥିତିରେ ପହଞ୍ଚିଛି। ପ୍ରଥମ ଇନିଂସରେ ୩୧ ରନ ପଛରେ ପଡିଥିବା ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୨୯୨ ରନ କରି ଅଲଆଉଟ ହୋଇଛି। ଫଳରେ ଭାରତ ସମ୍ମୁଖରେ ୨୬୨ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଭାରତ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୨୦ ଓଭରରେ ୨ ଉଇକେଟ ହରାଇ ୬୩ ରନ ସଂଗ୍ରହ କରିଛି। ଫଳରେ ମ୍ୟାଚ ଆଉ ଗୋଟିଏ ଦିନ ବାକିଥିବା ବେଳେ ଭାରତ ୮ ଉଇକେଟ ହାତରେ ରଖି ଆଉ ୧୯୯ ରନ ଆବଶ୍ୟକ କରୁଛି। ଷ୍ଟମ୍ପ ଅପସାରଣ ବେଳକୁ ମୟଙ୍କ ଅଗ୍ରୱାଲ ୨୫ ଓ ଅଙ୍କିତ୍ ବାୱ୍‌ନେ ୬ ରନ କରି ଅପରାଜିତ ରହିଛନ୍ତି। ଓପନର ଅଭିମନ୍ୟୁ ଈଶ୍ୱରନ ଖାତା ଖୋଲିବା ପୂର୍ବରୁ ପ୍ରଥମେ କ୍ରିସ୍ ଟ୍ରିମେନ ଏଲବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ଅଧିନାୟକ ଶ୍ରେୟାସ ଆୟର ୨୮ ରନ କରିଥିବା ବେଳେ ଜନ ହଲାଣ୍ଡଙ୍କ ବଲ୍‌ରେ କୁର୍ତ୍ତିସ ପାଟରସନଙ୍କୁ କ୍ୟାଚ ଦେଇ ଆଉଟ ହୋଇଥିଲେ।

ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୪୨/୧ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ତୃତୀୟ ଦିନ ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ଉସ୍‌ମାନ ଖ୍ୱାଜା ୧୬ରୁ ଖେଳ ଆରମ୍ଭ କରି ୪୦ ରନ କରି ଆଉଟ ହୋଇଥିଲେ। ସେହିପରି ଟ୍ରେଭିସ୍ ହେଡ ୧୩ରୁ ଖେଳ ଆରମ୍ଭ କରି ୮୭ ରନ କରି ପ୍ୟାଭିଲିୟନ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାର୍ନସ ଲାବୁସଚାଗ୍‌ନେ ୩୭, ମାଇକେଲ ନେସେର ୨୫, ଟ୍ରିମେନ ୨୫ ରନ କରି ଆଉଟ ହୋଇଥିବାବେଳେ ଅନ୍ୟମାନେ ଭଲ ପ୍ରଦର୍ଶନ କରିପାରି ନ ଥିଲେ।

# ଭାରତୀ, ପ୍ରଭାତ-ଅନିଲ ଚାମ୍ପିୟନ

**ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି)**

ସ୍ଥାନୀୟ ମହାଲେଖାକାର (ଏଜି) ରିକ୍ରିଏଶନ କ୍ଲବ ଆନୁକୂଲ୍ୟରେ ଆନ୍ତଃ ବିଭାଗୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ସ୍ଥାନୀୟ ୟୁନିଟ-୧ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧ ମହିଳା ଓ ୭୨ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମହିଳା ସିଙ୍ଗଲ୍ସରେ ଭାରତୀ ମହାପାତ୍ର ଚାମ୍ପିୟନ ହୋଇଥିବାବେଳେ ସସ୍ମିତା ସୋରେନ ରନର୍ସଅପ୍ ଓ ଏନ.ରାଜେଶ୍ୱରୀ ୩ୟ ସ୍ଥାନ ହାସଲ କରିଥିଲେ। ପୁରୁଷ ଡବଲ୍ସ ଫାଇନାଲରେ ପ୍ରକାଶ ପଟ୍ଟନାୟକ ଓ ପରେଶ ମହାନ୍ତିଙ୍କୁ ହରାଇ ପ୍ରଭାତ ପ୍ରଧାନ ଓ ଅନିଲ ଦାସ ଯୋଡ଼ି ଚାମ୍ପିୟନ ହୋଇଥିଲେ। ମହାଲେଖାକାର କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ପ୍ରଖ୍ୟାତ କଣ୍ଠଶିଳ୍ପୀ ପ୍ରଣବ କିଶୋର ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ମହାଲେଖାକାର ଯଶୋଧାରା ରାଏ ଚୌଧୁରୀ ଓ ମହାଲେଖାକାର ବିଭୁଦତ୍ତ ବସନ୍ତିଆ ଉପସ୍ଥିତ ଥିଲେ। ଶେଷରେ ପ୍ରଣବ ପଟ୍ଟନାୟକଙ୍କ ଟିମ୍ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।





ଅତିଥି ପ୍ରଣବ କୁମାର ପଟ୍ଟନାୟକଙ୍କ ସହ ପୁରୁଷ ଡବଲ୍ସ ଚାମ୍ପିୟନ ଅନିଲ-ପ୍ରଭାତ ଓ ମହିଳା ସିଙ୍ଗଲ୍ସ ବିଜୟିନୀ ଭାରତୀ ମହାପାତ୍ର।

### ଓସିଏରେ ବୟସ ଜାଲିଆତି ଅଭିଯୋଗ

# ବିସିସିଆଇ, ସିଓଏକୁ ଚିଠି

**କଟକ ଅଫିସ, ୪।୯**

ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ରେ ୧୯ବର୍ଷରୁ କମ୍ ଓ ୨୩ବର୍ଷରୁ କମ୍ ବର୍ଗର ଖେଳାଳି ଚୟନ ପ୍ରକ୍ରିୟାରେ ପୁଣି ଥରେ ବୟସ ଜାଲିଆତିକୁ ସମର୍ଥନ ଦିଆଯାଇଛି ବୋଲି ଅଭିଯୋଗ କରିଛି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ। ରାଜ୍ୟ ବାହାରୁ ଓ ଅଧିକ ବୟସ ବର୍ଗର ଖେଳାଳିଙ୍କୁ ଚୟନ ଶିବିରରେ ସାମିଲ କରାଯାଇଛି ବୋଲି ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଓ କମିଟି ଅଫ ଆଡମିନିଷ୍ଟ୍ରେଶନ(ସିଓଏ)କୁ ଚିଠି ଲେଖାଯାଇଛି। ଗତ ମେ ୧୮ରେ ବିସିସିଆଇର ସାଧାରଣ ପରିଷଦ ବୈଠକରେ ବୟସ ଜାଲିଆତି କରୁଥିବା ଖେଳାଳିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଷ୍ପତ୍ତି ହୋଇଛି। ଓସିଏ ଏହି ନିଷ୍ପତ୍ତିକୁ ଜାଣି ମଧ୍ୟ ବୟସ ଜାଲିଆତିକୁ ପ୍ରୋତ୍ସାହିତ କରୁଛି। ବିଭିନ୍ନ ବୟସ ବର୍ଗର ଶିବିରରେ ରହିଥିବା ୧୨୧ଜଣ ଖେଳାଳି ଏଯାବତ୍ ବୟସ ପ୍ରମାଣପତ୍ର ଦାଖଲ କରି ନ ଥିବା ବେଳେ ଏ ନେଇ କୌଣସି ପଦକ୍ଷେପ ନିଆଯାଉନି ବୋଲି ସଙ୍ଗଠନର ଆବାହକ ଆଇନଜୀବୀ ସୁବ୍ରତ କୁମାର ନନ୍ଦ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଥାଉ କି, ବୟସ ଜାଲିଆତି କରାଯାଇଥିବା ନେଇ ସଙ୍ଗଠନ ପକ୍ଷରୁ ଗତବର୍ଷ ସେପ୍ଟେମ୍ବର ୧୮ ତାରିଖରେ କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗରେ ୧୭ଜଣ ଖେଳାଳିଙ୍କ ନାମ ଉଲ୍ଲେଖ ରହିଥିଲା। ଏ ନେଇ ଏକ ଜନସ୍ୱାର୍ଥ ମାମଲା ମଧ୍ୟ ହାଇକୋର୍ଟରେ ଦାଏର ହୋଇଛି।

DADLS-91



ଗୁରୁ ଦିବସ ଅବସରରେ
ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ
ଶୁଭେଚ୍ଛା ବାର୍ତ୍ତା

ଗୁରୁ ଦିବସ-୨୦୧୮ ଅବସରରେ ରାଜ୍ୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି।

ଶିକ୍ଷା ହିଁ ପ୍ରଗତିର ଚାବିକାଠି ଓ ପରିବର୍ତ୍ତନର ମାଧ୍ୟମ। ତେଣୁ ଶିକ୍ଷାର ଗୁଣାତ୍ମକ ମାନବୃଦ୍ଧି ଓ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମରେ ମୁଁ ଆପଣମାନଙ୍କ ସମସ୍ତଙ୍କ ସହଯୋଗ କାମନା କରୁଛି।

(ନବୀନ ପଟ୍ଟନାୟକ)

15001/13/0190/1819

DADLS-91



ବାର୍ତ୍ତା

ପବିତ୍ର ଗୁରୁଦିବସ-୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଶିକ୍ଷା ହିଁ ପ୍ରଗତିର ମାପକାଠି। ଶିକ୍ଷା ମାଧ୍ୟମରେ ସମାଜର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆସିପାରିବ। ତେଣୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସହ ଶିକ୍ଷାକୁ ବିକାଶ ସହିତ ଯୋଡ଼ିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆସନ୍ତୁ, ଆଜିର ଏହି ମହାନ ଦିବସରେ ଆମେ ସମସ୍ତେ ମିଳିମିଶି ଓଡ଼ିଶାକୁ ଶିକ୍ଷାକ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା।

(ଅନନ୍ତ ଦାସ)
ଉଚ୍ଚ ଶିକ୍ଷା, ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ)

15001/13/0190/1819

DADLS-91



ବାର୍ତ୍ତା

ପବିତ୍ର ଗୁରୁଦିବସ-୨୦୧୮ ପାଳନ ଅବସରରେ ରାଜ୍ୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମୁଁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

ଶିକ୍ଷକମାନେ ସମାଜର ମାର୍ଗଦର୍ଶକ। ଉତ୍ତମ ନୈତିକ ଓ ବୌଦ୍ଧିକ ଶିକ୍ଷା ପ୍ରଦାନ କରି ସେମାନେ ସମର୍ପିତ ନାଗରିକ ସୃଷ୍ଟି କରିଥାନ୍ତି। ସରକାରଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଓ ବୁଦ୍ଧିଜୀବୀମାନେ ଶିକ୍ଷା ଅଧିକାର ଆଇନର ସଠିକ୍ ରୂପାୟନ ଓ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କଲେ ରାଜ୍ୟର ଶୈକ୍ଷିକ ପରିମଣ୍ଡଳ ଅଧିକ ସମୃଦ୍ଧ ହୋଇପାରିବ।

ଆସନ୍ତୁ ଗୁରୁ-ଶିଷ୍ୟ ପରମ୍ପରାର ଏହି ମହାନ ଦିବସ ପାଳନ ଅବସରରେ ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ ସହିତ ଶିକ୍ଷାୟତନଗୁଡ଼ିକୁ ଜ୍ଞାନକେନ୍ଦ୍ର ଭାବେ ଗଢ଼ିତୋଳିବାର ସଂକଳ୍ପ ନେବା।

(ବଦ୍ରିନାରାୟଣ ପାତ୍ର)
ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ

15001/13/0190/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ-ଅନୁଗୋଳ, ବୁଧବାର, ସେପ୍ଟେମ୍ବର ୫ /୨୦୧୮ Dhenkanal-Angul, Wednesday, September 5 / 2018

## ଆଜି କ'ଣ କେଉଁଠି

**ଢେଙ୍କାନାଳ**

➥ଅଲଟରନେଟିଭ୍ ରିଦମ୍ ଥିଏଟରର ସ୍ୱନକ୍ଷତ୍ର
ସ୍ଥାନ: ଗୋବିନ୍ଦପୁର ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସର
ସମୟ: ଅପରାହ୍ନ ୪ଟା।

➥ଜିଲା କଂଗ୍ରେସର ଖବରଦାତା ସମ୍ମିଳନୀ
ସ୍ଥାନ: କମଳା ମଣ୍ଡପ
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ଗୁରୁତର

**ପରଜଙ୍ଗ, ୪।୯(ଡି.ଏନ୍.ଏ.)**

ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଧୀନ ୧୪୯ନଂ. ଜାତୀୟ ରାଜପଥର ଘାଘରାମୁଣ୍ଡା ଛକ ନିକଟରେ ମଙ୍ଗଳବାର ଅପରାହ୍ନରେ ବାଇକ୍‌ରୁ ଖସିପଡ଼ି ଦୁଇଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ରାଉରକେଲା ଶାନ୍ତିନଗର ଅଞ୍ଚଳର ଦେବବ୍ରତ ମିଶ୍ର ଏବଂ ଗୁରୁଚରଣ ଦାସ। ସମ୍ପୃକ୍ତ ଦୁଇଜଣ ରାଉରକେଲାରୁ ଭୁବନେଶ୍ୱର ଆସୁଥିବାବେଳେ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଉପରକୁ ହଠାତ୍ ଏକ ବାଇକ୍ ପଶି ଆସିଥିଲା। ଉଭୟେ ଭାରସାମ୍ୟ ହରାଇ ଖସିପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### 'ଶୃଙ୍ଖଳିତ ହୁଅ, ସୁନ୍ଦର ଭବିଷ୍ୟତ ଗଢ଼'

**ଢେଙ୍କାନାଳ ଅଫିସ, ୪।୯**

ଢେଙ୍କାନାଳ ସ୍ୱୟଂଶାସିତ କଲେଜ ବୈଷୟିକ ଶିକ୍ଷା ବିଭାଗ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥି ଭାବେ ଶକ୍ତିସୁଗାର ମାନବ ସମ୍ବଳ ବିଭାଗ ମୁଖ୍ୟ ଭବାନୀକାନ୍ତ ନନ୍ଦ, ଅନ୍ୟତମ ଅତିଥି ଭାବେ କଲେଜ ଅଧକ୍ଷା ଡ. ରଶ୍ମି ମିଶ୍ର, ପ୍ରଫେସର ଧରଣୀଧର ରଣା, ମହିଳା କଲେଜ ଶିକ୍ଷା ବିଭାଗ ମୁଖ୍ୟ ଡ. ରାମଚନ୍ଦ୍ର ମଲ୍ଲ, ଖବରଦାତା ଦେବବ୍ରତ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ରହି ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ଆତ୍ମବିଶ୍ୱାସ, ଇଚ୍ଛାଶକ୍ତି ସଫଳତାର ଚାବିକାଠି। ଏଥି ଲାଗି ନିରନ୍ତର ପ୍ରଚେଷ୍ଟା ଜରୁରୀ। ନିଜ ଭିତରେ ଲୁଚି ରହିଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ କରାଇବା ମଧ ସେତିକି ଆବଶ୍ୟକ। ଶୃଙ୍ଖଳିତ ହେଲେ ଛାତ୍ରୀଛାତ୍ର ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ। ପରିବର୍ତ୍ତନଶୀଳ ସମୟରେ ପିଲାମାନେ ବୁଦ୍ଧିମତ୍ତା ପ୍ରୟୋଗ କରି ପରିଚୟ ସୃଷ୍ଟି କରିବାକୁ ଅତିଥିମାନେ ଉପଦେଶ ଦେଇଥିଲେ। ଅଧାପକ ପ୍ରଦ୍ୟୁମ୍ନ ଦାଶ, ସ୍ୱରୂପ ପ୍ରଧାନ, ସୁଶାନ୍ତ ପାଲ, ମୃତ୍ୟୁଞ୍ଜୟ ପଣ୍ଡା, ସନ୍ତୋଷ ନନ୍ଦ, ନିତ୍ୟସୁନ୍ଦର ସିଅ, ମନୋଜ ତ୍ରିପାଠୀ, ଅଧାପିକା ମାନସୀ ରଥ, ଗାୟତ୍ରୀ ମିଶ୍ର, ଏଲିସା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ

**ଭୁବନ, ୪।୯(ଡି.ଏନ.ଏ.)**

ଭୁବନ ବ୍ଲକ ମାର୍ଥାପୁର ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାମାକ୍ଷାନଗର ଉପଖଣ୍ଡ ଅଧୀନ ୯ ଶିଶୁ ମନ୍ଦିରର ୯୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୩୦ ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପ୍ରାକ୍ତନ ଶିକ୍ଷକ ନାରାୟଣ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ସଙ୍କୁଳପ୍ରମୁଖ ଗୌରହରି ନନ୍ଦ, ନିର୍ମଳ ସେନାପତି, ପ୍ୟାରୀମୋହନ ଦାସ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ବିପିନ ବିହାରୀ ସାହୁଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ସରପଞ୍ଚ ସଞ୍ଜୟ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ମମତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ଆତ୍ମସଂଯମୀ ହେଲେ ଅକ୍ଷୁଣ୍ଣ ରହିବ ଗୁରୁ-ଶିଷ୍ୟ ପରମ୍ପରା

ସମୟ ସହିତ ବଦଳୁଛି ଶିକ୍ଷା ପଦ୍ଧତି। କୋମଳମତି ବୟସରେ ଆଉ ଯିବାକୁ ପଡୁନି ଗୁରୁକୁଳ ଆଶ୍ରମ। ହାତ ପାହାନ୍ତାରେ ସହଜରେ ମିଳିଯାଉଛି ଶିକ୍ଷା। ଏସବୁ ଭିତରେ ବଦଳିଗଲାଣି ଭାରତୀୟ ସଂସ୍କୃତିରେ ମର୍ଯ୍ୟାଦାଜନକ ସ୍ଥାନ ପାଇଥିବା ଗୁରୁପୂଜନର ପରିଭାଷା। ଅବକ୍ଷୟମୁଖୀ ସମାଜରେ ଗୁରୁ-ଶିଷ୍ୟ ସମ୍ପର୍କ ଆଉ ମଧୁର ହୋଇ ରହିନାହିଁ। ଶିକ୍ଷାର ବ୍ୟବସାୟୀକରଣ ହେଉ କି ହକ୍ ଦାବି ପୂରଣ ପାଇଁ ଶିକ୍ଷକ ଆନ୍ଦୋଳନ ଅବା ଛାତ୍ର ଅଶାନ୍ତି ଏ ସବୁର ନକାରାତ୍ମକ ପ୍ରଭାବ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଶିକ୍ଷା ବ୍ୟବସ୍ଥା ଉପରେ ପଡୁଛି। ଦିନକୁ ଦିନ ସଂସ୍କାର କମିଯାଉଥିବାବେଳେ ଏପରି ପବିତ୍ର ସମ୍ପର୍କକୁ ବଜାୟ ରଖିବା ବି ଏକରକମର କଷ୍ଟକର ହୋଇଗଲାଣି। ଏହାକୁ ସରକାର, ଶିକ୍ଷକ ଏବଂ ଛାତ୍ର ସମାଜ ହୃଦୟଙ୍ଗମ ନ କଲେ ଶିକ୍ଷାବ୍ୟବସ୍ଥା ଆହୁରି ଦୁର୍ବଳ ହୋଇଯିବ ବୋଲି କହିଛନ୍ତି କାମାକ୍ଷାନଗର ଅଞ୍ଚଳର ବୁଦ୍ଧିଜୀବୀ। ଗୁରୁଦିବସ ଅବ୍ୟବହିତ ପୂର୍ବରୁ ଗୁରୁ-ଶିଷ୍ୟ ସମ୍ପର୍କ ଏବଂ ଶିକ୍ଷା ବ୍ୟବସ୍ଥାରେ ସଂସ୍କାରଧର୍ମୀ ପଦକ୍ଷେପ ସମ୍ପର୍କରେ ସେମାନେ ରଖିଛନ୍ତି ନିଜସ୍ୱ ମତ...

ରିପୋର୍ଟ: ସୁଧୀର କୁମାର ପରିଡ଼ା, କାମାକ୍ଷାନଗର



"ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ଦାୟିତ୍ୱ ହେଉଛି ଗୁରୁମାନଙ୍କର, ଯଦିଓ ଗୁରୁ-ଶିଷ୍ୟ ପରମ୍ପରା ଆଉ ଆଗପରି ନାହିଁ; ତଥାପି ଅନେକ ସଫଳ ବ୍ୟକ୍ତିତ୍ୱ ଏବେ ବି ସେମାନଙ୍କ ଶିଷ୍ୟଧର୍ମ ପାଳନ କରୁଛନ୍ତି। ଆଧୁନିକ ସମୟରେ ଗୁରୁ ନିଜର ଦାୟିତ୍ୱ ବିଷୟରେ ଆତ୍ମଚିନ୍ତନ କରିବା ଜରୁରୀ। ଉଭୟେ ନିଜ ନିଜର କାମ ଠିକ୍ ଭାବେ କରିପାରିଲେ ଗୁରୁ ଦିବସ ପାଳନର ପ୍ରକୃତ ମର୍ଯ୍ୟାଦା ରହିବ।

-ଗୁରୁଚରଣ ସାହୁ, ନୃତ୍ୟଗୁରୁ



"ଗୁରୁ-ଶିଷ୍ୟର ପବିତ୍ର ସମ୍ପର୍କ କେବଳ ପାଠପଢ଼ାରେ ସୀମିତ ବୋଲି ଭାବିବା ଅନୁଚିତ। ଛାତ୍ରଟିଏ ଯାହାଠାରୁ ଶିକ୍ଷଣୀୟ ବିଷୟ ଶିଖେ ସେ ଗୁରୁ ପଦବାଚ୍ୟ। ଗୁରୁ ହେଉ ଅବା ଶିଷ୍ୟ ଆତ୍ମସଂଯମୀ ହେଲେ ଏପରି ମଧୁର ସମ୍ପର୍କ ଅକ୍ଷୁଣ୍ଣ ରହିବ। ଗୁରୁମାନେ ସମାଜର ମାର୍ଗଦର୍ଶକ। ଏକଥା ସେମାନେ ଭୁଲିଯିବା ଅନୁଚିତ। ସେମାନଙ୍କ ଅଧୋପତନ ଘଟିଲେ ସମାଜର ପତନ ଅବଶ୍ୟମ୍ଭାବୀ।

-ଅରବିନ୍ଦକାନ୍ତ ରାୟ, କାମାକ୍ଷାନଗର କଲେଜ ଅଧକ୍ଷ



"ବର୍ତ୍ତମାନ ସମୟରେ ପିଲାମାନେ ଶିକ୍ଷକ ତ ଦୂରର କଥା ମା'ବାପାଙ୍କୁ ବି ସମ୍ମାନ ଦେବାକୁ ଭୁଲି ଯାଉଛନ୍ତି। ଗୁରୁଦିବସରେ ଏହାର ଆତ୍ମଚିନ୍ତନ କରିବାର ସୁଯୋଗ ଆସୁଛି। ପ୍ରତି ଶିକ୍ଷାନୁଷ୍ଠାନରେ ଏହି ଦିବସ ପାଳନ କରାଯାଇ ଛାତ୍ରୀଛାତ୍ରଙ୍କ ଠିକ୍ ମାର୍ଗଦର୍ଶନ କରାଯାଇପାରିଲେ ଆଗାମୀ ପିଢ଼ି ପାଇଁ ନୂତନ ଉଦାହରଣ ସୃଷ୍ଟି ହେବ। ଗୁରୁଙ୍କ ଅବଦାନ ଭୁଲିଯିବା ସମାଜ ଓ ଶିକ୍ଷା ବ୍ୟବସ୍ଥା ପ୍ରତି ବିପଦ।

-ମାୟାଧର ପାଣି, ଶିକ୍ଷାବିତ୍



"ଗୁରୁ ହେଉଛନ୍ତି ରାଷ୍ଟ୍ର ନିର୍ମାତା। ତାଙ୍କ ହାତଗଢ଼ା ଅନେକ ପିଲା ସୁନାଗରିକ ହୋଇ ସମାଜ ଗଠନରେ ବ୍ରତୀ ଅଛନ୍ତି। ଗୁରୁ-ଶିଷ୍ୟ ପରମ୍ପରା ରହିଛି ଏବଂ ଆଗକୁ ବି ରହିବ। ଜୀବଦ୍ଦଶାରେ ଗୁରୁଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ରହିଲେ ପ୍ରତି ବ୍ୟକ୍ତି ସଫଳତାର ସୋପାନ ଚଢ଼ିପାରିବ।

-ସମରେନ୍ଦ୍ର ନାୟକ, ଶିକ୍ଷକ

■ବଢୁଛି ରୋଗ ଯନ୍ତ୍ରଣା

# ବସିପାରୁନି, ଶୋଇପାରୁନି ଜିଲୁ

■ମା' ବାପା ନାହାନ୍ତି, ଚିକିତ୍ସା କରିପାରୁନି ମାଉସୀ

■ଅଢ଼େଇ ବର୍ଷ ତଳେ ଭାଙ୍ଗିଥିବା ହାତ ନଷ୍ଟପ୍ରାୟ

■ଅଣ୍ଟାତଳେ ସୃଷ୍ଟି ହୋଇଥିବା ଗର୍ତ୍ତ ଦେଉଛି କଷ୍ଟ

■ବିଡିଓ କହିଲେ, ଘରକୁ ନିଜେ ଯାଇ ବୁଝିବି



ମାଉସୀ ସରୋଜିନୀଙ୍କ ସହ ଜିଲୁ।

**ତାଳଚେର,୪।୯ (ନି.ପ୍ର.)**

ଅଢ଼େଇ ବର୍ଷ ତଳେ ଭାଙ୍ଗି ଯାଇଥିଲା ୧୧ ବର୍ଷୀୟ ଜିଲୁର ବାମ ହାତ। ମା' ବାପା ନ ଥିବାରୁ ଦେଖାଶୁଣା କରୁଥିବା ମାଉସୀ କରିପାରିଲେନି ଚିକିତ୍ସା। ତଥାପି ବର୍ଷେ ପରେ ସେ ପୁତୁରାକୁ ଧରି ଆସିଥିଲେ ତାଳଚେର ଉପଖଣ୍ଡ ଚିକିତ୍ସାଳୟ। ହେଲେ ହାତ କଟାଯିବ ବୋଲି ଡାକ୍ତର କହିବାରୁ ଉପାୟଶୂନ୍ୟ ମାଉସୀ ପଳାଇ ଯାଇଥିଲେ ଘରକୁ। ସେବେଠାରୁ ଯନ୍ତ୍ରଣା ଭୋଗୁଥିବା ଜିଲୁ ଏବେ ଆଉ ଏକ ରୋଗରେ ଆକ୍ରାନ୍ତ। ଅଣ୍ଟା ତଳକୁ ହୋଇଥିବା ଏକ ଗର୍ତ୍ତ ଅନେକ କଷ୍ଟ ହେଉଛି। ଯନ୍ତ୍ରଣା ଏମିତି ଯେ ସେ ବସିପାରୁ ନି କି ଶୋଇପାରୁନି। ଏଣେ ଦିନମଜୁରିଆ ମାଉସୀ ପାଖରେ ଅର୍ଥ ନ ଥିବା ବେଳେ ଜିଲୁର ଆଉ ୫ ଭଉଣୀଭାଇଙ୍କ ପେଟ ଚିନ୍ତା ଅଥୟ କରିଦେଉଛି ତାଙ୍କୁ।

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ବିଲଣ୍ଡା ଗ୍ରାମର ବାବୁଲା ଗୋଛାୟତଙ୍କ ପୁଅ ହେଉଛି ଜିଲୁ। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଶାଳୀ ସରୋଜିନୀଙ୍କୁ ଦ୍ୱିତୀୟ ବିବାହ କରିଥିଲେ ବାବୁଲା। ୨୦୧୬ରେ ବାବୁଲାଙ୍କ ମୃତ୍ୟୁ ଘଟିଥିଲା। ସେବେଠାରୁ ସରୋଜିନୀଙ୍କ ଉପରେ ୮ଟି ପିଲାର ବୋଝ। ୨ ଝିଅ ବାହା ହୋଇସାରିଥିବା ବେଳେ ଏବେ ଜିଲୁକୁ ମିଶାଇ ୬ଜଣ ସରୋଜିନୀଙ୍କ ନିକଟରେ ଅଛନ୍ତି। ମୂଲମଜୁରି ଲାଗି ଏତେ ପିଲାଙ୍କ ମୁହଁରେ ଦାନା ଦେଉଥିବା ସରୋଜିନୀ ସେମାନଙ୍କ ଯତ୍ନ ନେବାରେ ଅକ୍ଷମ। ତେଣୁ ସ୍କୁଲ ଯିବା ବେଳେ ପଡ଼ିଯାଇଥିବା ୩ୟ ଶ୍ରେଣୀର ଛାତ୍ର ଜିଲୁର ଚିକିତ୍ସା ସେ ତୁରନ୍ତ କରିପାରି ନ ଥିଲେ। ବର୍ଷେ ପରେ ସେ ପୁତୁରାକୁ ଧରି ତାଳଚେର ଉପଖଣ୍ଡ ମେଡିକାଲ ଯାଇଥିଲେ। ସେଠାରେ ପରୀକ୍ଷା ପରେ ଡାକ୍ତର ହାତ ନଷ୍ଟ ହୋଇଯାଇଥିବାରୁ କଟାଯିବ ବୋଲି କହିଥିଲେ। ଏହା ଶୁଣି ଭୟଭୀତ ମାଉସୀ-ପୁତୁରା ଘରକୁ ଫେରିଆସିଥିଲେ। ଏଣେ ହାତ ଯନ୍ତ୍ରଣା ବଢୁଥିବା ବେଳେ ହଠାତ୍ ଜିଲୁ ଆଉ ଏକ ରୋଗରେ ଆକ୍ରାନ୍ତ। ଅଣ୍ଟା ତଳକୁ ଏକ ଗର୍ତ୍ତ ସୃଷ୍ଟି ହୋଇ ସେଥିରୁ ପାଣି ବାହାରୁଥିବାରୁ ଜିଲୁର ଯନ୍ତ୍ରଣା ବଢ଼ିଯାଇଛି। ଫଳରେ ସ୍କୁଲ ଯାଇପାରୁ ନ ଥିବା ଜିଲୁ ଏବେ ବସିପାରୁନି କି ଶୋଇବି ପାରୁନି। ଦୀର୍ଘଦିନ ହେଲା ଦେହରେ ଏପରି ରୋଗ ଧରି ପୁତୁରା କଷ୍ଟପାଉଥିଲେ ବି ସରୋଜିନୀ ଅର୍ଥ ଅଭାବରୁ କିଛି କରିପାରୁ ନାହାନ୍ତି। ଦୈନିକ ୬ ଛୁଆଙ୍କ ଖାଇବା ଚିନ୍ତାରେ ରାତିଦିନ ବିତାଉଥିବା ବେଳେ ଜିଲୁର ଚିକିତ୍ସା ପାଇଁ ଟଙ୍କା କେଉଁଠୁ ପାଇବି ବୋଲି ସରୋଜିନୀ କହିଛନ୍ତି। ପ୍ରଶାସନ, ସରକାର କିମ୍ବା କେହି ବଦାନ୍ୟ ବ୍ୟକ୍ତି ତାଙ୍କୁ ସହଯୋଗ କଲେ ପୁତୁରା ଭଲ ହୋଇ ସ୍କୁଲ ଯାଇପାରନ୍ତା ବୋଲି କାନ୍ଦି କାନ୍ଦି ସରୋଜିନୀ କହିଛନ୍ତି। ଏ ସମ୍ପର୍କରେ କଣିହାଁ ବିଡିଓ ରମେଶ ଚନ୍ଦ୍ର ଜେନା କୁହନ୍ତି, ଏ ନେଇ ତାଙ୍କ ପାଖରେ କିଛି ଖବର ନାହିଁ। ଗୁରୁବାର ସେ ନିଜେ ଯାଇ ଜିଲୁଙ୍କ ଅବସ୍ଥା ଅନୁଧ୍ୟାନ କରିବେ। ଏହା ପରେ ଚିକିତ୍ସା ପାଇଁ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

# ଜାତୀୟ ରାଜପଥରେ ୨୫ ହାତୀ



ହଳଦିଆବାହାଳରେ ହାତୀପଲ ଦେଖିବାକୁ ଭିଡ଼।

**ଢେଙ୍କାନାଳ ଅଫିସ, ୪।୯**

ଢେଙ୍କାନାଳ ଜିଲା ମୋଟଙ୍ଗା ଥାନା ୫୫ନଂ. ଜାତୀୟ ରାଜପଥର ହଳଦିଆବାହାଳରେ ମଙ୍ଗଳବାର ଅପରାହ୍ନରେ ହାତୀପଲ ଉପସ୍ଥିତି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଏକ ପଲରେ ୨୫ଟି ହାତୀ ଘଣ୍ଟାଏ ଧରି ରାସ୍ତାରେ ଅଟକି ରହିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଗୋଟିଏ ସ୍ଥାନରେ ଏତେ ସଂଖ୍ୟକ ହାତୀଙ୍କୁ ଦେଖିବାକୁ ପ୍ରବଳ ଭିଡ଼ ଲାଗିଥିଲା। ଉଭୟ ପାର୍ଶ୍ୱରେ ଗହଳି ହେବାରୁ ହାତୀପଲ ରାଜପଥ ଛାଡ଼ି ଯାଇ ନ ଥିଲେ। ଏହାକୁ ନେଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବା ସହ ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟା ଭୋଗିଥିଲେ। ହାତୀ ଗର୍ଜନରେ ରାଜପଥ ସମେତ ନିକଟବର୍ତ୍ତୀ ଅଞ୍ଚଳ କମ୍ପି ଉଠିଥିଲା। ଅଘଟଣ ଆଶଙ୍କାରେ ଲୋକେ ଆତଙ୍କିତ ହୋଇପଡ଼ିଥିଲେ।

ଏ ସମ୍ପର୍କରେ ସହକାରୀ ବନ ସଂରକ୍ଷଣ ଜିତେନ୍ଦ୍ର ନାଥ ଦାସ କୁହନ୍ତି, ୩ଦିନ ହେଲା ଉକ୍ତ ଅଞ୍ଚଳରେ ହାତୀପଲ ଉପଦ୍ରବ କରୁଛନ୍ତି। ସାଧାରଣତଃ ହାତୀପଲ ସନ୍ଧ୍ୟା ୬ଟା ସୁଦ୍ଧା ରେଳ ଧାରଣା ଓ ୫୫ନଂ. ଜାତୀୟ ରାଜପଥ ପାର ହୋଇଥାନ୍ତି। ଏହାକୁ ନଜରରେ ରଖି ଉକ୍ତ ସମୟରେ ଆସୁଥିବା ଟ୍ରେନ୍‌ଗୁଡ଼ିକର ଗତି କମାଇବାକୁ ଖୋର୍ଦ୍ଧା ରେଲୱେ ଡିଭିଜନକୁ ଅବଗତ କରାଯାଇଥିଲା। କିନ୍ତୁ ରବିବାର ରାତି ୮ଟାରେ ରେଳ ଧାରଣା ପାର ହୋଇ ଆସିବାରୁ ସମସ୍ୟା ହୋଇଥିଲା। ହାତୀ ସୁରକ୍ଷା ମୁଖ୍ୟ ପ୍ରସଙ୍ଗ ହୋଇଥିବାରୁ ଖୋର୍ଦ୍ଧା ଡିଭିଜନକୁ ରେଳଗୁଡ଼ିକର ଗତି ଧୀମା କରାଇବାକୁ ବନ ବିଭାଗ ପକ୍ଷରୁ ଜଣାଯାଇଥିଲା। ମଙ୍ଗଳବାର ଅପରାହ୍ନରେ ହାତୀପଲ ୫୫ନଂ. ରାଜପଥରେ ଅଟକି ରହିବାରୁ ଟ୍ରାଫିକ୍ ସୃଷ୍ଟି ହୋଇଥିଲା। ହାତୀଙ୍କୁ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା। ଲୋକେ ହାତୀଙ୍କୁ ବିବ୍ରତ କରାଇଥିଲେ। ଭିଡ଼ ନିୟନ୍ତ୍ରଣ କରିବା କାଠିକର ପାଠ ହୋଇଯାଇଥିଲା। ପାଖାପାଖି ଘଣ୍ଟାଏ ପରେ ହାତୀପଲ ରାଜପଥ ପାର ହୋଇଛନ୍ତି। ବନ ବିଭାଗ କର୍ମଚାରୀ ସେମାନଙ୍କଉପରେ ତୀକ୍ଷ୍ଣନଜର ରଖିଛନ୍ତି।

### ବଳାତ୍କାର ଅଭିଯୁକ୍ତଙ୍କୁ ଗିରଫ ଦାବି

**ଭୁବନ, ୪।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ସେନନ୍ଦା ଅଞ୍ଚଳର ୧୭ ବର୍ଷୀୟା ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାକୁ ୩ଦିନ ବିତିଯାଇଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରୁନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଅଞ୍ଚଳବାସୀ ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ସେପ୍ଟେମ୍ବର ୧ରେ ସମ୍ପୃକ୍ତ ନାବାଳିକା ବଳାତ୍କାରର ଶିକାର ହୋଇଥିଲେ। ଅନଳ ଗ୍ରାମର ଲକ୍ଷ୍ମୀଧର ଦେହୁରୀ (୨୧) ଏବଂ ବାପି ଦେହୁରୀ (୨୫) ଏଥିରେ ସମ୍ପୃକ୍ତ ଅଛନ୍ତି। ଏ ନେଇ ପୀଡ଼ିତାଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ନଂ. ୧୬୭/୧୮, ୨୯୪, ୩୪୧, ୩୫୪(ବି), (ସି), ୫୦୬, ୩୪ରେ ମାମଲା ରୁଜୁ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କ ବାଇକ୍ ଜବତ କରିଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ଅଭିଯୋଗକୁ ଭିତ୍ତିକରି ତଦନ୍ତ ଜାରି ରହିଛି। ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଟିମ୍ ଗଠନ କରାଯାଇଛି।

### ଅଟୋରିକ୍ସା ସହ ମଦ ଜବତ

**ପରଜଙ୍ଗ, ୪।୯(ଡି.ଏନ୍.ଏ.)**

ଚୋରା ମଦ ଚାଲାଣ କରୁଥିବାବେଳେ ପରଜଙ୍ଗ ପୋଲିସ ଡିହଡୋଳ ଛକରୁ ମଙ୍ଗଳବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଅନୁଗୋଳ ଜିଲା ପୁରୁଣାଗଡ଼ ମାଟିଆ ସାହିର ଲକ୍ଷ୍ମୀଧର ବେହେରା। ତାଙ୍କ ନିକଟରୁ ୩୦ ଲିଟର ମହୁଲି ମଦ ଏବଂ ଅଟୋରିକ୍ସା (ଓଡ଼ି ୧୯ ଏମ୍ ୬୦୯୮) ଜବତ କରାଯାଇଛି। ଏ ନେଇ ନଂ. ୨୦୫/୧୮ରେ ଏକ ମାମଲା ରୁଜୁ କରାଯାଇଛି। ଉକ୍ତ ମଦ ଆମ୍ବପଳାଶରୁ ପୁରୁଣାଗଡ଼କୁ ଚାଲାଣ ହେଉଥିଲା। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

■ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୪୪୧ଜଣଙ୍କ ନାମ ପଞ୍ଜୀକୃତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ଭୁବନ, ୪।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଏବଂ ଏନ୍‌ଏସିର ୪୪୧ଜଣ ନାମ ପଞ୍ଜୀକରଣ କରିଥିଲେ। ତନ୍ମଧ୍ୟରୁ ଅସ୍ଥିଶଲ୍ୟ ବିଭାଗର ୧୪୦, ଶ୍ରବଣ ବାଧିତ ୬୪, ଦୃଷ୍ଟିବାଧିତ ୮୦, ମାନସିକ ଅନଗ୍ରସର ୬୧ ଏବଂ ଅନ୍ୟାନ୍ୟ ୧୨ଜଣ ରହିଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ପ୍ରଦ୍ୟୁତ୍ ବେହେରା, ପ୍ରଦ୍ୟୁମ୍ନ ମହାପାତ୍ର, ସନ୍ଦୀପ ଆଚାର୍ଯ୍ୟ, ନମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ବିତରଣ କରିଥିଲେ। ଚିହ୍ନଟ କରାଯାଇଥିବା ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ଦିଆଯାଇଛି। ବିଡିଓ ବସନ୍ତ କୁମାର ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ, ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ତହସିଲଦାର ଶକ୍ତିକାନ୍ତ ରାୟ, ଢେଙ୍କାନାଳ ପଲିଟେକନିକ୍ କଲେଜ ଅଧକ୍ଷ ସରୋଜ କୁମାର ଦାସ, ବିଇଓ ଶୀହର୍ଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦିବ୍ୟାଙ୍ଗଙ୍କ ପାଇଁ ଉପଲବ୍ଧ ସରକାରୀ ଯୋଜନା ଏବଂ ସହାୟତା ସମ୍ପର୍କରେ ଅତିଥିମାନେ ମାର୍ଗଦର୍ଶନ କରାଇଥିଲେ। ବ୍ଲକ ମଙ୍ଗଳ ଅଧିକାରୀ ନମିତା ମିଶ୍ର, ପ୍ରଗତି ସହାୟକ ଲିଆକତ୍ ଅଲ୍ଲି, ବିଜୁ ଯୁବବାହିନୀ କର୍ମକର୍ତ୍ତା, ଏନ୍‌ସିସି, ସ୍କାଉଟ୍ସ ସ୍ୱେଚ୍ଛାସେବୀ ପ୍ରମୁଖ ସହଯୋଗ କରିଥିଲେ।

# ନାବାଳିକାଙ୍କୁ ଅସଦାଚରଣ, ଅଭିଯୁକ୍ତ ଗିରଫ

**ପରଜଙ୍ଗ, ୪।୯(ଡି.ଏନ୍.ଏ.)**

ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଞ୍ଚଳର ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ପୋଲିସ କୁମୁସୀ ତଅଁଳା ସାହିର ମୁନା ବେହେରାଙ୍କୁ ଗିରଫ କରିଛି। ବୁଧବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଆଇ ଅନାଦି ଚରଣ ପଟ୍ଟାୟତ ସୂଚନା ଦେଇଛନ୍ତି। ସୋମବାର ଅପରାହ୍ନରେ ସମ୍ପୃକ୍ତା ନାବାଳିକା ଘରଠାରୁ ଅଳ୍ପ ଦୂରରେ ଜାଳେଣି କାଠ ଭାଙ୍ଗୁଥିବାବେଳେ ମୁନା ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରିଥିଲେ। ନାବାଳିକା ପାଟି କରିବାରୁ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ପୀଡ଼ିତାଙ୍କ ପରିବାର ପକ୍ଷରୁ ଲିଖିତ ଅଭିଯୋଗ ପରେ ନଂ. ୨୦୭/୧୮, ଦଫା ୩୭୬, ୫୧୧, ୩୫୪, ୨୯୪, ୮ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରାଯାଇଛି।

# କଳାଦିବସ ପାଳିବେ ବ୍ଲକ୍ ଗ୍ରାଣ୍ଟ ଶିକ୍ଷକ

**ଭୁବନ, ୪।୯(ଡି.ଏନ୍.ଏ.)**

ଗୁରୁଦିବସକୁ କଳାଦିବସ ଭାବେ ପାଳିବେ ବ୍ଲକ ଗ୍ରାଣ୍ଟ ଶିକ୍ଷକ ଏବଂ କର୍ମଚାରୀ। ଏ ନେଇ ମଙ୍ଗଳବାର ଭୁବନ ମହିଳା କଲେଜ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ-କର୍ମଚାରୀ ସଂଘ ମିଳିତ ମଞ୍ଚ ପକ୍ଷରୁ ଆୟୋଜିତ ଏହି ସଭାରେ କଲେଜ ଅଧକ୍ଷ ସୁରେନ୍ଦ୍ର କୁମାର ପୋଥାଳ ଅଧକ୍ଷତା କରିଥିଲେ। ଅଧାପକ ଲଳିତ କୁମାର ବେହେରା, ପୂର୍ବତନ ଅଧକ୍ଷ ନିତ୍ୟାନନ୍ଦ ପରିଡ଼ା, ବାଜି ରାଉତ ସ୍ମୃତି କଲେଜ ଅଧାପକ ଅଲେଖ ଚନ୍ଦ୍ର ପାତ୍ର ଏବଂ ଶିକ୍ଷକ ରମେଶ ମିଶ୍ର ଉପସ୍ଥିତ ରହି ଚାକିରି ସର୍ତ୍ତାବଳୀ, ପୂର୍ଣ୍ଣ ଅନୁଦାନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ବ୍ଲକର ସମସ୍ତ କର୍ମଚାରୀ ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ କରାଯାଇଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ